MARCH 07, 2026
SATURDAY, BHUBANESWAR

ମାର୍ଚ୍ଚ ୦୭, ୨୦୨୬
ଶନିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 184 | ବର୍ଷ- ୧ ● ସଂଖ୍ୟା- ୧୮୪ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- | PAGES - 12 ● PRICE- 7/-

ପ୍ରକାଶ ପାଇଲା ସିଭିଲ୍ ସର୍ଭିସ୍ ପରୀକ୍ଷାଫଳ

## ଅନୁଜ ଅଗ୍ନିହୋତ୍ରୀ ଟପ୍ପର

ଦ୍ୱିତୀୟ ସ୍ଥାନ ରାଜେଶ୍ୱରୀ ସୁଭେ, ତୃତୀୟ ଆକାଂକ୍ଷା ଧୁଲ, ଚତୁର୍ଥ ରାଘବ ଝୁନ୍‌ଝୁନ୍‌ୱାଲା, ପଞ୍ଚମ ଇଶାନ ଭଟ୍ଟନାଗର, ଷଷ୍ଠ ଜିନିଆ ଅରୋରା



ନୂଆଦିଲ୍ଲୀ,୬।୩: ୟୁନିୟନ ପବ୍ଲିକ ସର୍ଭିସ କମିସନ୍ (ୟୁପିଏସସି) ସିଭିଲ୍ ସର୍ଭିସେସ୍ ପରୀକ୍ଷା (ସିଏସଇ)ର ଚୂଡ଼ାନ୍ତ ଫଳାଫଳ ପ୍ରକାଶ କରିଛି। ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନେ କମିସନର ଅଫିସିଆଲ୍ ୱେବସାଇଟ୍ https://upsc.gov.inରୁ ସେମାନଙ୍କର ଫଳାଫଳ ଯାଞ୍ଚ ଏବଂ ଡାଉନଲୋଡ୍ କରିପାରିବେ। ୟୁପିଏସସି ସିଭିଲ୍ ସର୍ଭିସେସ୍ ପରୀକ୍ଷା ୨୦୨୫ ପାଇଁ ସାକ୍ଷାତକାର ୨୦୨୬ ଫେବୃଆରି ୨୭ ତାରିଖରେ ସମାପ୍ତ ହୋଇଥିଲା। ଏହାର ଫଳାଫଳ ପିଡିଏଫ ଫର୍ମରେ ପ୍ରକାଶିତ ହୋଇଛି।

ୟୁନିୟନ ପବ୍ଲିକ୍ ସର୍ଭିସ୍ କମିସନ (ୟୁପିଏସ୍‌ସି) ଶୁକ୍ରବାର ସିଭିଲ୍ ସର୍ଭିସ୍ ପରୀକ୍ଷା ୨୦୨୫ର ଚୂଡ଼ାନ୍ତ ଫଳାଫଳ ଲିଖିତ ଓ ବ୍ୟକ୍ତିତ୍ୱ ପରୀକ୍ଷା (ସାକ୍ଷାତ୍‌କାର)ରେ ପ୍ରାର୍ଥୀଙ୍କ ପ୍ରଦର୍ଶନ ଆଧାରରେ ଚୂଡ଼ାନ୍ତ ଫଳ ପ୍ରସ୍ତୁତ କରାଯାଇଛି। ଏଥିରେ ରାଜସ୍ଥାନର ଡାକ୍ତର ଅନୁଜ ଅଗ୍ନିହୋତ୍ରୀ ଶୀର୍ଷ ସ୍ଥାନରେ ରହିଥିବା ବେଳେ ତାମିଲନାଡୁର ରାଜେଶ୍ୱରୀ ସୁବେ ଏମ୍ ଏକମାତ୍ର ମହିଳା ଟପ୍ପର ଭାବେ ☞ପୃଷ୍ଠା-୨

## ରାଜ୍ୟରେ କାଳବୈଶାଖି ବର୍ଷା ସମ୍ଭାବନା

ଭୁବନେଶ୍ୱର, ୬।୩: ରାଜ୍ୟରେ ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ବର୍ଷା ସମ୍ଭାବନା ରହିଛି। ଉତ୍ତର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ରହିବ ପ୍ରଭାବ । ୧୨ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟେ ପ୍ରବଳ ଗୁଳୁଗୁଳି ନେଇ ବି ସତର୍କ କରାଇଛି ପାଣିପାଗ ବିଭାଗ । ଆସନ୍ତାକାଲିଠୁ ୯ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା। ଆସନ୍ତାକାଲି ଉତ୍ତର ଓଡ଼ିଶାର ଝାରସୁଗୁଡ଼ା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀରେ କାଳବୈଶାଖି ବର୍ଷା ହେବ । ୮ ତାରିଖ ପାଇଁ ୨୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୯ ତାରିଖରେ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ। ୮ରେ ଅଧା ଓଡ଼ିଶାରେ ହେବ ବର୍ଷା । ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରରେ କାଳବୈଶାଖୀ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଦିଆଯାଇଛି।

# ବିକଶିତ ଓଡ଼ିଶା ଗଠନର ନୂତନ ଅଧ୍ୟାୟ

## ୩୨୭୫ କୋଟିରୁ ଅଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର, ୬।୩: ଶୁକ୍ରବାର ଏକ ଦିବସୀୟ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ। ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଏବଂ ଜାତୀୟ ସୁରକ୍ଷା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ କହିଲେ, ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ମାଟି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆମ ଦେଶ ବିକାଶ ପଥରେ ଆଗେଇ ଚାଲିଛି । ନିକଟ ଅତୀତରେ କୃତ୍ରିମ ବୁଦ୍ଧିମତା ସମ୍ମିଳନୀର ଆୟୋଜନ କରାଯାଇଛି ଯେଉଁଥିରେ ବିଭିନ୍ନ ଦେଶର ନେତୃତ୍ୱ ନେଉଥିବା ଜନପ୍ରତିନିଧି

▲ ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି-୨୦୨୬ର କାର୍ଯ୍ୟକାରିତା
▲ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଥାନାର ଶୁଭ ଉଦ୍‌ଘାଟନ
▲ ବଡମ୍ବା ଚିନିକଳର ପୁନରୁଦ୍ଧାର

ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଆଗାମୀ ଦିନରେ ଆମ ଦେଶ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ତରଫରୁ କାର୍ଯ୍ୟ କରାଯାଉଛି । ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍‌ଏସପି ପ୍ରଦାନ କରିବା ଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି । ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅମିତ ଶାହ କହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି ବୋଲି ମତ ପ୍ରକାଶ କରିଛନ୍ତି ଶ୍ରୀ ଶାହ ।

ଓଡ଼ିଶାର ବିକାଶ ଯାତ୍ରାରେ ଯୋଡ଼ି ହୋଇଛି ନୂତନ ଫର୍ଦ୍ଦ । ଗୋଟିଏ ଦିନରେ ୩୨୭୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ସହିତ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେଇଛି । ଏହା ମାଧ୍ୟମରେ ଓଡିଶାର ଚାଷୀ, ଯୁବକ ଓ ମା'ମାନେ ସମୃଦ୍ଧ ହେବେ ଏବଂ ସାରା ଓଡିଶା ସମୃଦ୍ଧ ହେବ ବୋଲି କହିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶା ପୋଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଏବଂ ବୃତ୍ତିଗତ କରିବାରେ ଶ୍ରୀ ଶାହଙ୍କ ଅବଦାନ ଅତୁଳନୀୟ ବୋଲି ସେ ପ୍ରକାଶ କରିଥିଲେ। ଏହାଦ୍ୱାରା ୨୦୨୫ର ପ୍ରଥମ ଛଅ ମାସରେ, ଓଡ଼ିଶାରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୩ ରେ ମାତ୍ର ୬.୭ ପ୍ରତିଶତ ଥିଲା । ସମବାୟ ମାଧ୍ୟମରେ, ସମାଜର ପଛୁଆ ବର୍ଗର ଲୋକମାନେ ଆର୍ଥିକ ପ୍ରକ୍ରିୟାରେ ସାମିଲ ହୋଇଥାନ୍ତି । ଯେତେବେଳେ ରାଜ୍ୟର କୋଟି କୋଟି ଲୋକ ଆର୍ଥିକ ଭାବରେ ସଶକ୍ତ ହେବେ, ସେତେବେଳେ ଓଡ଼ିଶା ସମୃଦ୍ଧ ହେବ ଏବଂ ଭାରତ ବିକଶିତ ହେବ ବୋଲି ସେ କହିଥିଲେ। 'ସହକାରୀତା ସେ ସମୃଦ୍ଧି'ର ଦୂରଦୃଷ୍ଟିକୁ ନେଇ ସମୃଦ୍ଧ ଓଡିଶା-୨୦୩୬ର ପରିକଳ୍ପନା ମଧ୍ୟ ଏଥିରେ ରହିଛି। ଏହାସହିତ ୧୫୬୬ ପାକ୍ସର କମନ୍ ସର୍ଭିସ୍ ସେଣ୍ଟର ଲୋକାର୍ପଣ ସହିତ ଅନେକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ସ୍କୁଲ ଅଫ୍ ତ୍ରିଭୁବନ ସହକାରୀ ବିଶ୍ୱ ବିଦ୍ୟାଳୟର କ୍ୟାମ୍ପସ୍ ସ୍ଥାପନ ପାଇଁ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି।

ବଡମ୍ବା ଅଞ୍ଚଳର ଲକ୍ଷ ଲକ୍ଷ ଲୋକଙ୍କ ସ୍ୱପ୍ନ ପୂରଣ ହୋଇଛି । ବଡ଼ମ୍ବା ସମବାୟ ଚିନି କଳର ପୁନରୁଦ୍ଧାର ପାଇଁ ଇଣ୍ଡିଆନ୍ ପଟାସ୍ ଲିମିଟେଡ୍ ସହିତ ☞ପୃଷ୍ଠା-୨

## ଅନ୍ନଦାତା ସୁଖୀ ଭବଃ

ରାଜ୍ୟରେ ଜାରି ରହିଥିବା ଖରିଫ ୨୦୨୫-୨୬ ଧାନ ସଂଗ୍ରହ କିଣା ପ୍ରକ୍ରିୟାରେ ୦୬.୦୩.୨୦୨୬ (ଶୁକ୍ରବାର) ପର୍ଯ୍ୟନ୍ତ ସାରା ଓଡିଶାରେ ଜିଲ୍ଲାୱାରୀ ଚାଷୀଙ୍କଠାରୁ ଧାନ କ୍ରୟ ଏବଂ ପ୍ରାପ୍ୟ ପ୍ରଦାନର ସବିଶେଷ ତଥ୍ୟ



| | |
|---|---|
| ମୋଟ୍ ଜିଲ୍ଲା - | ୩୦ |
| ମଣ୍ଡିରେ ମୋଟ ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା- | ୧୬,୨୨,୭୬୧ ଜଣ |
| ମଣ୍ଡିରେ ମୋଟ କ୍ରୟ ହୋଇଥିବା ଧାନର ପରିମାଣ- | ୬୮,୬୩,୪୮୮ ମେଟ୍ରିକ୍ ଟନ୍ |
| ମୋଟ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ- | ₹୧୫,୪୮୯.୫୦ କୋଟି ଟଙ୍କା |
| ଇନ୍‌ପୁଟ୍ ସହାୟତା ରାଶି- | ₹୪,୭୭୯.୫୮ କୋଟି ଟଙ୍କା |

ସବିଶେଷ ଜିଲ୍ଲାୱାରୀ ତଥ୍ୟ ☞ପୃଷ୍ଠା-୬

## ୧୫୦ ଡଲାର ଟପିଯିବ ଅଶୋଧିତ ତୈଳ

### ଇରାନର ଡ୍ରୋନ ଆକ୍ରମଣ ପରେ କତାର୍‌ର ସର୍ବବୃହତ୍ ଏଲ୍‌ଏନ୍‌ଜି କାରଖାନା ବନ୍ଦ




ନୂଆଦିଲ୍ଲୀ,୬।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ଜାରି ରହିଲେ ଅଶୋଧିତ ତୈଳ ବଜାରରେ ନିଆଁ ଲାଗିଯିବ। ତେଲର ବ୍ୟାରେଲ ପିଛା ଦାମ୍ ୧୫୦ ଡଲାରରୁ ଅଧିକ ହୋଇଯିବ ବୋଲି କତାର ଚେତାବନୀ ଦେଇଛି। କତାର୍‌ର ଶକ୍ତିମନ୍ତ୍ରୀ ସାଦ ଅଲ-କାବି କହିଛନ୍ତି ଯେ, ଯୁଦ୍ଧ ଲାଗିରହିଲେ ତେଲ

❖ ପ୍ରାକୃତିକ ଗ୍ୟାସ୍ ବି ମହଙ୍ଗା ହେବ
❖ ପ୍ରଭାବିତ ହେବ ସାରା ବିଶ୍ୱର ଜିଡିପି

ଉତ୍ପାଦନ ବନ୍ଦ କରିବାକୁ ଦେଶଗୁଡିକ ବାଧ୍ୟ ହେବେ। ତାହା ସାରା ବିଶ୍ୱ ପାଇଁ ଏକ ଶକ୍ତ ଧକ୍କା ହେବ। ଏହାର ପ୍ରଭାବରେ ତେଲ ମହଙ୍ଗା ହେବା ଆଶଙ୍କା ରହିଛି। ସେ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ପ୍ରଣାଳୀ ସମ୍ପର୍କରେ କହିଛନ୍ତି ଯେ, ଯଦି ଏହି ପଥ ଦେଇ ସାମୁଦ୍ରିକ ପରିବହନ ବାଧାପ୍ରାପ୍ତ ହେବ ତେବେ ଦୁଇରୁ ତିନି ସପ୍ତାହ ☞ପୃଷ୍ଠା-୨

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସାମ୍ବାଦିକ ସମ୍ମିଳନୀ

## ଏସଆଇଆର-୨୦୨୬ ପାଇଁ ଭୋଟର ତାଲିକାର ମ୍ୟାପିଂ



ଭୁବନେଶ୍ୱର,୬।୩: ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)୨୦୨୬ କାର୍ଯ୍ୟକ୍ରମ ପାଇଁ ୨୦୦୨ ମସିହାର ଭୋଟର ତାଲିକା ସହିତ ମ୍ୟାପିଂ ପ୍ରକ୍ରିୟା ଉପରେ ଏକ ବିସ୍ତୃତ ଉପସ୍ଥାପନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମିଡ଼ିଆ ସେଣ୍ଟରରେ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଅଧକ୍ଷତା କରି କହିଥିଲେ ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ୨୦୦୨ ଭୋଟର ତାଲିକାକୁ ଏକ ମୂଳ ଆଧାର (baseline) ଭାବେ ବ୍ୟବହାର କରି ୨୦୨୫ ଭୋଟର ତାଲିକା ସହିତ ମ୍ୟାପିଂ କରାଯିବ।

ମ୍ୟାପିଂ ସମୟରେ ଭୋଟରଙ୍କ ନାମ, ସମ୍ପର୍କୀୟଙ୍କ ନାମ, ବୟସ/ ଜନ୍ମତାରିଖ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ଇପିଓଇ ବିବରଣୀ ମିଳାଯିବ। ଏହି ପ୍ରକ୍ରିୟାରେ ବୁଥ ସ୍ତରୀୟ ଅଧିକାରୀମାନେ କ୍ଷେତ୍ର ସ୍ତରରେ ସହାୟତା କରିବେ ଏବଂ ଇସିଆଇ ନେଟ(ECINET) ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ୍, ଉରଙ୍ଗ ଓଡ଼ିଶା ୱେବସାଇଟ୍ ଓ ECINET ମୋବାଇଲ୍ ଆପ୍ ☞ପୃଷ୍ଠା-୨

## ମୁଣ୍ଡଳିଠାରେ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଦିବସ

# ନକ୍ସଲ ବିଲୋପ ଦିଗରେ ସିଆଇଏସଏଫର ଭୂମିକା ଗୁରୁତ୍ୱପୂର୍ଣ୍ଣ: ଶାହ





କଟକ, ୬।୩: କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଓଡ଼ିଶାର ମୁଣ୍ଡଳିରେ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦବୋଧନ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ୮୯୦ କୋଟି ଟଙ୍କା ବ୍ୟୟରେ ତିନୋଟି ସିଆଇଏସ୍‌ଏଫ୍ ଆବାସିକ କମ୍ପ୍ଲେକ୍ସ (କାମରୂପ, ନାସିକ ଏବଂ ସେହୋର) ର ଶିଳାନ୍ୟାସ କରିଥିଲେ। ସେ ମଧ୍ୟ ଦୁଇଟି ଆବାସିକ କମ୍ପ୍ଲେକ୍ସ (ରାଜରହାଟ ଏବଂ ଦିଲ୍ଲୀ) କୁ ଉଦଘାଟନ କରିଥିଲେ। ଏହି ଅବସରରେ

▲ ୨୦୪୭ ସୁଦ୍ଧା ଦେଶର ସଂପୂର୍ଣ୍ଣ ବିକାଶ ପାଇଁ ସିଆଇଏସ୍‌ଏଫ୍ ଉତ୍‌ପ୍ରେରକ ଭୂମିକା ଗ୍ରହଣ କରୁଛି
▲ ତିରୁପତିରୁ ପଶୁପତିନାଥ ପର୍ଯ୍ୟନ୍ତ ଲାଲ କରିଡର ନିର୍ମାଣର ସ୍ୱପ୍ନ ଦେଖୁଥିବା ନକ୍ସଲବାଦୀ ମୂଳପୋଛ ହେବେ
▲ ୮୯୦ କୋଟି ବ୍ୟୟରେ ତିନୋଟି ସିଆଇଏସଏଫର ଆବାସିକ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଗୃହ ସଚିବ ଏବଂ ସିଆଇଏସ୍‌ଏଫ୍‌ର ମହାନିର୍ଦ୍ଦେଶକଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକ ବିମାନ ବନ୍ଦରରେ ଗୃହମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ସେଠାରୁ ସ୍ୱତନ୍ତ୍ର ହେଲିକପ୍‌ଟର ଯୋଗେ ସେ କଟକ ମୁଣ୍ଡଳିରେ ପହଞ୍ଚିଥିଲେ। କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ, ଆଜି ୫୬ ବର୍ଷ ପୂରଣ କରିଥିବା ସିଆଇଏସଏଫ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଶୂନ୍ୟରୁ ଶୀର୍ଷରେ ପହଞ୍ଚିପାରିଛି। ଏହି ସମୟ ମଧ୍ୟରେ ଏହି କେନ୍ଦ୍ରୀୟ ବଳ ନିଜ ପୁରୁଷାର୍ଥର ଦୃଢ଼ ଗାଥା ରଚନା କରିଛି । ସେ କହିଥିଲେ, ଶିଳ୍ପ ବିକାଶ ବିନା ଏକ ଶକ୍ତିଶାଳୀ ଦେଶ, ଏକ ଶକ୍ତିଶାଳୀ ଅର୍ଥବ୍ୟବସ୍ଥା ଏବଂ ଭାରତକୁ ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା କରିବାର ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ଶିଳ୍ପ ବିକାଶ ପାଇଁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ନିମନ୍ତେ ଜାତୀୟ ସ୍ତରର ଏକ ଶିଳ୍ପ ସୁରକ୍ଷା ବାହିନୀର ☞ପୃଷ୍ଠା-୨

## ପାରାଦୀପରେ ସଲ୍‌ଫ୍ୟୁରିକ୍ ଏସିଡ୍-୩ କାରଖାନା ଲୋକାର୍ପଣ




ପାରାଦୀପ,୬।୩: ଓଡ଼ିଶା ଗସ୍ତରେ ଆସି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଅପରାହ୍ନରେ ପାରାଦୀପରେ ସଲଫ୍ୟୁରିକ୍ ଏସିଡ୍-୩ ପ୍ଲାଣ୍ଟ୍‌ର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ସମ୍ବୋଧନ କରି ଅମିତ ଶାହ କହିଛନ୍ତି, ଆପଣମାନଙ୍କ ଆଶୀର୍ବାଦରେ ବିଜେପି ଓଡ଼ିଶାରେ ଶାସନ କରୁଛି । ବିଜେପି ସରକାର ସଠିକ୍ ଦିଗରେ ଓଡ଼ିଶାକୁ ଆଗେଇ ନେଉଛି । ଗୁଜରାଟ ଭଳି ଓଡ଼ିଶାର ମଧ୍ୟ ବିକାଶ ହେବ । ଗୁଜରାଟ ଭଳି ଓଡ଼ିଶାର ପ୍ରତିଟି ଗାଁରେ ଡାଏରୀ ପହଞ୍ଚିବ । ୩୬ ଲକ୍ଷ ଗ୍ରାମୀଣ ମହିଳା ଅମୁଲକୁ ଆନ୍ଦୋଳନରେ ପରିଣତ କରିଛନ୍ତି । ଓଡ଼ିଶାରେ ବି ଗ୍ରାମୀଣଙ୍କ ଜନଜୀବନକୁ ସମୃଦ୍ଧ କରାଯିବ । ଓଡିଶା ମଧ୍ୟ ବିକଶିତ ☞ପୃଷ୍ଠା-୨



ଅକ୍ଷର
AKHYARA ODISHA ଓଡ଼ିଶା
ବ୍ୟଙ୍ଗ ବିଚାର
ଡ.ଗିରୀଶ ରଂଜନ

ପ୍ରତିଦିନ ଏବେ ନାଟକ ଦେଖନ୍ତି
ଆମରି ଓଡିଶାବାସୀ
ନୋମିନେସନରେ ନବୀନ ଓ ଭକ୍ତ
ହେଲେ ଭାରି ହସାହସି
ବିଜେଡି କଂଗ୍ରେସ ମିଶି
ବିଜେପିକୁ କାଳେ ଚକମା ଦେବେ
ଅଙ୍କ ଚାଲେ କଷାକଷି

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଅନୁଜ ଅଗ୍ନିହୋତ୍ରୀ...

ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ଏହା ପୂର୍ବରୁ ଜଣେ ଇଲେକ୍ଟ୍ରିକାଲ ଇଂଜିନିୟର ସୁବେ ତାମିଲନାଡୁ ରାଜ୍ୟ ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ତାମିଲନାଡୁ ସରକାରରେ ଡେପୁଟି କଲେକ୍ଟର (ଉପଜିଲ୍ଲାପାଳ) ହୋଇଥିଲେ। ନିଯୁକ୍ତି ପାଇଁ ୯୫୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସାଧାରଣ ବର୍ଗର ୩୧୫ ଜଣ, ଇଡବ୍ଲୁଏସ୍ ବର୍ଗର ୧୦୪ ଜଣ, ଓବିସି ୩୦୬, ଏସ୍‌ସି ୧୫୮ ଓ ଏସ୍‌ଟି ବର୍ଗର ୭୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରାର୍ଥୀମାନେ ଅଫିସିଆଲ୍ ୟୁପିଏସସି ୱେବ୍‌ସାଇଟ୍‌ରେ ଚୂଡ଼ାନ୍ତ ଫଳାଫଳ ଯାଞ୍ଚ କରିପାରିବେ। ଆୟୋଗ ବିଭିନ୍ନ ସେବା ପାଇଁ ମନୋନୀତ ପ୍ରାର୍ଥୀଙ୍କ ମେରିଟ୍ ତାଲିକା ପିଡିଏଫ୍ ଫର୍ମାଟରେ ପ୍ରକାଶ କରିଛନ୍ତି। ସିଭିଲ ସର୍ଭିସ ପରୀକ୍ଷା ବିଶ୍ୱର ସବୁଠାରୁ କଠିନ ପ୍ରତିଯୋଗିତାମୂଳକ ପରୀକ୍ଷା ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ଆଶାୟୀ ପରୀକ୍ଷା ଦିଅନ୍ତି, କିନ୍ତୁ କେବଳ ଅଳ୍ପ କିଛି ଜଣ ପ୍ରିଲିମିନାରୀ ପରୀକ୍ଷା, ମୁଖ୍ୟ ପରୀକ୍ଷା ଓ ବ୍ୟକ୍ତିତ୍ୱ ପରୀକ୍ଷା ଭଳି ତିନୋଟି ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହେବା ପରେ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥାନ୍ତି। ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀମାନଙ୍କୁ ସେମାନଙ୍କ ମେରିଟ୍ ଓ ପସନ୍ଦ ଅନୁସାରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୁଲିସ୍ ସେବା (ଆଇପିଏସ୍), ଭାରତୀୟ ବୈଦେଶିକ ସେବା (ଆଇଏଫ୍ଏସ୍), ଭାରତୀୟ ରାଜସ୍ୱ ସେବା (ଆଇଆର୍ଏସ୍), ଭାରତୀୟ ବାଣିଜ୍ୟ ସେବା ଏବଂ ଅନ୍ୟ ଗ୍ରୁପ୍ ଏ ଓ ଗ୍ରୁପ୍ ବି କେନ୍ଦ୍ରୀୟ ସେବାରେ ନିଯୁକ୍ତି ଦିଆଯାଇଥାଏ।ସିଭିଲ ସର୍ଭିସ ପରୀକ୍ଷା ୨୦୨୫ ଦ୍ୱାରା କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରଶାସନିକ ସେବାରେ ୯୭୯ଟି ପଦବୀ ପୂରଣ କରିବାକୁ ୟୁପିଏସ୍‌ସି ଲକ୍ଷ୍ୟ ରଖିଛି। ଚୂଡ଼ାନ୍ତ ଫଳାଫଳ ଘୋଷିତ ହେବାର ୧୫ ଦିନ ମଧ୍ୟରେ ସମସ୍ତ ପ୍ରାର୍ଥୀଙ୍କ ମାର୍କସିଟ୍ ଆୟୋଗର ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯିବ ବୋଲି ୟୁପିଏସ୍‌ସି କହିଛି। ପ୍ରାର୍ଥୀମାନେ ମାର୍କ ଡାଉନଲୋଡ୍ କରିବା ପାଇଁ ୩୦ ଦିନ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଉପଲବ୍ଧ ରହିବ। ଚୂଡ଼ାନ୍ତ ମେରିଟ୍ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ବର୍ତ୍ତମାନ ସେମାନଙ୍କର ର୍‍ୟାଙ୍କ ଓ ସେବା ପସନ୍ଦ ଆଧାରରେ ବିଭିନ୍ନ କେନ୍ଦ୍ରୀୟ ସେବାରେ ନିଯୁକ୍ତ ହେବେ।

### ବିକଶିତ ଓଡ଼ିଶା ଗଠନର...

ବୁଝାମଣାପତ୍ର ସାକ୍ଷର କରାଯାଇଛି। ସମବାୟ କ୍ଷେତ୍ରରେ ଓଡିଶା ମିଲ୍କ ଫେଡେରେସନ୍ ବା ଓମ୍‌ଫେଡ୍ ହେଉଛି ଓଡିଶାର କାମଧେନୁ। ଦିନକୁ ୫ ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ସଂଗ୍ରହ କରି ଚାଷୀଙ୍କୁ ରୋଜଗାର ଦେବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ମାସକୁ ୩୦ ଟନ୍ ଶୁଦ୍ଧ ଘିଅ ଯୋଗାଇ ଦେଇ ଆମ ଆଧ୍ୟାତ୍ମିକ ଜୀବନଧାରାରେ ଶୁଦ୍ଧତାକୁ ବଜାୟ ରଖିବାରେ ସହାୟକ ହୋଇପାରିଛି । ଖୋର୍ଦ୍ଧା ଟାଙ୍ଗୀରେ ଏକ ନୂଆ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟର ଉଦ୍‌ଘାଟନ ମଧ୍ୟ କରାଯାଇଛି। ଏଥିରେ ଦିନକୁ ୩୦ ହଜାର ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରାଯାଇ ଲୋକଙ୍କ ପାଇଁ ଉପଲବ୍ଧ ହେବ।

ପ୍ରଦର୍ଶନୀ ପଡିଆ ଠାରେ ଆୟୋଜିତ ସତନ୍ତ୍ର ସମାବେଶରେ ଯୋଗ ଦେବା ଅବସରରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଶାହ ପ୍ରଥମେ ନାଗରିକ କୈନ୍ଦ୍ରିକ ନୂତନ ନ୍ୟାୟ ସଂହିତାର ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି। ଓଡ଼ିଶା ପୋଲିସ ସହ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ପଇଁ ଏକ ବୁଝାମଣାପତ୍ର ସାକ୍ଷରିତ ହୋଇଛି। ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଆମ ପୋଲିସକୁ ଆଧୁନିକ ତାଲିମ ମଧ୍ୟ ପ୍ରଦାନ କରିବ । ଏଥିସହ ରାଜ୍ୟର ୨୦ ଜିଲ୍ଲାରେ ୨୦ଟି ନୂତନ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ପୋଲିସ ଥାନାର ଲୋକାର୍ପଣ ଆଭାସୀ ମାଧ୍ୟମରେ କରିଛନ୍ତି। ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ଲୋକାଭିମୁଖୀ କରିବା ପାଇଁ ୨୪ଟି ନୂତନ ଥାନାର ଲୋକାର୍ପଣ ମଧ୍ୟ କରିଛନ୍ତି।

### ୧୫୦ ଡଲାର ଟପିଯିବ...

ଭିତରେ ଅଶୋଧିତ ତୈଳ ମୂଲ୍ୟ ୧୫୦ ଡଲାର ଅତିକ୍ରମ କରିବ। ଯୁଦ୍ଧ ବନ୍ଦ ନ ହେଲେ ମଧ୍ୟ ପ୍ରାଚ୍ୟର ତୈଳ ଉତ୍ପାଦନକାରୀ ଦେଶଗୁଡିକ ଫୋର୍ସ ମାଜିୟୁର ଘୋଷଣା କରିବେ ଓ ତେଲ ଯୋଗାଣ ସ୍ଥଗିତ ରଖିବାକୁ ବାଧ ହେବେ। ତୈଳ ଦର ବଢ଼ିଲେ ତାହା ବିଶ୍ୱ ଅର୍ଥନୀତିକୁ ତଳକୁ ଟାଣିବ। ସାରା ବିଶ୍ୱର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ପ୍ରଭାବିତ ହେବ। ଉପସାଗରୀୟ ଦେଶଗୁଡିକ ପେଟ୍ରୋକେମିକାଲ୍ ଓ ସାରରେ ବ୍ୟବହାର କରାଯାଉଥିବା ଉପାଦାନ ବିପୁଳ ପରିମାଣରେ ଯୋଗାଇଥାନ୍ତି। ଯଦି ସେହିସବୁ ସାମଗ୍ରୀ ଅନ୍ୟ ଦେଶରେ ପହଞ୍ଚିବାରେ ଅସୁବିଧା ହେବ ତେବେ ବିଶ୍ୱବ୍ୟାପୀ କାରଖାନାଗୁଡିକରେ ଉତ୍ପାଦନ କମିଯିବ। ନିକଟରେ ଇରାନର ଡ୍ରୋନ ଆକ୍ରମଣ ପରେ କତର ଏହାର ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି)ର ସର୍ବବୃହତ୍ କାରଖାନା ରାସ୍ ଲାଫାନକୁ ବନ୍ଦ କରିଦେଇଛି। କତର ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ ଉତ୍ପାଦନକାରୀ ଦେଶ। ଇରାନ ଆକ୍ରମଣ ଦ୍ୱାରା କେତେ କ୍ଷତି ହୋଇଛି ତାହାକୁ ବର୍ତ୍ତମାନ ଆକଳନ କରାଯାଉଛି। ମରାମତି ପାଇଁ କେତେ ସମୟ ଲାଗି ତାହା ମଧ୍ୟ ଏପର୍ଯ୍ୟନ୍ତ ଜଣାପଡିନଥିବା କାବି କହିଛନ୍ତି। ଯଦି କୌଣସି ସମୟରେ ଯୁଦ୍ଧ ବନ୍ଦ ହୋଇଯାଏ ତେବେ ବି ଯୋଗାଣ ସ୍ୱାଭାବିକ ହେବା ଲାଗି ଏକ ମାସରୁ ଅଧିକ ସମୟ ଲାଗିଯିବ ବୋଲି ସେ କହିଛନ୍ତି। ବିଶ୍ୱର ଏକ ପଞ୍ଚମାଂଶ ତୈଳ ଓ ଗ୍ୟାସ୍ ହରମୁଜ୍ ପ୍ରଣାଳୀ ଦେଇ ପରିବହନ ହୋଇଥାଏ। ଏହା ହେଉଛି ଏକ ସଂକୀର୍ଣ୍ଣ ସାମୁଦ୍ରିକ ପଥ ଯାହା ପାରସ୍ୟ ଉପସାଗରକୁ ଅନ୍ତର୍ଜାତୀୟ ଜାହାଜ ଜଳପଥ ସହ ଯୋଡୁଛି। କାବି ଏହା ମଧ୍ୟ ଚେତାଇ ଦେଇଛନ୍ତି ଯେ ଯୁଦ୍ଧ ପ୍ରଭାବରେ ପ୍ରାକୃତିକ ଗ୍ୟାସ୍ ବି ମହଙ୍ଗା ହେବ। ଏହାର ଏମ୍‌ଏମ୍‌ବିଟିୟୁ ପିଛା ଦାମ୍ ୪୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବ ଯାହା ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ୧୦ ଡଲାର ପାଖାପାଖି ରହିଥିଲା। ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିବା ପରେ ହରମୁଜ୍ ପ୍ରଣାଳୀ ଦେଇ ପରିବହନ ଯଥେଷ୍ଟ ହ୍ରାସ ପାଇଛି। ଅତିକମ୍‌ରେ ୧୦ଟି ଜାହାଜ ପ୍ରଭାବିତ ହୋଇଛି। ସାମୁଦ୍ରିକ ପରିବହନ ବୀମା ମୂଲ୍ୟ ବଢ଼ିଛି ଓ ଜାହାଜ କମ୍ପାନିଗୁଡିକ ଏହି ପଥ ଦେଇ ନିଜ ଜାହାଜ ପଠାଇବାକୁ ଚାହୁଁନାହାନ୍ତି।

### ଏସଆଇଆର-୨୦୨୬ ପାଇଁ...

ମାଧ୍ୟମରେ ଭୋଟରମାନେ ତଥ୍ୟ ଯାଞ୍ଚ କରିପାରିବେ। ନାଗରିକମାନଙ୍କୁ ନିଜ ନାମ ୨୦୨୫ ଓ ୨୦୦୨ ଭୋଟର ତାଲିକାରେ ଯାଞ୍ଚ କରି ସମ୍ବନ୍ଧିତ ବିବରଣୀ ବୁଥ ସ୍ତରୀୟ ଅଧିକାରୀଙ୍କୁ ଦେବାକୁ ଅନୁରୋଧ କରାଯାଇଛି। ଯଦି ୨୦୦୨ ତାଲିକାରେ ନାମ ନ ମିଳେ, ତେବେ ନିଜ ପିତା/ମାତା ଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ। ଯଦ ୨୦୦୨ ଭୋଟର ତାଲିକାରେ ନିଜର, ପିତା/ମାତା ଙ୍କର ନାମ ପାଇବାରେ ଅସମର୍ଥ ହୁଅନ୍ତି ତେବେ ନିଜର ଜେଜେବାପା/ଜେଜେମାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ।

ଶ୍ରୀ ଗୋପଲନ ଆହୁରି ସ୍ପଷ୍ଟ କରିଛନ୍ତି ଯେ ଏହି ମ୍ୟାପିଂ ପ୍ରକ୍ରିୟା ପାଇଁ କୌଣସି ଦସ୍ତାବିଜ କିମ୍ବା ଆଧାର କାର୍ଡ ଦେବା ଆବଶ୍ୟକ ନୁହେଁ ଏବଂ ଏସଆଇଆର ଆରମ୍ଭ ହେଲେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନାମ ପଞ୍ଜିକରଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର,ଡେପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ନକ୍ସଲ ବିଲୋପ ଦିଗରେ...

ଆବଶ୍ୟକତା ରହିଛି। ଗତ ୫୬ ବର୍ଷ ମଧ୍ୟରେ, ସିଆଇଏସଏଫ କେବଳ ନିଜ ପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ କରିନାହିଁ ବରଂ ସମସ୍ତ ପ୍ରକାର ଆହ୍ୱାନରୁ ଶିକ୍ଷା ନେଇ ସମୟ ସହିତ ଖାପ ଖୁଆଇବାକୁ ଚେଷ୍ଟା କରିଛି। ସିଆଇଏସଏଫ ଆଧୁନିକତାକୁ ଗ୍ରହଣ କରିଛି ଏବଂ ପରମ୍ପରାକୁ ଜୀବନ୍ତ ରଖିଛି। ସିଆଇଏସଏଫ ଭାରତର ସମୃଦ୍ଧ ଇତିହାସ ସହିତ ବୀରତ୍ୱ, ତ୍ୟାଗ ଏବଂ ସମର୍ପଣର ପରମ୍ପରାକୁ ମିଶ୍ରଣ କରି ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ସମସ୍ତ ପ୍ରକାର ଆହ୍ୱାନକୁ ମୁକାବିଲା କରିବାର ଦୃଢ଼ ମନୋବଳ ପ୍ରଦର୍ଶନ କରିଛି।

କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ, ସିଆଇଏସଏଫ କର୍ମଚାରୀଙ୍କ ବଳିଦାନ ସର୍ବଦା ଦେଶକୁ ଆର୍ଥିକ ଦୃଷ୍ଟିରୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସିଆଇଏସଏଫ କେବେବି ତାର କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନାହିଁ। ନଅଟି ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ, ଦୁଇଟି ଶ୍ରେଷ୍ଠ କର୍ପସ ପଦକ ଏବଂ ଅନ୍ତର୍ଜାତୀୟ କ୍ରୀଡାରେ ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିବା ପଦକ, ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ଲାଗି ସିଆଇଏସଏଫ କରିଥିବା ପ୍ରସ୍ତୁତିର ୫୬ ବର୍ଷ ମଧ୍ୟରେ ବୀରତ୍ୱ ଏବଂ ବିଶିଷ୍ଟ ସେବା ପାଇଁ ୧୩,୬୭୩ ପଦକ ପାଇଥିବା ସିଆଇଏସଏଫର ଏକ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଭାବରେ ନିଜର ଦକ୍ଷତା ପ୍ରଦର୍ଶନ କରିଛି ବୋଲି ଶ୍ରୀ ଶାହ କହିଥିଲେ।

ଗୃହମନ୍ତ୍ରୀ କହିଥିଲେ, ଆଜି ୮୯୦ କୋଟି ଟଙ୍କାର ପାଞ୍ଚଟି ଭିନ୍ନ ଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସମାରୋହ ଏବଂ ଉଦଘାଟନ ହୋଇଛି। ରାଜାରହାଟ ଆବାସିକ କମ୍ପ୍ଲେକ୍ସ ଏବଂ ମୈଦାନଗଡ଼ୀ ଆବାସିକ କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ହୋଇଛି। ଏହା ଆମ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ସୁବିଧା ଯୋଗାଇ ଦେବ। ସିଆଇଏସଏଫର ବାର୍ଷିକ ପତ୍ରିକା ମଧ୍ୟ ଆଜି ଉନ୍ମୋଚନ ହୋଇଛି। କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ କହିଥିଲେ, ସିଆଇଏସଏଫ ଦେଶର ୭୦ଟି ବିମାନବନ୍ଦର ସମେତ ୩୬୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନକୁ ସୁରକ୍ଷା ପ୍ରଦାନ କରୁଛି। ସିଆଇଏସଏଫକୁ ଡ୍ରୋନ୍ ସୁରକ୍ଷା ପାଇଁ ନୋଡାଲ୍ ଏଜେନ୍‌ସି ଦାୟିତ୍ୱ ମଧ୍ୟ ଦିଆଯାଇଛି। ସେ କହିଛନ୍ତି, ଗତ ଏକ ବର୍ଷ ମଧ୍ୟରେ, ସିଆଇଏସଏଫକୁ କର୍ତ୍ତବ୍ୟ ଭବନ, ସେବା ତୀର୍ଥ, ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର, ନଭୀ ମୁମ୍ବାଇ ବିମାନବନ୍ଦର, ଲେଙ୍ଗପୁଇ ବିମାନବନ୍ଦର, ଜବାହରପୁର ତାପଜ ବିଦ୍ୟୁତ୍ ପ୍ରକଳ୍ପ, ଭାକ୍ରା ନଦୀବନ୍ଧ ପ୍ରକଳ୍ପ ସମେତ ଅନେକ ପ୍ରକଳ୍ପର ସୁରକ୍ଷା ଦାୟିତ୍ୱ ଦିଆଯାଇଛି।

କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ, ମୋଦୀ ସରକାର ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ପାଇଁ ସଂକଳ୍ପବଦ୍ଧ ଏବଂ ଏହି ପ୍ରୟାସରେ ସିଆଇଏସଏଫ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସିଆଇଏସଏଫ ଓଡ଼ିଶା, ଛତିଶଗଡ଼ ଏବଂ ତେଲଙ୍ଗାନାରେ ନକ୍ସଲ ବିରୋଧୀ ଅଭିଯାନରେ ନିଜର ଦାୟିତ୍ୱ ନିର୍ବାହ କରୁଛି। ୩୧ ମାର୍ଚ୍ଚ ସୁଦ୍ଧା ଦେଶ ସମ୍ପୂର୍ଣ୍ଣ ନକ୍ସଲବାଦ ମୁକ୍ତ ହେବ ଏବଂ ଆମର ସୁରକ୍ଷା ବାହିନୀ ତିରୁପତିରୁ ପଶୁପତିନାଥ ପର୍ଯ୍ୟନ୍ତ ଲାଲ କରିଡରର ସପ୍ନ ଦେଖୁଥିବା ଲୋକମାନଙ୍କୁ ସମ୍ପୂର୍ଣ୍ଣ ପରାସ୍ତ କରି ଆମ ସୁରକ୍ଷା ବାହିନୀ ନିଜର ଆଧିପତ୍ୟ ପ୍ରତିଷ୍ଠା କରିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଆମ ସୁରକ୍ଷା ବାହିନୀ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ସେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଆଜି ଆମେ ଦେଶକୁ ନକ୍ସଲବାଦ ମୁକ୍ତ କରିବାର ଦ୍ୱାରଦେଶରେ ଅଛୁ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲକ୍ଷ୍ୟ ହେଉଛି ସମଗ୍ର ଦେଶକୁ ବିକଶିତ କରିବା ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ କରିବା। ଏଥିପାଇଁ ଦେଶର ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଦେଶର ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଗୃହ ମନ୍ତ୍ରଣାଳୟ ଦେଶର ସୀମାରେ ଏବଂ ଭିତରେ ନିଜର ଭୂମିକା ନିର୍ବାହ କରିବାକୁ ତତ୍ପର ରହିଛି ବୋଲି ସେ କହିଥିଲେ।

### ପାରାଦୀପରେ ସଲ୍‌ଫ୍ୟୁରିକ୍...

ରାଜ୍ୟ ହେବ। ଜୟ ଜଗନ୍ନାଥରୁ ଅଭିଭାଷଣ ଆରମ୍ଭ କରିଥିଲେ ଅମିତ ଶାହ। ସେ କହିଥିଲେ, ମୁଁ ଯେଉଁ ସହରରୁ ଆସିଛି ସେହି ସହର ଅହମ୍ମଦାବାଦରେ ମଧ୍ୟ ରଥଯାତ୍ରା ହୁଏ। ୨୪ ସାଧାରଣ ନିର୍ବାଚନ ପରେ ମୁଁ ପ୍ରଥମ ଥର ପାଇଁ ଓଡ଼ିଶାରେ ସାର୍ବଜନୀକ କାର୍ଯ୍ୟକ୍ରମରେ ଆସିଛି। ଲମ୍ବା ସମୟ ଧରି ଅନ୍ୟ ଦଳର ଶାସନ କବଳରୁ ରାଜ୍ୟକୁ ଓଡିଶାବାସୀ ମୁକ୍ତ କରିଥିବାରୁ ରାଜ୍ୟବାସୀଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଆଗକୁ ବିକଶିତ ଭାରତରେ ଓଡ଼ିଶା ଆଗରେ ରହିବ। ଆଗାମୀ ଦିନରେ ଭାରତ ଓ ଓଡ଼ିଶା ସରକାର ମିଶି ବିକାଶ କରିବେ। ଇଫକୋ ପାରାଦୀପ ୟୁନିଟ ପରିସରରେ ସଲଫ୍ୟୁରିକ ପ୍ଲାଣ୍ଟ-୩ ଉଦଘାଟନ ହୋଇଛି । ଦେଶରେ ପୂର୍ବୋଦୟ କ୍ଷେତ୍ରରେ ଆତ୍ମନିର୍ଭରତା ପାଇଁ ଆଗକୁ ବଢ଼ିଲା। ଏହା ଭାରତର ନିର୍ଭରତାକୁ କମାଇବ। ଏହା ଆଜି ୨୨ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ପର୍ଯ୍ୟନ୍ତ ପହଞ୍ଚିଛି। ଇଫକୋ ସଲଫ୍ୟୁରିକ ଏସିଡ ଉତ୍ପାଦନରେ ଦେଶ ଆତ୍ମନିର୍ଭରଶୀଳ ହେବ। ଇଫକୋ ଏବେ ଦେଶରେ ଏକ ନମ୍ବର ହୋଇପାରିଛି। ଏହାଦ୍ୱାରା ୩୬ ହଜାର କୋଅପରେଟିଭ୍ ୟୁନିଟରେ ୫କୋଟି କୃଷକ ସାମିଲ ହୋଇଛନ୍ତି। ୨୮ ହଜାର କୋଟିର ନେଟୱର୍କ ବଢ଼ାଇଛି। ଭାରତରୁ ନାନୋ ୟୁରିଆ, ନାନୋ ଡିଏପି, ନାନୋ କପର ବିଦେଶକୁ ରପ୍ତାନୀ କରାଯାଉଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଓଡିଶାର ଜନତାଙ୍କୁ ପ୍ରତିଶ୍ରୁତି ଦେଇ କହିଲେ, କୋଅପରେଟିଭ ମାଧ୍ୟମରେ ଗ୍ରାମୀଣ ଜନଜୀବନ, ମା' ଓ ଭଉଣୀଙ୍କୁ ଆତ୍ମନିର୍ଭରଶୀଳ କରାଯିବ। ଗୁଜୁରାଟ ପରି ଓଡିଶାର ବିକାଶ ହେବ। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ ଏହା ଗରିବ ଚାଷୀ ଓ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଦାୟିତ୍ୱ ନେଉଛି ବୋଲି ଅମିତ ଶାହ କହିଛନ୍ତି।

## ଚୋରାମଦ ବେପାରୀଙ୍କ ଘର ଭାଙ୍ଗିଲା ପ୍ରଶାସନ



ପୁରୀ,୬।୩(ଅକ୍ଷର ଓଡ଼ିଶା): ସରକାରୀ ଜମିରେ ବେଆଇନ ଭାବେ ଘର ନିର୍ମାଣ କରି ଚୋରାରେ ମଦ ବିକ୍ରି କରୁଥିବା ସତ୍ୟବାଦୀ ଥାନା ଅନ୍ତର୍ଗତ ରାୟଚକ୍ରଧରପୁରର ପ୍ରଦୀପ କୁମାର ଭୋଇ(୪୦)ଙ୍କ ଘର ଭାଙ୍ଗିଛି ପୋଲିସ। ରାୟଚକ୍ରଧରପୁର ଗ୍ରାମ ନଦୀବନ୍ଧଅଞ୍ଚଳରେ ଥିବା ସରକାରୀ ଜମିରେ ପ୍ରଦୀପ ବେଆଇନଭାବେ ଘର ଓ ଦୋକାନ ନିର୍ମାଣ କରି ଦୀର୍ଘ ଦିନ ଧରି ଚୋରାରେ ମଦ ବିକ୍ରି କରୁଥିଲେ। ଏ ସମ୍ପର୍କରେ ସୂଚନା ମିଳିବା ପରେ ଏସପି ପ୍ରତୀକ ସିଂ ସତ୍ୟବାଦୀ ଥାନା ପୋଲିସକୁ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସତ୍ୟବାଦୀ ପୋଲିସ ସ୍ଥାନୀୟ ତହସିଲ ସହିତ ସମନ୍ୱୟ ରକ୍ଷାକରି ସରକାରୀ ଜମିରେ ହୋଇଥିବା ବେଆଇନ ନିର୍ମାଣକୁ ଜେସିପି ଲଗାଇ ଆଜି ଉଚ୍ଛେଦ କରିଛି। ପ୍ରଦୀପଙ୍କ ବିରୋଧରେ ପୂର୍ବରୁ ବେଆଇନ ମଦ ବିକ୍ରି ସମ୍ପର୍କିତ ୬ଟି ମାମଲା ରହିଛି। ଏହା ସତ୍ତ୍ୱେ ସେ ପୁଣି ଚୋରାମଦ ବିକ୍ରି ଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତଥିବାରୁ ଉପୋରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଜ ଅଞ୍ଚଳରେ କେହିଚୋରାରେ ମଦ ବିକ୍ରି କରୁଥିଲେ କିମ୍ବା ଅନ୍ୟ କୌଣସି ବେଆଇନ କାର୍ଯ୍ୟ କରୁଥିବା ସୂଚନା ପାଇଲେ ତୁରନ୍ତ ପୋଲିସ ଜଣାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ସୂଚନା ଗୁପ୍ତ ରଖାଯିବ ଏବଂ ପୋଲିସ ପକ୍ଷରୁ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ଶ୍ରୀ ସିଂ ସ୍ପଷ୍ଟ ଭାବେ କହିଛନ୍ତି। ଏଥି ସହିତ ଆଗାମୀଦିନରେ ଏଭଳି ବେଆଇନ କାର୍ଯ୍ୟ ବିରୁଦ୍ଧରେ ଅଭିଯାନ ଅବ୍ୟାହତ ରହିବ ବୋଲି ସେ ଚେତାଇ ଦେଇଛନ୍ତି।

## ଭାଗବତ ମନ୍ଦିରରେ କଳସଯାତ୍ରା



କଳାହାଣ୍ଡି, ୦୬।୦୩(ଅକ୍ଷର ଓଡିଶା): କଳାହାଣ୍ଡି ଜିଲ୍ଲା ଜୁନାଗଡ ସହର ସ୍ଥିତ ଭାଗବତ ଗୁଡି ମନ୍ଦିରରେ ୧୬ ପ୍ରହର ନାମ ଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ । ଏହି କଳସ ଯାତ୍ରା ଭାଗବତ ମନ୍ଦିରରୁ ଶୁକ୍ରବାର ସନ୍ଧ୍ୟା ଚାରିଟା ସମୟରେ ସଙ୍କୀର୍ତ୍ତନ ମଣ୍ଡଳୀ ଏବଂ ସହରର ମହିଳା ଏବଂ ପୁରୁଷ ମାନଙ୍କ୍ ସହ ବାହାରି ସହର୍ ପରିକ୍ରମା କରି ହାତୀ ନଦୀ କୂଳରେ ପହଂଚି ପୂଜାଅର୍ଚ୍ଚନା କରିଥିଲେ । ଏଥିରେ ଶଙ୍କର ଲାଲ ଅଗ୍ରୱାଲ୍ ଓ ତାଙ୍କ ଧର୍ମ ପତ୍ନୀ ସୀମା ଅଗ୍ରୱାଲ୍ କର୍ତ୍ତା ଭାବେ ରହିଥିଲେ। ଭାଗବତ ଗୁଡି ୧୬ ପ୍ରହର ନାମଯଜ୍ଞ କମିଟିର ସଭାପତି ଆଶିଷ ଅଗ୍ରୱାଲ୍, କୋଷାଧକ୍ଷ ରାଜିନ ଅଗ୍ରୱାଲ୍, ସମ୍ପାଦକ ପାର୍ଥିବ ଖଡି କାର ସହ ସମସ୍ତ କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## 'ଅନ୍ତର୍ଜାତୀୟ ମହିଳା ଦିବସ' କାର୍ଯ୍ୟକ୍ରମ




ସୁନ୍ଦରଗଡ଼, ୦୬।୦୩ (ଅକ୍ଷର ଓଡ଼ିଶା): ସୁନ୍ଦରଗଡ଼ ଭବାନୀ ଭବନ, ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ତା:୬ ରୁ ୮ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ପାଳନ କରାଯାଉଥିବା,'ଆନ୍ତର୍ଜାତୀୟ ମହିଳା ଦିବସ' କାର୍ଯ୍ୟକ୍ରମକୁ, ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧକ୍ଷା ଶୁଶ୍ରୀ କୁନ୍ତୀ ପ୍ରଧାନଙ୍କ ଦ୍ୱାରା ଶୁଭାରମ୍ଭ କରାଗଲା। ଆଜି ସକାଳୁ ପ୍ରାୟ ୧୦ଟା ସମୟରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଗଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ଯୋଗଦେଇଥିଲେ। ମହିଳାମାନେ କେମିତି ସଶକ୍ତ ହେବେ ଓ ବିଭିନ କ୍ଷେତ୍ରରେ କାର୍ଯ୍ୟ କରିବେ ନିଜ ଭାଷଣରେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ରୀମାନେ ଯୋଗ ଦେଇଥିଲେ।

## ଦିବ୍ୟାଙ୍ଗଙ୍କୁ ଚାରି ଚକିଆ ସାଇକେଲ୍ ପ୍ରଦାନ କଲେ ରାଜ୍ୟସଭା ସାଂସଦ



ବଲାଙ୍ଗୀର, ୦୬।୦୩ (ଦେବେନ୍ଦ୍ର): ବଲାଙ୍ଗିର ଜିଲ୍ଲାର ପଟଣାଗଡ଼ ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆଜି ଏକ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଛୁଆଳି ଉଦର ଗାଁ ର ଦେବରାଜ ପ୍ରଧାନଙ୍କ ପୁଅ ସିଦ୍ଧେଶ୍ୱର ପ୍ରଧାନଙ୍କୁ ଦିବ୍ୟାଙ୍ଗ ମାନଙ୍କ ପାଇଁ ସତନ୍ତ୍ର ଭାବରେ ନିର୍ମିତ ମୋଟର ଚାଳିତ ଚାରି ଚକିଆ ସାଇକେଲ୍ ପ୍ରଦାନ କରିଛନ୍ତି। ଏହି ମୋଟର ସାଇକେଲ ଟି ଏମପିଲାଡ଼ ରାଜ୍ୟସଭା। ୨୦୨୫୨୬ ପାଣ୍ଠିରୁ ମଞ୍ଜୁରି ହୋଇଥିଲା। ଏହି ଅବସରରେ ପଟଣାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ପ୍ରଧାନ ଛୁଆଳିଉଦର ଗ୍ରାମରୁ କଲେଜ ପର୍ଯ୍ୟନ୍ତ ପ୍ରାୟ ୧୦ କିଲୋମିଟର ଦୂରତା ଯାତାୟାତ କରିବାରେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ଅବସରରେ ସାଂସଦ ଶ୍ରୀ ବିଶି କହିଥିଲେ ଯେ ଶିକ୍ଷା ପାଇଁ ପ୍ରତ୍ୟେକ ଛାତ୍ରଙ୍କୁ ସମାନ ସୁଯୋଗ ମିଳିବା ଆବଶ୍ୟକ ଓ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟତା ଯୋଗାଇବା ସମାଜର ଦାୟିତ୍ୱ। ଏହି ମୋଟର ଟ୍ରାଇସାଇକେଲ୍ ଦ୍ୱାରା ଛାତ୍ର ନିଜେ କଲେଜ ଯାତାୟାତ କରି ତାଙ୍କ ଶିକ୍ଷା ଲାଭ କରିପାରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

## ଗଞ୍ଜାମ କପ୍-୨୦୨୬ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବୁଗୁଡ଼ା, ୦୬।୦୩ (ଅକ୍ଷର ଓଡ଼ିଶା): ସ୍ଥାନୀୟ ଖୋଳମଇଲିସ୍ଥିତ ପାଣିଟାଙ୍କି ପଡିଆରେ ବଜରଙ୍ଗି କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ 'ଗଞ୍ଜାମ କପ୍-୨୦୨୬' କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ନଗର ବିଜେପି ସଭାପତି କେଦାର ନାଥ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର ୨ଟି ଟିମ୍ ସମେତ ଭଦ୍ରକ, ତାଳଚେର, ୱେଷ୍ଟ ବେଙ୍ଗଲ୍, ପୁରୀ , ଗଞ୍ଜାମ, କେନ୍ଦ୍ରାପଡା ଆଦି ଅଞ୍ଚଳର ୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦଘାଟନୀ ମ୍ୟାଚରେ ଭଦ୍ରକ ଟିମ୍ ଭୁବନେଶ୍ୱର ଟିମକୁ ୫୧ ରନରେ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ୱେଷ୍ଟ ବେଙ୍ଗଲ୍ ଟିମ୍ ତାଳଚେର ଟିମକୁ ୯ ୱିକେଟରେ ହରାଇ ବିଜୟୀ ହୋଇଥିଲା। ଉକ୍ତ ମ୍ୟାଚଗୁଡିକୁ ଅମ୍ପେୟାର ଜ୍ଞାନ ରଞ୍ଜନ ସାଇଁ ଓ ବାଦଲ କୁମାର ସାଇଁ ପରିଚାଳନା କରିଥିଲା ବେଳେ ରାକେଶ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ। ବଜରଙ୍ଗି କ୍ରିକେଟ କ୍ଲବର ସଦସ୍ୟଗଣଙ୍କ ସକ୍ରିୟ ସହଯୋଗରେ ବିକ୍ରମ କେଶରୀ ପଣ୍ଡା ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରୁଥିବା ବେଳେ ମ୍ୟାଚ ଗୁଡିକ ଦର୍ଶକଙ୍କ ଉପଭୋଗ୍ୟ ହୋଇପାରିଥିଲା।

## ବିଜୁବାବୁଙ୍କ ଜୟନ୍ତୀ ପାଳିତ

ଅସ୍ତରଙ୍ଗ, ୦୬।୦୩ (ଅକ୍ଷର ଓଡ଼ିଶା) : ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ବିଜୁବାବୁଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ଅସ୍ତରଙ୍ଗର ପୀର ଜାହାନିଆ ପିଠରେ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଅତିଥି ମାନଙ୍କ ଦ୍ୱାରା ପ୍ରଥମେ ବିଜୁ ବାବୁଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଦିଆଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକର ହଜାର ହଜାର ବିଜୁ ପରିବାରର ସଦସ୍ୟ, ବରିଷ୍ଠ ନେତା, କର୍ମୀ ମାନେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାର କାନ୍ତି ବେହେରା ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସାଧୀନ କୁମାର ନାୟକ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଅତୀତ ଇତିହାସର ସ୍ମୃତି ଚାରଣ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳର ସଫଳତା ଉପରେ ଆଲୋକପାତ କରିଥିଲେ।ବିଜେଡ଼ିର ସମସ୍ତ କର୍ମୀ ତୃଣମୂଳ ସ୍ତରରେ ପୁଣି କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ଶପଥ ଗ୍ରହଣ କରିଥିଲେ।ସାଧୀନଙ୍କ ଶେଷ ରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ସେ ଅସ୍ତରଙ୍ଗ ମା ଓ ମାଟି ପାଇଁ ସଂଗ୍ରାମ ଜାରି ରଖିବେ ବୋଲି ଦୃଢ଼ୋକ୍ତି ଦେଇଥିଲେ। ପୂର୍ବତନ ମନ୍ତ୍ରୀ ସୁର ନାୟକଙ୍କ ପରି ରାଜନୈତିକ ସଂଗ୍ରାମ ସବୁବେଳେ ଜାରି ରହିବ ଓ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି କହିଥିଲେ। ବିଜେପି ସରକାରଙ୍କ ବିଫଳତା ,ଚାଷୀ ମାରଣା ନୀତି ,ଆୟୁସମାନ କାର୍ଡ ଉପରେ ମଞ୍ଚାସୀନ ନେତାମାନେ ବକ୍ତବ୍ୟ ରଖିଥିଲେ। ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସାଇଁ, ବନିତା ବେହେରା,ସମସ୍ତ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ଓ କର୍ମୀ ଜୟନ୍ତ ତ୍ରିପାଠୀ, କୁଞ୍ଜ ବିହାରୀ ପ୍ରଧାନ,ଲକ୍ଷ୍ମୀ ଧର ଯେନା, ଭୀମସେନ ସାଇଁ,ବିମ୍ଧାଧର ବିଶ୍ୱାଳ, ସରପଞ୍ଚ କ୍ଷୀରୋଦ କାଣ୍ଡି, , ଯଶୋବନ୍ତ ନାୟକ,ମାନସ କୁମାର ସାହୁ,ବିଜୟ ପଡ଼ିଆରୀ, ସାଇରଞ୍ଜନ ପ୍ରଧାନ ରାମଚନ୍ଦ୍ର ନାୟକ ,ବୃନ୍ଦାବନ ନାୟକ ଯୋଗ ଦେଇଥିବା ବେଳେ ବ୍ଲକ ,ବିଜୁ ଯୁବ ଜନତା ସଭାପତି ପଞ୍ଚାନନ ସାଇଁ ସଭାପତିତ୍ୱ କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ଉଦ୍‌ଘାଟିତ

ନୟାଗଡ, ୦୬।୦୩ (ଅକ୍ଷର ଓଡ଼ିଶା): ଆଜି ନୟାଗଡ଼ ଜିଲ୍ଲାର ଇନଡୋର ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ମହିଳା ଦିବସର ଉଦ୍‌ଘାଟନ ଉତ୍ସବରେ ସମ୍ମାନନୀୟା ଜିଲ୍ଲାପାଳ, ନୟାଗଡ଼ ମଧୁମିତା ରଥ, ସମ୍ମାନନୀୟା ଅଧକ୍ଷା, ପୌର ପରିଷଦ ନିରୁପମା ଖଟେଇ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ପ୍ରମୁଖ ଯୋଗ ଦେଇ ପ୍ରଥମେ ଭଗବାନଙ୍କ ନିକଟରେ ପୁଷ୍ପମାଲ୍ୟଏବଂ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଜିଲ୍ଲାପାଳ ଯୋଗର ଉପକାରିତା ବିଷୟରେ ଉପସ୍ଥିତ ଅଂଶୀଦାରମାନଙ୍କୁ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଯୋଗ ପ୍ରଶିକ୍ଷଣ ଦେବାକୁ ୩ ଜଣ ଯୋଗ ଗୁରୁ ଦୀପ୍ତିମୟୀ ଜେନା, ସୁଶ୍ମୀତା ଦାଶ ଓ ସୁଶ୍ରୀ ସଂଗୀତା ନାୟକ ଯୋଗଦେଇଥିଲେ। ଜୁମ୍ବା କାର୍ଯ୍ୟକ୍ରମରେ ମହିଳାମାନେ ଭାଗ ନେଇ ବହୁତ ଖୁସି ପ୍ରକଟ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା କ୍ରୀଡା ଅଧିକାରୀ, ସୁଜାତା କୁମାରୀ ସାହୁଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ, ନୟାଗଡ଼ ପୌର ପରିଷଦ ସ୍ନେହଲତା ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ନୟାଗଡ଼ ଜିଲ୍ଲାର ବିଭିନ୍ନ କ୍ଲବ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ଯୋଗଦେଇଥିଲେ ।

## ବନାଗ୍ନି ସଚେତନତା ସଭା

କୁଚିଣ୍ଡା,୦୬।୦୩(ଚତୁର୍ଭୁଜ ଜୟପୁରିଆ): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଚନ୍ଦନିମାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ଦିନ କୁଚିଣ୍ଡା ବନ ବିଭାଗ ପକ୍ଷରୁ ବନାଗ୍ନି ସଚେତନତା ସଭା ଆୟୋଜିତ ହୋଇଥିଲା। ଫରେଷ୍ଟର ଅନୁରାଧା ଖର୍ସେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କୁଚିଣ୍ଡା ବନ ବିଭାଗ(ବନ୍ୟପ୍ରାଣୀ) ରେଞ୍ଜର ଲେଖାରାଣୀ ମହାନନ୍ଦ, ସରପଞ୍ଚ ରଞ୍ଜିତା ପ୍ରଧାନ, ସମିତି ସଭ୍ୟା ସଂଯୁକ୍ତା ପଟେଲ, ପିଇଓ ନିତ୍ୟାନନ୍ଦ ସାହୁ ଏବଂ ଏଡିଇଓ ସଚ୍ଚିକାନ୍ତ ପ୍ରଧାନ ମଞ୍ଚାସୀନ ରହି ଉପସ୍ଥିତ ଜଣ ସାଧାରଣଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅନୁରୋଧ କରିଥିଲେ। ରେଞ୍ଜର ଲେଖାରାଣୀ ସଭାରେ ଉଦବୋଧନ ଦେଇ କହିଲେ ଯେ, ମଣିଷ ସହିତ ସମଗ୍ର ପ୍ରାଣୀଜଗତ ବଞ୍ଚି ରହିବା ପାଇଁ ଅମ୍ଳଜାନ ନିହାତି ଆବଶ୍ୟକ ଏବଂ ଏହା ଆମକୁ ବୃକ୍ଷରୁ ହିଁ ମିଳିଥାଏ ମାତ୍ର ଅଜ୍ଞାନତା ବଶତଃ ହେଉ କିମ୍ବା ଜାଣି ଶୁଣି ହେଉ କିଛି ଲୋକ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଫଳରେ ଜଙ୍ଗଲ ନଷ୍ଟ ହେବା ସହିତ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ନଷ୍ଟ ହେବା ସହିତ ବନ୍ୟପ୍ରାଣୀମାନେ ମଧ୍ୟ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଣୁ ଆମେ ନିଆଁ ଲଗାଇବା ନାହିଁ ଓ ଏହା ସହିତ ଜଙ୍ଗଲରେ ନିଆଁ ଲାଗିଥିଲେ ବନ ବିଭାଗକୁ ସୂଚନା ଦେଇ ତାଙ୍କର ସାହାର୍ଯ୍ୟ ନେଇ ଏହି ନିଆଁକୁ ଲିଭାଇବାକୁ ଉଦ୍ୟମ କରିବା ବୋଲି ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଉପସ୍ଥିତ ୱାର୍ଡ ମେମ୍ବର ମାନେ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟା ଓ ପଞ୍ଚାୟତବାସୀ ଜଙ୍ଗଲର ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ସଭା ଶେଷରେ ବନରକ୍ଷୀ ଶାନ୍ତିପ୍ରିୟା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବନରକ୍ଷୀ ଝରଣା ପ୍ରଧାନ ଓ ବନ ବିଭାଗର ଅନ୍ୟ କର୍ମଚାରୀ ମାନେ ଏହି ସଭା ଆୟୋଜନରେ ସହଯୋଗ କରିଥିଲେ।

## ଶ୍ରୀ ବୀର ହନୁମାନଙ୍କ ଦିବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ



ହିଞ୍ଜିଳିକାଟୁ, ୦୬।୦୩ (ଅବନି କାନ୍ତ ପଟ୍ଟନାୟକ): ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ବଳରାମପୁର( ଗୌଡ଼ପଲ୍ଲୀ)ଗ୍ରାମରେ ଶ୍ରୀ ବୀର ହନୁମାନଙ୍କ ଦିବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ତା ୦୫/୦୩/୨୦୨୬ ରିଖ ଗୁରୁବାର ଠାରୁ ୧୦/୦୩/୨୦୨୬ ମଙ୍ଗଳବାର ପର୍ଯ୍ୟନ୍ତ ୬ ଦିନ ବ୍ୟାପି ଏହି ଉତ୍ସବକୁ ଧର୍ମୀୟ ପରମ୍ପରା ନୀତି ଅନୁଯାୟୀ ମହା ସମାରୋହରେ ଏହି ଉତ୍ସବ ଆୟୋଜିତ ହୋଉଛି। ଏହି ଅବସରରେ ପ୍ରଖ୍ୟାତ କର୍ମ କାଣ୍ଡ ପୋରହିତ ସନ୍ତୋଷ କୁମାର ଦାସଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଯୋଗରେ ରୀତିନୀତି ଅନୁଯାୟୀ ଚାଲୁଅଛି । ପ୍ରଥମ ଦିନ ଶୁଭ ଜଳଯାତ୍ରା,ଶାଳାମଣ୍ଡଳ କରଣ,ନାମ କରଣ ଅଧିବାସ, ଦ୍ୱିତୀୟ ଦିନ ଶୁକ୍ରବାର ନାମ ଯଜ୍ଞ ଆରମ୍ଭ, ଯଜ୍ଞ ଶାଳା ମଣ୍ଡଳୀ କରଣ,ଦୀକ୍ଷା ଗ୍ରହଣ, ଅନ୍ନ ଯଜ୍ଞ ,ଅଂକୁଆର ରୋପଣ,ତୃତୀୟ ଦିବସ ଶନିବାର ମଣ୍ଡଳ ପୂଜା, ଶାଳା ସଂସ୍କାର, ସୂର୍ଯ୍ୟ ପୂଜା, ବ୍ରାହ୍ମଣ ବରଣ, ଅଗ୍ନି ସ୍ଥାପନ,ଚତୁର୍ଥ ଦିବସ ରବିବାର ମଣ୍ଡଳ ପୂଜା, ଶାଳା ସଂସ୍କାର, ସୂର୍ଯ୍ୟ ପୂଜା, ମହା ସ୍ନାନ, ମଣ୍ଡଳ ଶୟନ, ପ୍ରାତପ୍ରତିଷ୍ଠା ହୋମ, ପଞ୍ଚମ ଦିବସ ସୋମବାର ମଣ୍ଡଳ ପୂଜା, ଶାଳା ସଂସ୍କାର, ହୋମ, ଦେବତା ନଗର ଭ୍ରମଣ, ଦେବତା ମନ୍ଦିର ପ୍ରବେଶ, ପୁନଃଆହୁତି ଓ ପ୍ରସାଦ ସେବନ। ମଙ୍ଗଳବାର ଷଷ୍ଠ ବା ଶେଷ ଦିବସରେ ଶ୍ରୀ ହନୁମାନ ଚାଳିଶା ପାରାୟଣ, ମନ୍ଦିର କମିଟି ବୃନ୍ଦ ପବିତ୍ର ଗୌଡ଼,ରଞ୍ଜନ ଗୌଡ଼,ଦିବାକର ଗୌଡ଼ ,ଲବ ଗୌଡ଼ ,ରୋହିତ ସାଇଁ,ଦୀପକ ଗୌଡ଼ ,ନିରାକାର ଗୌଡ଼ ,ଲିଙ୍ଗରାଜ ଗୌଡ଼ ପ୍ରମୁଖ ସହଯୋଗ କରୁଥିବା ସୂଚନା ରହିଛି।

## ଧୁମଧାମରେ ଦୋଳ ମେଳଣ ପାଳିତ



ଭୁବନ ୦୬/୦୩ (ନନ୍ଦ କିଶୋର ନାଏକ) : ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳର ନୂଆ ଭୁବନ ଗ୍ରାମରେ ଗୋପାଳ ସମାଜ ପକ୍ଷରୁ ପାରମ୍ପରିକ ରୀତିନୀତି ଅନୁସାରେ ଦୋଳ ମେଳଣ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ଲଉଡ଼ି ଖେଳ ସାହି ମଧ୍ୟରୁ ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରି ଶିବ ମନ୍ଦିର ପରିସରରେ ଓଗାଳ ଗାନ କରାଯାଇଥିଲା । ଗୋପାଳ ସମାଜର ଭାଇମାନେ ବିଧି ମୁତାବକ ପୂଜାର୍ଚ୍ଚନା କରିଥିବା ବେଳେ ପରେ ବାଟଘୋଷ, ଭାରବୁଢ଼ା, ରାଧାକୃଷ୍ଣଙ୍କ ବିମାନ ବନ୍ଧାଣ ଓ ଲଉଡ଼ି ଖେଳ ମାଧ୍ୟମରେ ଗାଁ ଭ୍ରମଣ କରି ଦୋଳ ଉତ୍ସବକୁ ଆନନ୍ଦ ଉଲ୍ଲାସରେ ପାଳନ କରିଥିଲେ । ଏହି ଦୋଳ ମେଳଣରେ ତରଭା, କନ୍ଦରଶିଙ୍ଗା ଓ ନୂଆ ଭୁବନ ଦଳ ଭାଗ ନେଇ ଉତ୍ସବକୁ ଆହୁରି ରଙ୍ଗିନ କରିଥିଲେ । ଗ୍ରାମ ମୁରବି ପ୍ରଫୁଲ୍ଲ ବେହେରା, ପ୍ରମୋଦ ପୃଷ୍ଟି, ବଟ ପୃଷ୍ଟି, ବସନ୍ତ ବେହେରା, ଯୁଧିଷ୍ଠିର ପୃଷ୍ଟି, ମନ୍ଦାରଧର ପୃଷ୍ଟି ଓ ମହେଶ୍ୱର ସିଲାରଙ୍କ ସହ ଶତାଧିକ ଗୋପାଳ ସଦସ୍ୟ ଉତ୍ସବକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ । ଏହି ଦୋଳ ମେଳଣ ଉତ୍ସବ ଗ୍ରାମବାସୀଙ୍କ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିବା ସହ ଅଞ୍ଚଳର ପାରମ୍ପରିକ ସଂସ୍କୃତିକୁ ଉଜାଗର କରିଥିଲା ।

# ଉତ୍ସାହ ଓ ଉଦ୍ଦୀପନାର ସହ ଶେଷ ହେଲା ରାଏସିଂହ ପ୍ରସାଦ ମେଳଣ

### ୧୨୫ ବର୍ଷର ଐତିହ୍ୟ, ୨ ଜିଲ୍ଲାରୁ ୨୭ ବିମାନ ସାମିଲ
### ରଙ୍ଗ ଓ ଗୁଲାଲରେ ରଙ୍ଗେଇ ହେଲେ ହଜାର ହଜାର ଶ୍ରଦ୍ଧାଳୁ

ଗଁଦିଆ ୦୬/୦୩ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଓ ଯାଜପୁର ଜିଲ୍ଲାର ସୀମାନ୍ତରେ ଅବସ୍ଥିତ ଐତିହାସିକ ରାଏସିଂହ ପ୍ରସାଦ ଦୋଳ ମେଳଣ ଚଳିତ ବର୍ଷ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ଉଦଯାପିତ ହୋଇଯାଇଛି । ୧୨୫ ବର୍ଷରେ ପଦାର୍ପଣ କରିଥିବା ଏହି ପୁରାତନ ମେଳଣରେ ଦୁଇ ଜିଲ୍ଲାର ଭାଇଚାରା ଓ ସାଂସ୍କୃତିକ ସମନ୍ୱୟର ଏକ ସୁନ୍ଦର ଚିତ୍ର ଦେଖିବାକୁ ମିଳିଥିଲା । ବୁଧବାର ଦିନ ଭାରତୀୟ ସନ୍ଥ ସମିତିର ମହାମନ୍ତ୍ରୀ ଦିବ୍ୟ ଜ୍ଞାନ ମହାରାଜ ପ୍ରଦୀପ ପ୍ରଜ୍ୱଳନ କରି ଏହି ଭବ୍ୟ ମେଳଣକୁ ଉଦଘାଟନ କରିଥିଲେ । ସୂଚନାଯୋଗ୍ୟ ଯେ, ୧୯୦୨ ମସିହାରେ ଛତିଆ ବଟର ମହନ୍ତ ମହାରାଜ ରଘୁବର ଦାସଙ୍କ ପ୍ରେରଣାରେ ଏବଂ ସ୍ୱର୍ଗତ ହାଡିବନ୍ଧୁ ମହା ମାନସିଂ, ଚିନ୍ତାମଣି ଦାସ, ମାଗୁଣି ଆଚାର୍ଯ୍ୟ ଓ ହରିହର କରଙ୍କ ପ୍ରଚେଷ୍ଟାରେ ଏହି ମେଳଣ ପ୍ରଥମେ ଆରମ୍ଭ ହୋଇଥିଲା । ଉପେନ୍ଦ୍ର ରାଉତ ଓ ଲକ୍ଷ୍ମଣ ସ୍ୱାଇଁଙ୍କ ଜମି ଦାନ ଯୋଗୁଁ ଏହି ପରମ୍ପରା ଆଜି ବି ଅକ୍ଷୁର୍ଣ୍ଣ ରହିଛି । ଚଳିତ ବର୍ଷ ମୋଟ ୨୭ଟି ସୁସଜ୍ଜିତ ବିମାନ ମେଳଣ ପଡ଼ିଆକୁ ଆସିଥିଲେ । ସେଥିମଧ୍ୟରୁ ଯାଜପୁର ଜିଲ୍ଲାର ୮ଟି ଏବଂ ଢେଙ୍କାନାଳର ୧୯ଟି ବିମାନ ଅନ୍ତର୍ଭୁକ୍ତ ଥିଲା । ବିଶେଷ କରି କଳକଳା, ନୀଳାମ୍ବରପୁର ଏବଂ ସଭାପତି ରାମଚନ୍ଦ୍ର ଜେନାଙ୍କ ବିମାନର କାରୁକାର୍ଯ୍ୟ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା । ଦୃଷ୍ଟିହୀନ ସାଂସ୍କୃତିକ ସଂଘ ପକ୍ଷରୁ ପରିବେଷିତ ଭଜନ ସନ୍ଧ୍ୟା ପରିବେଶକୁ ଅଧିକ ଆଧ୍ୟାତ୍ମିକ କରିତୋଳିଥିଲା । ମେଳଣରେ ଗଁଦିଆ, ବଡ଼ଚଣା, ଟାଙ୍ଗି ଓ ଧର୍ମଶାଳା ବ୍ଲକର ହଜାର ହଜାର ଶ୍ରଦ୍ଧାଳୁ ଭାଗ ନେଇଥିଲେ । ପଡ଼ିଆରେ ଶହ ଶହ ଦୋକାନ ବସିଥିବା ବେଳେ ଲୋକେ ଘରକରଣା ସାମଗ୍ରୀ ଠାରୁ ଆରମ୍ଭ କରି ଶୁଖୁଆ ପର୍ଯ୍ୟନ୍ତ କିଣାବିକା କରିଥିଲେ । ଯୁବପିଢ଼ିଙ୍କ ପାଇଁ ଚଟାପଟି, ଗୁପଚୁପ୍ ଓ ଆଇସକ୍ରିମର ଭିଡ଼ ଜମିଥିଲା । ସମସ୍ତ ଭକ୍ତଙ୍କ ପାଇଁ କମିଟି ପକ୍ଷରୁ ଖେଚୁଡ଼ି ପ୍ରସାଦ ବଣ୍ଟନ କରାଯାଇଥିଲା । ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ଜେନା, ସମ୍ପାଦକ ଦୁଃଖବନ୍ଧୁ ଦାସ ଏବଂ ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ୪୯ ଜଣିଆ କମିଟି ଏହାକୁ ସଫଳତାର ସହ ପରିଚାଳନା କରିଥିଲେ । ରତନପୁର, ଲେଥକା ଓ ବେଗା ପଞ୍ଚାୟତର ବାସିନ୍ଦା ଏବଂ ନିହାଲପ୍ରସାଦ ପୋଲିସର ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି । ଆଗାମୀ ବର୍ଷ ଏହାକୁ ଆହୁରି ଜାକଜମକରେ ପାଳନ କରାଯିବ ବୋଲି ଅକ୍ଷୟ କୁମାର କର ସୂଚନା ଦେଇଛନ୍ତି ।



> 'ଏହି ମେଳଣ କେଉଁ ଅନାଦି କାଳରୁ ହୋଇଆସୁଛି, ଯାହା ଆଜି ଯୁଗୋପଯୋଗୀ ହୋଇପାରିଛି । ଗଁଦିଆ ବ୍ଲକର ଏହା ସବୁଠାରୁ ପୁରାତନ ମେଳଣ ।'
> **ବାବାଜୀ ସ୍ୱାଇଁ, ପୂର୍ବତନ ସରପଞ୍ଚ**

## ପାରିବାରିକ କଳହ ଭାଇକୁ ହାଣିଲା ଭାଇ



କାମାକ୍ଷାନଗର-୬/୩(ସୁମନ୍ତ ଜେନା)କଙ୍କଡାହାଡ଼ ଥାନା ରୋଡ଼ଙ୍ଗ ଗ୍ରାମ ରେ ହୋଲି ରେ ଅଘଟଣ । ପାରିବାରିକ କଳହ କୁ ନେଇ ଭାଇ କୁ ହାଣିଦେଲା ଭାଇ । ଗୁରୁତର ଭାଇ ଜଣକ ସତିଆ ପଧାନ ହୋଇଥିବା ବେଳେ ହାଣିଥିବା ଭାଇ ଶ୍ରୀଧର ପଧାନ ହୋଇଥିବା ଜଣାପଡିଛି । ଗୁରୁତର ଅବସ୍ଥା ରେ ସତିଆ କୁ ପରିବାର ଲୋକ କାମାକ୍ଷାନଗର ମେଡିକାଲ ରେ ଭର୍ତ୍ତି କରାଇଛନ୍ତି ।ସୂଚନା ଅନୁସାରେ ଶ୍ରୀଧର ମଦପିଇ ଏଣେତେଣେ ବୁଲୁଥିବା ବେଳେ ତାଙ୍କ ପିଲାଛୁଆ ଙ୍କୁ ସତିଆ ଖାଇବାକୁ ଦେଉଥିଲେ । ହଟାତ ଆଜି ଶ୍ରୀଧର ମଦପିଇ ସତିଆ ଘର କୁ ଆସିଥିବା ବେଳେ ସତିଆ ଶ୍ରୀଧର ଙ୍କୁ ନିଜ ପିଲାଛୁଆ ଙ୍କ ଦାୟିତ୍ୱ ନେବା କୁ କହିବା ସହ ସେ ଆଉ ଖାଇବାକୁ ଦେବନାହିଁ ବୋଲି କହିଥିଲେ । ଯାହାକୁ ନେଇ ଶ୍ରୀଧର ଉତ୍ୟକ୍ତ ହୋଇ ଏକ ମାରଣାସ୍ତ୍ର ରେ ସତିଆ ଙ୍କ ଛାତି କୁ ହାଣି ଦେଇଥିଲେ । ଏହାଦେଖି ପରିବାର ଲୋକ ତୁରନ୍ତ ସତିଆ କୁ ରକ୍ତଜୁଡୁବୁଡୁ ଅବସ୍ଥାରେ କାମାକ୍ଷାନଗର ମେଡିକାଲ ରେ ଭର୍ତ୍ତି କରାଇଥିଲେ । ମାତ୍ର ତାଙ୍କ ଛାତି ରେ ଗଭୀର ଆଘାତ ଲାଗିଥିବା କାରଣ ରୁ ଡାକ୍ତର ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଛନ୍ତି ।

# ସାକ୍ଷାତ ଯମଦୂତ ସାଜିଲା ଟ୍ରେଲର



ଗଁଦିଆ ୦୬/୦୩ (ବେତୁଜୀ ପ୍ରସାଦ): ରାତି ଅଧରେ ନିଦ୍ରାବୃତ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ଉପରେ ମାଡ଼ିଗଲା କାଳ । ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ହାତୀବାରି ଗ୍ରାମରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି । ମୃତକ ଜଣକ ହେଲେ ୫୫ ବର୍ଷୀୟ ଅସ୍ଥିର ତରାଇ । ଗତକାଲି ରାତି ପ୍ରାୟ ୧ଟା ୨୦ ମିନିଟ୍ ସମୟରେ, ଏକ ଟ୍ରେଲର (ନମ୍ବର- ଓଏ୦୫ଉଖ ୩୬୦୭) ମନ୍ଦାର ପଟୁ ଯୋରନ୍ଦା ଅଭିମୁଖେ ଯାଉଥିବା ବେଳେ ହଠାତ୍ ନିୟନ୍ତ୍ରଣ ହରାଇଥିଲା । ପ୍ରଥମେ ଟ୍ରେଲରଟି ରାସ୍ତା କଡ଼ରେ ଥୁଆ ହୋଇଥିବା

### ରାତି ଅଧରେ ଶୋଇଥିବା ଅବସ୍ଥାରେ ମାଡ଼ିଗଲା କାଳ

ଏକ ଟ୍ରାକ୍ଟରକୁ ପ୍ରଚଣ୍ଡ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଟ୍ରାକ୍ଟର ଓ ଟ୍ରେଲର ମିଶି ଏକ କୋଠା ଘରର କାନ୍ଥ ଭାଙ୍ଗି ଭିତରକୁ ପଶିଯାଇଥିଲେ । ଦୁର୍ଭାଗ୍ୟବଶତଃ ଘର ଭିତରେ ଶୋଇଥିବା ଅସ୍ଥିର ତରାଇ କାନ୍ଥ ତଳେ ଚାପି ହୋଇଯାଇଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ଏହି ଦୁର୍ଘଟଣାରେ ଟ୍ରେଲର ଡ୍ରାଇଭର ଓ ହେଲ୍ପର ମଧ୍ୟ ଗୁରୁତର ଆହତ ହୋଇଛନ୍ତି ଏବଂ ସେମାନେ ଏବେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ତେବେ ଏପଟେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ସମସ୍ତ ସୁବିଧା ଥାଇ ମଧ୍ୟ କର୍ତ୍ତୃପକ୍ଷ ବିଭିନ୍ନ ବାହାନା ଦେଖାଇ ଗରିବ ପରିବାରକୁ ହଇରାଣ କରିଥିବା ଅଭିଯୋଗ ହୋଇଛି । ଯାହା ଫଳରେ ବାଧ ହୋଇ ଶବକୁ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ।। ଗଁଦିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସହ ଉତ୍ତେଜନା ଲାଗିରହିଛି ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ



କାମାକ୍ଷାନଗର ୬/୩(ସୁମନ୍ତ ଜେନା) : କାମାକ୍ଷାନଗର ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇ ଯାଇଛି । କାମାକ୍ଷାନଗର ବିଜୁ ଜନତା ଦଳ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବହୁ ବିଜୁପ୍ରେମୀ ଯୋଗଦେଇ ବିଜୁ ପଟ୍ଟନାୟକ ଙ୍କ ସ୍ମୃତିଚାରଣ କରିଥିଲେ । କାମାକ୍ଷାନଗର ସହର ର ବିଜୁ ପଟ୍ଟନାୟକ ବସଷ୍ଟାଣ୍ଡ ରେ ଥିବା ବିଜୁବାବୁ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯିବା ସହ ସ୍ଥାନୀୟ ମେଡିକାଲ ରେ ଥିବା ରୋଗୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା । ପରେ ସ୍ଥାନୀୟ ଅନନ୍ତପୁର ଠାରେ ଥିବା ବିଜେଡି କାର୍ଯ୍ୟାଳୟ ଠାରେ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡ଼ ନୃସିଂହ ଚରଣ ସାହୁ ଙ୍କ ସଭାପତିତ୍ୱ ରେ ଏକ ସଭା ଆୟୋଜିତ ହୋଇଥିଲା କ୍ଷ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ,କାମାକ୍ଷାନଗର ଏନଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ଜିଲ୍ଲାପରିଷଦ ସଦସ୍ୟ, ବିଭିନ୍ନ ପଞ୍ଚାୟତ ର ସରପଞ୍ଚ, ସମିତିସଭ୍ୟ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ କ୍ଷ ମହିଳା ସଶକ୍ତିକରଣ, ମହିଳା ମାନଙ୍କୁ ରାଜନୀତି କ୍ଷେତ୍ର ରେ ଅଗ୍ରାଧିକାର ତଥା ସ୍ଥାନ ସରଂକ୍ଷଣ, ନୂତନ ଶିଳ୍ପ ସମୃଦ୍ଧ ଓଡିଶା ର ନିର୍ମାତା ଭାବେ ବିଜୁ ବାବୁ ଙ୍କ ଅବଦାନ ସମ୍ପର୍କ ରେ ଜିଲ୍ଲା ସଭାପତି ଡ଼ ସାହୁ ଆଲୋଚନା କରିଥିଲେ । ଓଡିଶା ରାଜ୍ୟ ର ପ୍ରଗତି ରେ ବିଜୁବାବୁ ଙ୍କ ଉଲ୍ଲେଖନୀୟ ଅବଦାନ ସଂପର୍କ ରେ ଆଲୋଚନା କରାଯିବା ସହ ବିଜୁବାବୁ ଙ୍କ ଜୀବନୀ ସମ୍ପର୍କ ରେ ଅନ୍ୟ ଅତିଥି ମାନେ ଆଲୋଚନା କରିଥିଲେ । କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଏନଏସି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଜିଲ୍ଲା ଉପସଭାପତି ହିମାଂଶୁ ଶେଖର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଦିଲ୍ଲିପ ଷେଣ୍ଡ, ଓ ବିଭିନ୍ନ ଅଞ୍ଚଳ ରୁ ବହୁ ବିଜୁପ୍ରେମୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

# ବାଲିଯୋରନ୍ଦାରେ ଭକ୍ତି ଓ ଭାଇଚାରାର ମହାମିଳନ



ଗଁଦିଆ, ୬/୩ (ବେତୁଜୀ ପ୍ରସାଦ):ଆଧ୍ୟାତ୍ମିକ ପରିବେଶ ଓ ହରିନାମ ସଂକୀର୍ତ୍ତନର ମୂର୍ଚ୍ଛନା ମଧ୍ୟରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ବାଲିଯୋରନ୍ଦା ଗ୍ରାମରେ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଆସିଥିବା ଏହି ପରମ୍ପରା ଆଜି ବି ଗ୍ରାମବାସୀଙ୍କ ମଧ୍ୟରେ ଏକତା ଓ ସାଂସ୍କୃତିକ ଗୌରବକୁ ବଜାୟ ରଖିଛି । ?ଗୁରୁବାର ସନ୍ଧ୍ୟାରେ ଏହି ମେଳଣରେ ବାଲିଯୋରନ୍ଦା, ଆମ୍ବପଡା, ମକୁନ୍ଦପୁର, ବଲ୍ଲଭ ଓ ଗୋପାଳପୁର - ଏହି ପାଞ୍ଚଟି ଗ୍ରାମର ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସୁସଜ୍ଜିତ ବିମାନରେ ବିଜେ ହୋଇଥିଲେ । ଗ୍ରାମ ପରିକ୍ରମା ସମୟରେ ଲଉଡ଼ି ବାଡ଼ିର ତାଳେ ତାଳେ ଗୋପାଳ ପୁଅଙ୍କ ନୃତ୍ୟ ଏବଂ ମହିଳାମାନଙ୍କ ଭକ୍ତିପୂର୍ଣ୍ଣ କୀର୍ତ୍ତନରେ ସାରା ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା । ?ବାଲିଯୋରନ୍ଦା ସମେତ ବଜୁରିଆ, ରାଏପୁରା ଓ ବ୍ରହ୍ମପୁରା ଗ୍ରାମର ଅଧିବାସୀମାନେ ଏକାଠି ହୋଇ ଜାତି-ଧର୍ମ ନିର୍ବିଶେଷରେ ଏହି ଉତ୍ସବ ପାଳନ କରିଥାନ୍ତି । ଶୃଙ୍ଖଳିତ ମନୋରଞ୍ଜନ ପାଇଁ ରାତିରେ ବିଭିନ୍ନ ଅପେରା ପାର୍ଟି ଦ୍ୱାରା ସାମାଜିକ ନାଟକ ପରିବେଷଣ କରାଯାଇଥିଲା, ଯାହାକୁ ଗ୍ରାମବାସୀ ଓ ବନ୍ଧୁପରିଜନମାନେ ଉପଭୋଗ କରିଥିଲେ । ଶୁକ୍ରବାର ସକାଳେ ଏକ ଭକ୍ତିପୂର୍ଣ୍ଣ କୀର୍ତ୍ତନ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜ୍ୟୋତିଷ ଆଗାମୀ ବର୍ଷର ପାଞ୍ଜିରୁ 'ପାଳକ' ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ବର୍ଷର ଗ୍ରହଚଳନ ବିଷୟରେ ଆଲୋକପାତ କରିଥିଲେ । ପରେ ଚତୁର୍ଦ୍ଧା ମୂର୍ତ୍ତି ଗ୍ରାମର ଘରେ ଘରେ ଭୋଗ ଓ କ୍ଷୀର-ଲବଣି ସେବନ କରି ନିଜ ନିଜ ଗ୍ରାମକୁ ବାହୁଡ଼ି ଯାଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମ ସଭାପତି ଚୈତନ୍ୟ ମହାନ୍ତି, ଉପସଭାପତି ବନମାଳୀ ପାଣିଗ୍ରାହୀ, ଉପଦେଷ୍ଟା ରବିନାରାୟଣ ପରିଡ଼ା, ଅଚ୍ୟୁତାନନ୍ଦ ମହାନ୍ତି, ପଙ୍କଜ ନାୟକ ଏବଂ ସମ୍ପାଦକ ଅଜିତ ସ୍ୱାଇଁ ପ୍ରମୁଖ ସୂଚାରୁରୂପେ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟି ସଭ୍ୟ କୁନା ପରିଡ଼ା, ସୁଶାନ୍ତ ସାହୁ, ତୁଷାର ନାୟକ, ରଞ୍ଜନ ପଧାନଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ ।

# ହୋଲି ଧୁମ ଧାମରେ ପାଳିତ



ଢେଙ୍କାନାଳ,୦୬/୦୩(ସୁଶାନ୍ତ କୁମାର ପାଣୀ) : ଢ଼େଙ୍କାନାଳ ସହରର ପ୍ରତିଷ୍ଠିତ ଅନୁଷ୍ଠାନ ଜଗତ ଉଦ୍ଧାର ମଞ୍ଚ ପକ୍ଷରୁ ୧୫ତମ ହୋଲି ମହୋତ୍ସବ ସହରର ହନୁମାନ ବାଟୀକା ଠାରେ ପାଳିତ ହୋଇଯାଇଛି । ମଞ୍ଚର ସଭାପତି ସାନ୍ଧ୍ୟ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ସମୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଲି ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗଦେଇ

### ସମସ୍ତଙ୍କ ସହିତ ହୋଲି ଖେଳିଲେ ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର
### ରଙ୍ଗ ସାଙ୍ଗକୁ ବରା,ଘୁଗୁନି, ଆଳୁଦମ,ରସଗୋଲା, ଜିଲାପି ଥିଲା ଆକର୍ଷଣ

ହୋଲିର ମହାତ୍ମ୍ୟ ସଂପର୍କରେ କହିଥିଲେ । ଏହି ପର୍ବ ଓଡ଼ିଶାରେ ଭାଇଚାରାର ଭାବ ସୃଷ୍ଟି କରିଥାଏ । ୧୫ ବର୍ଷ ଧରି ଜଗତ ଉଦ୍ଧାର ମଞ୍ଚ ପକ୍ଷରୁ ପାଳିତ ହୋଇଆସୁଥିବା ଏହି କାର୍ଯ୍ୟକ୍ରମ ଢ଼େଙ୍କାନାଳ ସହରରେ ଭାଇଚାରାକୁ ବାନ୍ଧି ରଖିଛି । ଏହି ହୋଲି ଉତ୍ସବରେ ଧର୍ମ, ବର୍ଣ୍ଣ ଓ ଦଳମତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ଭାଇଚାରାର ନିଦର୍ଶନ ସୂଚାଇଥାନ୍ତି । ଏହି ଅନୁଷ୍ଠାନ ପକ୍ଷରୁ ଢ଼େଙ୍କାନାଳର ପ୍ରସିଦ୍ଧ ବରା ସାଙ୍ଗକୁ ଘୁଗୁନି ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତେ ମନରେ ହଂସା, ଦ୍ୱେଷ ଓ ସମସ୍ତ ରାଗ ଅଭିମାନ କୁ ଭୁଲି ଆମେ ସମସ୍ତେ ଭାରତୀୟ ବୋଲି ଗର୍ବ କରିବା ଉଚିତ । ଏହି ଅବସରରେ ସମସ୍ତେ ଏକା ମନ ଏକ ପ୍ରାଣରେ ହାତ ମିଳାଇ ଆମ ରାଜ୍ୟକୁ ଆଗାମୀ ୨୦୩୬ମସିହା ବେଳକୁ ଏକ ବିକଶିତ ରାଜ୍ୟ ଭାବେ ଗଢିତୋଳିବା, ଭାରତର ଜଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ୨୦୪୭ମସିହା ସୁଦ୍ଧା ଭାରତବର୍ଷ ସମ୍ପୂର୍ଣ୍ଣ ବିକଶିତ ଦେଶ ଭାବେ ଗଢିବାରେ ଦଳ ମତ ନିର୍ବିଶେଷରେ ସମସ୍ତେ ଆସନ୍ତୁ ହାତ ମିଳାଇବାକୁ ଆହ୍ୱାନ ଦେଇଛନ୍ତି ମନ୍ତ୍ରୀ କୃଷ୍ଣ ପାତ୍ର । ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ବରା,ଘୁଗୁନି, ଆଳୁଦମ୍ ସାଙ୍ଗକୁ ଲସି, ଜିଲାପି ଓ ରସଗୋଲା ଦିଆଯାଇଥିଲା । ଦୀର୍ଘ ଦେଢ଼ଘଣ୍ଟା ଧରି ମନ୍ତ୍ରୀ ଶ୍ରୀ ପାତ୍ର ଏହି ହୋଲି ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇ ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସେନାବାହିନୀ କର୍ମଚାରୀ, କ୍ରୀଡାବିତ୍ ମାନଙ୍କ ସହ ଏହି ହୋଲିରେ ରଙ୍ଗିନ୍ ହୋଇଥିଲେ । ବାଜା ବାଜଣାରେ ଝୁମି ଉଠିଥିଲେ ସମସ୍ତେ । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଆଇନଜିବୀ ନବକିଶୋର ଗୁରୁ ଓ ସମାଜସେବୀ ରାମ ଚନ୍ଦ୍ର ପାତ୍ର ଦୀଗଦର୍ଶନ ଦେଇଥିବା ବେଳେ ଅନୁଷ୍ଠାନର କର୍ମକର୍ତା ଜିତେନ୍ଦ୍ର ପଟ୍ଟନାୟକ, କାଉନ୍ସିଲର ନିରୋଦ କୁମାର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ କୁମାର ରାଉତ, ସାଂସଦଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ଅଭୟ କୁମାର ଲେଙ୍କା, ଶୁଭେନ୍ଦୁ ଶତପଥୀ, ଗୋପାଳ ସାହୁ, ପୂର୍ବତନ କାଉନ୍ସିଲର ସନ୍ତୋଷ କୁମାର ରାଉତ, ଆଇନଜୀବୀ ବିକାଶ ସାହୁ, ଭୂପେଶ ମହାପାତ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଢ଼େଙ୍କାନାଳ ସହରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ ।

# ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତି ପାଳିତ

ଢେଙ୍କାନାଳ,୦୬/୦୩(ସୁଶାନ୍ତ କୁମାର ପାଣୀ): ପ୍ରବାଦ ପୁରୁଷ,ଜଣେ ସାଲିସ ବିହିନ ରାଷ୍ଟ୍ରନୀତିଜ୍ଞ, ଓଡିଆ ମାନଙ୍କର ସ୍ୱାଭିମାନୀ ଏବଂ ସମସ୍ତ ଓଡିଶା ବାସୀଙ୍କର ଅତିପ୍ରୀୟ ଥିଲେ ବିଜୁବାବୁ । ଏହି ଅବସରରେ ଗୁରୁବାର ପୁର୍ବାହ୍ନରେ ପୁର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ସଭାପତିତ୍ୱରେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପୁର୍ବତନ ବିଧାୟକଙ୍କ ବାସଭବନରେ ପାଳିତ ହୋଇଯାଛି । ତାଙ୍କର ଅନେକଗୁଡିଏ ଅଭୁଲା କଥା ଆଜିବି ମନେ ପଡିଯାଉଛି । ବିଜୁ ବାବୁଙ୍କ ଭିତରେ ଜାତି, ଗୋତ୍ର, ଛୁଆଁ ଅଛୁଆଁର ଭେଦଭାବ ନଥିଲା । କେବଳ ଥିଲା ମଣିଷ ପାଇଁ ସ୍ନେହ ଓ ଶ୍ରଦ୍ଧା । ବିଜୁବାବୁ ମହିଳା ମାନଙ୍କ ନିମନ୍ତେ ୩୩% ଆସନ ସଂରକ୍ଷିତ ରଖିଥିଲାବେଳେ ଜିଲ୍ଲା ସମ୍ପ୍ରସାରଣ କରି ଓଡିଶାରେ ୧୩ ଜିଲାରୁ ୩୦ ଜିଲ୍ଲା ଗଠନ କରି ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ କରି ଥିଲେ । ବିଜୁବାବୁ ସର୍ବଦା ଓଡିଶାର ଲୋକମାନଙ୍କର ଶିକ୍ଷା , ସାମାଜିକ ଉନ୍ନତି ପାଇଁ ଚିନ୍ତା କରୁଥିଲେ । ବିଜୁ ବାବୁଙ୍କ ଦେହାନ୍ତ ପରେ ତାଙ୍କର ନୁତନ ଓଡିଶା ଗଠନର ସ୍ୱପ୍ନକୁ ତାଙ୍କର ପୁତ୍ର ତଥା ପୁର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସରକାର ସମୟରେ ପୁରଣ କରିବାପାଇଁ ପଦକ୍ଷେପ ନେଇଥିଲେ । ତେଣୁ ଶ୍ରୀ ସାମଲ କର୍ମୀମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଆଗାମି ପଞ୍ଚାୟତ ନିର୍ବାଚନରେ ଲୋକମାନଙ୍କ ସୁଖ ଦଃଖରେ ସାଥୀହୋଇ ସେମାନଙ୍କ ପାଖରେ ଠିଆହେଲେ ସଂଗଠନ ହୋଇପାରିବ । ଲୋକଙ୍କ ସମସ୍ୟା ବୁଝିଲେ ଆଗାମି ପଞ୍ଚାୟତ ନିର୍ବାଚନ ଆମେ ଜିତିପାରିବା ବୋଲି କହିଥିଲେ । ବିଜେଡିର ଆହ୍ୱାନ ଥିଲା ମା' କୁ ସମ୍ମାନ ଗାଁକୁ କାମ ହେଲେ ଆଜିର ଦିନରେ ମା ମାନଙ୍କୁ ସମ୍ମାନ ନାହିଁ କି ଗାଁକୁ କାମ ନାହିଁ । ତେଣୁ ସମସ୍ତେ ଶପଥ ନିଅନ୍ତୁ ଦଳପାଇଁ ଏକ ହୋଇ କାର୍ଯ୍ୟ କରିବା ସହିତ ବିଜୁ ଜନତା ଦଳକୁ ଜିତାନ୍ତୁ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ବିଜୁ ବାବୁ ଅଭାବି ଓଡିଶାକୁ ସ୍ୱାଭାବି ଓଡିଶା କରିବା ପାଇଁ ଚିନ୍ତା କରୁଥିଲେ ଏବଂ ମହିଳା ମାନଙ୍କୁ ଗୁରୁତ୍ୱ ଦେଉଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ସେହିପରି ସକାଳ ୮ଘଟିକା ସମୟରେ ରଥଗଡା ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁର୍ବତନ ସାଂସଦ ମହେଶ ସାହୁ ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା କାର୍ଯ୍ୟ କାରୀ ସଭାପତି ସନ୍ଦିପ ଷଡଙ୍ଗୀଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ସଭାରେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରୋତ୍ତମ ସାହୁ, ଢେଙ୍କାନାଳ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ବିଜେଡି ଜିଲ୍ଲା ଉପ-ସଭାପତ ଅଜୟ କୁମାର ଭଞ୍ଜ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା , ବରିଷ୍ଠ ବିଜେଡି ନେତା ସୁକାନ୍ତ କୁମାର ମିଶ୍ର, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ମହିଳା ସଭାପତି ଶୁଭଲକ୍ଷ୍ମୀ ସାହୁ,ବିଜେଡି ଜିଲ୍ଲା ଛାତ୍ର ସଭାପତି ଆର୍ଯ୍ୟନ ଦାସ, , ଢେଙ୍କାନାଳ ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଆଇନ ସେଲ ଅଧ୍ୟକ୍ଷ ତଥା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଜିଲାପରିଷଦ ସଦସ୍ୟ ଅଶୋକ କୁମାର ପରିଡା, ବିଭୁତି ଭୋଇ, ଜିଲା ବିଜେଡି ପୁର୍ବତନ ଛାତ୍ର ନେତା ସୁରଜ ମହାପାତ୍ର,ଜିଲ୍ଲା ସୋସିଆଲ ମେଡିଆ ସଂଯୋଜକ ଗଙ୍ଗାଧର ରାଉତ, ଯୁବ ନେତା ଶ୍ରୀକାନ୍ତ କୁମାର ଧଳ, ବଳରାମ ପରିଡା, ଜିଲ୍ଲା ସମ୍ପାଦକ ରଞ୍ଜନ ନାୟକ, ମାନସ ମହାରଣା , ସମେତ ବହୁ ମହିଳା, ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ । ଜିଲ୍ଲା ଉପସଭାପତି ଦେବାଶିଷ ମିଶ୍ର ସଭା ପରଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜେଡ଼ି ଟାଉନ ସଭାପତି ବିନୋଦ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଢେଙ୍କାନାଳ ନୂଆ ଶାସନର ଦୋଳ ଉତ୍ସବ ପାଳିତ

ଢେଙ୍କାନାଳ ୦୬/୦୩(ଅକ୍ଷର ଓଡ଼ିଶା): ଢେଙ୍କାନାଳ ସହରର ଦ୍ୱିତୀୟ ବ୍ରାହ୍ମଣ ଶାସନ ଭାବେ ପରିଚିତ ନୂଆ ଶାସନ ପକ୍ଷରୁ ଚଳିତ ବର୍ଷର ଦୋଳ ଉତ୍ସବ ଗତ ୨୭ ତାରିଖ ଠାରୁ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ଶେଷ ହୋଇଛି । ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ବିଗ୍ରହଙ୍କୁ ଆକର୍ଷଣୀୟ କାଷ୍ଠ ବିମାନରେ ବସାଇ ଆତସବାଜି, ରଙ୍ଗିନ୍ ବିଦ୍ୟୁତ୍ ଆଲୋକ, ବାଦ୍ୟ ଓ ଗୋପାଳ ଲଉଡିବାଡି କଳାକାରଙ୍କ ମେଳରେ ସାହି ପରିକ୍ରମା କରାଯିବା ସହ ଶ୍ରୀ ମଦନମୋହନ ଜୀଉଙ୍କ ମେଳଣ ଯାତ୍ରାରେ ଗତ ସୋମବାର ୨ ତାରିଖ ଦିନ ସାମିଲ୍ କରାଯାଇଥିଲା । ମଙ୍ଗଳବାର ସଂଧ୍ୟାରେ ଗ୍ରହଣ ଉପାରନ୍ତ ଶ୍ରୀ ଜୀଉଙ୍କୁ ସାହିର ଦୋଳ ମଣ୍ଡପରେ ଝୁଲା ଯାଇ ସମସ୍ତ ନୀତିକାନ୍ତି ସମାପନ କରାଯାଇଥିଲା । ଏଥି ଉପଲକ୍ଷେ ସହରର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କୁ ନେଇ ଭକ୍ତି ସଙ୍ଗୀତ ସମାରୋହ କରାଯାଇଥିବାର ବରିଷ୍ଠ ନାଗରିକ ସୂର୍ଯ୍ୟ ନାରାୟଣ ମିଶ୍ର ସୂଚନା ଦେଇଛନ୍ତି ।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

ଭାରତର ଅର୍ଥନୈତିକ ଶକ୍ତି ମହାସାଗର ଦେଇ ପ୍ରବାହିତ ହୁଏ। ପରିମାଣ ଦୃଷ୍ଟିରୁ ଭାରତର ପ୍ରାୟ ୯୫ ପ୍ରତିଶତ ବାଣିଜ୍ୟ ଏବଂ ମୂଲ୍ୟ ଦୃଷ୍ଟିରୁ ପ୍ରାୟ ୭୦ ପ୍ରତିଶତ ବାଣିଜ୍ୟ ସମୁଦ୍ର ପଥ ଦେଇ ଗତି କରେ। ଏଣୁ କୁହାଯାଇପାରେ ଯେ ସମୁଦ୍ର ହେଉଛି ଭାରତର ବାଣିଜ୍ୟର ଜୀବନରେଖା। ଦେଶର ଆମଦାନୀ ଏବଂ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଅଶୋଧିତ ତୈଳ ଏବଂ କୋଇଲା ଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ, ବୟନଶିଳ୍ପ ଏବଂ କୃଷି ଉତ୍ପାଦ ପର୍ଯ୍ୟନ୍ତ, ବ୍ୟସ୍ତବହୁଳ ବନ୍ଦରଗୁଡ଼ିକ ଦେଇ ଗତି କରେ। ଏହି ବନ୍ଦରଗୁଡ଼ିକ ଭାରତକୁ ବିଶ୍ୱର ବିଭିନ୍ନ ବଜାର ସହିତ ସଂଯୋଗ କରେ। ବିଶ୍ୱାୟନ ଯୋଗାଣ ଶୃଙ୍ଖଳ ପାରସ୍ପରିକ ନିର୍ଭରଶୀଳତାକୁ ଗଭୀର କରିବା ଏବଂ ଭାରତ ଏକ ପ୍ରମୁଖ ଉତ୍ପାଦନ ଏବଂ ଶକ୍ତି କେନ୍ଦ୍ର ଭାବରେ ଉଭା ହେବା ସହିତ, ବନ୍ଦର ଏବଂ ଜାହାଜର ଦକ୍ଷତା ସିଧାସଳଖ ଜାତୀୟ ପ୍ରତିଯୋଗିତାକ୍ଷମତାକୁ ପ୍ରଭାବିତ କରେ।

ଭାରତର ସାମୁଦ୍ରିକ କ୍ଷେତ୍ର ଦ୍ରୁତ ଗତିରେ ଅଗ୍ରଗତି କରୁଛି, ବନ୍ଦର, ଉପକୂଳ ଜାହାଜ ଚଳାଚଳ ଏବଂ ଆଭ୍ୟନ୍ତରୀଣ ଜଳପଥରେ ରେକର୍ଡ ଭାଙ୍ଗିବା ସହିତ ଆର୍ଥିକ ଅଭିବୃଦ୍ଧିର ଏକ ନୂତନ ପଥ ପ୍ରସ୍ତୁତ କରୁଛି। ଏହି କ୍ଷେତ୍ରର ଅଗ୍ରଗତି ରାଷ୍ଟ୍ରକୁ ସୁଦୃଢ଼ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରୁଛି। ଭାରତର ବନ୍ଦର କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ମୋଟ ବନ୍ଦର କ୍ଷମତା ୧,୪୦୦ ନିୟୁତ ମେଟ୍ରିକ୍ ଟନରୁ ଦ୍ୱିଗୁଣିତ ହୋଇ ୨,୭୬୨ ନିୟୁତ ମେଟ୍ରିକ୍ ଟନ୍ ହୋଇଛି। ଏହି କ୍ଷମତା ବୃଦ୍ଧି ଆଧୁନିକୀକରଣ ଏବଂ ଭିତ୍ତିଭୂମି ବିକାଶରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରତିଫଳିତ କରେ। ବନ୍ଦରଗୁଡ଼ିକରେ ପଣ୍ୟଦ୍ରବ୍ୟ ପରିଚାଳନା ପରିମାଣ ମଧ୍ୟ ୯୭୨ ନିୟୁତ ମେଟ୍ରିକ୍ ଟନରୁ ୧,୫୯୪ ନିୟୁତ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି। ଏହା ସାମୁଦ୍ରିକ ବାଣିଜ୍ୟ ଏବଂ ବନ୍ଦର ଦକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ସୂଚାଉଛି। ପ୍ରମୁଖ ବନ୍ଦରଗୁଡ଼ିକ ୨୦୨୪-୨୫ ରେ ୮୫୫ ନିୟୁତ ଟନ୍ ମାଲ ପରିଚାଳନା କରିବାକୁ ଆକଳନ କରାଯାଇଛି, ଯାହା ୨୦୨୩-୨୪ ରେ କେବଳ ୮୧୯ ନିୟୁତ ଟନ୍ ଥିଲା।

ବନ୍ଦରଗୁଡ଼ିକର ପରିଚାଳନାଗତ ପ୍ରଦର୍ଶନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହୋଇଛି। ହାରାହାରି ଜାହାଜ ଟର୍ନଆରାଉଣ୍ଡ ସମୟ ୯୩ ଘଣ୍ଟାରୁ ମାତ୍ର ୪୮ ଘଣ୍ଟାକୁ ହ୍ରାସ ପାଇଛି। ଏହା ସାମଗ୍ରିକ ଉତ୍ପାଦକତା ଏବଂ ବିଶ୍ୱ ପ୍ରତିଯୋଗିତାମୂଳକତାକୁ ବୃଦ୍ଧି କରିଛି। ଏହି କ୍ଷେତ୍ରର ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ବାର୍ଷିକ ନିଟ୍ ବଳକା ୧,୦୨୬ କୋଟି ଟଙ୍କାରୁ ୯,୩୫୨ କୋଟି ଟଙ୍କାକୁ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ଉନ୍ନତ ରାଜସ୍ୱ ଉତ୍ପାଦନ ଏବଂ ଖର୍ଚ୍ଚ ପରିଚାଳନାକୁ ପ୍ରତିଫଳିତ କରେ। ଦକ୍ଷତା ସୂଚକଗୁଡ଼ିକ ମଧ୍ୟ ଉନ୍ନତ ହୋଇଛି। ପରିଚାଳନା ଅନୁପାତ, ଯାହା ୭୩ ପ୍ରତିଶତରୁ ୪୩ ପ୍ରତିଶତକୁ ଉନ୍ନତ ହୋଇଛି, ସ୍ଥାୟୀ ଏବଂ ଲାଭଦାୟକ ବନ୍ଦର ପରିଚାଳନା ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଭାରତୀୟ ସିପିଂରେ ଜାହଜ ସଂଖ୍ୟା, କ୍ଷମତା ଏବଂ କର୍ମଚାରୀ ସଂଖ୍ୟା ବୃଦ୍ଧି ଭାରତର ସିପିଂ କ୍ଷେତ୍ର ମଧ୍ୟ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି। ଭାରତୀୟ ପତାକାଯୁକ୍ତ ଜାହାଜର ସଂଖ୍ୟା ୧,୨୦୫ ରୁ ୧,୫୪୯ କୁ ବୃଦ୍ଧି ପାଇଛି, ଯାହା ଦେଶର ବୃଦ୍ଧିପାଇଚାଲିଥିବା ସାମୁଦ୍ରିକ ଉପସ୍ଥିତିକୁ ପ୍ରତିଫଳିତ କରେ। ଭାରତୀୟ ନୌବାହନର ମୋଟ ଟନେଜ୍ ମଧ୍ୟ ୧୦ ନିୟୁତ ମୋଟ ଟନରୁ ୧୩.୫୨ ନିୟୁତ ମୋଟ ଟନକୁ ବୃଦ୍ଧି ପାଇଛି, ଯାହା ଏକ ଶକ୍ତିଶାଳୀ ଏବଂ ଅଧିକ ଦକ୍ଷ ପରିବହନ କ୍ଷମତାକୁ ପ୍ରତିଫଳିତ କରେ। ଉପକୂଳ ସିପିଂରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି, ପଣ୍ୟଦ୍ରବ୍ୟ ପରିଚାଳନା ୮୭ ନିୟୁତ ମେଟ୍ରିକ୍ ଟନରୁ ୧୬୫ ନିୟୁତ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି। ଏହା ଦକ୍ଷ, ମିତବ୍ୟୟୀ ଏବଂ ପରିବେଶ ଅନୁକୂଳ ପରିବହନ ମୋଡ୍ ଆଡକୁ ପରିବର୍ତ୍ତନକୁ ଦୃଢ଼ କରେ।

# ନିଷ୍ଠା

ଜଣେ ଗୁରୁଭାଇ ଯାଜନ କରିବାକୁ ଠାକୁରଙ୍କ ପାଖକୁ ଆସି ଉପସ୍ଥିତ ଭକ୍ତମାନଙ୍କୁ ଈଶ୍ୱରଙ୍କ ସମ୍ପର୍କରେ ପ୍ରେରଣାପ୍ରଦ ବକ୍ତବ୍ୟ ରଖିଲେ। ସଦ୍ୟ ଦୀକ୍ଷା ଗ୍ରହଣ କରିଥିବା ଭାମାରୁଜ ଠିକ୍ ଭାବେ ବସି ପାରୁ ନଥିଲେ। ଏତେ ସମୟ ବସି ଅନେକ ଉପଦେଶ ଶୁଣିବାକୁ ତାଙ୍କର ଧୈର୍ଯ୍ୟ ହିଁ ନଥିଲା। ତଥାପି ଅନ୍ୟର ଚକ୍ଷୁଶୂଳ ହେବା ଭୟରେ ସେ ସେଠାରେ ବସି ରହିଲେ। ପରେ ଯାଜକ ସମରେଶଙ୍କ ବାର୍ତ୍ତାରୁ ଏତିକି ବୁଝିଲେ ଯେ ଦିନକ ଚବିଶ ଘଣ୍ଟା। ଠାକୁରଙ୍କୁ ଗ୍ରହଣ କରିବାର ଅର୍ଥ ଚବିଶ ଘଣ୍ଟା ତାଙ୍କରି କାମ କରିବା। ଚବିଶ ଘଣ୍ଟା କଥା ଶୁଣି ଭାମାରୁଜଙ୍କୁ ବିରକ୍ତ ଲାଗିଲା। ଯଦି ଜଣେ ଚବିଶ ଘଣ୍ଟା ଈଶ୍ୱର ସେବାରେ ଲାଗିବ, ନିଜ କାମ କରିବ କେତେବେଳେ ? ସେ ତାଙ୍କ କଥାର ତାତ୍ପର୍ଯ୍ୟ ବୁଝି ପାରିଲେ ନାହିଁ। ଶ୍ରୀଧର କଥାରେ ଭାମାରୁଜ ଠାକୁରଙ୍କ ଶରଣାପନ୍ନ ହୋଇଛନ୍ତି। ପାରିବାରିକ ଜଞ୍ଜାଳରୁ ତ୍ରାହି ପାଇବା ପାଇଁ ସେ ସତସଙ୍ଗରେ ଉପନିତ। ହେଲେ ଠାକୁର ମନସ୍କ ହେବା ତାଙ୍କ ଲାଗି ଦୁରୂହ ବ୍ୟାପାର। କର୍ମ ଜଞ୍ଜାଳ ମଣିଷ ସେ। ଦିନରାତି ଦୋକାନରେ ବସିଲେ ଘର ଚଳେ। ତେଜରାତି ଦୋକାନରୁ ଯାହା ଲାଭ ହୁଏ ସେଥିରେ ଘରଖର୍ଚ୍ଚ ବାଦ୍ ପିଲାଙ୍କ ପାଠପଢାକୁ ନିଅଣ୍ଟ। କାରବାର ଭିତରେ ଈଶ୍ୱର ଚିନ୍ତନ କରିବାକୁ ତାଙ୍କୁ ସୁଯୋଗ ମିଳେନାହିଁ। ଚବିଶ ଘଣ୍ଟା ହିସାବ ନିକାଶ ସହିତ ଲାଭ କ୍ଷତି ମାପଚୁପ୍ କରୁକରୁ ସମୟ ସରିଯାଏ ହେଲେ ଠାକୁରଙ୍କୁ ସୁମରଣା କରିବାକୁ ଫୁରୁସତ ମିଳେନାହିଁ। ବହୁ କଷ୍ଟରେ ଦୋକାନରେ ପୁଅକୁ ବସାଇ ମାତ୍ର କିଛି ସମୟ ପାଇଁ ସେ କେନ୍ଦ୍ରକୁ ଆସିଥିଲେ। ମାତ୍ର ଅଧଘଣ୍ଟା ବସିବା ପରେ ଅଣ୍ଟା ପିଠି ତାଙ୍କର କଟକଟ ହେଲାଣି। ସେଥିରେ ଗୁରୁଭାଇ କହୁଛନ୍ତି ଚବିଶ ଘଣ୍ଟା ଈଶ୍ୱରଙ୍କ ସେବା.....। - 'ଧେତ୍ ଏମିତି ଭକ୍ତ ହେବାକୁ ମୋର ସମୟ ନାହିଁ। ମୋର ଆଧ୍ୟାତ୍ମିକ ଭାବ ସୃଷ୍ଟି ହେବା ଆଦୌ ସମ୍ଭବପର ନୁହେଁ।' ଭାମାରୁଜ ବ୍ୟସ୍ତ ବିବ୍ରତ ହେଲେ। ତଥାପି ଅନିଚ୍ଛାକୃତ ଭାବେ ସେଠି ବସି ରହିଲେ। ଅସ୍ଥିର ବିଚଳିତ ମନରେ ଆନନ୍ଦ ବଜାରେ ପ୍ରସାଦ ସେବନ କରି ଘରକୁ ଫେରିଗଲେ। କିଛିଦିନ ପରେ ଭାମାରୁଜଙ୍କୁ ଶ୍ରୀଧର ଭେଟିଲେ। ଭଲମନ୍ଦ କଥାବାର୍ତ୍ତା ଛଳରେ ସତସଙ୍ଗରେ ଅବିରତ ଯୋଗଦାନ ନକରିବାର କାରଣ ଜାଣିବାକୁ ଚେଷ୍ଟା କଲେ। ଶ୍ରୀଧର ଦରଜି ଦୋକାନୀ। ସେ ମେସିନ କାର୍ଯ୍ୟ ପୁତ୍ରହସ୍ତେ ନ୍ୟସ୍ତ କରି ବିଭିନ୍ନ ଅଞ୍ଚଳର ସତସଙ୍ଗରେ ଯୋଗଦାନ କରନ୍ତି। ଅନେକ ସମୟରେ ବାପାଙ୍କ ଅତ୍ୟଧିକ ଅନୁପସ୍ଥିତତାକୁ ପୁଅ ଗ୍ରହଣ କରିପାରେ ନାହିଁ। ବେଳେବେଳେ ବିରକ୍ତ ହୁଏ ଓ ମୃଦୁ୍ୟ ଭର୍ତ୍ସନା କରେ। ତଥାପି ଶ୍ରୀଧର ଠାକୁରଙ୍କ କାର୍ଯ୍ୟରେ ଅବହେଳା କରନ୍ତି ନାହିଁ। ତାଙ୍କର ପାରିବାରିକ ଅବସ୍ଥା ମଧ୍ୟମ ଧରଣର। ସେ ଇଷ୍ଟଙ୍କୁ ଆରାଧ୍ୟ କରି ଚଳନ୍ତି।

ଠାକୁରଙ୍କ ବାବଦରେ କୌଣସି କଥା ଶୁଣିବାକୁ ଭାମାରୁଜ ପ୍ରସ୍ତୁତ ନଥିଲେ। ସେଦିନ ମାଣବସା ଗୁରୁବାର। ଦୋକାନରେ ବେପାର ନଥାଏ। ଶ୍ରୀଧରଙ୍କୁ କଥା ହେବା ପାଇଁ ସୁଯୋଗ ମିଳିଗଲା।

ଭାମାରୁଜ କହିଲେ,'ମୋର ଠାକୁରଙ୍କ ଉପରେ ଭରସା ପାଉନି। ଗୋଟିଏ ଦିନ କାମଧନ୍ଦା ଛାଡ଼ି ସତସଙ୍ଗରେ ଯୋଗ ଦେଲି ଯେ ପୁଅ ମୋର ଖପା। ' ବାଣିଜ୍ୟେ ବସତେ ଲକ୍ଷ୍ମୀ'। ଲଗାତାର ନବସିଲେ ଭେଳା ବୁଡିଯିବ। ଠାକୁର ଠାକୁର ହୋଇ କୁଳ ବେଉସା ଛାଡି ଭଜନ କୀର୍ତ୍ତନରେ ମାତିଲେ ମୋର ଲାଭ ଅପେକ୍ଷା କ୍ଷତି ଅଧିକ ହେବ। 'ଶ୍ରୀଧର ପ୍ରତିକ୍ରିୟା ଦେଲେ 'ନିଜର କର୍ମ କରିବାଟା ଉଚିତ କାର୍ଯ୍ୟ। କିନ୍ତୁ ଆବଶ୍ୟକ ଠାରୁ ଅଧିକ ରୋଜଗାର ଅନୁଚିତ କାର୍ଯ୍ୟ। ତାହା ବିଷ ତୁଲ୍ୟ।'

'ଅଧିକ କଥା ଛାଡ଼। ଆବଶ୍ୟକତା ପୂରଣ ହୋଇ ନପାରିବାରୁ ଅଭାବ ଲାଗି ରହୁଛି। ଚବିଶ ଘଣ୍ଟା ବ୍ୟସ୍ତ ଭିତରେ ଅଣ୍ଟି ପୁରୁନି। ଠାକୁରଙ୍କ ସେବା କରିବି କେତେବେଳେ ? ସୁସ୍ଥରେ ରହିଲେ ସିନା ଈଶ୍ୱରଙ୍କ ଚିନ୍ତା ଆସିବ। ଦୁଃଖରେ ରହିଲେ ....।' କଥା ଶେଷ ହେବା ଆଗରୁ ସମରେଶ ତାଙ୍କ ପାଖରେ ପହଞ୍ଚିଗଲେ। ଗୁରୁଭାଇ କିଛି ସାମଗ୍ରୀ କିଣିବା ବାହାନାରେ ଭାମାରୁଜଙ୍କ ସହିତ ଭେଟହେଲେ। ଭାମାରୁଜଙ୍କ ଭିତରେ ଠାକୁରଙ୍କ ପ୍ରତି ଆନୁଗତ୍ୟ ସୃଷ୍ଟି ହେବା ନିହାତି ଆବଶ୍ୟକ। କିଛି ଜିନିଷ କିଣିବା ପରେ କଥାବାର୍ତ୍ତା ଆରମ୍ଭ ହେଲା। କିଛି ତଥ୍ୟ ହାସଲ କରିବା ପରେ ଡାକ୍ତର ସମରେଶ କହିଲେ, - 'ତୁମେ ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ନିତ୍ୟକର୍ମ ସମାପନ କର। ତୁମର ବ୍ୟବସାୟରେ ଉନ୍ନତି ହେବ। ପ୍ରାୟ ଏକ ମାସ ପରେ ତୁମେ ଫଳାଫଳ ଜାଣିବ।'

ଅନିଚ୍ଛାକୃତ ଭାବେ ରାଜି ହେଲେ ଦୋକାନୀ। ମନେମନେ ଭାବିଲେ ତାଙ୍କର ଆର୍ଥିକ ବିକାଶ ହେଲେ ସେ ପୁନର୍ବାର ସତସଙ୍ଗରେ ଯୋଗ ଦେବେ। ମାତ୍ର ଏକମାସ ପରେ କିଛି ଅଧିକ ବ୍ୟବସାୟ ହେଲା ନାହିଁ। ପରେ ସମରେଶ ଭାଇ ଆଉ ଗୋଟେ ଉପାୟ ଦେଲେ। ଭାମାରୁଜ ବାଧ୍ୟ ବାଧକତାରେ ସକାଳ ନଅଟା ପରିବର୍ତ୍ତେ ସକାଳ ଛଅଟାରେ ଦୋକାନ ଖୋଲି ନିୟମିତ ବସିବାରୁ କିଛି କିଛି ବେପାର ବଢିଲା। ଦୋକାନ ସରକାରୀ ଅଫିସ ଭଳି ସମୟ ନିର୍ଘଣ୍ଟରେ ବନ୍ଧା ନୁହେଁ। ବେପାର ଆଂଶିକ ବଢିବାରୁ ବାପ ପୁଅ ପାଳି କରି ଦୋକାନ ଆସିଲେ। ହେଲେ ଆଶାଜନକ ବ୍ୟବସାୟ ନହେବାରୁ ସମରେଶ ପୁଣି ଉପାୟ ବତାଇଲେ। ଦୋକାନ ଟଙ୍କା ବାକ୍ସ ଚାବି ଅନ୍ୟ କାହାକୁ ନଦେଇ ନିଜେ ରଖିବାକୁ ବାଧ୍ୟ କଲେ। କ୍ୟାସ ବକ୍ସରୁ ଟଙ୍କାର ଖର୍ଚ୍ଚ କମିଗଲା। ମାସିକିଆ ଛୁଟିରେ ପୁଅର ବାହାରେ ବୁଲାବୁଲି ଓ ବଦଖର୍ଚ୍ଚ ମଧ୍ୟ କମିଗଲା। ଅଜଥା ଜିନିଷ ଦରକୁ ମୂଲାମୂଲି କରୁଥିବା ଗ୍ରାହକଙ୍କ ଉପରେ ବିରକ୍ତ ହେବା ଦୁହେଁ କମାଇଦେଲେ। ଆଗରୁ ଯେଉଁ ବେପାର ବିନା ଲାଭରେ କରୁନଥିଲେ ସେଇ ଜିନିଷ ଦରକାର ହେଲେ କିଣା ଦରରେ ବିକିଲେ। ପାଞ୍ଚଟା ଜିନିଷ କିଣୁଥିବା ଗ୍ରାହକଙ୍କ ପଞ୍ଚମ ଦ୍ରବ୍ୟରେ ଦର ବଢାଇ ଲାଭର ସନାତୁଳନତାକୁ ଗୁରୁତ୍ୱ ଦେଲେ। ଅତି ନିଜର ଭାବି ଯାହାକୁ କିଣାମୂଲ୍ୟ କହି ଦେଉଥିଲେ, ସେ କଥାରେ ରୋକ୍ ଲଗାଇଲେ।

ଭାମାରୁଜ ଜାଣିଗଲେ, ବ୍ୟବସାୟୀଙ୍କ ନୈତିକତା କେବଳ ଲାଭ ଉପରେ ପର୍ଯ୍ୟବେଶିତ। ହେଲେ ଗୁରୁଭାଇଙ୍କ କଥାନୁସାରେ ବାସ୍ତବ ନୈତିକତାଠାରୁ ବର୍ତ୍ତମାନର ବେପାର ସମ୍ପୂର୍ଣ୍ଣ ଅଲଗା। କିଛିଦିନ ପରେ ସମରେଶବାବୁ ଦୋକାନରେ ପହଞ୍ଚିବା ବେଳେ ଭାମାରୁଜ ଗୋଟିଏ କିଶୋର ସହିତ କଥାବାର୍ତ୍ତା ହେଉଥିଲେ। କଥାର ମର୍ମ ଥିଲା ତାର ପଛ ମାଆର ପିଲାପିଲି ହେଲା କି ନାହିଁ ଜାଣିବା। ସେ ପିଲାଟି ଲଜ୍ଜିତ ହେବା ପରି ଲାଗିଲା। ସେ ଚାଲିଯିବା ପରେ ଗୁରୁଭାଇ ପଚାରିଲେ- 'କଣ ପଚାରୁଥିଲ ?' ପ୍ରକୃତ କଥାକୁ ଘୋଡାଇ ଭାମାରୁଜ କହିଲେ,- 'ପିଲାଟାର ପରୀକ୍ଷାରେ କେତେ ନମ୍ବର ଅଛି ଜାଣିବାକୁ ଚାହିଁଥିଲି ଯେ ସେ ଲୁଚାଇଲା।'

-'ଠିକ୍ କଲନାହିଁ ଭାଇ। ଶ୍ରେଣୀରେ ପ୍ରଥମ ହେବା ପିଲାକୁ ପଚାରିଲେ ସେ ଗର୍ବର ସହିତ ତା ନମ୍ବର କହିବ। କିନ୍ତୁ ଶିକ୍ଷାରେ ପଛୁଆ ପିଲା ନିଜ ମାର୍କକୁ ଲୁଚାଇବ। ପରେ ଲଜ୍ଜିତ ହେବା ଆଶଙ୍କାରେ ତୁମ ଦୋକାନକୁ ନଆସି ସେ ଅନ୍ୟ ଦୋକାନକୁ ଚାଲିଯିବ। ସେ କଥାରେ ତୁମର ଲାଭ ହେବ ନା କ୍ଷତି ? କାହାର ବ୍ୟକ୍ତିଗତ ତଥ୍ୟ ସିଧା ସଳଖ ଜାଣିବାକୁ ଇଚ୍ଛା କଲେ ବେପାରରେ ପ୍ରଭାବ ପଡ଼ିବ। ତେଣୁ ସେଥିପାଇଁ ସଚେତନ ହେବା ଆବଶ୍ୟକ। 'ମୁଣ୍ଡ ଟୁଙ୍ଗାରି ପରାମର୍ଶଟିକୁ ଗ୍ରହଣ କଲେ ଭାମାରୁଜ।

ସମରେଶ ଦୋକାନ ଭିତରକୁ ପଶିଗଲେ। ଦୁର୍ଗନ୍ଧ ବାହାରୁଥିବାରୁ ପରାମର୍ଶ ଦେଲେ- 'ଭାମାଭାଇ, ଦୋକାନ ସଫା ସୁତର କରି ରୁମ୍ ସ୍ପ୍ରେ ବ୍ୟବହାର କର। ସେଥିରୁ ବ୍ୟବସାୟିକ ଉର୍ଜ୍ଜା ପ୍ରକାଶିତ ହେବ। ଡାକ୍ତର ହେଲେ ବି କିଛି କିଛି ବାସ୍ତୁ ନିୟମକୁ ବିନା ପ୍ରମାଣରେ ମୁଁ ବିଶ୍ୱାସ କରେ। ଦୋକାନ ସମ୍ମୁଖରୁ ଚପଲ ଯୋତା ହଟେଇ ଗୋଟେ ଲାଫିଙ୍ଗ୍ ବୁଦ୍ଧ ରଖିଲେ ଭଲ ହୁଅନ୍ତା। ସକାଳୁ ରାତି ଭିତରେ ଗ୍ରାହକଙ୍କ ସହିତ ଛୋଟ ପିଲା ଆସିଲେ ହସହସ ମୁହଁରେ ସେମାନଙ୍କୁ ଚକୋଲେଟ୍ ଦେଲେ ବ୍ୟବସାୟ ବୃଦ୍ଧି ହେବ।'

କିଛିଦିନ ଆପଣା ଅଭ୍ୟାସରେ ସୁଧାର ଆଣିବାରୁ ଭାମାଙ୍କ ଆର୍ଥିକ ସଚ୍ଛଳତା ବୃଦ୍ଧି ହେଲା। ସେ ଖୁସିରେ ସମୟ ଅତିବାହିତ କରିବା ସହିତ ସତସଙ୍ଗ ଆସରରେ ଯୋଗ ଦେଲେ। ସମରେଶଙ୍କ ଉପଦେଶ ଗ୍ରହଣ କରୁଥିବାରୁ ତାଙ୍କୁ ଆଉ ଗୋଟିଏ ଉପଦେଶ ମିଳିଲା,- 'ଯେତେ ବିକା କିଣା ହେଉଛି ତାହା ଦୋକାନ ବନ୍ଦ ପରେ ହିସାବ ରଖ। ଲାଭର ଦଶ ପ୍ରତିଶତ ସଞ୍ଚୟ କରିବାକୁ ଅଲଗା ରଖି ଘରଖର୍ଚ୍ଚ କର। ଅତିଥି ଚର୍ଚ୍ଚା କି ଆମୋଦ ପ୍ରମୋଦରେ ଅଧିକ ବ୍ୟୟ ନକରି ଟିକେ ଆର୍ଥିକ ସଞ୍ଜମତା ରକ୍ଷାକର। ସମରେଶଙ୍କ କଥାରେ ପ୍ରତିକ୍ରିୟା ପ୍ରକାଶ କଲେ ଭାମାରୁଜ, - 'କି କଥା ଆପଣ କହୁଛନ୍ତି ? ବେପାର ଭଲ ଚାଲିଛି। ଘରକୁ କୁଣିଆ ଆସିଲେ ତା ମାଆ ଚର୍ଚ୍ଚା କରିବାରେ କାର୍ପଣ୍ୟତା କରେ ନାହିଁ। ହିସାବ କରି ମାପଚୁପରେ ଆତିଥେୟତା କରିବା ସୁଣ୍ଢାପଣ ନୁହେଁ ? ବନ୍ଧୁମାନେ କୋଚଟ କୃପଣ କହି ଆମ ଘରର ସମ୍ମାନ ଉପରେ ଆଞ୍ଚ ଆଣିବେନି ? 'କଥା ଶେଷ କରିବା ଆଗରୁ ସମରେଶ ବୁଝାଇଲେ - 'ତୁମେ ଭଲ ଖାଅ। ଭଲ ଖୁଆଇ ପିଆଇ ବନ୍ଧୁ ଚର୍ଚ୍ଚା କର ମନା ନାହିଁ। କିନ୍ତୁ ଆର୍ଥିକ ଦୃଷ୍ଟିରୁ ଖାଲରେ ପଡିଲେ କୌଣସି ବନ୍ଧୁବାନ୍ଧବ ସାହାଯ୍ୟ କରିବେନି। ତୁମେ ଅଭାବରେ ଥାଇ କିଛି ସାହାଯ୍ୟ ମାଗିବ ଭାବି ସେମାନେ ଘର କି ଦୋକାନ ଦ୍ୱାର ଆଦୌ ମାଡିବେ ନାହିଁ। ତୁମେ ପ୍ରତିଷ୍ଠିତ ବଣିକ ମାନଙ୍କ ନୀତି ନିୟମ ପାଳନ କଲେ ସଂସାରରେ ତିଷ୍ଠି ପାରିବ। ଅବସ୍ଥା ଖରାପ ହେଲେ ବାହାର ବନ୍ଧୁଙ୍କ କଥା କଣ କହିବା, ମା' ପେଟର ଭାଇ ବି ମୁହଁକୁ ଚାହିଁବନି। ଆମେ ଭଲରେ ଥାଇ ପଡୋଶୀ ଖରାପରେ ରହିଲେ ପରୋକ୍ଷ ଭାବେ ସେ ଆମ ଉପରେ ନିର୍ଭର କରିବେ। ପଡୋଶୀ ସଚ୍ଛଳ ହୋଇ ଆମେ ଦୁର୍ବଳ ହେଲେ ସେ ନ୍ୟୁନ ଦୃଷ୍ଟିରେ ଆମକୁ ପରଖିବେ। ଆଗ ନିଜର ଆବଶ୍ୟକତା ଅନୁସାରେ ସ୍ୱାର୍ଥ ଦେଖ। ପରେ ଅନ୍ୟମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବ। ତାହା ସବୁ ଈଶ୍ୱରଙ୍କ ନିର୍ଦ୍ଦେଶ ବୋଲି ଭାବିବ। ଯେ କୌଣସି ଜିନିଷ ଆବଶ୍ୟକ ଠାରୁ ଅଧିକ ଜାବୁଡି ଧରିବା ସାମାଜିକ ଦୃଷ୍ଟିରୁ ଅପରାଧ। ତାହା ଅଧର୍ମ ବିତ୍ତ ଭାବରେ ଗଣାଯିବ। ବ୍ୟବସାୟିକ ସଂସ୍କାର ବାବଦରେ ତୁମେ ଅବଗତ ହେବା ନିତାନ୍ତ ଜରୁରୀ।'

ଗ୍ରାହକଙ୍କ ଉପସ୍ଥିତି କମ୍ ଥିବାରୁ ଭାମାରୁଜ ସବୁ ହୃଦବୋଧ କରୁଥିଲେ। ଶେଷରେ ପ୍ରଶ୍ନ କଲେ ଦୋକାନୀ,-'ହେଲେ ମୁଁ ବୁଝି ପାରୁନି ଦୋକାନରେ ବେପାର କରି ଧନ ଅର୍ଜନ କରି ସମୟ ଅତିକ୍ରାନ୍ତ କରୁଛି। ଆନନ୍ଦର ରହି ଠାକୁରଙ୍କ ପୂଜା କରୁଛି ହେଲେ ଆପଣ କହିଥିବା ଚବିଶ ଘଣ୍ଟିଆ ଠାକୁରଙ୍କ ସେବା ମୁଁ ତ କରି ପାରୁନି...। 'ହସି ହସି ଉତ୍ତର ଦେଲେ ସମରେଶ, -'କିଏ କହିଲା ତୁମେ କରୁନ ବୋଲି। ସମସ୍ତ କାର୍ଯ୍ୟ ଭିତରେ ଈଶ୍ୱରଙ୍କ ଅବସ୍ଥିତି ହିଁ ଠାକୁରଙ୍କ ସେବା। 'ପ୍ରଶ୍ନିଳ ଦୃଷ୍ଟିରେ ସେ ଚାହିଁବାରୁ ଡାକ୍ତର ସମରେଶ କହିଲେ, 'ନିଜ କର୍ମ ବ୍ୟତୀତ ଅଲଗା କାର୍ଯ୍ୟ କଣ କଣ କରିଛ ଟିକେ ମୋତେ ତାଲିକା କରି ଦିଅ। ଯେଉଁଥିରେ ଆଦୌ ସ୍ୱାର୍ଥ ନଥିବ। ମୁଁ ତାକୁ ତର୍ଜମା କରି ବୁଝାଇ ଦେବି।'

ବଡ଼ ଅଡୁଆରେ ପକାଇଲେ ଗୁରୁଭାଇ। ବଜାର ବନ୍ଦ ଦିନ ବସି ତାଲିକା ଲେଖି ଦେବାକୁ ପ୍ରତିଶ୍ରୁତି ଦେଇ ଭାମାରୁଜ ତାଙ୍କୁ ବିଦାୟ ଦେଲେ। ଭାମାରୁଜଙ୍କ ବ୍ୟବସାୟ ଯଥେଷ୍ଟ ଉନ୍ନତି କଲା। ଆର୍ଥିକ କାରବାର ଶୀର୍ଷକୁ ଛୁଇଁଲା। ବ୍ୟାଙ୍କରୁ ଋଣ ଆଣି ସମୁଦ୍ର କୂଳେ ଲଜିଂ ଖୋଲିବାକୁ ପୁଅ ତତ୍ପର ହେଲା। ବ୍ୟବସାୟରେ ଅଣନିଃଶ୍ୱାସୀ ଭାମାରୁଜ ସତସଙ୍ଗକୁ ଯାଇ ନପାରିବାରୁ ଶ୍ରୀଧର ତାଙ୍କ ପାଖକୁ ଗଲେ। ଦୋକାନୀ ବିନା ବାକ୍ୟ ବ୍ୟୟରେ ବାହ୍ୟ କାର୍ଯ୍ୟର ତାଲିକା ତାଙ୍କୁ ଧରାଇ ଦେଲେ। ଶ୍ରୀଧର ତାଲିକା ଧରି ଫେରିଲେ।

କିଛିଦିନ ପରେ ସମରେଶ ଯାଇ ତାଙ୍କୁ ବୁଝାଇଲେ, 'ସକାଳେ ପୁଅର ସାଙ୍ଗକୁ ନେଇ ବସଷ୍ଟାଣ୍ଡରେ ଛାଡିବା, ବାଟରେ ବୃଦ୍ଧାଙ୍କୁ ରାସ୍ତା ପାର କରାଇବା, ବୁଲା କୁକୁରକୁ ଖାଦ୍ୟ ଦେବା, ଭିକାରିଙ୍କୁ ବିସ୍କିଟ୍ ଦେବା, ଘରେ ପାଞ୍ଚପ୍ରକାର ଖାଦ୍ୟ ବଦଳରେ ଦୁଇଟିରେ ଚଳେଇ ଦେବା, ସର୍ବଦା ପରିଷ୍କାର ରହିବା, ଦୁର୍ଜନ ଲୋକଙ୍କୁ ସୁ ବ୍ୟବହାର କରିବା, ଅଧିକ ଲାଭ ଆଶା ନକରିବା, ପରିବେଶ ଓ ପ୍ରକୃତିର ସୁରକ୍ଷା, ଆଧ୍ୟାତ୍ମିକ ଚିନ୍ତନ, ଅନ୍ୟଙ୍କୁ ଈଷ୍ଟାନୁଶରଣ କରାଇବା ଆଦି ସବୁ କର୍ମରେ ହିଁ ଈଶ୍ୱରଙ୍କ ଅବସ୍ଥାନ ରହିଛି। ତେଣୁ ତମର ସମସ୍ତ ସାକାରାତ୍ମକ କାର୍ଯ୍ୟକଳାପ ଭିତରେ ହିଁ ରହିଛି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସେବା। ଠିକ୍ ସମୟରେ ପ୍ରାର୍ଥନା କରି ତୁମେ ସମୟାନୁବର୍ତ୍ତୀ ହୋଇ ଯାଇଛ। ନାମ ଜପିବା ସହିତ ଉଚିତ ମାର୍ଗରେ କାମ କରୁଥିବାରୁ ଈଶ୍ୱରଙ୍କ ଶରଣାପନ୍ନରେ ତୁମେ ରହିଛ। ଏହା ହିଁ ଦିନରାତି ଚବିଶ ଘଣ୍ଟାର ଈଶ୍ୱର ସେବା। ଅଧିକ ଆଉ କିଛି ନୁହେଁ। ସେଥିପାଇଁ ଠାକୁର କହିଥିଲେ, ନିଷ୍ଠାର ସହିତ ଯିଏ ଯଜନ, ଯାଜନ, ଈଷ୍ଟଭୃତ୍ତି କରିବ ତା'ର ଉନ୍ନତି ପାଇଁ ଠାକୁର ହିଁ ଚିନ୍ତା କରିବେ। ଆଜି ତୁମର ଯେଉଁ ଉନ୍ନତି ହୋଇଛି ସେ ସବୁ ତୁମ ଈଶ୍ୱର ପ୍ରେମର ପରିଣାମ। 'ଭାମାରୁଜ ଯାଜକଙ୍କ ହାତ ଧରି ପକାଇଲେ, 'ଅନେକ ଦିନରୁ ମୋ ମନରେ ରହିଥିବା ପ୍ରଶ୍ନର ଉତ୍ତର ମୁଁ ପାଇଗଲି। 'ଡାକ୍ତର ସମରେଶ ତୃପ୍ତ ହୋଇ ଯିବାପରେ ଭାମା ଠାକୁରଙ୍କ ବିଗ୍ରହ ସାମ୍ନାରେ ହାତ ଯୋଡି କହିଲେ, - 'ପ୍ରଭୁ ମୋ ବିଳାସୀ ପୁଅର କିଛିନା କିଛି ଅଭାବ ରଖ ଯାହାଦ୍ୱାରା ସେ ଅତ୍ୟଧିକ ବସ୍ତୁବାଦୀ ନହୋଇ ଈଶ୍ୱରପ୍ରେମୀ ହେବ। ଅଭାବ ରହିଲେ ହିଁ ଭାବ ଆସିବ।'




**ନିର୍ବିକାର ପ୍ରଭାତ**
ହାପିକଲୋନୀ, ଗୋପ, ପୁରୀ
ଶୂନ୍ୟଭାଷ : ୭୯୭୮୬୩୫୨୭୬


**ସମୟର ଅନନ୍ତ ପ୍ରବାହରେ ପ୍ରତିଟି ଦିନ ଏକ ନୂତନ ସମ୍ଭାବନା ଓ ସ୍ମୃତିର ସନ୍ତକ ନେଇ ଆସିଥାଏ। ଆଜି ମାର୍ଚ୍ଚ ମାସ ୬ ତାରିଖ। କାଳର କପାଳ ତଳେ ଏହି ଦିନଟି ବିଶ୍ୱ, ଭାରତ ତଥା ଆମ ଓଡ଼ିଶା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀର ମୂକସାକ୍ଷୀ।ଆସନ୍ତୁ,ଆଜିର ଏହି ପବିତ୍ର ଦିବସରେ ଇତିହାସର ପୃଷ୍ଠା ଓଲଟାଇ ଦେଖିବା କେଉଁ ସବୁ ସ୍ମୃତି ଆମକୁ ଆନ୍ଦୋଳିତ କରେ।**

## ଆଜି ଦିବସର ଅନୁଚିନ୍ତା

ମାର୍ଚ୍ଚ ୬ ତାରିଖ

ବିଶ୍ୱ ଇତିହାସରେ ଆଜିର ଦିନ ମାର୍ଚ୍ଚ ୬ ତାରିଖ ବିଶ୍ୱ ମାନଚିତ୍ରରେଏକ ମାଇଲଖୁଣ୍ଟ। ୧୯୫୭ ମସିହା ଆଜିର ଦିନରେ 'ଘାନା' ବ୍ରିଟିଶ ଶାସନରୁ ମୁକ୍ତ ହୋଇ ପଶ୍ଚିମ ଆଫ୍ରିକାର ପ୍ରଥମ ସ୍ୱାଧୀନ ଦେଶ ଭାବେ ଆତ୍ମପ୍ରକାଶ କରିଥିଲା। ଏହା କେବଳ ଏକ ଦେଶର ମୁକ୍ତି ନଥିଲା, ବରଂ ଏହା ଥିଲା ସାମ୍ରାଜ୍ୟବାଦ ବିରୋଧରେ ଏକ ବିରାଟ ବିଜୟ।ସେହିପରି ବିଜ୍ଞାନ ଜଗତକୁ ଦେଖିଲେ, ୧୮୬୯ ମସିହାରେ ଆଜିର ଦିନରେ ରୁଷୀୟ ବୈଜ୍ଞାନିକ ଦିମିତ୍ରି ମେଣ୍ଡେଲିଭ୍ ପ୍ରଥମ କରି 'ପିରିୟଡିକ୍ ଟେବୁଲ' ବା 'ପର୍ଯ୍ୟାୟ ସାରଣୀ' ଉପସ୍ଥାପନ କରିଥିଲେ, ଯାହା ରସାୟନ ବିଜ୍ଞାନର ଗତିପଥ ବଦଳାଇ ଦେଇଥିଲା।ସେହିପରି ବିଶ୍ୱପ୍ରସିଦ୍ଧ ଚିତ୍ରଶିଳ୍ପୀ ଓ ସ୍ଥପତି ମାଇକେଲ୍ ଆଞ୍ଜେଲୋଙ୍କ ଜନ୍ମ ୧୪୭୫ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କର କଳାକୃତି ଆଜି ବି ମାନବ ସଭ୍ୟତା ପାଇଁ ପ୍ରେରଣାର ଉତ୍ସ।

ଭାରତୀୟ ଇତିହାସରେ ଆଜିର ଦିନଟି ଜାତୀୟତାବୋଧ ଓ ସଂସ୍କାରର ବାର୍ତ୍ତା ବହନ କରେ। ଦେଶର ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି କଳା,ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ମାର୍ଚ୍ଚ ୬ର ଏକ ସ୍ୱତନ୍ତ୍ର ପରିଚୟ ରହିଛି।ଭାରତର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଯେଉଁ ମନୀଷୀମାନେ ଜନ୍ମ ନେଇଛନ୍ତି,ସେମାନଙ୍କ ସ୍ମୃତି ଚାରଣ କରିବା ଆମର କର୍ତ୍ତବ୍ୟ।ଭାରତୀୟ ରାଜନୀତିରେ ସ୍ୱଚ୍ଛତା ଓ ନୈତିକତାର ପ୍ରତୀକ ସାଜିଥିବା ଅନେକ ନେତାଙ୍କ ଜୀବନ ସହ ଏହି ତାରିଖ ସଂଶ୍ଳିଷ୍ଟ।

ଓଡ଼ିଶାର ଜନମାନସରେ ମାର୍ଚ୍ଚ ୬ର ମହତ୍ତ୍ୱ ଅନନ୍ୟ। ଏହା ଓଡ଼ିଶା ପାଇଁ ଏକ ଗୌରବମୟ ଦିବସ।ଆମର ସାମାଜିକ ଓ ରାଜନୈତିକ ଜୀବନକୁ ପ୍ରଭାବିତ କରିଥିବା ଅନେକ ବ୍ୟକ୍ତିତ୍ୱଙ୍କ ସହ ଏହି ଦିନଟି ଜଡ଼ିତ। ବିଶେଷକରି ଓଡ଼ିଶାର ବରପୁତ୍ରମାନଙ୍କର ଅବଦାନକୁ ମନେ ପକାଇଲେ ମନ ଗର୍ବରେ କୁଣ୍ଢେମୋଟ ହୋଇଯାଏ।

'ସମୟ ହେଉଛି ଜୀବନର ସବୁଠାରୁ ବଡ଼ ଶିକ୍ଷକ' ଏବଂ ଏହା ହେଉଛି ଆଜିର ସର୍ବଶ୍ରେଷ୍ଠ ଚିନ୍ତା। ଇତିହାସ ଆମକୁ ଶିଖାଏ ଯେ ସଂଘର୍ଷ ବିନା ସଫଳତା ଅସମ୍ଭବ। ଘାନାର ସ୍ୱାଧୀନତା ହେଉ କିମ୍ବା ମେଣ୍ଡେଲିଭ୍ଙ୍କ ବୈଜ୍ଞାନିକ ଆବିଷ୍କାର, ସବୁଠି ଧୈର୍ଯ୍ୟ ଓ ନିରନ୍ତର ପ୍ରଚେଷ୍ଟା ହିଁ ସଫଳତା ଆଣି ଦେଇଛି। ଆଜିର ଏହି ପବିତ୍ର ଦିବସରେ ଆମେ ଶପଥ ନେବା ଉଚିତ ଯେ, ଅତୀତର ଗୌରବକୁ ପାଥେୟ କରି ଭବିଷ୍ୟତର ଏକ ସୁନ୍ଦର ସମାଜ ଗଢ଼ିବା। ଓଡ଼ିଶାର ମାଟି,ପାଣି ଓ ପବନରେ ଯେଉଁ ବୀରତ୍ୱର ଗାଥା ଭରି ରହିଛି,ତାକୁ ଆଗକୁ ନେବା ପାଇଁ ଆମେ ସଂକଳ୍ପବଦ୍ଧ ହେବା।

ପରିଶେଷରେ ଏତିକି କୁହାଯାଇପାରେ ଯେ ମାର୍ଚ୍ଚ ୬ କେବଳ ଏକ ତାରିଖ ନୁହେଁ,ଏହା ମାନବୀୟ ସଫଳତାର ଏକ ପର୍ବ। ଚିନ୍ତା କରନ୍ତୁ,ଆଜି ଆପଣ ନିଜ ପାଇଁ କିମ୍ବା ସମାଜ ପାଇଁ କିଛି ନୂଆ କରିପାରିବେ କି ? ଇତିହାସ ପୃଷ୍ଠାରେ ନିଜ ନାମ ଲେଖିବାକୁ ହେଲେ ଆଜିର ଦିନକୁ ସଦୁପଯୋଗ କରିବାକୁ ପଡ଼ିବ। ପ୍ରେରଣାର ଏହି ସ୍ୱର ଆପଣଙ୍କ ସମସ୍ତଙ୍କ ଜୀବନକୁ ଆଲୋକିତ କରୁ।


**ଡା. ଦେବୀ ପ୍ରସାଦ ମିଶ୍ର**
ୟୁନେସ୍କୋର ଆଜୀବନ ସଦସ୍ୟ, ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନସ୍ ଆସୋସିଏସନ୍ (ଉଫୁନା)ର ମିଡ଼ିଆ ପ୍ରଭାରୀ
ମୋ: ୯୪୩୭୧୦୬୫୬୯, ୭୦୦୮୯୫୯୯୪୫
ଇ-ମେଲ୍ : debisirscience@gmail.com
debiprasadmishra085@gmail.com


# ବେଦାନ୍ତ ଦର୍ଶନ ବିଜ୍ଞାନର ଉର୍ଦ୍ଧ୍ୱରେ

ବେଦାନ୍ତ ଦର୍ଶନ ହେଉଛି ସନାତନ ଧର୍ମର ପ୍ରମୁଖ ଶାସ୍ତ୍ର। ଯେତେବେଳେ ଏହି ଦର୍ଶନ ରଚନା କରାଯାଇଥିଲା ସେତେବେଳେ ବିଜ୍ଞାନର ଅଗ୍ରଗତି ହୋଇନଥିଲା କିନ୍ତୁ ଜ୍ଞାନର ପ୍ରଗତି ଘଟିଥିଲା। ବର୍ତ୍ତମାନ ବିଜ୍ଞାନ ତାର ଶୀର୍ଷ ସ୍ଥାନରେ ପହଞ୍ଚିପାରିଛି। ଯାହାଫଳରେ ସେ ଭୌତିକ ସତ୍ୟ ବିଷୟକୁ ନିଜର ସୀମା ମଧ୍ୟରେ ରହି ପ୍ରକାଶ କରି ଚାଲିଛି। ତଥାପି ପ୍ରକୃତ ସତ୍ୟକୁ ଉନ୍ମୋଚନ କରିବାରେ ସକ୍ଷମ ହୋଇ ପାରିନାହିଁ। କାରଣ ବିଜ୍ଞାନ ଯେଉଁଠି ଶେଷ ହୋଇଥାଏ ସେ'ଠାରୁ ଆରମ୍ଭ ହୋଇଥାଏ ବେଦାନ୍ତ। ଏହି ଦର୍ଶନର ମୂଳ ପ୍ରଣେତା ଅଟନ୍ତି ମହର୍ଷି ବେଦବ୍ୟାସ। ସେ ବେଦର ସମସ୍ତ ସାରତତ୍ତ୍ୱକୁ ଏହି ଦର୍ଶନରେ ଦର୍ଶାଇଛନ୍ତି। ଏଣୁ ଏହାକୁ ବେଦର ଅନ୍ତ (ସାର) ବା ବେଦାନ୍ତ ବୋଲି କୁହାଯାଏ। ଏହା ହେଉଛି ଉପନିଷଦର ଦାର୍ଶନିକ ଜ୍ଞାନ, ଯାହା ବ୍ରହ୍ମ (ପରମ ସତ୍ୟ) ବା ଶାଶ୍ୱତର ଏକ ତାର୍କିକ ବିଶ୍ଳେଷଣ। ବେଦାନ୍ତ ଦର୍ଶନ ଜୀବନ ବଞ୍ଚିବା ପାଇଁ ଏକ ସୁବ୍ୟବସ୍ଥିତ ପଥ। ଯେ କି ସଦା ସର୍ବଦା ମନୁଷ୍ୟକୁ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସେତୁର କାର୍ଯ୍ୟ କରି ଚାଲିଛି।

ବିଜ୍ଞାନ ଶବ୍ଦର ଶାବ୍ଦିକ ଅର୍ଥ ହେଉଛି ବିଶେଷ ଜ୍ଞାନ। ଏହାକୁ ସରଳ ଭାବରେ କହିବାକୁ ଗଲେ ଯେଉଁ ଜ୍ଞାନ ଦ୍ୱାରା ପ୍ରକୃତି, ପଦାର୍ଥ ଓ ଭୌତିକ ଦୁନିଆର ବୈଜ୍ଞାନିକ ତଥ୍ୟକୁ ପ୍ରୟୋଗ ଏବଂ ପରୀକ୍ଷଣ ଦ୍ୱାରା ସିଦ୍ଧ କରାଏ ତାହାକୁ ବିଜ୍ଞାନ କୁହାଯାଏ। ଏହାର ତଥ୍ୟ ସମୟାନୁକ୍ରମେ କିଛି କିଛି ମାତ୍ରାରେ ପରିବର୍ତ୍ତନ ହୋଇଥାଏ ଏବଂ ବେଳେବେଳେ ପୂର୍ଣ୍ଣରୂପେ ମଧ୍ୟ। କାରଣ ସିଦ୍ଧାନ୍ତ ଗତ ମତ ଯାହା ତତ୍ତ୍ୱକୁ ନ ବୁଝି ତଥ୍ୟ ଉପରେ ଗୁରୁତ୍ୱ ଦେଇଥାଏ। ଯାହାଫଳରେ ବିଜ୍ଞାନ ତତ୍ତ୍ୱଠାରୁ ବହୁ ଦୂରରେ ରହିଯାଏ। ପରନ୍ତୁ ବେଦାନ୍ତ ଦର୍ଶନ ସତ୍ୟ ଦ୍ରଷ୍ଟା ଜ୍ଞାନୀମାନଙ୍କ ଦ୍ୱାରା ଅନୁଭୂତ, ଯେ ସତ୍ୟକୁ ବ୍ୟକ୍ତିଗତ ଅନୁଭୂତି ମାଧ୍ୟମରେ ଯେପରି ଶ୍ରବଣ (ଶୁଣିବା), ମନନ (ଚିନ୍ତା କରିବା), ଏବଂ ନିଦିଧ୍ୟାସନ (ଅଭ୍ୟାସ କରିବା) ଦ୍ୱାରା ପରୀକ୍ଷା କରିବାକୁ କୁହେ। କାରଣ ତଥ୍ୟ ପରିବର୍ତ୍ତନ ହୋଇପାରେ ପରନ୍ତୁ ଅନୁଭୂତି ବା ତତ୍ତ୍ୱ କେବେବି ପରିବର୍ତ୍ତନ ହୋଇନଥାଏ। ଏଣୁ ବେଦାନ୍ତକୁ ଅନୁଭୂତି ଶାସ୍ତ୍ର କୁହାଯାଇଛି।

ବେଦାନ୍ତ ଅନୁଯାୟୀ ଜଗତର ମୂଳ 'ବ୍ରହ୍ମ', ସେ ହେଉଛନ୍ତି ଚେତନ ସତ୍ତା। ଯେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ପୂର୍ଣ୍ଣ ରୂପରେ ବ୍ୟାପି ରହିଛନ୍ତି। ପରନ୍ତୁ ଆଧୁନିକ ବିଜ୍ଞାନ ଆଜି ବି ତା'ର ପରିଧି ଭିତରେ ରହି 'ଚେତନା' (Consciousness) କ'ଣ ତାହା ସଂପୂର୍ଣ୍ଣ ଭାବେ ବୁଝିପାରି ନାହିଁ। ବିଜ୍ଞାନ ବାହ୍ୟ ଜଗତର ଅନୁସନ୍ଧାନ କରେ, କିନ୍ତୁ ବେଦାନ୍ତ ଅନ୍ତର୍ଜଗତର ଅନୁସନ୍ଧାନ କରିସାରିଛି। ତଥାପି ଉଭୟଙ୍କ ମଧ୍ୟରେ କିଛି ମୌଳିକ ସମାନତା ମଧ୍ୟ ଦେଖିବାକୁ ମିଳେ। ବିଜ୍ଞାନର ଲାବୋରେଟୋରୀ ହେଉଛି ପରୀକ୍ଷାଗାର ପରନ୍ତୁ ବେଦାନ୍ତରେ ମନୁଷ୍ୟର ନିଜ ଶରୀର ଏବଂ ମନ ହେଉଛି ତା'ର ପ୍ରୟୋଗଶାଳା। ଯେଉଁଠି ସେ ଧ୍ୟାନ ମାଧ୍ୟମରେ ସତ୍ୟକୁ ପ୍ରାପ୍ତି କରିଥାଏ। ଆଧୁନିକ ପଦାର୍ଥ ବିଜ୍ଞାନ (Quantum Physics) କୁହେ ଯେ ସମସ୍ତ ପଦାର୍ଥ ଶକ୍ତିର ବିଭିନ୍ନ ରୂପ ମାତ୍ର। ଏ କଥାକୁ ବେଦାନ୍ତ ହଜାର ହଜାର ବର୍ଷ ପୂର୍ବରୁ 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' ବୋଲି କହିଆସିଛି। ଅର୍ଥାତ୍ ଏହି ସବୁ କିଛି ବ୍ରହ୍ମ ଅଟନ୍ତି। ବେଦାନ୍ତ ମାୟା (illusion)ର ଧାରଣା ମାଧ୍ୟମରେ ବୁଝାଇଛି ଯେ ପରିବର୍ତ୍ତନଶୀଳ ଜଗତ ପଛରେ ଏକ ଅପରିବର୍ତ୍ତନୀୟ ସତ୍ୟ (ବ୍ରହ୍ମ) ବିଦ୍ୟମାନ ରହିଛନ୍ତି। ଯାହା ବୃହଦାରଣ୍ୟକ ଓ କଠୋପ ଉପନିଷଦାଦିରେ ବ୍ୟକ୍ତ କରାଯାଇଛି। ଯେପରି 'ନେହ ନାନାସ୍ତି କିଞ୍ଚନ' ଅର୍ଥାତ୍ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ବିବିଧତା ବା ଭିନ୍ନ ଭିନ୍ନ ବୋଲି କିଛି ହିଁ ନାହିଁ। ଯେତେ ଗୁଡ଼ିଏ ଜଡ ଓ ଚେତନ ପଦାର୍ଥ ଏବଂ ଦୃଶ୍ୟ ଓ ଅଦୃଶ୍ୟ ଦ୍ରବ୍ୟାଦି ରହିଛି, ସେ ସବୁ ବ୍ରହ୍ମଙ୍କ ସ୍ୱରୂପ ଅଟେ। ଏହାକୁ ଦୃଢ଼ କରିବାକୁ ଯାଇ ଶ୍ରୁତି ପ୍ରତିପାଦିତ କରିଛି ଯେ,'ଏକଂ ବ୍ରହ୍ମ ଦ୍ୱିତୀୟ ନାସ୍ତି' ଅର୍ଥ ବ୍ରହ୍ମ ବା ପରମାତ୍ମା ହିଁ ଏକ ତତ୍ ବ୍ୟତିରିକ୍ତ ଦ୍ୱିତୀୟ ସତ୍ତା ହିଁ କିଛି ନାହିଁ। ସେ'ପରି ଈଶାବାସ୍ୟ ଉପନିଷଦର ପ୍ରଥମ ମନ୍ତ୍ର ଖଣ୍ଡରେ ଦେଖିବାକୁ ମିଳେ- 'ଈଶା ବାସ୍ୟମିଦଂ ସର୍ବଂ ଯକ୍ରିଞ୍ଚ ଜଗତ୍ୟାଂ ଜଗତ୍ ....' ଏହାର ଅର୍ଥ ଜଗତରେ ଯାହାସବୁ ବିଦ୍ୟମାନ ସେ ସମସ୍ତ ପରମାତ୍ମାଙ୍କର ବିଶେଷ।

ବିଜ୍ଞାନରେ ପର୍ଯ୍ୟବେକ୍ଷକ (Observer) ଏବଂ ବସ୍ତୁ (Object) ମଧ୍ୟରେ ପାର୍ଥକ୍ୟ ଥାଏ। ବେଦାନ୍ତ ଶିଖାଏ ଯେ ଦ୍ରଷ୍ଟା ବା ଆତ୍ମା ହେଉଛି ଏକମାତ୍ର ସତ୍ୟ ବା ଅପରିବର୍ତ୍ତନଶୀଳ କିନ୍ତୁ ତା' ବ୍ୟତୀତ ଅନ୍ୟ ସମସ୍ତ ପରିବର୍ତ୍ତନଶୀଳ। ଆଇନଷ୍ଟାଇନଙ୍କ ଆପେକ୍ଷିକତା ତତ୍ତ୍ୱ କୁହେ ଯେ ସମୟ ଏବଂ ସ୍ଥାନ ସ୍ଥିର ନୁହେଁ। ଯାହାକୁ ବେଦାନ୍ତରେ 'ମାୟା' ବୋଲି କୁହାଯାଇଛି। ମାୟାର ଅର୍ଥ ଯାହା ଦେଖାଯାଉଛି କିନ୍ତୁ ସେ ପ୍ରକୃତରେ ସେପରି ନୁହେଁ। ଏହା ଏକ ପ୍ରକାରର ଭ୍ରମ, ଯାହାକୁ ବିଜ୍ଞାନ ମଧ୍ୟ ସ୍ୱୀକାର କରେ। ବେଦାନ୍ତ ମନୁଷ୍ୟର ଜାଗ୍ରତ, ସ୍ୱପ୍ନ ଏବଂ ସୁଷୁପ୍ତି ଅବସ୍ଥାକୁ ବିଶ୍ଳେଷଣ କରି ଚତୁର୍ଥ ଅବସ୍ଥା ବା 'ତୁରୀୟ' (ଶୁଦ୍ଧ ଚେତନା) ବିଷୟରେ କହିଥାଏ, ଯାହା ଅନୁଭବ ସିଦ୍ଧର କଥା। ଏଣୁ କୁହାଯାଉଛି 'ଯସ୍ୟ ଜ୍ଞାତେ ସର୍ବ ବିଜ୍ଞାତମ୍'। ଅର୍ଥାତ୍ ଯାହାଙ୍କୁ ଜାଣିବା ପରେ ସବୁକିଛି ଜ୍ଞାନ ହୋଇଥାଏ। ଏପରି ଅନେକ ଦୃଷ୍ଟାନ୍ତ ଏ ଦର୍ଶନରେ ଦେଖିବାକୁ ମିଳେ। ଯାହା ବେଦାନ୍ତ ବିଜ୍ଞାନର ଉର୍ଦ୍ଧ୍ୱରେ ବୋଲି ପ୍ରମାଣିତ ହୋଇସାରିଛି।




**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
ଖମ୍ବେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୧୩୩୪୮୬୮

ଶନିବାର ୦୭।୦୩।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ଇସ୍ତଫା



ନୂଆଦିଲ୍ଲୀ, ୬।୩: ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ହଠାତ୍ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କର ଏହି ପଦକ୍ଷେପକୁ ଏକ ପ୍ରମୁଖ ରାଜନୈତିକ ଘଟଣା ବୋଲି ବିବେଚନା କରାଯାଉଛି। ସିଭି ଆନନ୍ଦ ବୋଷ ୧୭ ନଭେମ୍ବର ୨୦୨୨ରେ ବଙ୍ଗଳାର ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନ, ସେ ଦିଲ୍ଲୀରେ ଉପସ୍ଥିତ ଅଛନ୍ତି । ଇସ୍ତଫା ଦେବାର କୌଣସି ସରକାରୀ କାରଣ ଜଣାଇ ନାହାନ୍ତି। ଡକ୍ଟର ସି.ଭି. ଆନନ୍ଦ ବୋଷ ଜଣେ ପୂର୍ବତନ ଆଇଏଏସ୍ ଅଧିକାରୀ। ସେ ବର୍ତ୍ତମାନର ମେଘାଳୟ ସରକାରଙ୍କ ପରାମର୍ଶଦାତା। ସେ ଜଣେ ସରକାରୀ କର୍ମଚାରୀ, ଗୃହ ବିଶେଷଜ୍ଞ, ଲେଖିକା ଏବଂ ବକ୍ତା ମଧ୍ୟ। ସେ ବିଶ୍ୱବିଦ୍ୟାଳୟର ଉପ-ଚାନ୍ସେଲର, ଭାରତ ସରକାରଙ୍କ ସଚିବ ଏବଂ ମୁଖ୍ୟ ସଚିବ ପଦବୀରେ କାର୍ଯ୍ୟ କରିଛନ୍ତି। ଏହା ସହିତ, ସେ ହାବିଟାଟ୍ ଆଲାଏନ୍ସର ସଭାପତି ଏବଂ ଜାତିସଂଘ ହାବିଟାଟ୍ ଗଭର୍ଣ୍ଣିଂ କାଉନସିଲର ସଦସ୍ୟ ଅଛନ୍ତି।

### ଇରାନ ପରେ ଟ୍ରମ୍ପଙ୍କ ଆଗାମୀ ଟାର୍ଗେଟ୍ କ୍ୟୁବା

## ହ୍ୱାଇଟ୍ ହାଉସରେ ସୂଚନା ଦେଲେ ଟ୍ରମ୍ପ



ୱାସିଂଟନ,୬।୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲା ପରେ ଇରାନକୁ ଟାର୍ଗେଟ କରିଥିଲେ। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଯୁଦ୍ଧ କରୁଥିବାବେଳେ ସମ୍ପୂର୍ଣ୍ଣ ପଶ୍ଚିମ ଏସିଆ ଅଶାନ୍ତ ହୋଇପଡିଛି। ଦୁଇ ପକ୍ଷର ଘନ ଘନ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣରେ ମଧ୍ୟପ୍ରାଚ୍ୟ ଅସୁରକ୍ଷିତ ହୋଇପଡିଛି। ଏହି ମହାଯୁଦ୍ଧର ଭୟାବହତା ସାରା ବିଶ୍ୱକୁ ତୈଳ

**ଯୁଦ୍ଧ ଶେଷ କରି ବୁଝାମଣା କରିବାକୁ ଚାହୁଁଛି ଇରାନ:ଟ୍ରମ୍ପ**

ସଙ୍କଟ ଭିତରକୁ ଠେଲି ଦେଇଥିବାବେଳେ ଟ୍ରମ୍ପ ତାଙ୍କ ଆଗାମୀ ଟାର୍ଗେଟ ସମ୍ପର୍କରେ ସୂଚନା ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ତାଙ୍କ ପ୍ରଶାସନ ପ୍ରଥମେ ଇରାନ ବିରୋଧରେ ଯୁଦ୍ଧ ଶେଷ କରିବାକୁ ଲକ୍ଷ୍ୟ ରଖିଛି। ଏହାପରେ ତାଙ୍କ ଧ୍ୟାନ କ୍ୟୁବା ଆଡେ ଯିବ। ତାଙ୍କ ବିଦେଶ ନୀତି ଇରାନ ସହିତ ଯୁଦ୍ଧ ଶେଷ ପରେ କ୍ୟୁବା ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଅନୁମତି ଦେବ। ଅନ୍ୟପକ୍ଷରେ ଇରାନ ଯୁଦ୍ଧ ଶେଷ କରି ବୁଝାମଣା କରିବାକୁ ଚାହୁଥିବା ଟ୍ରମ୍ପ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି, ଇରାନ ନେତା ଯୁଦ୍ଧ ସମାପ୍ତ କରିବାକୁ ଚାହୁଛନ୍ତି। ସେମାନେ ଚୁକ୍ତି କରିବାକୁ ଫୋନ କରୁଛନ୍ତି, କିନ୍ତୁ ସେମାନେ ଏଥିରେ ଟିକେ ବିଳମ୍ବ କରିଦେଲେ। ଏହି ସମୟରେ ସେ ଇରାନର କୂଟନୀତିଜ୍ଞଙ୍କୁ ତାଙ୍କ ଦେଶର ରାଜନୈତିକ ଭବିଷ୍ୟତ ସଜାଡିବାକୁ କହିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯେଉଁମାନେ ସହଯୋଗ କରିବେ ସେମାନେ ପ୍ରଚୁର ସମ୍ଭାବନା ସହିତ ଏକ ନୂତନ ଏବଂ ଉତ୍ତମ ଇରାନ ଗଠନ କରିବାରେ ଆମକୁ ସାହାଯ୍ୟ କରିପାରିବେ ଏବଂ ଚେତାବନୀ ଦେଇ କହିଛନ୍ତି ଯେ, ସଂଘର୍ଷ ଜାରି ରହିବା ଇରାନ ପାଇଁ ଗମ୍ଭୀର ପରିଣାମ ଆଣିପାରେ। ଟ୍ରମ୍ପ ଆହୁରି କହିଛନ୍ତି, ଇସ୍ରାଏଲ ସହିତ ମିଳିତ ଭାବେ ଆମେରିକା ଇରାନର ସାମରିକ କ୍ଷମତାକୁ ପୂରା ନଷ୍ଟ କରିପାରିଛି। ସେମାନଙ୍କର ବାୟୁସେନା ନାହିଁ କି ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ନାହିଁ। ଇରାନ ନୌସେନା ପୂରାପୂରି କ୍ଷତିଗ୍ରସ୍ତ ହୋଇଛି। ଗତ ୩ ଦିନରେ ଏହାର ୨୪ ଜାହାଜ ନଷ୍ଟ ହୋଇଛି ବୋଲି ଟ୍ରମ୍ପ କହିଛନ୍ତି। ତେବେ ଯୁଦ୍ଧ ଯୋଗୁଁ ବିଶ୍ୱ ତୈଳ ବଜାର ପ୍ରଭାବିତ ହୋଇ ନଥିବା ଆମେରିକା ରାଷ୍ଟ୍ରପତି କହିଛନ୍ତି। ତେବେ ଆମେରିକା ଏବେ ଇରାନ ସହିତ ଯୁଦ୍ଧ ଉପରେ ଏହାର ସମସ୍ତ ଧ୍ୟାନ କେନ୍ଦ୍ରିତ କରିଛି ବୋଲି ଟ୍ରମ୍ପ କହିଛନ୍ତି। ଏହାପରେ ତାଙ୍କ ଦୃଷ୍ଟି କ୍ୟୁବା ଆଡକୁ ଯିବ ବୋଲି ଟ୍ରମ୍ପ ଧମକ ଦେଇ କହିଛନ୍ତି। ଅନେକ କ୍ୟୁବା ଆମେରିକାନ୍ ସେଠାକୁ ଫେରିବାକୁ ଚାହୁଛନ୍ତି। ହ୍ୱାଇଟ୍ ହାଉସରେ ଏକ କ୍ରୀଡାଭିତ୍ତିକ କାର୍ଯ୍ୟକ୍ରମ ଅବସରରେ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ହାଭାନା ୱାସିଂଟନ ସହିତ ଏକ ଚୁକ୍ତି କରିବାକୁ ବ୍ୟଗ୍ର ହେଉଛି। ସେ କହିଛନ୍ତି ଅନେକ କ୍ୟୁବା ଆମେରିକାନ୍ ସେଠାକୁ ଫେରିବାକୁ ଚାହୁଛନ୍ତି। ସୂଚନାଯୋଗ୍ୟ, କମ୍ୟୁନିଷ୍ଟ ଦେଶ କ୍ୟୁବା ସହିତ ଆମେରିକାର ସମ୍ପର୍କ ସର୍ବଦା ଖରାପ ରହିଥାଏ। ତେବେ ଟ୍ରମ୍ପଙ୍କ ରାଷ୍ଟ୍ରପତି ଭାବେ ଦ୍ୱିତୀୟ କାର୍ଯ୍ୟକାଳରେ ଦୁଇ ଦେଶର କୂଟନୈତିକ ସମ୍ପର୍କ ଅଧିକ ଖରାପ ହୋଇଥିଲା।

### ୧୬ ବର୍ଷରୁ କମ୍ ବୟସର ପିଲା ଚଲାଇ ପାରିବେନି ସୋସିଆଲ ମିଡିଆ

## ବ୍ୟାନ କରିବାରେ ଦେଶର ପ୍ରଥମ ରାଜ୍ୟ ହେଲା କର୍ଣ୍ଣାଟକ




ବେଙ୍ଗାଲୁରୁ,୬।୩: କର୍ଣ୍ଣାଟକ ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଛି । ବଜେଟ ଅଧିବେଶନ ସମୟରେ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ବିଧାନସଭାରେ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ନେଇ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୬ ବର୍ଷରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆ ବ୍ୟବହାର କରିପାରିବେ ନାହିଁ । ପିଲାମାନଙ୍କ ଉପରେ ମୋବାଇଲ ଫୋନ୍ ବ୍ୟବହାରର ନକାରାତ୍ମକ ପ୍ରଭାବ ଯୋଗୁଁ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ଉପରେ ଏହି ପ୍ରତିବନ୍ଧକ ଲଗାଯାଇଛି । ଶିଶୁମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାରକୁ ନିଷେଧ କରିବାରେ କର୍ଣ୍ଣାଟକ ଦେଶର ପ୍ରଥମ ରାଜ୍ୟ ହୋଇଛି। ତଥାପି, ଗୋଆ, ମହାରାଷ୍ଟ୍ର ଏବଂ ବିହାରରେ ମଧ୍ୟ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାରକୁ ନିଷେଧ କରିବା ସମ୍ପର୍କରେ ଅଂଶୀଦାରମାନଙ୍କ ସହିତ ପରାମର୍ଶ କରାଯାଉଛି । ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ରତିବନ୍ଧକ ଲାଗୁ କରିବା ପାଇଁ ଏହି ରାଜ୍ୟଗୁଡ଼ିକରେ ସରକାରଙ୍କ ଦ୍ୱାରା ଟାସ୍କ ଫୋର୍ସ ଗଠନ କରାଯାଇଛି। ଗତ ମାସରେ, ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଭାଇସ୍ ଚାନ୍ସେଲରଙ୍କ ସହ କଥାବାର୍ତ୍ତା ସମୟରେ, କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଅଷ୍ଟ୍ରେଲିଆର ଉଦାହରଣ ଦେଇ ବୟସ-ଉପଯୁକ୍ତ ସୋସିଆଲ ମିଡିଆ ପ୍ରତିବନ୍ଧକ ବିଷୟରେ ଆଲୋଚନା କରିଥିଲେ। ଏହି ସମୟ ମଧ୍ୟରେ, ସରକାର ସୋସିଆଲ ମିଡିଆ ପ୍ରତିବନ୍ଧକ ପାଇଁ ଆନ୍ତର୍ଜାତୀୟ ମଡେଲଗୁଡ଼ିକର ଅଧ୍ୟୟନ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଇପିଏଫ୍ ସୁଧ ୮.୨୫% ରହିବ




ନୂଆଦିଲ୍ଲୀ, ୬।୩: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍ଓ) ୨୦୨୫-୨୬ ଆର୍ଥିକ ବର୍ଷରେ ଏହାର ସଦସ୍ୟମାନଙ୍କୁ ଗତଥର ଭଳି ୮.୨୫ ପ୍ରତିଶତ ସୁଧ ଦେବାର ସମ୍ଭାବନା ରହିଛି। ସଂଗଠନର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)ର ବୈଠକ ସୋମବାର ଅନୁଷ୍ଠିତ ହେବ। ସେଥିରେ ସୁଧ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ କରାଯିବ। ବିଶ୍ୱସ୍ତରରେ ଅନିଶ୍ଚିତତା ଲାଗି ରହିଥିବାରୁ ଷ୍ଟକ୍ ବଜାର ଓ ଇକ୍ୱିଟିର ପ୍ରଦର୍ଶନ ଆଶାନୁରୂପ ରହିନାହିଁ। ସରକାରୀ ବଣ୍ଡ୍ ୟିଲ୍ଡ ମଧ୍ୟ ନିରାଶାଜନକ ରହିଛି। ସଂଗଠନର ଆୟ କମ୍ ରହିଥିବାରୁ ସୁଧ ବଢ଼ାଇବା ସମ୍ଭବ ହୋଇନପାରେ ବୋଲି କୁହାଯାଉଛି। ଇପିଏଫ୍ଓର ୩୧ କୋଟିରୁ ଅଧିକ ସଦସ୍ୟ ରହିଛନ୍ତି। ୨୦୨୧-୨୨ରେ ଏହାର ସୁଧ ଚାରି ବର୍ଷର ସର୍ବନିମ୍ନ ସ୍ତର ୮.୧ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୨୨-୨୩ରେ ତାହା ୮.୧୫ ପ୍ରତିଶତ, ୨୦୨୩-୨୪ରେ ୮.୨୫ ପ୍ରତିଶତକୁ ବଢ଼ିଥିଲା। ୨୦୨୪-୨୫ରେ ସେହି ହାର ବଜାୟ ରହିଥିଲା। ୨୦୨୫-୨୬ରେ ମଧ୍ୟ ସମାନ ସ୍ଥିତି ରହିବା ଆଶା କରାଯାଉଛି। ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଇପିଏଫ୍ଓର ଆୟ ଓ ବ୍ୟୟର ହିସାବ କରାଯିବ। ଏଥି ସହିତ ସୁଧ ନିଷ୍ପତ୍ତି ନିଆଯିବ। ବୋର୍ଡ ନିଷ୍ପତ୍ତି ନେବା ପରେ ସେହି ପ୍ରସ୍ତାବ ଅର୍ଥ ମନ୍ତ୍ରଣାଳୟ ପାଖକୁ ପଠାଯିବ। ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶ କରିବା ପରେ ସୁଧ ଟଙ୍କା ସଦସ୍ୟଙ୍କ ଖାତାରେ ଜମା ହେବ। ନ୍ୟାସନାଲ୍ ଫ୍ରଣ୍ଟ୍ ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍ର ଜାତୀୟ ସଭାପତି ଦୀପକ ଜୟସ୍ୱାଲ କହିଛନ୍ତି ଯେ ବିକଶିତ ଭାରତ ରୋଜଗାର ଯୋଜନା ପ୍ରଭାବରେ ଗତବର୍ଷ ବହୁ ସଂଖ୍ୟାରେ ନୂଆ ସଦସ୍ୟ ଇପିଏଫ୍ଓରେ ଯୋଡ଼ି ହୋଇଛନ୍ତି। ଗତବର୍ଷ ସଂଗଠନର ଆୟ ଉଲ୍ଲେଖନୀୟ ଥିଲା। ସରକାର ସୁଧ ସ୍ଥିରତା ପାଣ୍ଠି ଗଠନ କରିଛନ୍ତି। ତେଣୁ ସୁଧରେ କୌଣସି ହ୍ରାସ ପାଇଁ ଆମେ ରାଜି ହେବୁନାହିଁ ବୋଲି ସେ କହିଛନ୍ତି।

### ସ୍ୱାମୀ ସହ ମିଶି ପ୍ରେମିକକୁ ହତ୍ୟା

## ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ୍



ମୁମ୍ବାଇ,୬।୩: ନାଗପୁର ଜିଲାର ଖପରଖେଡା ଅଞ୍ଚଳରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଗୁରୁବାର ଦିନ ସ୍ୱଷ୍ଟ ଦିବାଲୋକରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଖପରଖେଡା-କୋରାଡି ରାସ୍ତାରେ ସ୍ୱାମୀ-ସ୍ତ୍ରୀ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି । ତଦନ୍ତରୁ ଜଣାପଡିଛି ଯେ ମୃତକ ଏବଂ ଅଭିଯୁକ୍ତ ମହିଳାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ମୃତକଙ୍କ ନାମ ସାଗର ୱାଙ୍ଖେଡେ ବୋଲି ଚିହ୍ନଟ କରାଯାଇଛି। ସୂଚନା ଅନୁଯାୟୀ ସାଗର ପୁନେରେ କାମ କରୁଥିଲେ ଏବଂ ହୋଲି ପାଇଁ ନାଗପୁର ଘରକୁ ଆସିଥିଲେ। ହତ୍ୟା ଅଭିଯୋଗରେ ପୋଲିସ ସ୍ୱାମୀ ରାଜୁ ଗଜଭିୟେ ଏବଂ ସ୍ତ୍ରୀ ସୋନାଲି ଗଜଭିୟେଙ୍କୁ ଗିରଫ କରିଛି । ସୂଚନର ଅନୁଯାୟୀ, ସୋନାଲି ଏବଂ ସାଗର ସ୍କୁଲ ସମୟରୁ ପ୍ରେମ ସମ୍ପର୍କରେ ଥିଲେ। ସୋନାଲି ପରେ ରାଜୁ ଗଜଭିୟେଙ୍କୁ ବିବାହ କରିଥିଲେ ଏବଂ ସେମାନଙ୍କର ଦୁଇଟି ସନ୍ତାନ ଅଛି, କିନ୍ତୁ ବିବାହ ପରେ ମଧ୍ୟ ସୋନାଲି ଏବଂ ସାଗର ସମ୍ପର୍କରେ ରହିଥିଲେ। ରାଜୁ ଗଜଭିୟେ ପୂର୍ବରୁ ଖାପରଖେଡା ପୋଲିସ ଷ୍ଟେସନରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। କୁହାଯାଉଛି ଯେ ସାଗର ହୋଲି ପାଳନ କରିବା ପାଇଁ ପୁନେରୁ ତାଙ୍କ ଗାଁ ସାୱାଙ୍ଗୀ ଆସିଥିଲେ। ଏହି ସମୟରେ ସେ ଇନଷ୍ଟାଗ୍ରାମରେ ସୋନାଲିଙ୍କୁ ମେସେଜ କରି ଭେଟିବାକୁ ନିମନ୍ତ୍ରଣ କରିଥିଲେ। ସାଗର ଗୁରୁବାର ସକାଳ ପ୍ରାୟ ୧୦ଟାରେ ଖପରଖେଡାରେ ପହଞ୍ଚିଥିଲେ ଏବଂ ସୋନାଲି ଶ୍ୟାମ ମଙ୍ଗଳ କାର୍ଯ୍ୟାଳୟ ନିକଟକୁ ଯାଇଥିଲେ। ସୋନାଲି ତାଙ୍କ ସହିତ ଏକ ଛୁରୀ ମଧ୍ୟ ନେଇଯାଇଥିଲେ। ପିଲାମାନଙ୍କୁ ସ୍କୁଲ ଛାଡିବା ପରେ ରାଜୁ ଗଜଭିୟେ ମଧ୍ୟ ସେମାନଙ୍କ ପଛେ ପଛେ ଯାଇଥିଲେ। ଖପରଖେଡା-କୋରାଡି ରାସ୍ତାରେ କୋଲାର ନଦୀ ସେତୁ ପାର ହେବା ପରେ, ସୋନାଲି ଜାଣିଶୁଣି ତାଙ୍କ ପର୍ସ ତଳେ ପକାଇ ଦେଇଥିଲେ । ସାଗର ପର୍ସ ଉଠାଇବା ପାଇଁ ବାଇକ୍ ଅଟକାଇବା ମାତ୍ରେ ସୋନାଲି ଏକ ଛୁରୀ ବାହାର କରି ତାଙ୍କୁ ଦୁଇଥର ଛୁରି ମାରି ଦେଇଥିଲେ। ସେହି ସମୟରେ ସେଠାରେ ପହଞ୍ଚିଥିବା ରାଜୁ ଗଜଭିୟେ ମଧ୍ୟ ସାଗରକୁ ଅନେକ ଛୁରି ମାରିଥିଲେ, ଯାହା ଫଳରେ ସାଗରର ଘଟଣାସ୍ଥଳେ ମୃତ୍ୟୁ ହୋଇଥିଲା। ଅପରାଧ କରିବା ପରେ, ଅଭିଯୁକ୍ତ ସ୍ୱାମୀ ଓ ସ୍ତ୍ରୀ ଘରକୁ ଫେରି ପୋଲିସ ଷ୍ଟେସନରେ ଆତ୍ମସମର୍ପଣ କରିବାକୁ ଯାଉଥିବା ବେଳେ ପୋଲିସ ଦଳ ବାଟରେ ସେମାନଙ୍କୁ ହେପାଜତକୁ ନେଇଥିଲା। ପଚରାଉଚରା ସମୟରେ ଉଭୟ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ହତ୍ୟା ପରେ, ସାଗରଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ନାଗପୁରର ଏକ ସରକାରୀ ହସ୍ପିଟାଲକୁ ପଠାଯାଇଥିଲା। କୋରାଡି ପୋଲିସ ଷ୍ଟେସନରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ପୋଲିସ ଅଧିକ ତଦନ୍ତ କରୁଛି। ଅନ୍ୟପକ୍ଷରେ, ସ୍ୱଷ୍ଟ ଦିବାଲୋକରେ ଘଟିଥିବା ଏହି ଘଟଣା ଖପରଖେଡା ଏବଂ ଆଖପାଖ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି କରିଛି।

### ଦୁର୍ଘଟଣାଗ୍ରସ୍ତ ସୁଖୋଇ ଯୁଦ୍ଧ ବିମାନ

## ଶହୀଦ ହେଲେ ଦୁଇଜଣ ପାଇଲଟ୍



ନୂଆଦିଲ୍ଲୀ,୬।୩: ଆସାମ ଆକାଶରେ ଅଘଟଣ, ଦୁର୍ଘଟଣାଗ୍ରସ୍ତ ହେଲା ସୁଖୋଇ ଯୁଦ୍ଧ ବିମାନ । ଭାରତୀୟ ବାୟୁସେନାର ସୁଖୋଇ ଯୁଦ୍ଧ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣା ଆସାମର କାର୍ବି ଆଂଲୋଙ୍ଗ ଅଞ୍ଚଳରେ ଘଟିଥିବା ବାୟୁସେନା ପକ୍ଷରୁ ସୂଚନା ମିଳିଛି। ବିମାନଟି ଏକ ଟ୍ରେନିଂ ମିଶନରେ ଥିବା ସମୟରେ ଏହି ଅଘଟଣ ଘଟିଛି । ଏହି ଦୁର୍ଘଟଣାରେ ଦୁଇ ଜଣ ପାଇଲଟ୍ ଶହୀଦ ହୋଇଥିବା ବାୟୁସେନା ପକ୍ଷରୁ ଶୁକ୍ରବାର ନିଶ୍ଚିତ କରାଯାଇଛି। ଆସାମର ଯୋରହାଟଠାରୁ ପ୍ରାୟ ୬୦ କିଲୋମିଟର ଦୂର କାର୍ବି ଆଂଲୋଙ୍ଗ ଅଞ୍ଚଳରେ ଏହି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ମାର୍ଚ୍ଚ ୫ ତାରିଖ ସନ୍ଧ୍ୟା ପ୍ରାୟ ୭:୪୨ ମିନିଟ୍ରେ ବିମାନର ରାଡାର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଆସାମର ଯୋରହାଟ ଏୟାରପୋର୍ଟରୁ ବିମାନଟି ଉଡ଼ାଣ ଭରିଥିଲା। ଭାରତୀୟ ବାୟୁସେନାର ସୂଚନା ଅନୁଯାୟୀ, ଶହୀଦ ହୋଇଥିବା ଦୁଇ ପାଇଲଟ୍ ହେଲେ ସ୍କ୍ୱାଡ୍ରନ୍ ଲିଡର୍ ଅନୁଜ ଓ ଫ୍ଲାଇଟ୍ ଲେଫ୍ଟନାଣ୍ଟ ପୂର୍ବେଶ ଦୁରାଗକର । ରକ୍ଷା ମନ୍ତ୍ରଣାଳୟର ଜନସମ୍ପର୍କ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣଲ ମହେନ୍ଦ୍ର ରାୱତଙ୍କ ସୂଚନା ଅନୁଯାୟୀ, ବିମାନଟି ନିଖୋଜ ହେବା ପରେ ବାୟୁସେନା ପକ୍ଷରୁ ବ୍ୟାପକ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ସନ୍ଧ୍ୟା ସମୟରେ ରଡାର ସହ ସମ୍ପର୍କ ଛିନ୍ନ ହେବା ପରେ ବିମାନଟି କ୍ରାସ୍ ହୋଇଥିବା ସ୍ୱଷ୍ଟ ହୋଇଛି । ଆଜି ସକାଳେ ଦୁର୍ଘଟଣାଗ୍ରସ୍ତ ବିମାନର ଭଗ୍ନାବଶେଷ ମିଳିବା ସହ ଦୁଇ ଜଣ ଯାକ ପାଇଲଟଙ୍କ ମୃତ୍ୟୁ ହୋଇଥିବା ସ୍ୱଷ୍ଟ ହୋଇଛି । ଏହି ଦୁଃଖଦ ଘଟଣା ପରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି । ବାୟୁସେନା ପକ୍ଷରୁ ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

### ଚଳନ୍ତା ଟ୍ରେନ ଶୌଚାଳୟରେ ଚାଲିଗଲା ବିଚାରପତି ପତ୍ନୀଙ୍କ ଜୀବନ

## ହାର୍ଟ ଆଟାକ୍ ବୋଲି ଅନୁମାନ



ଯୋଧପୁର, ୬।୩: ମଧ୍ୟପ୍ରଦେଶର ରତଲାମରେ ଚଳନ୍ତା ଟ୍ରେନ୍ରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । କାଞ୍ଚିଗୁଡା-ଭଗତ କୋଠି ଏକ୍ସପ୍ରେସ୍ରେ ଯାତ୍ରା କରୁଥିବା ଜଣେ ଅତିରିକ୍ତ ଜିଲ୍ଲା ଓ ସେସନ୍ସ କୋର୍ଟ ଜଜ୍ ରାଜକୁମାର ଚୌହାନଙ୍କ ପତ୍ନୀ ଉଷା ଚୌହାନ ଟ୍ରେନର ଶୌଚାଳୟ ଯାଇ ଆଉ ଫେରିନଥିଲେ। ପରେ ତାଙ୍କୁ ଟ୍ରେନ୍ର ଶୌଚାଳୟରେ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ହସ୍ପିଟାଲ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଲୱେ ପୁଲିସ ଓ ସ୍ଥାନୀୟ ପ୍ରଶାସନ ଏହି ଘଟଣାର ତଦନ୍ତ କରୁଛନ୍ତି । ସୂଚନାଯୋଗ୍ୟ, ରାଜସ୍ଥାନର ନିମ୍ବହେଡାରେ ଅତିରିକ୍ତ ଜିଲ୍ଲା ଓ ସେସନ୍ସ କୋର୍ଟ ବିଚାରପତି ଥିବା ରାଜକୁମାର ନିଜ ପତ୍ନୀଙ୍କୁ ସହିତ ଯୋଧପୁରରୁ ନିମ୍ବହେଡା ଫେରୁଥିଲେ। ଦୁଇ ଜଣଯାକ ଗୋଟିଏ ଟ୍ରେନ୍ରେ ଥିଲେ ମଧ୍ୟ ସଂରକ୍ଷଣ ଅଲଗା ଅଲଗା କୋଚରେ ଥିଲା। ତେଣୁ ସେମାନେ ଅଲଗା ଅଲଗା ଯାତ୍ରା କରୁଥିଲେ। ରାସ୍ତାରେ ଦୁଇ ଜଣ ଯାକ ମୋବାଇଲ ଫୋନରେ ପରସ୍ପର ସହିତ କଥାବାର୍ତ୍ତା ହେଉଥିଲେ। କିନ୍ତୁ ନିମ୍ବହେଡା ଷ୍ଟେସନ ଆସିବା ପୂର୍ବରୁ ଉଷା ସ୍ୱାମୀଙ୍କୁ ସେ ଶୌଚାଳୟ ଯାଉଥିବା କହିଥିଲେ। ଏହା ଉଷାଙ୍କ ଶେଷ ଫୋନକଲ୍ ହେବ ବୋଲି କେହି ଜାଣିନଥିଲେ । ନିମ୍ବହେଡା ଷ୍ଟେସନଠାରେ ରାଜକୁମାର ଟ୍ରେନରୁ ଓହ୍ଲାଇ ପତ୍ନୀଙ୍କୁ ଅପେକ୍ଷା କରିଥିଲେ। କିନ୍ତୁ ଉଷା ଆସି ନଥିଲେ । ବହୁ ସମୟ ଅପେକ୍ଷା ପରେ ମଧ୍ୟ ଉଷାଙ୍କ ସମ୍ପର୍କରେ କିଛି ଜଣା ନପଡିବାରୁ ଭୟଭୀତ ହୋଇ ରାଜକୁମାର ଚୌହାନ ରେଲୱେ ପୁଲିସକୁ ସୂଚନା ଦେଇଥିଲେ। ରେଲୱେ ପୁଲିସ ଆଗାମୀ ଷ୍ଟେସନକୁ ଏସମ୍ପର୍କରେ ସୂଚନା ଦେଇ ଟ୍ରେନ୍କୁ ଅଟକାଇଥିଲା । ଟ୍ରେନ୍ରେ ବହୁ ଖୋଜାଖୋଜି ପରେ ଉଷାଙ୍କ ସମ୍ପର୍କରେ କିଛି ଜଣାପଡିନଥିଲା। ଶେଷରେ ତାଙ୍କ ମୋବାଇଲ ଫୋନ ଲୋକେଶନ ଟ୍ରେସ୍ କରାଯାଇଥିଲା । ଟ୍ରେନ୍ ସେତେବେଳେ ଜାବରା ଷ୍ଟେସନ ପହଞ୍ଚି ସାରିଥିଲା । ଶୌଚାଳୟର କବାଟ ଭାଙ୍ଗି ଉଷାଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ଉଷା ବେହୋସ୍ ଥିଲେ। ଉଦ୍ଧାର କରାଯିବା ପରେ ତୁରନ୍ତ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା।

### ଇରାନ ସହିତ ଯୁଦ୍ଧ ମଧ୍ୟରେ କ୍ଷେପଣାସ୍ତ୍ର ପରୀକ୍ଷା କଲା ଆମେରିକା

## 'ମିନିଟମ୍ୟାନ୍' ନାମକ ଏହି କ୍ଷେପଣାସ୍ତ୍ର ଅତ୍ୟନ୍ତ ଘାତକ



ନୂଆଦିଲ୍ଲୀ ୬।୩: ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ମଙ୍ଗଳବାର ରାତିରେ ଆମେରିକା କାଲିଫର୍ଣ୍ଣିଆ ଉପକୂଳରେ ଏହାର 'ଡୁମ୍ସଡେ' ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି। 'ମିନିଟମ୍ୟାନ୍' ନାମକ ଏହି କ୍ଷେପଣାସ୍ତ୍ର ଅତ୍ୟନ୍ତ ଘାତକ। ଏହା ହିରୋସିମାରେ ପକାଯାଇଥିବା ପରମାଣୁ ବୋମା ଅପେକ୍ଷା ୨୦ ଗୁଣ ଅଧିକ ଶକ୍ତିଶାଳୀ ପରମାଣୁ ଅସ୍ତ୍ର ନେଇପାରିବ। ଆମେରିକାର ମହାକାଶ ବାହିନୀ କହିଛି ଯେ ଜିଟି ୨୫୪ ନାମକ ଏହି ରକେଟ୍ ନିରସ୍ତ୍ର ଭାବରେ ଉତକ୍ଷେପଣ

**ହିରୋସିମାରେ ପକାଯାଇଥିବା ପରମାଣୁ ବମ୍ ଠାରୁ ୨୦ ଗୁଣ ଅଧିକ ଶକ୍ତିଶାଳୀ**

କରାଯାଇଥିଲା ଏବଂ ପ୍ରଶାନ୍ତ ମହାସାଗରର ମାର୍ଶାଲ ଦ୍ୱୀପପୁଞ୍ଜ ନିକଟରେ ଏହାର ଲକ୍ଷ୍ୟସ୍ଥଳକୁ ଛୁଇଁଥିଲା।ବାୟୁସେନା ଗ୍ଲୋବାଲ ଷ୍ଟ୍ରାଇକ୍ କମାଣ୍ଡ କହିଛି ଯେ କ୍ଷେପଣାସ୍ତ୍ରଟିର ସଠିକତା ଏବଂ ପ୍ରସ୍ତୁତି ପରୀକ୍ଷା କରିବା ପାଇଁ ଏହାକୁ ନିକ୍ଷେପ କରାଯାଇଥିଲା। ୫୭୬ତମ ଫ୍ଲାଇଟ୍ ଟେଷ୍ଟ ସ୍କ୍ୱାଡ୍ରନର କମାଣ୍ଡର ଲେଫ୍ଟନାଣ୍ଟ କର୍ଣ୍ଣେଲ କେରି ରେ ଏକ ପ୍ରେସ୍ ରିଲିଜରେ କହିଛନ୍ତି ଯେ ଏହି ପରୀକ୍ଷଣ କ୍ଷେପଣାସ୍ତ୍ର ପ୍ରଣାଳୀର ବିଭିନ୍ନ ଉପାଦାନଗୁଡ଼ିକର କାର୍ଯ୍ୟକାରିତା ମୂଲ୍ୟାଙ୍କନ କରିବାରେ ସାହାଯ୍ୟ କରିଛି। ଏପରି ପରୀକ୍ଷଣ ଦେଶର ପରମାଣୁ ଶକ୍ତିର ଭୂମି ଉପାଦାନକୁ ଆହୁରି ମଜବୁତ ଏବଂ ପ୍ରସ୍ତୁତ କରିପାରିବ। ଏହି ପରୀକ୍ଷଣ ଏପରି ସମୟରେ ହୋଇଛି ଯେତେବେଳେ ଆମେରିକା ଏବଂ ଇସ୍ରାଏଲ ସମ୍ପ୍ରତି ଇରାନ ଉପରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ମୃତ୍ୟୁ ହୋଇଛି। ଯାହା ଆଞ୍ଚଳିକ ଯୁଦ୍ଧ ସୃଷ୍ଟି କରିଛି। ରାଷ୍ଟ୍ରପତି ଟ୍ରମ୍ପ ଇରାନ ଉପରେ ଆକ୍ରମଣକୁ ତୀବ୍ର କରିବାକୁ ଧମକ ଦେଇଛନ୍ତି। ହେଲେ ବାୟୁସେନା ଗ୍ଲୋବାଲ ଷ୍ଟ୍ରାଇକ୍ କମାଣ୍ଡ ସ୍ୱଷ୍ଟ କରିଛି ଯେ ମଙ୍ଗଳବାରର ପରୀକ୍ଷଣ ନିୟମିତ ଥିଲା ଏବଂ ବର୍ଷ ବର୍ଷ ଧରି ଯୋଜନା କରାଯାଇଥିଲା। ଯୁକ୍ତରାଷ୍ଟ୍ର ପାଖରେ ପ୍ରାୟ ୪୦୦ ଏପରି କ୍ଷେପଣାସ୍ତ୍ର ଅଛି, ଯାହା ରୁଷିଆ ଏବଂ ଚାଇନା ଭଳି ଦେଶ ବିରୁଦ୍ଧରେ ଏହାର ପ୍ରତିରକ୍ଷାର ଅଂଶ। ଏହି କ୍ଷେପଣାସ୍ତ୍ରକୁ ମିନିଟ ମ୍ୟାନ ଭାବରେ ନାମ ଦିଆଯାଇଛି କାରଣ ଏହା ଗୋଟିଏ ମିନିଟ୍ରେ ପ୍ରସ୍ତୁତ। ଏହା ୨୦୩୦ ସୁଦ୍ଧା ଏହାକୁ ଏକ ନୂତନ କ୍ଷେପଣାସ୍ତ୍ର ସହିତ ବଦଳାଇବାକୁ ଯୋଜନା କରୁଛି, କିନ୍ତୁ ଏହି ପରୀକ୍ଷଣଗୁଡ଼ିକ ସେତେବେଳ ପର୍ଯ୍ୟନ୍ତ ଜାରି ରହିବ।

### କେପି ଓଲିଙ୍କୁ ପଛରେ ପକାଇଲା ବାଲେନ୍ଙ୍କ ରାଷ୍ଟ୍ରୀୟ ସ୍ୱାଧୀନତା ପାର୍ଟି

## ୪୭ଟି ଆସନରେ ଆଗୁଆ ବାଲେନ୍ ସାହାଙ୍କ ପାର୍ଟି

କାଠମାଣ୍ଡୁ,୬।୩: ନେପାଳର ସାଧାରଣ ନିର୍ବାଚନ ପାଇଁ ଭୋଟ ଗଣନା ଜାରି ରହିଛି। ନେପାଳ ନିର୍ବାଚନ କମିଶନ ଘୋଷଣା କରିଛନ୍ତି ଯେ ଗଣନା ଆରମ୍ଭ ହେବାର ୨୪ ଘଣ୍ଟା ମଧ୍ୟରେ ସିଧାସଳଖ ୧୬୫ ଆସନ ପାଇଁ ଫଳାଫଳ ପ୍ରକାଶ କରିବ। ଏହା ମଧ୍ୟ ଉଲ୍ଲେଖ କରିଛି ଯେ ପାର୍ବତ୍ୟ ଅଞ୍ଚଳରେ ଭୋଟ ବାକ୍ସ ସଂଗ୍ରହ କରିବା ଏବଂ ସେଗୁଡ଼ିକୁ ଗଣନା କେନ୍ଦ୍ରକୁ ପରିବହନ କରିବା ପାଇଁ ଅତି କମରେ ଗୋଟିଏ ଦିନ ସମୟ ଲାଗେ, ତେଣୁ ବାକି ନିର୍ବାଚନ ଫଳାଫଳ ପରେ ଘୋଷଣା କରାଯିବ। ମାର୍ଚ୍ଚ ୫ ତାରିଖ ଦିନ ଅନୁଷ୍ଠିତ ନେପାଳ ନିର୍ବାଚନରେ ପ୍ରାୟ ୬୦ ପ୍ରତିଶତ ଯୋଗ୍ୟ ଭୋଟର ସେମାନଙ୍କର ମତ ଦେଇଛନ୍ତି। ଏହି ନିର୍ବାଚନରେ ୬୫ଟି ଦଳର ୩,୪୦୦ରୁ ଅଧିକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନ ଫଳାଫଳ ପ୍ରତ୍ୟେକଙ୍କ ପାଇଁ ଉପଲବ୍ଧ ଯେଉଁମାନେ କେଉଁ ଆସନରେ ଆଗୁଆ ଅଛନ୍ତି ଏବଂ କାହାର ଦଳ ସରକାର ଗଠନ କରିବାକୁ ପ୍ରସ୍ତୁତ। ରାପର୍ ରୁ ରାଜନେତା ପାଲଟିଥିବା ବାଲେନ୍ ଶାହଙ୍କ ରାଷ୍ଟ୍ରୀୟ ସ୍ୱାଧୀନତା ପାର୍ଟି ବର୍ତ୍ତମାନ ୨୩ଟି ଆସନରେ ଆଗୁଆ ଅଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ନେପାଳ କମ୍ୟୁନିଷ୍ଟ ପାର୍ଟି (ୟୁନିଫାଏଡ୍ ମାର୍କ୍ସବାଦୀ-ଲେନିନିଷ୍ଟ) (ସିପିଏନ-ୟୁଏମଏଲ) ଏବଂ ଗଗନ ଥାପାଙ୍କ ନେପାଳୀ କଂଗ୍ରେସ, ଉଭୟ ପୁରୁଖା ରାଜନୈତିକ ଦଳ, ତିନୋଟି ଲେଖାଏଁ ଆସନରେ ଆଗୁଆ ଅଛନ୍ତି। ଝାପା ନିର୍ବାଚନମଣ୍ଡଳୀ ନମ୍ବର ୫ରେ, ପ୍ରାରମ୍ଭିକ ଭୋଟ ଗଣନା ଟ୍ରେଣ୍ଡରେ ରାଷ୍ଟ୍ରୀୟ ସ୍ୱାଧୀନତା ପାର୍ଟି ପ୍ରାର୍ଥୀ ବାଲେନ ଶାହ ଆଗୁଆ ଥିବା ଦେଖାଯାଉଛି। କମଳ ଗ୍ରାମୀଣ ପୌରପାଳିକାର ବାସବାରୀ ସ୍କୁଲ ମତଦାନ କେନ୍ଦ୍ର ଏବଂ ଗୌରଦହ ଗ୍ରାମୀଣ ପୌରପାଳିକାର ମୋତି ସ୍କୁଲ ମତଦାନ କେନ୍ଦ୍ରରେ ପଡ଼ିଥିବା ୧,୪୦୦ ଭୋଟ ମଧ୍ୟରୁ, ବାଲେନ ଶାହ ୮୧୪ ଭୋଟ ପାଇଛନ୍ତି। ସିପିଏନ-ୟୁଏମଏଲ ପ୍ରାର୍ଥୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ୩୪୮ ଭୋଟ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

### ମେଳା ବୁଲିଯିବା ହେଲା କାଳ

## ଗଣବଳାତ୍କାର ଶିକାର ହେଲେ ନାବାଳିକା



ବୁଲନ୍ଦସହର,୬।୩: ଉତ୍ତର ପ୍ରଦେଶର ବୁଲନ୍ଦସହରରେ ଜଣେ ନାବାଳିକା ଝିଅକୁ ଅପହରଣ ଏବଂ ଗଣବଳାତ୍କାରର ଏକ ମାମଲା ସାମ୍ନାକୁ ଆସିଛି, ଯାହା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପୀଡିତା ଜଣଙ୍କ ହୋଲି ଉତ୍ସବ ପାଇଁ ଏକ ମେଳାକୁ ଯାଇଥିଲେ। ସେହି ସମୟରେ କିଛି ଯୁବକ ଏକ କାରରେ ତାଙ୍କୁ ବଳପୂର୍ବକ ଅପହରଣ କରି ଜଙ୍ଗଲକୁ ନେଇ ଗଣବଳାତ୍କାର କରିଥିଲେ। ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣା ବୁଲନ୍ଦସହରର ଚୋଲା ଥାନା ଅଞ୍ଚଳରେ ଘଟିଛି। ପୀଡିତାଙ୍କ ପରିବାର ପୋଲିସରେ ଲିଖିତ ଅଭିଯୋଗ କରିଛନ୍ତି। ପରିବାର ଅଭିଯୋଗ କରିଛନ୍ତି ଯେ ସେମାନଙ୍କର ୧୬ ବର୍ଷୀୟା ନାବାଳିକା ଝିଅ ମାର୍ଚ୍ଚ ୪ ତାରିଖରେ ତାଙ୍କ ଶାଳୀ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ହୋଲି ପାଇଁ ଏକ ମେଳାକୁ ଯାଇଥିଲା। ମେଳାରୁ ଫେରିବା ସମୟରେ ଦୁଇଜଣ ଯୁବକ ଏକ କାରରେ ଆସି ନାବାଳିକା ଝିଅକୁ ବଳପୂର୍ବକ ଅପହରଣ କରିଥିଲେ। ନାବାଳିକା ଝିଅକୁ ଅପହରଣ କରିବା ପରେ ଅଭିଯୁକ୍ତମାନେ କାରଟିକୁ ଜଙ୍ଗଲକୁ ନେଇଯାଇଥିଲେ, ଯେଉଁଠାରେ ସେମାନେ ପାଳି କରି ତାଙ୍କୁ ବଳାତ୍କାର କରିଥିଲେ। ସେମାନଙ୍କ ସହିତ ଅନ୍ୟ ଏକ ଗାଡ଼ି ଥିଲା, ଯେଉଁଥିରେ ସେମାନଙ୍କର ଦୁଇ ସାଥୀ ମଧ୍ୟ ଉପସ୍ଥିତ ଥିଲେ। ଅଭିଯୋଗ ହୋଇଛି ଯେ ଅନ୍ୟ କାରରେ ଥିବା ଦୁଇଜଣ ବ୍ୟକ୍ତି ମଧ୍ୟ ପୀଡିତାଙ୍କୁ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ। ପରେ ସେମାନେ ଝିଅଟିକୁ ଛାଡି ପଳାଇ ଯାଇଥିଲେ। ପରିବାରର ଅଭିଯୋଗ ଆଧାରରେ ପୋଲିସ ତିନି ଜଣ ଅଭିଯୁକ୍ତ ହେଲେ ଦୀପାଂଶୁ ଯାଦବ, ପ୍ରିନ୍ସ ଯାଦବ, ସୁନୀଲ ଯାଦବ ଏବଂ ଜଣେ ଅଜଣା ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି। ତିନି ଜଣ ନାମିତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଚତୁର୍ଥ ଅଭିଯୁକ୍ତଙ୍କୁ ପୁଲିସ ଖୋଜୁଛି। ପୋଲିସ ପୀଡିତା ନାବାଳିକାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ଜିଲ୍ଲା ହସ୍ପିଟାଲକୁ ପଠାଇଛି। ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରି ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ପୀଡିତାଙ୍କ ଡାକ୍ତରୀ ରିପୋର୍ଟ ଅପେକ୍ଷାରେ ଅଛି, ଯାହା ପରେ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ, ପୀଡିତାଙ୍କ ପରିବାର ଏହି ମାମଲାରେ ପୋଲିସ ଉପରେ ଅବହେଳା ଅଭିଯୋଗ କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଦାବି କରିଛନ୍ତି କି ଉକ୍ତ ଅଭିଯୁକ୍ତଙ୍କୁ ଫାଶୀ କିମ୍ବା ଏନ୍କାଉଣ୍ଟର କରାଯାଉ।



ଶନିବାର ୦୭।୦୩।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ମଠକରଗୋଳା ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗର ଜାତୀୟ ସ୍ତରୀୟ ସଂପାନ

କାମାକ୍ଷାନଗର ୬/୩-(ସୁମନ୍ତ ଜେନା) ସ୍ଥାନୀୟ ମଠକରଗୋଳା ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ଏକ ଜାତୀୟ ସ୍ତରୀୟ ସଂପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଦାର୍ଶନିକ ଅନୁସନ୍ଧାନ ପରିଷଦ, ନୂଆ ଦିଲ୍ଲୀଙ୍କ ସହାୟତା କ୍ରମେ ଆୟୋଜିତ ଏହି ଏକ ଦିବସୀୟ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତ ରଞ୍ଜନ ଦାଶ ସଭାପତିତ୍ୱ କରିଥିବା ବେଳେ ପ୍ରେସିଡେନ୍ସି ବିଶ୍ୱବିଦ୍ୟାଳୟ, କୋଲକାତା ର ସହକାରୀ ପ୍ରଫେସର ଡ଼ଃ ମନୋଜ କୁମାର ପଣ୍ଡା ମୂଖ୍ୟ ଅତିଥି , ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ର ସହକାରୀ ପ୍ରଫେସର ଡ଼ଃ ମନୋରଞ୍ଜନ ମଲ୍ଲିକ ମୂଖ୍ୟ ବକ୍ତା ଓ ଆନନ୍ଦ ପୁର ମହାବିଦ୍ୟାଳୟ ର ଅଧ୍ୟାପକ ସୁବ୍ରତ କୁମାର ପରିଡ଼ା ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଥିଲେ। 'ମାନବ




ଓ ପରିବେଶ ରେ ଦର୍ଶନ' ଶୀର୍ଷକ ଏହି ଆଲୋଚନା ଚକ୍ରକୁ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ଘାଟନ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୂଖ୍ୟ ଅଧ୍ୟାପକ ସୋମନାଥ ପଣ୍ଡା ପ୍ରସଙ୍ଗ ସମ୍ପର୍କରେ ସୂଚନା ଦେଇଥିଲେ।ମୂଖ୍ୟ ଅତିଥି ଡ଼ ପଣ୍ଡା ଦର୍ଶନ ଶାସ୍ତ୍ର କିପରି ମାନବ ସଭ୍ୟତା ସହ ଓତଃପ୍ରୋତ ଭାବେ ଜଡ଼ିତ ତାହା ବ୍ୟାଖ୍ୟା କରିଥିଲେ। ମୂଖ୍ୟ ବକ୍ତା ଡ଼ଃ ମଲ୍ଲିକ ଭାରତୀୟ ଦର୍ଶନରେ ମାନବବାଦ ଓ ପାଶ୍ଚାତ୍ୟ ଦର୍ଶନର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ବିଭିନ୍ନ ଦାର୍ଶନିକ ମାନଙ୍କ ମତ ଆଧାରରେ ମାନବ ଜୀବନ ଓ ପରିବେଶ କିପରି ସମୃଦ୍ଧ ତାହା ବର୍ଣ୍ଣନା କରିଥିଲେ। ସମ୍ମାନିତ ବକ୍ତା ଅଧ୍ୟାପକ ସୁବ୍ରତ ପରିଡ଼ା ଆଧୁନିକ ଜ୍ଞାନ କୌଶଳ ଓ କୃତ୍ରିମ ବୁଦ୍ଧିମତା ର ଉପାଦେୟତା ଓ ଉପଯୋଜନ ଉପରେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଦାଶ ମାନବ ସଭ୍ୟତାର ଅଭ୍ୟୁଦୟ, କ୍ରମ ପରିଣତି ଓ ପରିବେଶ ମଧ୍ୟରେ ଥିବା ସମନ୍ୱୟର ଦର୍ଶନ ସମ୍ପର୍କରେ ଦୃଷ୍ଟାନ୍ତ ସହ ଆଲୋଚନା କରିଥିଲେ। ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠ ର ସଂଯୋଜିକା ଅଧ୍ୟାପିକା ସ୍ ?ପ୍ନିତା ରାଉତ କାର୍ଯ୍ୟକ୍ରମ ର ସମୀକ୍ଷା କରିଥିଲେ। ଅଧ୍ୟାପିକା ପ୍ରମୋଦିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଦର୍ଶନ ବିଭାଗର ପ୍ରାଚୀର ପତ୍ରିକା ରେ ରଶ୍ମିତା ନାୟକ, ମାନସୀ ମହାରଣା, ସୀମା ରାଉଳ, ସରିତା ନାୟକ, ଶୁଭ ଲକ୍ଷ୍ମୀ ସାହୁ, ସନ୍ଧ୍ୟା ରାଣୀ ବେହେରା ଓ ପ୍ରଶାନ୍ତ କୁଅଁର ପ୍ରମୁଖ ଛାତ୍ରଛାତ୍ରୀ ଙ୍କ ସନ୍ଦର୍ଭ ପ୍ରକାଶିତ ହେବା ସହ ଅତିଥି ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। । ଆମ ଗୌରବ ଆମ କଲେଜର ସଂଯୋଜିକା ଅଧ୍ୟାପିକା ଶୁଭ ସ୍ମିତା ବିଶ୍ ?ାଳ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର, ରଶ୍ମି ରଞ୍ଜନ ମହାପାତ୍ର, ମନୋରଞ୍ଜନ ବେହେରା, କୈଳାଶ ଚନ୍ଦ୍ର ପାତ୍ର,ଲଳିତ କୁମାର ବେହେରା, ମାଧୋଇ ଭୁଏ , ଅଧ୍ୟାପିକା ପ୍ରତିଭା ଦାଶ, ଅର୍ଚ୍ଚିତା ମହାମାନସିଂ, ବିଜୟିନୀ ଲେଙ୍କା, ଓ ଫକୀର ମୋହନ ଲେଙ୍କା ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ ପୂର୍ବକ ସହାୟତା ପ୍ରଦାନ କରିଥିଲେ।

# ପିସିସିଏଫଙ୍କୁ ଦେବଗଡ଼ ବିଧାୟକଙ୍କ ଦାବିପତ୍ର

ଦେବଗଡ, ୬।୩ (ଅକ୍ଷର ଓଡ଼ିଶା):ପ୍ରଧାନପାଟ ଜଳପ୍ରପାତ ସମିନ୍ୱିତ ଇକୋ ଟୁରିଜିମ ସର୍କୀଟର ଉନ୍ନୟନ ନିମନ୍ତେ ଅନୁମତି ପ୍ରଦାନ ପାଇଁ ଦେବଗଡ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ବନ ବିଭାଗର ପିସିସିଏଫଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଧାୟକ ବିଶ୍ୱାଳ ଭୁବନେଶ୍ୱରର ଅରଣ୍ୟ ଭବନରେ ପିସିସିଏଫଙ୍କୁ ସାକ୍ଷାତ କରି ଏ ମର୍ମରେ ଏକ ଦାବି ପତ୍ର ପ୍ରଦାନ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଦେବଗଡସ୍ଥିତ ରାଜ୍ୟର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟ



ଜଳପ୍ରପାତ ଓ ଏହାର ଚତୁଃପାର୍ଶ୍ୱରେ ବିକାଶ ଓ ସୌନ୍ଦର୍ଯ୍ୟୀକରଣ ନିମନ୍ତେ(ପ୍ରଧାନପାଟ ସମନ୍ୱିତ ଉନ୍ନୟନ ସର୍କୀଟ)ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଇତିମଧ୍ୟରେ ୧୬ କୋଟି ୬୬ ଲକ୍ଷ ୭୫ ହଜାର ୭୦୦ ଟଙ୍କାର ଆର୍ଥୀକ ଅନୁଦାନକୁ ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି । ମାତ୍ର ଏହି ପର୍ଯ୍ୟଟନ ସ୍ଥଳୀଟି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବାରୁ ଏହାର କାର୍ଯ୍ୟାନ୍ୱୟନ ନିମନ୍ତେ ବିଭାଗୀୟ ଅନୁମତି ବାଧକ ସାଜିଛି । ପ୍ରସିଦ୍ଧ ପ୍ରଧାନପାଟ ଜଳ ପ୍ରପାତ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ଜିଲାର ଆର୍ଥିକ ଉନ୍ନତି ଘଟିବା ସହ ସ୍ଥାନୀୟ ଲୋକଙ୍କ ନିମନ୍ତେ ଜୀବିକା ସୃଷ୍ଟି କରିବାର ଉଜ୍ୱଳ ସମ୍ଭାବନା ରହିଛି । ଏଣୁ ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ବିଭାଗ ପକ୍ଷରୁ ଆବଶ୍ୟକ ଅନୁମତି ପ୍ରଦାନ ନିମନ୍ତେ ବିଧାୟକ ଶ୍ରୀ ବିଶ୍ୱାଳ ପିସିସିଏଫଙ୍କୁ ପ୍ରଦାନ କରିଥିବା ସ୍ମାରକପତ୍ର ଜରିଆରେ ଦାବି ଜଣାଇଛନ୍ତି।

# ଖରାଦିନ ଆରମ୍ଭରୁ ଗଜପତିରେ ଉତ୍ତାପ ବୃଦ୍ଧି



ପାରଳାଖେମୁଣ୍ଡି, ୬/୩(ତାରିଣୀ ପ୍ରସାଦ ପଣ୍ଡା ):ଖରାଦିନ ଆରମ୍ଭରୁ ହିଁ ସମଗ୍ର ଗଜପତି ଜିଲ୍ଲାରେ ଉତ୍ତାପ ବୃଦ୍ଧି ଘଟିଥିବା ଲକ୍ଷ୍ୟ କରାଯାଇଛି। ଆଜକୁ ମିଶାଇ ଗତ ୪ ଦିନ ହେଲା ଉତ୍ତାପ ବେଶ ବୃଦ୍ଧି ହୋଇଥିବା ସହ ଗଜପତି ଜିଲ୍ଲା ରାଜ୍ୟର ଦ୍ୱିତୀୟ ଉତ୍ତପ୍ତ ସହର ପାଲଟିଛି। ବିଗତ ତିନି ଦିନର ତଥ୍ୟାନୁସାରେ ପାରଳାଖେମୁଣ୍ଡି ଉତ୍ତପ୍ତ ସହରର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଥିଲାଛ ଆଜି ମଧ୍ୟ ସର୍ବାଧିକ ତାପମାତ୍ରା ୩୭ ଡିଗ୍ରିରୁ ଅଧିକ ରହିଥିବା ଜଣାପଡ଼ିଛି। ସକାଳ ୧୦ ଘଣ୍ଟା ଠାରୁ ଏହି ଉତ୍ତାପ ବୃଦ୍ଧି ପାଇବା ସହ ଅପରାହ୍ନ ୪ ଘଣ୍ଟା ପର୍ଯନ୍ତ ତାପମାତ୍ରା ବିଶେଷ ଭାବରେ ରହିଥିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି । ବିଗତ ବର୍ଷମାନଙ୍କରେ ମଧ ଗଜପତି ଜିଲ୍ଲାରେ ପ୍ରଚଣ୍ଡ ରୌଦ୍ର ତାପ ଅନୁଭୂତ ହୋଇଥିବା ବେଳେ ଗତବର୍ଷ ଗଜପତି ଜିଲ୍ଲା ରାଜ୍ୟର ସବୁଠୁ ଉତ୍ତପ୍ତ ଜିଲ୍ଲା ପାଲଟିଥିଲା। ଚଳିତବର୍ଷ ମାର୍ଚ୍ଚ ପ୍ରଥମ ସପ୍ତାହରୁ ହିଁ ଉତ୍ତାପର ପ୍ରଭାବ ବୃଦ୍ଧି ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି ।

# ଜୁନାଗଡରେ ବାଇପାସ ରାସ୍ତା ଓ ଟ୍ରାଫିକ ସମସ୍ୟା ନେଇ ନାଗରିକ କମିଟିର ବୈଠକ

କଳାହାଣ୍ଡି ,୬/୩(ଅକ୍ଷର ଓଡିଶା )କଳାହାଣ୍ଡି ଜିଲ୍ଲାର ଜୁନାଗଡ ଏକ ସର୍ବ ପୁରାତନ ସହର୍ ଏବଂ କଳାହାଣ୍ଡି ଜିଲ୍ଲାର ପ୍ରମୂଖ ବାଣିଜ୍ୟିକ ପେଣ୍ଠସ୍ଥଳୀ । ସହର ରେ ଏବେ ଟ୍ରାଫିକ ସମସ୍ୟା ଗୁରୁତର ସମସ୍ୟା ଭାବେ ଦେଖାଦେଇଛି । ଏହି ସମସ୍ୟା ନେଇ ଜୁନାଗଡ ସ୍ଥିତ ଓରିଅନ୍ ହୋଟେଲ ଠାରେ ସହରର ବୁଦ୍ଧିଜିବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜୁନାଗଡର ବହୁ ବୁଦ୍ଧିଜିବୀ ଉପସ୍ଥିତ ରହି ଟ୍ରାଫିକ ସମସ୍ୟା ସହ ସହରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏଥିରେ ଜୁନାଗଡରେ ପ୍ରସ୍ତାବିତ ବାଇପାସ ରାସ୍ତା ନିର୍ମାଣ ବିଳମ୍ବ ହେଉଥିବରୁ ଉଦବେଗ ପ୍ରକାଶ ପାଇଥିଲା। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ ସମସ୍ୟା ନେଇ ବିଭିନ୍ନ ଫରୁମ୍ରେ ସରକାର ଏବଂ ପ୍ରାଶାସନିକ ଅଧିକାରୀଙ୍କୁ ଭେଟି ଦାବି ପତ୍ର ଦେବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା । ବୈଠକରେ ସହରରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ବୁଦ୍ଧିଜିବୀ ମାନେ ଉଦବେଗ ପ୍ରକାଶ କରିଥିଲେ କ୍ଷଏହାପରେ ସହରରେ ଟ୍ରାଫିକ



ଏବଂ ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଥାନା ଅଧିକାରୀ ଶେଷ ଦେବ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ବୈଠକକୁ ଇଶ୍ୱର ପୁଝାରୀ ସଭାପତିତ୍ୱ କରିଥିବା ବେଳେ ଦାମୋଦର ବେହେରା ସଭା ପରିଚାଳନା କରିଥିଲେ । ଏଥିରେ ସହରର ଅଶୋକ ପଟ୍ଟନାୟକ, ଅଶୋକ ପାତ୍ର, ଲଳିତ ଅଗ୍ରୱାଲ୍, ପ୍ରଭାତ ଦାସ, ବିଶ୍ୱନାଥ କର, ସାମ୍ବାଦିକ ଦେବେନ୍ଦ୍ର ବିଶି, ସନ୍ତୋଷ ସିଂହଦେଓ, ଆଦିତ୍ୟ ମହାନ୍ତି, ନରେନ୍ଦ୍ର କ୍ଷିତି, ଗୟାରମ୍ଭ ପୁଝାରୀ ଓ ଅରୁପକ୍ଷ ନନ୍ଦ ନାଗ, ତାପସ ସାହୁ,ରାଜେଶ ଅଗ୍ରୱାଲ, ହିମାଂଶୁ ଶେଖର ନାଏକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ପ୍ରକାଶ କରିଥିଲେ ।

# ଲିବର୍ଟି ଇଂରେଜୀ ସ୍କୁଲର ବାର୍ଷିକ ଉତ୍ସବ

ନନ୍ଦପୁର, ୬/୩ (ଶ୍ରୀରାମ ଖରା)- ନନ୍ଦପୁର,ନନ୍ଦପୁର ବ୍ଲକର ପିଲାଙ୍କୁ ଇଂରେଜୀ ଶିକ୍ଷା ପ୍ରଦାନ ରେ ଲିବର୍ଟି ଇଂରେଜୀ ସ୍କୁଲର ଅବଦାନ ରହିଛି ବୋଲି କହିଛନ୍ତି ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା । ବିଡ଼ିଓ ଶ୍ରୀ ଦୋରା ଲୀବର୍ଟି ଇଂରେଜୀ ସ୍କୁଲ ର ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟ କ୍ରମର ଶୁଭ ଆରମ୍ଭ କରିବା ସହ ନନ୍ଦପୁର ଭୋଲି ଏକ ଦୁର୍ଗମ ଆଦିବାସୀ ଅଧୁଷିତ ଅଞ୍ଚଳ ରେ ଇଂରେଜୀ ସ୍କୁଲ ସ୍ଥାପନ କରି କୁନି କୁନି ପିଲାଙ୍କୁ ଇଂରେଜୀ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟ ଲିବର୍ଟି ସ୍କୁଲର ଅତୁଳନୀୟ ଅବଦାନ ବୋଲି କହିବା ସହ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ଅଧକ୍ଷା ଉର୍ମିଳା କୁଲଦୀପ ବାର୍ଷିକ ବିବରଣୀ ପାଠ କରି ନନ୍ଦପୁର ସଦର ରେ ଇଂରେଜୀ ଶିକ୍ଷା ଅନୁଷ୍ଠାନ ଗଢି ପିଲାଙ୍କ ମଧ୍ୟରେ




ଇଂରେଜୀ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟ ରେ ଆଜି ପର୍ଯ୍ୟନ୍ତ ବହୁ ଘାତ ପ୍ରତିଘାତ ସ୍ୱତେ ଅନୁଷ୍ଠାନ ପରିଚାଳନା କରି ଆଦିବାସୀ ଅଞ୍ଚଳ ରେ ଇଂରେଜୀ ଶିକ୍ଷା ଅନୁଷ୍ଠାନ ଗଢି କୁନି କୁନି ପିଲା ମାନଂକୁ ଶିକ୍ଷା ଦେବା ଏକ ବଡ ଉପଲବ୍ଧି ସାଙ୍ଗ କୁ ଅଂଚଳ ବାସିଙ୍କ ସହଯୋଗରେ ଏହି ଅନୁଷ୍ଠାନ ଗଢି ତୋଳିବା ରେ ଏକ ବଡ ପଦକ୍ଷପ ବୋଲି କହି ନନ୍ଦପୁର ବାସୀଙ୍କୁ ଧନ୍ୟବାଦ୍ ଦେଇଥିଲେ । ଏହି କାର୍ଯ୍ୟ କ୍ରମ ରେ ସ୍ୱତନ୍ତ୍ର ଅତିଥି ଭାବେ ନନ୍ଦପୁର ବ୍ଲକ ର ପ୍ରଥମ ମହିଳା ଶିକ୍ଷୟତ୍ରୀ ଫୁଲମନି ବେନିଆ, ସମ୍ମାନିତ ଅତିଥି ବାଭେ ବିଧାୟକ ପ୍ରତିନିଧି କାମେସ କାମୁଡି, ସାଂସଦ ପ୍ରତିନିଧି ଗୋପାଳ ମା ଟା ମ ପ୍ରମୁଖଯୋଗ ଦେଇଥିଲେ । ବିଦ୍ୟାଳୟ ର କୁନି କୁନି ଛାତ୍ର ଛାତ୍ରୀ ଙ୍କ ଦ୍ ?ାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରେ ସମସ୍ତେ ପିତା ମାତା ଅତିଥି ମାନେ ମନ ଲାଖି ଉପ ଭୋଗ କରିବା ଥିଲେ କ୍ଷ ଶେଷ ରେ ବିଦ୍ୟାଳୟ ର ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଅନ୍ନଦାତା ସୁଖୀ ଭବଃ

## ରାଜ୍ୟରେ ଜାରି ରହିଥିବା ଖରିଫ ୨୦୨୫-୨୬ ଧାନ ସଂଗ୍ରହ କିଣା ପ୍ରକ୍ରିୟାରେ ୦୬.୦୩.୨୦୨୬ (ଶୁକ୍ରବାର) ପର୍ଯ୍ୟନ୍ତ ସାରା ଓଡିଶାରେ ଜିଲ୍ଲାୱାରୀ ଚାଷୀଙ୍କଠାରୁ ଧାନ କ୍ରୟ ଏବଂ ପ୍ରାପ୍ୟ ପ୍ରଦାନର ସବିଶେଷ ତଥ୍ୟ

| ୧ | ୨ | ୩ | ୪ | ୫ | ୬ | ୭ |
|---|---|---|---|---|---|---|
| କ୍ର.ନଂ. | ଜିଲ୍ଲାର ନାମ | ମଣ୍ଡିରେ ଧାନ ବିକ୍ରୟ କରିଥିବା ଚାଷୀଙ୍କ ସଂଖ୍ୟା | ମଣ୍ଡିରେ କ୍ରୟ ହୋଇଥିବା ଧାନର ପରିମାଣ (ମେଟ୍ରିକ୍ ଟନ୍ରେ) | ମୋଟ ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ (କୋଟିରେ) | ଇନ୍ପୁଟ୍ ସହାୟତା ରାଶି ଟଙ୍କା (କୋଟିରେ) | ସର୍ବମୋଟ ଧାନର ଦେୟ (୫ ସ୍ତମ୍ଭ + ୬ ସ୍ତମ୍ଭ) (କୋଟିରେ) |
| ୧. | ଅନୁଗୁଳ | ୪୪,୭୯୫ | ୧,୩୦,୦୩୨ | ୩୦୧.୩୬ | ୯୨.୯୯ | ୩୯୪.୩୫ |
| ୨. | ବାଲେଶ୍ୱର | ୭୪,୬୫୪ | ୨,୧୨,୫୭୨ | ୪୭୬.୪୪ | ୧୪୭.୦୧ | ୬୨୩.୪୫ |
| ୩. | ବରଗଡ଼ | ୧,୫୮,୬୯୪ | ୭,୬୫,୫୩୬ | ୧,୭୭୦.୫୨ | ୫୪୬.୩୩ | ୨୩୧୬.୮୫ |
| ୪. | ଭଦ୍ରକ | ୫୪,୯୯୬ | ୨,୧୩,୫୦୦ | ୩୭୯.୧୨ | ୧୧୬.୯୮ | ୪୯୬.୧ |
| ୫. | ବଲାଙ୍ଗୀର | ୧,୦୧,୫୭୧ | ୪,୪୮,୫୮୭ | ୧,୦୫୪.୭୨ | ୩୨୫.୪୫ | ୧୩୮୦.୧୭ |
| ୬. | ବୌଦ୍ଧ | ୪୪,୩୧୮ | ୨,୦୪,୫୮୫ | ୪୭୧.୨୭ | ୧୪୫.୪୨ | ୬୧୬.୬୯ |
| ୭. | କଟକ | ୫୫,୧୫୧ | ୧,୭୨,୮୭୫ | ୩୬୦.୨୫ | ୧୧୧.୧୬ | ୪୭୧.୪୧ |
| ୮. | ଦେବଗଡ଼ | ୨୦,୫୨୦ | ୬୫,୨୦୯ | ୧୪୫.୮୦ | ୪୪.୯୯ | ୧୯୦.୭୯ |
| ୯. | ଢେଙ୍କାନାଳ | ୩୭,୪୩୪ | ୧,୧୮,୮୫୪ | ୨୭୧.୪୬ | ୮୩.୭୬ | ୩୫୫.୨୨ |
| ୧୦. | ଗଜପତି | ୧୪,୯୭୦ | ୬୮,୯୦୫ | ୧୫୫.୧୩ | ୪୭.୮୭ | ୨୦୩ |
| ୧୧. | ଗଞ୍ଜାମ | ୧,୪୮,୮୬୬ | ୫,୪୯,୨୬୭ | ୧,୨୬୨.୨୬ | ୩୮୯.୪୯ | ୧୬୫୧.୭୫ |
| ୧୨. | ଜଗତସିଂହପୁର | ୨୦,୪୮୨ | ୭୭,୨୯୦ | ୧୬୦.୭୭ | ୪୯.୬୧ | ୨୧୦.୩୮ |
| ୧୩. | ଯାଜପୁର | ୪୩,୯୬୪ | ୧,୫୯,୭୩୨ | ୩୦୫.୬୧ | ୯୪.୩୦ | ୩୯୯.୯୧ |
| ୧୪. | ଝାରସୁଗୁଡ଼ା | ୨୨,୩୭୪ | ୯୫,୭୧୨ | ୨୧୪.୨୮ | ୬୬.୧୨ | ୨୮୦.୪ |
| ୧୫. | କଳାହାଣ୍ଡି | ୧,୧୭,୬୪୬ | ୬,୪୧,୧୮୫ | ୧,୫୦୭.୧୨ | ୪୬୫.୦୫ | ୧୯୭୨.୧୭ |
| ୧୬. | କନ୍ଧମାଳ | ୩,୧୨୧ | ୧୨,୨୪୬ | ୨୫.୪୫ | ୭.୮୫ | ୩୩.୩ |
| ୧୭. | କେନ୍ଦ୍ରାପଡ଼ା | ୩୪,୬୭୭ | ୧,୧୮,୨୯୦ | ୨୪୭.୮୦ | ୭୬.୪୬ | ୩୨୪.୨୬ |
| ୧୮. | କେନ୍ଦୁଝର | ୫୮,୫୨୯ | ୨,୦୯,୯୩୯ | ୪୪୯.୯୮ | ୧୩୮.୮୫ | ୫୮୮.୮୩ |
| ୧୯. | ଖୋର୍ଦ୍ଧା | ୪୮,୧୫୧ | ୧,୬୦,୧୮୪ | ୩୫୮.୬୯ | ୧୧୦.୬୮ | ୪୬୯.୩୭ |
| ୨୦. | କୋରାପୁଟ | ୪୧,୮୪୯ | ୨,୬୭,୬୦୦ | ୬୨୫.୧୬ | ୧୯୨.୯୧ | ୮୧୮.୦୭ |
| ୨୧. | ମାଲକାନଗିରି | ୩୫,୭୨୧ | ୧,୩୦,୬୩୯ | ୨୭୯.୯୦ | ୮୬.୩୭ | ୩୬୬.୨୭ |
| ୨୨. | ମୟୂରଭଞ୍ଜ | ୬୧,୮୧୪ | ୨,୩୦,୬୨୧ | ୫୦୫.୧୫ | ୧୫୫.୮୭ | ୬୬୧.୦୨ |
| ୨୩. | ନବରଙ୍ଗପୁର | ୪୧,୧୭୬ | ୨,୨୭,୩୩୦ | ୪୯୪.୩୩ | ୧୫୨.୫୩ | ୬୪୬.୮୬ |
| ୨୪. | ନୟାଗଡ଼ | ୪୫,୪୭୯ | ୧,୩୭,୭୩୮ | ୨୯୮.୨୫ | ୯୨.୦୩ | ୩୯୦.୨୮ |
| ୨୫. | ନୂଆପଡ଼ା | ୪୯,୨୯୯ | ୨,୫୦,୭୭୫ | ୫୯୩.୬୬ | ୧୮୩.୧୯ | ୭୭୬.୮୫ |
| ୨୬. | ପୁରୀ | ୩୫,୪୮୦ | ୧,୨୯,୩୦୫ | ୨୮୩.୮୩ | ୮୭.୫୮ | ୩୭୧.୪୧ |
| ୨୭. | ରାୟଗଡ଼ା | ୧୮,୯୪୬ | ୧,୦୯,୦୨୨ | ୨୫୦.୬୮ | ୭୭.୩୫ | ୩୨୮.୦୩ |
| ୨୮. | ସମ୍ବଲପୁର | ୬୩,୩୨୦ | ୩,୨୬,୨୩୨ | ୭୬୯.୭୧ | ୨୩୭.୫୧ | ୧୦୦୭.୨୨ |
| ୨୯. | ସୁବର୍ଣ୍ଣପୁର | ୭୦,୫୧୭ | ୩,୭୮,୭୬୮ | ୮୯୫.୩୨ | ୨୭୬.୨୭ | ୧୧୭୧.୫୯ |
| ୩୦. | ସୁନ୍ଦରଗଡ଼ | ୫୪,୨୪୭ | ୨,୫୦,୪୬୦ | ୫୭୫.୫୦ | ୧୭୭.୫୮ | ୭୫୩.୦୮ |
| ସର୍ବମୋଟ: | | ୧୬,୨୨,୭୬୧ | ୬୮,୬୩,୪୮୮ | ୧୫,୪୮୯.୫୦ | ୪,୭୭୯.୫୮ | ୨୦,୨୬୯.୦୮ |

# କୁଚିଣ୍ଡା ରେ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟୀର ବାର୍ଷିକ ଉତ୍ସବ ପାଳିତ




କୁଚିଣ୍ଡା, ୬।୩(ଚତୁର୍ଭୁଜ ଜୟପୁରିଆ ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା-ସମ୍ବଲପୁର ନୂଆଁ ବାଇପାସ୍ ରୋଡ ଘୋଷା ଛକ ନିକଟରେ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟୀ କୁଚିଣ୍ଡା ବ୍ଲକ ପକ୍ଷରୁ ବାର୍ଷିକ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ବ୍ଲକ ସଭାପତି ସୋମବାରୁ ବୁଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ସୁଶିଲ କର ଯୋଗଦେଇ ଲକ୍ଷେ ଘର ପାଣ ସମାଜର ଶିକ୍ଷା ଏବଂ ଆର୍ଥିକ ସ୍ଥିତି କେମିତି ସୁଦୃଢ ହୋଇ ଶୃଙ୍ଖଳିତ ସମାଜ ସୃଷ୍ଟି ହେବ ଏବଂ ଗୋଟିଏ ପରିବାରରେ ମାଆ ପ୍ରଥମେ ସଚେତନ ହୋଇ ନିଜର ପିଲା ମାନଙ୍କୁ ଉଚିତ୍ ଶିକ୍ଷା ଦେଇ ସୁନାଗରିକ ଭାବେ ଗଢ଼ିଲେ ଯାଇ ସମାଜର ଉନ୍ନତି ହେବାରେ ତିଳେ ମାତ୍ର ସନ୍ଦେହ ନଥିବା କଥା ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଉଦବୋଧନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରସାଶନିକ ଅଧିକାରୀ ଚନ୍ଦନ ନିଖଣ୍ଡିଆ, ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ଅଗ୍ନିଶମ ସହ ଅଧିକାରୀ ବିପିନ କିଶୋର କୈଳାସ, ବାମରା ବ୍ଲକ ସଭାପତି ଭିକ ନିଖଣ୍ଡିଆ, ବିନୋଦ ବିହାରୀ ସିଂ, ସଞ୍ଜୟ ମହାନନ୍ଦ, ଗଣେଶ ରାମ କରାଳି, ଟଙ୍କଧର ପାତ୍ର, ନରେଶ ହଂସ, ନରେଶ ତଣ୍ଡିଆ,ଶରତ ପାଞ୍ଚାଳୀ, ମହିଳା ସଭାନେତ୍ରୀ ବିନୋଦିନୀ ଭଞ୍ଜ ପ୍ରମୁଖ ମଞ୍ଚରେ ମଞ୍ଚାସୀନ ରହି ଲକ୍ଷେ ଘର ସମାଜ କଲ୍ୟାଣ କମିଟୀ ର ଉନ୍ନତି କାମନା କରିବା ସହିତ ଆଗାମୀ ଦିନରେ ସମସ୍ତେ ଏକାଠି ହୋଇ ବିକଶିତ ଭାରତ ଗଠନ କରିବାରେ ଲକ୍ଷେ ଘର ପାଣ ସମାଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପାଖରେ ଅତିଥିଙ୍କ ଦ୍ୱାରା ପୂଜାର୍ଚ୍ଚନା କରିବା ସହିତ ଭାରତର ସମ୍ବିଧାନ ପ୍ରଣେତା ଡ଼ଃ ଭିମରାଓ ଆମ୍ବେଦକରଙ୍କ ଠାରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା ଆରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହ ସମ୍ପାଦକ ତ୍ରିନାଥ ଲୁହା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମାଜ ରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଅତିଥି ଙ୍କ ଦ୍ୱାରା ଉପଢୌକନ ସହ ମାନପତ୍ର ଦିଆଯାଇଥିଲା। ପରେ ସମାଜର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୁଚିଣ୍ଡା ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ ପରିଚାଳନା କରିଥିବାବେଳେ ସହ ସମ୍ପାଦକ ଶେଷରେ ଗିରିଜା ଶଙ୍କର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କୁଚିଣ୍ଡା ଉପଖଣ୍ଡ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟୀର କର୍ମକର୍ତ୍ତା ତଥା ଅନେକ ଜନସାଧାରଣଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ୍ରୁ ମିଳିଲା ମୃତ ଦେହ, ତଦନ୍ତ କରୁଛି ଆର୍ପିଏଫ୍



କୋରାପୁଟ, ୬/୩ (ଅକ୍ଷର ଓଡ଼ିଶା)- ଭୁବେନେଶ୍ୱରରୁ କୋରାପୁଟ ଆସୁଥିବା ହୀରାଖଣ୍ଡ ଏକ୍ସପ୍ରେସରୁ ମିଳିଛି ଜଣେ ଯୁବକର ମୃତ ଦେହ। କୋରାପୁଟ ରେଲୱେ ପୋଲିସ କୋରାପୁଟ ଷ୍ଟେସନ ଠାରେ ହୀରାଖଣ୍ଡ ଟ୍ରେନରୁ ମୃତ ଦେହ ଉଦ୍ଧାର କରିବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତକ ହେଲେ ମନୀଷ ଦାସ। ତାଙ୍କ ଘର କଟକ କଣ୍ଟିଲୋର ନୂଆବଜାର ଅଞ୍ଚଳର ବୋଲି ଜଣାପଡ଼ିଛି। ମନୀଷ ରାୟଗଡା ଅଞ୍ଚଳ ଟିକିରି କମ୍ପାନୀରେ ଚାକିରୀ କରନ୍ତି। ମନୀଷ ଗତକାଲି ଭୁବନେଶ୍ୱରରୁ ହୀରାଖଣ୍ଡ ଟ୍ରେନ ଯୋଗ ଟିକିରୀ ଆସୁଥିଲେ। ଆସିବା ସମୟରେ ହୃଦଘାତ ହୋଇଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ କୋରାପୁଟ ଆରପିଏଫ ଓ ଜିଆରପି ପୋଲିସ୍ ରେଳ ଷ୍ଟେସନରେ ପହଂଚି ଶବକୁ ଜବତ୍ କରି ଅଧିକ ତଦନ୍ତ କରୁଥିବାବେଳେ ରେଲୱେ ଡାକ୍ତର ଆସି ଉଦ୍ଧାର ଶବକୁ ମୃତ ଘୋଷଣା କରିଥିଲେ ବୋଲି କୋରାପୁଟ ଜିଆରପି ଥାନାର ଥାନା ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।



# ଭୟଙ୍କର ଯୁଦ୍ଧ



ଶନିବାର ୦୭|୦୩|୨୦୨୬

# ମିନିଟ୍‌ମ୍ୟାନ୍-୩ କ୍ଷେପଣାସ୍ତ୍ର ପରୀକ୍ଷଣ

ମଧ୍ୟପ୍ରାଚ୍ୟ ଜଳୁଛି, ଆକାଶରୁ ନିଆଁ ବର୍ଷୁଛି। ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣ। ଥରିଉଠୁଛି ତେହରାନ।ମୃତ୍ୟୁ ସଂଖ୍ୟା ହଜାରରୁ ଅଧିକ।ଆହତଙ୍କ ସଂଖ୍ୟା ଟପିଲା ୫ ହଜାର। ମହାଯୁଦ୍ଧର ଷଷ୍ଠ ଦିନରେ ଆକ୍ରମଣ ଆହୁରି ତୀବ୍ର ହୋଇଛି। ଗଣମାଧ୍ୟମର ରିପୋର୍ଟ ଅନୁସାରେ ଇରାନରେ ୭୮୭, ଲେବାନନରେ ୬୦ରୁ ଅଧିକ, ଇସ୍ରାଏଲରେ ୧୨ରୁ ଅଧିକ ନାଗରିକ ଓ ଆମେରିକାର ୬ ଜଣ ସୈନ୍ୟଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହାରି ଭିତରେ ଆମେରିକା କରିଛି ଶକ୍ତିଶାଳୀ ପରୀକ୍ଷଣ। ଯାହା ହିରୋସୀମାଠାରୁ କରିପାରେ ଅଧିକ କ୍ଷୟକ୍ଷତି।

ଆମେରିକାକାଲିଫର୍ଣ୍ଣିଆରୁ ମିନିଟ୍‌ମ୍ୟାନ୍-୩ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ। ଏହି ପରମାଣୁ କ୍ଷମତା ସମ୍ପନ୍ନ କ୍ଷେପଣାସ୍ତ୍ର ହିରୋସୀମାରେ ପକାଯାଇଥିବା ବୋମା ଅପେକ୍ଷା ପ୍ରାୟ ୨୦ ଗୁଣା ଅଧିକ ଶକ୍ତିଶାଳୀ। ଏହି କ୍ଷେପଣାସ୍ତ୍ର ଆମେରିକାର ପରମାଣୁ ପ୍ରତିରୋଧକ ବ୍ୟବସ୍ଥାର ଏକ ପ୍ରମୁଖ ଅଂଶ। ହଜାର ହଜାର କିଲୋମିଟର ଦୂରରେ ଥିବା ଲକ୍ଷ୍ୟଭେଦ କରିପାରିବ।

ଏହାରଲମ୍ବ ୧୮ମିଟର ଥିବାବେଳେ ଓଜନ ୩୦ ଟନ୍ରୁ ଅଧିକଥିବା କୁହାଯାଉଛି। ଏହାର ବେଗ ଘଣ୍ଟାପ୍ରତି ପ୍ରାୟ ୨୪ ହଜାର କିଲୋମିଟର। ଏହାରଲକ୍ଷ୍ୟଭେଦ କ୍ଷମତା ପ୍ରାୟ ୧୩ ହଜାର କିଲୋମିଟରବୋଲି କୁହାଯାଉଛି। ୭-ଯୁଦ୍ଧ ଭିତରେ ମିନିଟ୍‌ମ୍ୟାନ୍-୩ କ୍ଷେପଣାସ୍ତ୍ର ପରୀକ୍ଷଣ, ହିରୋସୀମାଠାରୁ କରିପାରେ ଅଧିକ କ୍ଷୟକ୍ଷତି।

ବାୟୁସେନା ଗ୍ଲୋବାଲ୍ ଷ୍ଟ୍ରାଇକ୍ କମାଣ୍ଡ କହିଛି, ମଙ୍ଗଳବାର ପରୀକ୍ଷଣ-ପ୍ରକ୍ଷେପଣ ନିୟମିତ। ଅନେକ ବର୍ଷ ଧରି କରାଯାଇଥିଲା ସ୍ଥିର। ମିନିଟ୍‌ମ୍ୟାନ୍-୩ କ୍ଷେପଣାସ୍ତ୍ର ହେଉଛି ଆମେରିକାର ପରମାଣୁ ତ୍ରିକୋଣର ଏକ ଅଂଶ। ଯେଉଁଥିରେ ସ୍ଥଳ, ସମୁଦ୍ର ଓ ଆକାଶରୁ ବିଶ୍ୱ-ଧ୍ୱଂସକାରୀ ଅସ୍ତ୍ର ନିକ୍ଷେପ କରିବାର କ୍ଷମତା ଅନ୍ତର୍ଭୁକ୍ତ। ପରମାଣୁ ଯୁଦ୍ଧାସ୍ତ୍ରକୁ ପ୍ରତିହତ କରିବା ପାଇଁ ଏହାର ସ୍ୱତନ୍ତ୍ର ଡିଜାଇନ୍। କିନ୍ତୁ ଏହା ମଧ୍ୟ ନିଶ୍ଚିତ ଯେ ଆମେରିକା ଉପରେ ପରମାଣୁ ଆକ୍ରମଣ ହେଲେ ଏହି ଅସ୍ତ୍ର ଅତି ସହଜରେ ଦେଇପାରିବ ଜବାବ। ରାଷ୍ଟ୍ରପତି ଟ୍ରମ୍ପ ପରମାଣୁ ଅସ୍ତ୍ର ପରୀକ୍ଷଣ ପୁନଃ ଆରମ୍ଭ କରିବାକୁ ଆହ୍ୱାନ କରିବା ପରେ ନଭେମ୍ବରରେ ମିନିଟ୍‌ମ୍ୟାନ୍-୩ କ୍ଷେପଣାସ୍ତ୍ରର କରାଯାଇଥିଲା ଉତ୍କ୍ଷେପଣ।

ମିନିଟ୍‌ମ୍ୟାନ୍-୩, ହେଉଛି ଆମେରିକାର ସବୁଠାରୁ ପୁରୁଣା ଓଉଇଗ। ଯାହା ୧୯୭୦ ଦଶକରୁ ବ୍ୟବହୃତ ହେଉଛି। ଯୁକ୍ତରାଷ୍ଟ୍ର ପାଖରେ ପ୍ରାୟ ୪୦୦ ଏମିତି କ୍ଷେପଣାସ୍ତ୍ର ଅଛି। ଯାହା ଋଷ ଓ ଚୀନ୍ ଭଳି ଦେଶ ବିରୋଧରେ ପ୍ରତିରକ୍ଷାର ଅଂଶ। ଏହି କ୍ଷେପଣାସ୍ତ୍ର ମୁଖ୍ୟତଃ ମିନିଟ୍‌ମ୍ୟାନ୍ ଭାବରେ ଜଣାଶୁଣା, କାରଣ ଏହା ଗୋଟିଏ ମିନିଟ୍‌ରେ ପ୍ରସ୍ତୁତ। ୨୦୩୦ ସୁଦ୍ଧା ଆମେରିକା ଏହାକୁ ନୂତନ କ୍ଷେପଣାସ୍ତ୍ର ସହିତ ବଦଳାଇବାକୁ କରୁଛି ଯୋଜନା। ତଥାପି ସେତେବେଳେ ଯାଏଁ ଜାରି ରହିବ ଏହିପରି ପରୀକ୍ଷଣ।

ସେପଟେ ଟ୍ରମ୍ପଙ୍କୁ ମହଙ୍ଗା ପଡୁଛି ଇରାନ୍ ସହ ଯୁଦ୍ଧ। ସ୍ୱାହା ହେବ ଆମେରିକାର ୧୯ ଲକ୍ଷ କୋଟି। ଆହୁରି ମାସେ ଚାଲିବ ଯୁଦ୍ଧ। ଉଡିଗଲାଣି ଟ୍ରଂପଙ୍କ ନିଦ। ଇରାନର ସର୍ବୋଚ୍ଚ ନେତା ଖାମେନେଇଙ୍କୁ ମାରିଛି ଆମେରିକା, ହେଲେ ଏତିକିରେ ଯୁଦ୍ଧ ସରିନି କି ହାରିନି ଇରାନ୍। ଦୁବାଇରୁ ତେହେରାନ ଦିନକୁ ଦିନ ତେଜୁଛି ନିଆଁ। ଆମେରିକା-ଇସ୍ରାଏଲର ପ୍ରତିଟି ମିସାଇଲ୍‌ର ଜବାବ ମିସାଇଲ୍‌ରେ ଦେଉଛି ରକ୍ତମୁଖା ଇରାନ୍। ଖୋଜି ଖୋଜି ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଥିବା ଆମେରିକାର ସାମରିକ ଘାଟି ଓ ଦୂତାବାସଙ୍କୁ ଉଡାଉଛି। ଯାହାକି ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚିନ୍ତା ବଢାଇଛି।





## ଗ୍ରାଉଣ୍ଡରେ ଯୁଦ୍ଧ ଜିତିବାକୁ ଟ୍ରମ୍ପ ସେନାଙ୍କ ପ୍ଲାନ୍

CIA ଏବଂ Mossad ର 'ମିଶନ ଇରାନ'। କୁର୍ଦ୍ଦିଶ ଲଢୁଆ ହାତ କରି ବିଦ୍ରୋହ କରିବାକୁ ବଡ଼ ପ୍ରସ୍ତୁତି। ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ମଧ୍ୟରେ କୁର୍ଦ୍ଦମାନେ ଭୂମି ଅଭିଯାନ ପାଇଁ ଇରାନୀ ମିଲିସିଆକୁ ପ୍ରସ୍ତୁତ କରୁଛନ୍ତି। ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲୀ ବୋମା ମାଡ଼ ମଧ୍ୟରେ କୁର୍ଦ୍ଦିସ ଲଢୁଆମାନଙ୍କ ଦ୍ୱାରା ଭୂମି ଆକ୍ରମଣ ତେହେରାନର ସରକାରଙ୍କ ଉପରେ ଚାପ ବୃଦ୍ଧି କରିପାରେ। ଏହା ଇରାନରେ ବଡ଼ ବିଦ୍ରୋହକୁ ଇନ୍ଧନ ଦେଇପାରେ ଯାହା ଦେଶର ଅନ୍ୟ ଅଂଶକୁ ବ୍ୟାପିପାରେ। ଏହି ସମୟରେ, ଆମେରିକା ଏବଂ ଇସ୍ରାଏଲୀ ପଦକ୍ଷେପ ପ୍ରତି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ତୁର୍କୀ କହିଛି ଯେ ଏହା ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ତୁର୍କୀ ଏହା ମଧ୍ୟ କହିଛି ଯେ ଏହା ଏହି ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିବାର କୌଣସି ପ୍ରୟାସକୁ ସହ୍ୟ କରିବ ନାହିଁ। ତୁର୍କୀ କହିଛି ଯେ ଏହା ଇରାନୀ କୁର୍ଦ୍ଦିସ ଆତଙ୍କବାଦୀ ଗୋଷ୍ଠୀ ଚଔଇକ ର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଛି। ଇରାନର ସୁରକ୍ଷା ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ବିପଦ ସୃଷ୍ଟି କରୁଛି ବୋଲି କହିଛି। ନାଟୋ ସଦସ୍ୟ ଏବଂ ଇରାନର ପଡ଼ୋଶୀ ତୁର୍କୀ ବର୍ତ୍ତମାନ ନିଷିଦ୍ଧ ଇରାକ-ଭିତ୍ତିକ କୁର୍ଦ୍ଦିସ୍ତାନ ୱାର୍କର୍ସ ପାର୍ଟି (PKK) ଆତଙ୍କବାଦୀ ଗୋଷ୍ଠୀ ସହିତ ଶାନ୍ତି ପ୍ରୟାସରେ ନିୟୋଜିତ ଅଛି। ତୁର୍କୀ ସିରିଆନ ଶାସନରେ ସିରିଆନ କୁର୍ଦ୍ଦିସ ବିଦ୍ରୋହୀଙ୍କ ମିଶ୍ରଣକୁ ମଧ୍ୟ ସମର୍ଥନ କରେ। ତଥାପି, ଏହା ଇରାନୀ କୁର୍ଦ୍ଦିସ ମିଲିସିଆ ସହିତ ନାଟୋ ସହଯୋଗୀ ଆମେରିକାର ସହଯୋଗକୁ ସମର୍ଥନ କରିବ ନାହିଁ।

ତୁର୍କୀ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଙ୍କାରାରେ କହିଛି, 'ଜାତୀୟ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରୁଥିବା ପରି ଆତଙ୍କବାଦୀ ସଂଗଠନଗୁଡ଼ିକର କାର୍ଯ୍ୟକଳାପ କେବଳ ଇରାନର ସୁରକ୍ଷା ନୁହେଁ ବରଂ ଏହି ଅଞ୍ଚଳର ସାମଗ୍ରିକ ଶାନ୍ତି ଏବଂ ସ୍ଥିରତାକୁ ମଧ୍ୟ ନକରାତ୍ମକ ଭାବରେ ପ୍ରଭାବିତ କରେ।' ଏଥିରେ ଆହୁରି କୁହାଯାଇଛି ଯେ ସମସ୍ତ ତୁର୍କୀ ରାଷ୍ଟ୍ର ପ୍ରତିଷ୍ଠାନ କୁର୍ଦ୍ଦିସ୍ତାନ ଫ୍ରି ଲାଇଫ୍ ପାର୍ଟି (ଚଔଇକ), ଚକକ ସହିତ ଲିଙ୍କ୍ ଥିବା ଏକ ନିଷିଦ୍ଧ ଆତଙ୍କବାଦୀ ଗୋଷ୍ଠୀର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଛନ୍ତି। ଏହାକୁ ତୁର୍କୀ, ଯୁକ୍ତରାଷ୍ଟ୍ର ଏବଂ ୟୁରୋପୀୟ ସଂଘ ଏକ ଆତଙ୍କବାଦୀ ଗୋଷ୍ଠୀ ଭାବରେ ନାମିତ କରିଛନ୍ତି।

ଆକ୍ସିଓସ୍ ରିପୋର୍ଟ ଅନୁଯାୟୀ, ଆମେରିକା-ଇସ୍ରାଏଲ ଆକ୍ରମଣ ଆରମ୍ଭ ହେବାର ଛଅ ଦିନ ପୂର୍ବରୁ, ଇରାକରେ ଆଶ୍ରୟ ନେଇଥିବା ପାଞ୍ଚଟି ଅସନ୍ତୁଷ୍ଟ ଇରାନୀ କୁର୍ଦ୍ଦିଷ୍ଟ ଗୋଷ୍ଠୀ ଇରାନ ବିରୁଦ୍ଧରେ ଲଢ଼ିବା ପାଇଁ ଇରାନୀ କୁର୍ଦ୍ଦିସ୍ତାନର ରାଜନୈତିକ ବାହିନୀର ମେଣ୍ଟ ଗଠନ ଘୋଷଣା କରିଥିଲେ। ଏହି କୁର୍ଦ୍ଦିସ୍ ଗୋଷ୍ଠୀଗୁଡ଼ିକର ଇରାନ-ଇରାକ ସୀମାରେ ହଜାର ହଜାର ସୈନ୍ୟ ଅଛନ୍ତି। ସେମାନେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ନିୟନ୍ତ୍ରଣ କରନ୍ତି। ଗୋଟିଏ ଗୋଷ୍ଠୀର ଏକ ନିକଟତର ସୂତ୍ର କହିଛି ଯେ ଗତ କିଛି ସପ୍ତାହ ମଧ୍ୟରେ, ଇରାନୀ କୁର୍ଦ୍ଦିସ୍ ଗୋଷ୍ଠୀଗୁଡ଼ିକ ସରକାରୀ ବାହିନୀ ବିରୁଦ୍ଧରେ ଆକ୍ରମଣ ପାଇଁ ପ୍ରସ୍ତୁତି ପାଇଁ ସୀମାର ଇରାକୀ ପାର୍ଶ୍ୱରେ ଥିବା ଶିବିରରୁ ସେମାନଙ୍କର ଶହ ଶହ ସଦସ୍ୟଙ୍କୁ ଇରାନୀ ପାର୍ଶ୍ୱକୁ ପଠାଇଛନ୍ତି।

## ଇରାନୀ ଦୂତାବାସରେ ପହଞ୍ଚିଲେ ଭାରତୀୟ ବୈଦେଶିକ ସଚିବ

ଇରାନର ଦିବଙ୍ଗତ ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲୀ ଖାମେନେଇଙ୍କୁ ଭାରତ ସରକାର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବୈଦେଶିକ ସଚିବ ବିକ୍ରମ ମିସ୍ରି ନୂଆଦିଲ୍ଲୀ ସ୍ଥିତ ଇରାନୀ ଦୂତାବାସରେ ପହଞ୍ଚି ଶୋକ ପୁସ୍ତିକା ଉପରେ ଦସ୍ତଖତ କରିଛନ୍ତି। ଇରାନର ପୂର୍ବତନ ସର୍ବୋଚ୍ଚ ନେତାଙ୍କ ନିଧନରେ ଗଭୀର ସମବେଦନା ବ୍ୟକ୍ତ କରିଛନ୍ତି। ୨୮ ଫେବୃଆରୀ ୨୦୨୬ରେ ଇସ୍ରାଏଲ ଓ ଆମେରିକା ମିଳିତ ଭାବେ ଇରାନ ଉପରେ ବଡ଼ ସ୍ତରରେ ଆକ୍ରମଣ କରିଥିଲେ, ଏଥିରେ ଇରାନର ସୁପ୍ରିମ ଲିଡର ଆୟତୁଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ହୋଇଥିଲା। ଦେଶ ଭିତରେ ଚାଲୁଥିବା ରାଜନୀତିକ ଯୁକ୍ତି ମଧ୍ୟରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ଇରାନୀ ଦୂତାବାସ ଯାଇ ଏହି ଦୁଃଖଦ ଘଟଣା ଉପରେ ଇରାନ ସରକାର ଓ ସେଠାର ଲୋକଙ୍କ ପ୍ରତି ସମବେଦନା ବ୍ୟକ୍ତି କରିଛନ୍ତି। ସେ ଶୋକ ପୁସ୍ତିକାରେ ମେସେଜ କରିଥିଲେ ଏବଂ ଭାରତ-ଇରାନ ମଧ୍ୟରେ ମଜବୁତ ଦ୍ୱିପାକ୍ଷୀୟ ସମ୍ବନ୍ଧକୁ ଦୋହରାଇ ଥିଲେ।

## ଅଗ୍ନୀ ଗଙ୍ଗାମାଙ୍କ ଘଟ ଯାତରା ଆରମ୍ଭ

ଲକ୍ଷ୍ମୀପୁର,୬।୩(ଅକ୍ଷର ଓଡ଼ିଶା): ଚୈତ୍ର ମାସ ଆସିଗଲେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଅଧିକାଂସ ଗାଁ ଗୁଡିକରେ ଗ୍ରାମ ଦେବୀଙ୍କ ନବ ଦିନାତ୍ମକ ଘଟ ଯାତରା ଆରମ୍ଭ ହୁଏ। ଫଳରେ ଯାତ୍ରା ଅନୁଷ୍ଠିତ ହେଉଥିବା ଗ୍ରାମ ଗୁଡିକ ଉତ୍ସବ ମୁଖର ହୋଇ ଉଠେ। ଏଇ କ୍ଷେତ୍ରରେ ପ୍ରଥମ କରି ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଲାଭ କରିଥିବା ନିଲାବାଡ଼ି ସ୍ଥିତ ଅଗ୍ନୀ ଗଙ୍ଗାମାଙ୍କ ଘଟଯାତ୍ରା ସୋମବାର ଠୁ ଆରମ୍ଭ ହୋଇ ଯାଇଛି। ରାତି ସାଢ଼େ ନଅଟା ବେଳେ ଭକ୍ତଙ୍କ ଗହଳରେ ମାଙ୍କୁ ସ୍ଥାୟୀ ମନ୍ଦିରରୁ ଅସ୍ଥାୟୀ ମନ୍ଦିରକୁ ଅଣା ଜାଇ ସ୍ଥାପନ କରା ଯାଇଥିଲା। ଫଳରେ ଘଣ୍ଟ ଘଣ୍ଟା, ମହୁରୀ ବାଜା ଶବ୍ଦରେ ଅଞ୍ଚଳ କମ୍ପି ଉଠିଥିଲା।ତିନି ତାରିଖ ଦିନ ମାଁଙ୍କ ବିଶ୍ରାମ ପରେ ଚାରି ତାରିଖ ଗ୍ରାମ ପରିକ୍ରମା ଏବଂ ଗୃହ ପୂଜା ଅନୁଷ୍ଠିତ ହେବ। ସାତ ତାରିଖଠୁ ମାଙ୍କର ମାନସିକଧାରୀ ଦେଇଥିବା ନିଆଁ ରେ ଚାଲିବା ଆରମ୍ଭ, ଆଠ ତାରିଖ ଦିନ ଠାକୁରଙ୍କ ଦୋଳି ଖେଳ ସହିତ ଅଗ୍ନିଯୁକ୍ତ ଶାବଳ ସ୍ପର୍ଶ, ନଅ ତାରିଖ



ଦିନ ମାଙ୍କ ଭାଇ ଭଉଣୀ ଡାକରା, ଦଶ ତାରିଖ ଦିନ ଠାକୁରଙ୍କ ବାଘ ଭେସରେ ଗ୍ରାମ ପରିକ୍ରମା ଓ ଏଗାର ତାରିଖ ଦିନ ଅସ୍ଥାୟୀ ମନ୍ଦିରରୁ ସ୍ଥାୟୀ ମନ୍ଦିରଙ୍କୁ ମାଙ୍କ ପ୍ରତ୍ୟାବର୍ତନ ହେବ। ଏହା ମଧ୍ୟରେ ଆଠ ଦିନ ଧରି ନିଲାବାଡ଼ି ଗ୍ରାମ ଉଠିବ ପଡିବ। ଏହି ଯାତରାରେ ଓଡିଶା ସମେତ ପଡୋସି ଆନ୍ଧ୍ର ପ୍ରଦେସ,ଛତିସଗଡ ଓ ମଧ ପ୍ରଦେସର ଲକ୍ଷାଧିକ ଭକ୍ତଙ୍କ ଭିଡ ଜମିବାକୁ ଥିବା ବେଳେ ଜିଲ୍ଲା ପୋଲିସ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତର ମିସ୍ ଅପର୍ଣ୍ଣାଙ୍କ ଯୋଗଦାନ

ବରଗଡ଼/ ସୋହେଲା, ୬।୩ (ଅକ୍ଷର ଓଡ଼ିଶା): ବରଗଡ଼ ଜିଲ୍ଲାର ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ ବିଭାଗରେ ଡାକ୍ତର ମିସ୍ ଅପର୍ଣ୍ଣା ଜୋସି ନୂତନଭାବେ ଯୋଗଦାନ କରିଛନ୍ତି। ଦୀର୍ଘଦିନ ଧରି ଏହି ବିଭାଗରେ ଡାକ୍ତରଙ୍କ ଅଭାବ ଥିବାରୁ ସ୍ଥାନୀୟ ଅଞ୍ଚଳର ରୋଗୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି କାରଣରୁ ଛୋଟ ଛୋଟ ରୋଗ ପାଇଁ ମଧ୍ୟ ରୋଗୀମାନେ ବରଗଡ଼ କିମ୍ବା ଅନ୍ୟ ଶହରକୁ ଯାଇ ଚିକିତ୍ସା ନେବାକୁ ବାଧ ହେଉଥିଲେ। ଏବେ ଡାକ୍ତର ଅପର୍ଣ୍ଣା ଜୋସିଙ୍କ ଯୋଗଦାନ ଖବର ପ୍ରଚାର ହେବା ପରେ ସମଗ୍ର ସୋହେଲା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ମେଡିସିନ ବିଭାଗରେ ଡାକ୍ତର ନଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନେ ପ୍ରୟାପ୍ତ ସେବା ପାଉନଥିଲେ। ବିଶେଷକରି ବୃଦ୍ଧ ଓ ଗରିବ ଲୋକମାନଙ୍କ ପାଇଁ ଦୂର ସ୍ଥାନକୁ ଯାଇ ଚିକିତ୍ସା କରାଇବା ଅତ୍ୟନ୍ତ କଷ୍ଟକର ହେଉଥିଲା। ଏହି ପରିସ୍ଥିତିରେ ନୂତନ



ଡାକ୍ତରଙ୍କ ଯୋଗଦାନ ଅଞ୍ଚଳବାସୀଙ୍କ ପାଇଁ ଏକ ବଡ଼ ଆଶାର କିରଣ ହୋଇ ଆସିଛି।ଡାକ୍ତର ଅପର୍ଣ୍ଣା ଜୋସିଙ୍କ ଯୋଗଦାନ ଅବସରରେ ସୋହେଲା ଅଞ୍ଚଳର ସମାଜସେବୀ ରମେଶ କୁମାର, ବିଜେପି ଯୁବ ସଂଗଠକ ଚନ୍ଦ୍ରମଣି ଭଞ୍ଜ ସହ ସମାଜସେବୀ ସଂଗଠନର ଅନେକ ସଦସ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କୁ ଭେଟି ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ସେମାନେ ଡାକ୍ତରଙ୍କୁ ଫୁଲ ଦେଇ ସମ୍ମାନିତ କରିଥିଲେ ଓ ସୋହେଲା ଅଞ୍ଚଳର ଲୋକମାନଙ୍କୁ ଭଲ ଭାବରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ।ଏହି ସମୟରେ ସମାଜସେବୀମାନେ କହିଥିଲେ ଯେ, ସୋହେଲା ଅଞ୍ଚଳରେ ଲୋକସଂଖ୍ୟା ଅଧିକ ଥିବା ସତ୍ତ୍ୱେ ମଧ୍ୟ ଚିକିତ୍ସା ସୁବିଧା ସବୁବେଳେ ପ୍ରୟାପ୍ତ ମିଳୁନାହିଁ। ତେଣୁ ନୂତନ ଡାକ୍ତରଙ୍କ ଯୋଗଦାନ ଏଠାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ସେମାନେ ଆଶା ବ୍ୟକ୍ତ କରିଥିଲେ। ଏହା ମଧ୍ୟ କହିଥିଲେ ଯେ, ଯଦି ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ବିଭାଗରେ ପ୍ରୟାପ୍ତ ଡାକ୍ତର ଓ ସୁବିଧା ଉପଲବ୍ଧ ହୋଇପାରେ, ତେବେ ଅଞ୍ଚଳବାସୀମାନେ ବଡ଼ ସହରକୁ ଯାଇ ଚିକିତ୍ସା କରାଇବାର ଆବଶ୍ୟକତା କମିଯିବ।ଡାକ୍ତର ଅପର୍ଣ୍ଣା ଜୋସି ମଧ୍ୟ ସମସ୍ତଙ୍କ ଭଲପାଇବା ଓ ସ୍ୱାଗତ ପାଇଁ ଧନ୍ୟବାଦ ଜଣାଇଥିଲେ।

## ସିରିଗୁଡାରେ ତିନୋଟି ଘରେ ନିଆଁ ଲାଗି ପୋଡିପାଉଁଶ

ଲକ୍ଷ୍ମୀପୁର, ୬।୩ (ଅକ୍ଷର ଓଡ଼ିଶା): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ କୁମ୍ଭାରୀ ପଞ୍ଚାୟତ ର ସିରିଗୁଡା ଗ୍ରାମରେ ତିନୋଟି ଆଦିବାସୀ ପରିବାର ଙ୍କ ଘରେ ମଙ୍ଗଳବାର ସନ୍ଧ୍ୟା ରେ ବିଜୁଳି ସଟ

**ତିନୋଟି ପରିବାର ସର୍ବସ୍ୱାନ୍ତ ଓ ପୋଡ଼ିଗଲା ବିଡା ବିଡା ଟଙ୍କା**

ସର୍କିଟ ହୋଇ ନିଆଁ ଲାଗି ପୋଡି ପାଉଁଶ ହୋଇଯାଇଛି।ଗ୍ରାମର ଶ୍ୟାମ ହୁଇକା,ନାରସୁ ସିରିକା ଓ ଦିଲ୍ଲୀପ ସିରିକାଙ୍କ ଘର ବୋଲି ଜଣା ପଡିଛି।ଖାଲି ପୋଡିନି ତିନଟି ଯାକ ପରିବାର ସର୍ବସ୍ୱାନ୍ତ ହୋଇ ପଡିଛନ୍ତି। ନିଆଁର ଆଁ ରେ ଧାନ, ମାଣ୍ଡିଆ,ଲୁଗାପଟା ଓ ଆସବାବ ପତ୍ର ସହିତ ଲକ୍ଷେ ସତୁରି ହଜାର ଟଙ୍କା ପୋଡି ପାଉଁଶ ହୋଇଯାଇଛି।ଦିଲ୍ଲୀପ ସିରିକା ଧାନ ମାଣ୍ଡିଆ ବିକ୍ରି କରି ଲକ୍ଷେ



ସତୁରି ହଜାର ଟଙ୍କା ଘର ଖଣ୍ଡିଏ କରିବା ପାଇଁ ସାଇତି ରଖିଥିଲେ ହେଲେ ସମସ୍ତ ଟଙ୍କା ପୋଡି ଯାଇଥିବାରୁ ଏବେ ସିଏ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବିଜୁଳି ତାରରୁ ନିଆଁ ଲାଗିଥିବା ସରପଞ୍ଚ କହିଥିବା ବେଳେ ପଞ୍ଚାୟତ ତରଫରୁ କିଛି ସହାୟତା ଯୋଗାଇ ଦେଇଛନ୍ତି ଓ ଖବରପାଇ ଅତିରିକ୍ତ ତହସିଲଦାର ଧନପତି ସିସା ଷ୍ଟାଫ ସହ ପହଞ୍ଚି ପଲିଥିନ ଯୋଗାଇ ଦେଇଥିବା ବେଳେ ରାଜସ୍ୱ ନିରୀକ୍ଷକ ଯାଇ କ୍ଷୟକ୍ଷତି ର ଆକଳନ କରି ଜଣାଇବା ପରେ ସରକାରୀ ନିୟମ ମୁତାବକ କ୍ଷତିପୂରଣ ପାଇଁ ସୁପାରିଶ କରାଯିବ ବୋଲି ତହସିଲଦାର ପ୍ରଭାତୀ ଝୋଡ଼ିଆ କହିଛନ୍ତି।

## ବିଜୁବାବୁ ଥିଲେ ଓଡ଼ିଆ ଅସ୍ମିତାର ପ୍ରତୀକ

ବରପାଲି. ୬।୩ (ଅକ୍ଷର ଓଡ଼ିଶା) :ବରପାଲି ଗଙ୍ଗାଧର ମେହେର କ୍ଲବ ଠାରେ ଡ଼ ଆମ୍ବେଦକର ଲୋହିଆ ବିଚାର ମଞ୍ଚ ବରଗଡ଼ ଶାଖା ପକ୍ଷରୁ ଯୋଗଜନ୍ମା ମହାପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସମାରୋହ ବିଚାର ମଞ୍ଚର ସଭାପତି ତେଜରକ୍ଷକ ଭୋଇଙ୍କ ସଭାପତିତ୍ୱରେ ପାଳନ କରାଯାଇ କ୍ଷ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ବିଜେପୁର ଅଶୋକ କୁମାର ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବରେ ଚାଷୀ ନେତା ବୃଷଭାନୁ ପଧନ, ସମ୍ମାନୀତ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ପଧାନ, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ବରପାଲି କଲେଜ ଡ଼ ଘନଶ୍ୟାମ ପାଣିଗ୍ରାହୀ ଓ ଅବସରପ୍ରାପ୍ତ ଦୂର୍ଗପତି ବିଜୟ ପ୍ରକାଶ ବାବୁ ଯୋଗଦାନ କରି ଦୁଃସାହସିକ ପାଇଲଟ, ଆଦର୍ଶ ମୁଖ୍ୟମନ୍ତ୍ରୀ, ସ୍ୱାଭିମାନୀ, ଆନ୍ତର୍ଜାତୀୟ ଖ୍ୟାତିସମ୍ପର୍ଣ୍ଣ ରାଜନୀତିଜ୍ଞ ଓ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମେ କବି ଗଙ୍ଗାଧର ମେହେର ଓ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ସହ ମାଲ୍ୟାର୍ପଣ କରିଥିଲେ। ବିଚାର ମଞ୍ଚର ଜିଲ୍ଲା ମହିଳା ସଭାନେତ୍ରୀ ଝରଣା ମେହେର ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଥିବାବେଳେ ବିଚାର ମଞ୍ଚର ସାଧାରଣ ସମ୍ପାଦକ ପବିତ୍ର ବାଗ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଚାର ମଞ୍ଚର ଅନ୍ୟତମ ସାଧାରଣ ସମ୍ପାଦକ ହର୍ଷ ବେହେରା ପରିଚୟ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଛତିଶଗଡ଼ ବରମକେଲା କଲେଜର ଅଧ୍ୟାପକ ବୃନ୍ଦାବନ ସାହୁ।

## ବେଲଗୁଣ୍ଠାରେ ଧୁମଧାମରେ ପାଳିତ ହେଲା ରଙ୍ଗର ପର୍ବ ହୋଲି

ବେଲଗୁଣ୍ଠା, ୬।୩ (ଅକ୍ଷର ଓଡ଼ିଶା): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ସହର ସମେତ ଏହାର ଆଖପାଖ ଅଞ୍ଚଳରେ ବୁଧବାର ରଙ୍ଗର ପର୍ବ ହୋଲି ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ପରସ୍ପରକୁ ରଙ୍ଗ ଓ ଅବିର ଲଗାଇ ଲୋକେ ହୋଲିର ଶୁଭେଚ୍ଛା ଜଣାଇବା ସହ ଭାଇଚାରାର ବାର୍ତ୍ତା ବାଣ୍ଟିଛନ୍ତି। ବେଲଗୁଣ୍ଠା ବ୍ଲକର ବିଭିନ୍ନ ଅଞ୍ଚଳ ଯଥା ଗାଙ୍ଗପୁର, ଗୋବରା ଏବଂ ଏମ୍ ବି ଏସ୍ ଇଣ୍ଡଷ୍ଟ୍ରି ପରିସରରେ ହୋଲି ଉତ୍ସବ ବେଶ୍ ଜାକଜମକରେ ପାଳନ କରାଯାଇଛି। ଛୋଟ ପିଲାଠୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ରଙ୍ଗ ଖେଳରେ ମାତିଥିବା ବେଳେ ଗାଁଠୁ ସହର ସବୁଠି ଜମିଥିଲା ଭୋଜିଭାତର ଆସର। ବୁଧବାର ହୋଇଥିବାରୁ ସକାଳୁ ସକାଳୁ ସ୍ଥାନୀୟ ଆମିଷ ଦୋକାନଗୁଡ଼ିକରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଶେଷ କରି ମାଂସ ଓ କୁକୁଡ଼ା ଦୋକାନରେ ଲୋକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା।ଅନ୍ୟପଟେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବେଲଗୁଣ୍ଠା ଥାନା ଏବଂ ଗାଙ୍ଗପୁର ଥାନା ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ସମଗ୍ର ଅଞ୍ଚଳରେ ହୋଲି ପର୍ବ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି।

## ଅଜଣା ଗାଡ଼ି ଧକ୍କା ରେଳ କର୍ମଚାରୀ ମୃତ

ବାଲୁଗାଁ ୦୬/୦୩(ଅକ୍ଷର ଓଡ଼ିଶା) : ବାଲୁଗାଁ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ କୋତରି ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ସଡ଼କ ଦୁର୍ଘଟଣାରେ ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଛି ।ସୂଚନା ମୁତାବକ ଆଜି ସକାଳୁ ପାରିକଂଶାରୀ ଗ୍ରାମର ସତ୍ୟବାଦି ନାୟକ (୫୯) ବାଇକ ଯୋଗେ ଧୁଆଁଳି ଗ୍ରାମ ନିକଟରେ ଥିବା ରେଳ ଫାଟକକୁ ନିଜ କାମରେ ଯାଉଥିଲେ ।ଯାଉଥିବା ସମୟରେ କୋତରି ଛକ ନିକଟରେ ଏକ ଅଜଣା ଗାଡ଼ି ଆସି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା ।ଦୁର୍ଘଟଣା ସ୍ଥଳରେ ଗୁରୁତର ଭାବେ ସତ୍ୟବାଦି ପଡ଼ିଥିବା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ।ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।ଦୁର୍ଘଟଣା ସ୍ଥଳରେ ବାଲୁଗାଁ ପୋଲିସ ପହଞ୍ଚି ବାଇକ ଜବତ କରି ତଦନ୍ତ ଜାରି ରଖିଛି ।

## ପୁରୀ ପୋଲିସର ସଫଳତା
## ୭୫ ନିଖୋଜ ନାବାଳିକା ଓ ବ୍ୟକ୍ତି ଉଦ୍ଧାର

ପୁରୀ ୦୬/୦୩(ଅକ୍ଷର ଓଡ଼ିଶା) : ପୁରୀ ଜିଲ୍ଲାରେ ନିଖୋଜ ବ୍ୟକ୍ତିମାନଙ୍କୁ ସନ୍ଧାନ କରି ତାଙ୍କୁ ସୁରକ୍ଷିତ ଭାବରେ ପରିବାର ଛାଡ଼ିବା ସହିତ ପୁରୀ ପୋଲିସ ସଦା ସଚେତନ ଓ ପ୍ରତିବଦ୍ଧ ରହିଛି । ୨୦୨୬ ମସିହାରେ ପୁରୀ ଜିଲ୍ଲାର ବିଭିନ୍ନ ପୋଲିସ ଥାନା ଦ୍ୱାରା ଚାଲିଥିବା ତଦନ୍ତ ଓ ସନ୍ଧାନ ଅଭିଯାନର ଫଳସ୍ୱରୂପ ମୋଟ ୭୫ ଜଣ ନିଖୋଜ ନାବାଳିକା/ ପ୍ରାପ୍ତବୟସ୍କ ଙ୍କୁ ଉଦ୍ଧାର କରାଯାଇଛି । ଏହି ଉଦ୍ଧାର ଅଭିଯାନରେ ପୋଲିସ ଦଳର ସତର୍କ ତଦନ୍ତ, ପ୍ରଯୁକ୍ତିର ବ୍ୟବହାର ଏବଂ ବିଭିନ୍ନ ରାଜ୍ୟର ପୋଲିସ ସହ ଯୋଗାଯୋଗ ଫଳରେ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜି ପାଇଯାଇଥିଲା । ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅପ୍ରାପ୍ତବୟସ୍କ ଛାତ୍ରଛାତ୍ରୀ ଓ ପ୍ରାପ୍ତବୟସ୍କ ପୁରୁଷ-ମହିଳା ମଧ ରହିଛନ୍ତି । ଏହି ବର୍ଷ ଉଦ୍ଧାର ହୋଇଥିବା ନାବାଳିକା ଛାତ୍ରଛାତ୍ରୀ / କନ୍ୟା ୨୯ ଜଣ,ପ୍ରାପ୍ତବୟସ୍କ ପୁରୁଷ / ମହିଳା ୪୬ ଜଣ । ଏହା ସହ ମୋଟ ଉଦ୍ଧାର ୭୫ ଜଣ । ପୁରୀ ପୋଲିସର ବିଭିନ୍ନ ଥାନାର ଅଧିକାରୀମାନେ ଓ କର୍ମଚାରୀମାନେ ନିଖୋଜ ବ୍ୟକ୍ତିମାନଙ୍କ ଖୋଜଖବର ପାଇଁ ନିରନ୍ତର ତଦନ୍ତ କରିଥିଲେ । ଅନେକ କେସ୍ ?ରେ ଅନ୍ୟ ଜିଲ୍ଲା ଓ ଅନ୍ୟ ରାଜ୍ୟର ପୋଲିସ ସହ ସମନ୍ୱୟ ସ୍ଥାପନ କରାଯାଇ ଏହି ଅଭିଯାନକୁ ସଫଳ କରାଯାଇଛି । ପୋଲିସର ସମୟୋପଯୋଗୀ ପଦକ୍ଷେପ ଓ ନିଷ୍ଠାପୂର୍ଣ୍ଣ ପ୍ରୟାସ ଫଳରେ ନିଖୋଜ ବ୍ୟକ୍ତିମାନେ ସୁରକ୍ଷିତ ଭାବରେ ଉଦ୍ଧାର ହୋଇ ପୁନର୍ବାର ତାଙ୍କ ପରିବାରଙ୍କ ନିକଟକୁ ପହଞ୍ଚି ପାରିଛନ୍ତି ।ନିଖୋଜ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ଘଟଣାରେ ଶିଶୁମାନେ ଘରୁ ଅସନ୍ତୋଷ ବା ଭ୍ରମରେ ବାହାରିଯାଇଥିବା ବେଳେ, କେତେକ କେସ୍ ?ରେ ପ୍ରାପ୍ତବୟସ୍କ ବ୍ୟକ୍ତିମାନେ ଚାକିରି, କାମ କିମ୍ବା ବ୍ୟକ୍ତିଗତ କାରଣରେ ଘରୁ ଚାଲିଯାଇଥିବା ଦେଖାଯାଇଛି । ଏହି ପରି ସମସ୍ତ ଘଟଣାରେ ପୋଲିସ ତତ୍କ୍ଷଣାତ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ଆବଶ୍ୟକ ହେଲେ ଅନ୍ୟ ଜିଲ୍ଲା ଓ ରାଜ୍ୟରେ ସନ୍ଧାନ ଚାଲାଇଥିଲା ।

## ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ



ମାଲକାନଗିରି,୬/୩ (କେଶବ ଚନ୍ଦ୍ର ନାୟକ)ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀକ୍ଷେତ୍ର ବିଧାୟକ ନରସିଂହ ମାଡ଼କାମୀ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଧାୟକ ନିର୍ବାଚନମଣ୍ଡଳୀ ବିକାଶ ସମିତି ବୈଠକରେ ଏକ ମହତ୍ତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ସେ ମାଲକାନଗିରି, କାଲିମେଲାଓ ପଡ଼ିଆ– ଏହି ତିନୋଟି ବ୍ଲକରୁ ପ୍ରତ୍ୟେକ ବ୍ଲକରୁ ୩ଟି ଲେଖାଏଁ ଗାଁ ଚୟନ କରି ଆଦର୍ଶ ବା ମଡେଲ୍ ଗ୍ରାମ ଭାବେ ରୂପାନ୍ତରିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।ବୈଠକରେ ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଚିହ୍ନଟ ଗାଁଗୁଡ଼ିକରେ ତୁରନ୍ତ ଏକ ବିସ୍ତୃତ ସର୍ଭେ କରାଯାଇ ବର୍ତ୍ତମାନର ବିକାଶ ସ୍ଥିତି, ଆବଶ୍ୟକତା ଓ ଗ୍ୟାପ୍ ମୂଲ୍ୟାଙ୍କନ କରାଯାଉ । ଏହି ଗ୍ୟାପ୍ ପୂରଣ ପାଇଁ କଣ କଣ କାର୍ଯ୍ୟ କରିବାକୁ ପଡ଼ିବ ତାହାର ଏକ ସ୍ପଷ୍ଟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏହି ପ୍ରକ୍ରିୟାରେ ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି । ବିଡ଼ିଓମାନେ ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଏକ ବିସ୍ତୃତ ଡିପିଆର ପ୍ରସ୍ତୁତ କରିବେ । ଏହି ଡିପିଆର ଆଧାରରେ ଚିହ୍ନଟ ଗାଁଗୁଡ଼ିକୁ ସମଗ୍ରାମ୍ୟକ ବିକାଶ ମାଧ୍ୟମରେ ଆଦର୍ଶ ଗ୍ରାମ ଭାବେ ଗଢ଼ି ତୋଳାଯିବ ।ବୈଠକରେ ବିଧାୟକ ଶ୍ରୀ ମାଡ଼କାମି ସମସ୍ତ ବିଭାଗର ଚଳିତ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି ଏବଂ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ତ୍ୱରାନିତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସେ ମାଲକାନଗିରିର ପ୍ରସିଦ୍ଧ ମଲ୍ଲିକେଶ୍ୱର ମନ୍ଦିର ଓ ଭୈରବୀ ମନ୍ଦିରର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଜଳ ଅଭାବ ଥିବା ଗାଁଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଗାଁଗୁଡ଼ିକରେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରାଯିବ ।ଏହା ବ୍ୟତୀତ ବିଧାୟକ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।ଗ୍ରାମବାସୀମାନଙ୍କ ସହ ଆଲୋଚନା ଓ ବୈଠକ କରି କେଉଁ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରାଯିବ, ସେଥି ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି ।ଏହି ପଦକ୍ଷେପ ମାଲକାନଗିରି ଜିଲ୍ଲାର ଗ୍ରାମାଞ୍ଚଳରେ ବିକାଶ, ଉନ୍ନତ ଜୀବନଧାରଣ, ଶିକ୍ଷା ଓ ଆଦିବାସୀ ସମ୍ପ୍ରଦାୟର ସମୁଦାୟିକ ଉନ୍ନତି ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ବିବେଚନା କରାଯାଉଛି । ସ୍ଥାନୀୟ ଲୋକେ ବିଧାୟକଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମକୁ ବ୍ୟାପକ ସ୍ୱାଗତ ଜଣାଇଛନ୍ତି । ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ବୋଲଗଡ଼ରେ ରାଜ୍ୟର ପ୍ରଥମ ବୈଷୟିକ ସଂଗ୍ରହାଳୟ



ବୋଲଗଡ଼ ,୬/୩(ଯଦୁନାଥ ସାମନ୍ତରାୟ ); ରାଜ୍ୟର ପ୍ରଥମବେସରକାରୀ ରୂପେ ବୈଷୟିକ ସଂଗ୍ରହଳାୟଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକକାର୍ଯ୍ୟାଳୟ ନିକଟରେ ଅବସ୍ଥିତ । ବୋଲଗଡ଼ରଆଇନଜୀବୀ ଅକ୍ଷୟ ପଟ୍ଟନାୟକ ଏହି ସଂଗ୍ରହଳାୟ କରି ରାଜ୍ୟରେ ସୁନାମ ଆଣିପାରିଛନ୍ତି । ସେ ଏବେ ବି ପରିଣତ ୮୭ ବର୍ଷ ବୟସରେ ବିଭିନ୍ନ ବୈଷୟିକ ଜିନିଷ ସଂଗ୍ରହ କରିବାରେ ଲାଗିଛନ୍ତି ।ସେ ଅତିରିକ୍ତଇଞ୍ଜିନିୟର ଭାବରେ ମାଡ୍ରାସ କର୍ପୋରେସନରୁ ଇସ୍ତଫା ପ୍ରଦାନ କରି ପିଲାଦିନରୁ ଅଭିଳାଷରଖୁ ଥ ?ିବା ବୈଷୟିକ ସଂଗ୍ରହାଳୟରେ ନିଜକୁ ସମର୍ପି ଦେଇଥିଲେ । ସେ ମାଡ୍ରାସରେ ଇ.ଏମ. ଆଇ ପଠନସମୟରୁ ହିଁ ଚିନ୍ତା କରିଥିଲେ ଓଡିଶାରେ ଏକବୈଷୟିକ ସଂଗ୍ରହନାୟ କରି ରାଜ୍ୟର ନାଁରଖିବେ । ପାଠପଢା ସମାପ୍ତ ପରେ ଅତିରିକ୍ତ ଇଞ୍ଜିନିୟର ଭାବରେ ମାଡ୍ରାସ କର୍ପୋରେସନରେ ନିଯୁକ୍ତି ପାଇଥିଲେ କିନ୍ତୁ,ସେଥିରୁ ସେ ଇସ୍ତଫା ପ୍ରଦାନ କରି ପିଲାଦିନର ଅଭିଳାଷ ରହିଥିବା ବୈଷୟିକ ସଂଗ୍ରହଳାୟ ନିଜ ଅଞ୍ଚଳରେ କରିବା ପାଇଁ ନିଜକୁ ୧୯୭୦ ମସିହାରୁ କାର୍ଯ୍ୟ ଆରମ୍ଭ କରିଥିଲେ । ସେଓଡିଶା ତଥା ଭାରତ ବର୍ଷ ଏବଂ ବିଦେଶ ବୁଲିବୁଲି ପୁରୁଣା ବୈଷୟିକ ଜିନିଷ ସଂଗ୍ରହ କରିବାରେ ଲାଗିଥିଲେ ଏବଂ ଘନଶ୍ୟାମ ପଟ୍ଟନାୟକ ଇଣ୍ଡିକ ଶ୍ରୀଚନ୍ଦନ ମ୍ୟୁଜିୟମ ଓ ଲାଇବ୍ରେରୀ ନାମରେ ନିଜ ସଂଗ୍ରହଳାୟ କୁ ନାମିତ କରିଥିଲେ । ଏହି ସଂଗ୍ରହାଳୟ ଓଡିଶାରେ ପ୍ରଥମ ହୋଇଥିବାରୁ ଅନ୍ୟ କେହି କିଛି ବୁଝି ନ ପାରିବା ପୂର୍ବରୁ ଅକ୍ଷୟଙ୍କୁ ପାଗଳବୋଲି ଡାକୁଥିଲେ କାରଣ,ସେ ବୁଲିବୁଲି ଭଙ୍ଗାରେଡ଼ିଓ,ଭଙ୍ଗା ଟିଭି,ଭଙ୍ଗା କ୍ୟାମେରା ସଂଗ୍ରହକରିବାରୁ ଲୋକେ ତାଙ୍କୁ ନୀକ ଦୃଷ୍ଟିରେ ।ଦେଖୁଥିଲେ ।କିନ୍ତୁ, ସେଥିରେ ସେ ବିଚଳିତ ନ ହୋଇ ନିଜ କାର୍ଯ୍ୟରେ ଅଗ୍ରସର ହେଉଥିଲେ ।ବର୍ତ୍ତମାନ ତାଙ୍କ ସଂଗ୍ରହଳାୟରେ ୩୦ ହଜାରରୁ ଅଧିକ ପୁରାତନ ସାମଗ୍ରୀ ରହିଛି ।ସମସ୍ତ ସାମଗ୍ରୀକୁ ୩୫ଗୋଟି ବିଭାଗରେ ବିଭକ୍ତ କରି ଅର୍ଥାତ ଦୃଶ୍ୟ ଶ୍ରାବ୍ୟ ବିଭାଗ (ଟିଭି ଓ ରେଡ଼ିଓ ), ଆଲୋକ ବିଭାଗ,ଫୋନ ବିଭାଗ, ପୁରୁଣା ପେଡି ବିଭାଗ, ଘଣ୍ଟା ବିଭାଗ,ବିଦ୍ୟୁତ ବିଭାଗ, ଡାକ ଟିକଟ ବିଭାଗରେ ୫୦୦୦ ଟିକେଟ, ମୁଦ୍ରା ବିଭାଗରେ ୧୫୦୦ଭାରତୀୟ ଓ ୭୦୦ ରୁ ଅଧିକ ବିଦେଶୀ ମୁଦ୍ରା, ଗ୍ରାମଫୋନ ଆଦି ପୁରୁଣା ସ୍ମୃତି ରହିଛି । ଏ ସମସ୍ତ ପୁରୁଣା ସାମଗ୍ରୀ ସଂଗ୍ରହ କରିବା ପାଇଁ ତାଙ୍କୁ ୫୫ବର୍ଷ ଲାଗିଥିବା ବେଳେ ପ୍ରାୟ ୧ କୋଟି ରୁ ଉର୍ଧ ଟଙ୍କା ଖର୍ଚ୍ଚ କରିଛନ୍ତି । ବାପା ତାଙ୍କର ଜମିଦାରୀ ଥିବାରୁପ୍ରାୟ ୧୫ ରୁ ୨୦ ଏକର ଜମି ବିକ୍ରି କରି ଏହି ସଂଗ୍ରହାଳୟ ନିର୍ମାଣ କରିଛନ୍ତି ।ତାଙ୍କ ପାଖରେ ୭୦ ଦଶକ ର ପ୍ରାୟ ୧୧୦୦ ପ୍ରକାରର ଭାରତୀୟ, ଜର୍ମାନୀ, ଜାପାନ, ଆମେରିକା ଦେଶର ରେଡ଼ିଓ ରହିଛି ।ଯେତେ ବେଳେ ବିଦ୍ୟୁତ ନ ଥିଲା ! ସେତେବେଳର ବ୍ୟବହୃତ ଲାଇଟ ସହିତ ବିଦେଶୀ କ୍ୟାମେରା ରହିଛି । ଏବେ ବି ପରିଣତ ବୟସରେଜିନିଷ ସଂଗ୍ରହ କରିବା ନିଶା ତାଙ୍କର ଛାଡି ନାହିଁ । ବର୍ତ୍ତମାନ ବୟସାଧକ ଯୋଗୁଁ ଏହି ସଂଗ୍ରହଳାୟକୁ ନିୟମିତ ଖୋଲି ପାରୁ ନ ଥିବା ଜଣାପଡିଛି । କିନ୍ତୁ, ରାଜ୍ୟର ଏହି ପ୍ରଥମ ବୈଷୟିକ ସଂଗ୍ରହାଳୟ ରାଜ୍ୟ ସରକାର ମୋହନ ଚରଣ ମାଝୀ ଆର୍ଥିକ ଅନୁଦାନର ସହଯୋଗ ଦେଲେ ନିଶ୍ଚିତ ରୂପେ ରାଜ୍ୟରେ ଏକ ସ୍ମୃତି ହୋଇ ରହିବ ବୋଲି ଶିକ୍ଷାବିତମାନେ, ବୁଦ୍ଧିଜୀବୀ ଓ ଖୋର୍ଦ୍ଧାଜିଲ୍ଲା ବାସୀମାନେ ପ୍ରକାଶ କରିଛନ୍ତି ।

## ସାଂସଦ ପାର୍ଥିନି ନେତୃତ୍ୱକୁ ବିଜେଡିର ବିରୋଧ

କବିସୂର୍ଯ୍ୟନଗର, ୬/୩(ବିବେକାନନ୍ଦ ସାହୁ ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ବିଜେଡି ଏବେ ଫାଳ ଫାଳ, ନା ଅଛି ସଂଘଠନ ନା ଅଛି ନେତୃତ୍ୱର ଚେହେରା, ଏଠି ବିଜେଡି କର୍ମୀ ହତାଶ ଥିବାବେଳେ ଯୁବ ବର୍ଗଙ୍କ ନେତୃତ୍ୱ ନେଉଥିବା ପ୍ରମୋଦ କୁମାର ପଣ୍ଡା ନିର୍ବାଚିତ ପ୍ରତିନିଧି ଓ ସଂଘଠନକୁ ବଞ୍ଚାଇ ରଖିବା ପାଇଁ ନିଜର ପ୍ରୟାସ ଜାରି ରଖିଛନ୍ତି । ଅନ୍ୟପଟେ ପୂର୍ବତନ ବିଧାୟିକା ଲତିକା ପ୍ରଧାନ ନିର୍ବାଚନରେ ପରାଜୟ ପରେ ଦଳର କାର୍ଯ୍ୟକ୍ରମ ରେ ସାମିଲ ହେଉନଥିବା ବେଳେ ସାଂଘାଠନିକ କ୍ଷେତ୍ରରେ ଅଦୃଶ୍ୟ ରହିଥିବା ଦେଖିବାକୁ ମିଳିଛି । ସେପଟେ ବହୁ ବର୍ଷ ଧରି ବିଜେଡି ଦଳରୁ ନିଲମ୍ବିତ ନେତା ତଥା ନିଜର ନିର୍ବାଚନ ମଣ୍ଡଳୀର ନେତା କହୁଥିବା ପୂର୍ବତନ କୋଦଳା ଏନ ଏ ସି ର ନଗର ପାଳ ହରପ୍ରସାଦ ସାହୁ ସିଜନ ଆସିଲେ ଆସନ୍ତି କର୍ମୀ ଙ୍କ ପାଖକୁ ଆଉ ନିର୍ବାଚନ ସରିଲେ ଭୁଲି ଯାଆନ୍ତି ଦଳର କର୍ମୀ ଓ ଆଗ ଧାଡିରେ ଥିବା ନେତାଙ୍କୁ । ଚଳିତ ନିର୍ବାଚନରେ ବିଜେଡି ଆସ୍କା ସାଂସଦ ପାଇଁ ହରପ୍ରସାଦ ସାହୁଙ୍କ ଝିଅ ରଞ୍ଜିତା ସାହୁଙ୍କୁ ଅତି ମାତ୍ରା ରେ ବିଶ୍ୱାସ ଓ ଭରଷା କରି ଗୁରୁତ୍ୱପୂର୍ଣ୍ଣ ଲୋକସଭା ଆସନା ପାଇଁ ଦଳୀୟ ଟିକଟ ପ୍ରଦାନ କରିଥିଲେ ହେଲେ ଦୃଭାଗ୍ୟର କଥା ଏହି ଲୋକସଭା ଆସନାଟି ସବୁବେଳେ ବିଜେଡି ଦଖଲରେ ରହି ଆସୁଥିବା ବେଳେ ରଞ୍ଜିତା ସାହୁ ଲଜ୍ଜା ଜନକ ଭାବେ ପରାଜୟ ହେବା ସହ ନିଜ ଆସ୍କା ସଂସଦୀୟ କ୍ଷେତ୍ରର ସମସ୍ତ ବିଜେଡି ବିଧାୟକ ପରାଜୟର ସ୍ୱାଦ ଚାଖିବା ପାଇଁ ପଡିଥିଲା । ଗତ ୨୦୨୫ ରେ ବିଜେଡିର ଆଗ ଧାଡ଼ିର ନେତା ବୋଲାଉ ଥିବା ହରପ୍ରସାଦ ସାହୁ ଓ ଝିଅ ରଂଜିତା ସାହୁ ବିଜୁ ଜନତା ଦଳର ପ୍ରତିଷ୍ଠାତା ତଥା ବିକାଶ ପୁରୁଷ ବିଜୁ ବାବୁଙ୍କ ପ୍ରତିଷ୍ଠା ଦିବସ କୁ ଭୁଲି ଯାଇଥିଲେ, ନିର୍ବାଚନ ମଣ୍ଡଳୀର କୌଣସି ସ୍ଥାନରେ ମଧ ବିଜୁ ବାବୁଙ୍କ ପ୍ରତିଷ୍ଠା ଦିବସ ପାଳନ କରାଗଲା ନାହିଁ ଯାହାକି ସବୁଠାରୁ ଲଜ୍ଜା ଜନକ ବିଷୟ ବୋଲି ସହର ରେ ଚର୍ଚ୍ଚା ଜୋର ଧରିଛି । ବର୍ତ୍ତମାନ ସମୟରେ ଦଳର ସ୍ଥିତି ଠିକ ନଥିବା ବେଳେ ପ୍ରମୋଦ ପଣ୍ଡା ନିଜର ସ୍ଥାୟୀତ୍ୱ ବଜାୟ ରଖି ଦଳର ସଙ୍ଗଠନକୁ ମଧ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ବଜାୟ ରଖିଛନ୍ତି, ହେଲେ ଦଳ ସୁପ୍ରିମ କେଉଁ ଆଧାରରେ ରଞ୍ଜିତାଙ୍କ ସମର୍ଥକ ଲୋକଙ୍କୁ ବ୍ଲକ ଓ ଏନଏ ସି ସଭାପତି ଘୋଷଣା କଲେ ତାହାକୁ ନେଇ ଦଳ ଭିତରେ ରଞ୍ଜିତା ସାହୁଙ୍କୁ ଜୋରଦାର ବିରୋଧ କରାଯାଉଥିବା ଚିତ୍ର ଏବେ ପଦାକୁ ଆସିଛି । ବ୍ଲକ ଓ ଏନ ଏ ସି ସଭାପତି ଚୟନ ପରେ ଏହାକୁ ଖୋଲାଖୋଲି ବିରୋଧ କରିଛନ୍ତି ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳରର କାର୍ଯ୍ୟକର୍ତ୍ତା । ତାହଲେ ଦେଖିବାକୁ ବାକି ରହିଲା । ଦଳର ମୁଖିଆ ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ଗଜପତିରେ ବିଜେଡିର କର୍ମୀ ସମ୍ମିଳନୀ

ପାରଳାଖେମୁଣ୍ଡି, ୬/୩(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଶରଧାପୁର ଗ୍ରାମରେ ବିଜେଡିର କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଶରଧାପୁର ଗ୍ରାମ ସମେତ ଗୋଷାଣୀ ବ୍ଲକର ଶହ ଶହ ବିଜେଡି କର୍ମୀଙ୍କ ସମେତ ବହୁ ସଂଖ୍ୟକ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ । ଏହି ଅବସରରେ ଦଳୀୟ ସୁପ୍ରିମୋ ତଥା ପୁର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଅମଳରେ ହୋଇଥିବା ବିଭିନ୍ନ ଉନୟନମୂଳକ କାର୍ଯ୍ୟ ଏବଂ ଲୋକାଭିମୁଖୀ ଯୋଜନା ଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ବର୍ତ୍ତମାନର ରାଜ୍ୟ ସରକାରଙ୍କ ଯୋଜନାଗୁଡିକ ତୃଣମୂଳ ସ୍ତରରେ କାମରେ ଆସୁନଥିବାକୁ ନେଇ ଆଲୋଚନା ହୋଇଥିଲା । ନବୀନ ସରକାରଙ୍କ ଯୋଜନା ଲୋକଙ୍କ ଆର୍ଥିକ, ସାମାଜିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିଥିଲା । ପ୍ରତି ପଞ୍ଚାୟତର ବିକାଶ ଲାଗି ନବୀନ ସରକାର ତତ୍ପର ହୋଇ ଆର୍ଥିକ ଅନୁଦାନ ପ୍ରଦାନ କରୁଥିଲେ । ହେଲେ ଡବଲଇଞ୍ଜିନ ସରକାର ଲୋକଙ୍କୁ ଦିନରେ ଲଣ୍ଠନ ଦେଖାଉଛନ୍ତି । ଏପରି ସରକାରଙ୍କୁ ଆଗମୀ ନିର୍ବାଚନରେ ପ୍ରତ୍ୟାଖାନ କରି ଉଚିତ ଜବାବ ଦେବା ପାଇଁ ନେତାମାନେ ବକ୍ତବ୍ୟ ରଖିଥିଲେ । ବିଜେଡି ଦଳକୁ ଅଧିକା ମଜବୁତ କରିବା ନେଇ ଆଲୋଚନା ହୋଇଥିଲା, ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ ଯୋଗଦେଇଥିବା ବେଳେ, ବିଶେଷ ଅତିଥି ଭାବେ ଡ: ତିରୁପତି ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଗୋଷାଣୀ ବ୍ଲକ ଅଧକ୍ଷ ଏନ୍ ୍ୀରରାଜୁ, ପୂର୍ବତନ ସରପଞ୍ଚ ବାବୁ ରାଓ, ଗୁମ୍ମା ବ୍ଲକ ଅଧକ୍ଷା ସୁନେମୀ ମଣ୍ଡଳ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇଆମ୍ମା, ଜିଲ୍ଲା ପରିଷଦ ସଦସ୍ୟ ଏସ ବାଲାରାଜୁ ପ୍ରମୁଖଙ୍କ ସହ ବହୁ ବିଜେଡି ନେତା ଉପସ୍ଥିତ ଥିଲେ.

## ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଭବାନୀ ଶଙ୍କର ଭୂୟାଁ

କଟକ ୦୬/୦୩(ଅକ୍ଷର ଓଡ଼ିଶା) : ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଂଚଳ) ଭାବେ ଶ୍ରୀ ଭବାନୀ ଶଙ୍କର ଭୂୟାଁ ଦାୟିତ୍ୱ ଗ୍ରହଣ କରିଛନ୍ତି । କଟକ ସ୍ୱରାଜ ଆଶ୍ରମଠାରେ ଅବସ୍ଥିତ କାର୍ଯ୍ୟାଳୟରେ ସେ ଏହି ନୂତନ ଦାୟିତ୍ୱ ନେଇଛନ୍ତି । ଏଥିସହ ଶ୍ରୀ ଭୂୟାଁ କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ । ଓଡ଼ିଶା ସୂଚନା ସେବା ଅଧିକାରୀ ଶ୍ରୀ ଭୟାଁ ୨୦୨୪ ଫେବୃଆରୀ ମାସରେ କଟକ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥଲେ । ଜିଲ୍ଲାରେ ବିଭିନ୍ନ ସରାକରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ଲୋକମାନଙ୍କ ନିକଟରେ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ସେ ସଫଳ ପରିଚାଳନା କରିଆସୁଛନ୍ତି । ଏହା ପୂର୍ବରୁ ସେ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଭୁବନେଶ୍ୱର ଜୟଦେବ ଭବନର ମ୍ୟାନେଜର ଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି ।

## ଗଣେଶ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ନାମଯଜ୍ଞ

ବୁଗୁଡା ୦୬/୦୩(ଅକ୍ଷର ଓଡ଼ିଶା) : ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ରାମଣ୍ଡା ଗ୍ରାମରେ ଶ୍ରୀ ଗଣେଶ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ଶୁଭ ଅଙ୍କୁରାରୋପଣ ମଣ୍ଡଳ କରଣ ଅଧିବାସ ସହ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ ହୋଇଯାଇଛି । ଏଥିରେ ଭାମଶ୍ୟାଳି, ବୁଗୁଡ଼ା ଯାଦବ ସାହି, ରାମଣ୍ଡା, ଆଦିପୁର, ଗରେଇଝୁଲି ଆଦିର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଛନ୍ତି । ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଆୟୋଜିତ ଘୃତଯଜ୍ଞ, ଗୋଯଜ୍ଞ ଓ ଜପଯଜ୍ଞ ଆଦି କାର୍ଯ୍ୟରେ ପ୍ରମୋଦ ପାଟ୍ଟଯୋଶୀ, ମାଧବ ଦାଶ, ଆଲୋକ ପାଟ୍ଟଯୋଶୀ, ଦେବାଶିଷ ଦାଶ, ରାଜେଶ ମିଶ୍ର ପ୍ରମୁଖ ପ୍ରଚାରକ ଓ ପଣ୍ଡିତଗଣ ନିୟୋଜିତ ରହିଥିବା ବେଳେ ଉପେନ୍ଦ୍ର ନାହାକ ସସ୍ତ୍ରୀକ ଯଜ୍ଞକର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି । ରାମଣ୍ଡା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଉକ୍ତ ମହୋତ୍ସବରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟୁଥିବା ଦେଖିବାକୁ ମିଳିଛି ।

## ବାଣନଈ ଗ୍ରାମରେ ଚାଲିଥିବା ଠାକୁରାଣୀ ମନ୍ଦିରର ପୂର୍ଣ୍ଣାହୁତି ପାଳିତ

ପୁରୁଷୋତ୍ତମପୁର ୦୬/୦୩ (ପ୍ରସନ୍ନ କୁମାର ଦାଶ) : ବାଣନଇଗ୍ରାମରେ ଦୀର୍ଘ ଦିନ ଧରି ହୋଇଥିବା ଠାକୁରାଣୀ ମନ୍ଦିର ହୋଇ ଥିଲେ ସୁଦ୍ଧା ତାହା ପ୍ରତିଷ୍ଠା ହୋଇ ନଥିବାରୁ ଗ୍ରାମର ତଥା ଜଗତ ର ମଙ୍ଗଳ ପାଇଁ ଏହି ମନ୍ଦିର ପ୍ରତିଷ୍ଠା,ଯଜ୍ଞ ଗ୍ରାମବାସୀ ,କର୍ତ୍ତା, ପରିଚାଳନା କମିଟି ପୂଜକ କମିଟି ଓ ବିଦ୍ୱାନ ପୁରୋହିତ ଙ୍କ ତତ୍ତ୍ୱାବଧାନ ରେ ଏହିକାର୍ଯ୍ୟ ସମାପନ ହୋଇ ଯାଇଛି । ଏହିଯଜ୍ଞ କାର୍ଯ୍ୟରେ କର୍ତ୍ତା ଭାବେ ରାଜେନ୍ଦ୍ର ପ୍ରସାଦ ପାତ୍ର, ହୀନ ପ୍ରସାଦ ପାତ୍ର, ରାଜେନ୍ଦ୍ର ପାଣିଗ୍ରାହୀ ବଳିଆ ପ୍ରଧାନ,ଓ କମିଟି ଭାବେ ଦିବାକର ନାହାକ, ହୀନ ନାହାକ, ଝଡିଆ ନାହାକ,ମନୋଜ ପାତ୍ର,ସୁଧାକର ପ୍ରଧାନ, ଲୋଚନ ନାହାକ, ଶୁକଦେବ ନାହାକ ଙ୍କ ସହିତ ବିଦ୍ୱାନ ପଣ୍ଡିତ ସୁଦର୍ଶନ ତ୍ରିପାଠୀ, ବଳଭଦ୍ର ଦାଶ ଙ୍କ ସହିତ ଅନେକ ପୁରୋହିତ, ଗ୍ରାମବାସୀ, ମହିଳା ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ହି ଯଜ୍ଞ ରେ ଦୀକ୍ଷା ଗ୍ରହଣ, କଳସ ଯାତ୍ରା,ବନଯାଗ ଅଙ୍କୁରା ରୋପଣ, ରନ୍ମୁଦ ହୋଇ ଘୃତ ଯଜ୍ଞ, ନାମଯଜ୍ଞ, ଅନ୍ନ ଯଜ୍ଞ ଓ ଦେବୀଙ୍କୁ ମନ୍ଦିରେ ପ୍ରବେଶ କରି ପୂର୍ଣ୍ଣା ହୂତି କାର୍ଯ୍ୟ ସମ୍ପୁର୍ଣ ହୋଇ ଥିଲା ।

## ପ୍ରହଲ୍ଲାଦ ପଲେଇ ମା'ଙ୍କ ପରଲୋକ

ପାଟଣା:୬/୩/(ଦଶରଥ ବାରିକ୍) ପାଟଣା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମର ଧର୍ମ ପରାୟଣ ତଥା ପରୋପକାରୀ ମହିଳା କୌଶଲ୍ୟା ପଲେଇଙ୍କ ବିଳମ୍ବିତ ରାତିରେ ୭୦ ବର୍ଷ ବୟସରେ ମୃତ୍ୟୁ ବରଣ କରିଛନ୍ତି ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି । ଏକ ମାସ ହେବ ସେ ଚିକିତ୍ସାଧୀନ ଥିଲେ । ସେ କେନ୍ଦୁଝରେ ଏମ୍ ?ପି ଅନନ୍ତ ନାୟକଙ୍କ ପାଟଣା ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇଙ୍କ ମା' । ତଣ୍ଡ ବୈତରଣୀ ନଦୀ ବୋଟ ଘାଟରେ ମଙ୍ଗଳବାର ଅନ୍ତିମ ସତ୍କାର ସମ୍ପନ୍ନ ହୋଇଛି । ସ୍ୱାମୀ ପ୍ରଫୁଲ୍ଲ ପଲେଇ ମୁଖାଗ୍ନୀ ଦେଇଥିଲେକେନ୍ଦୁଝର ଏମ୍ ?ପି ଅନନ୍ତ ନାୟକ, ପୂର୍ବତନ କେନ୍ଦୁଝର ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ ସାହାରପଡା ବ୍ଲକ ଅଧ୍ୟକ୍ଷା ଗୌତମ ନାଏକ, ଡୁମୁରିଆ ସରପଞ୍ଚ ଗୌର ହରି ନାଏକ, ଏମପିଙ୍କ ଘଟଗାଁ ବ୍ଲକ ପ୍ରତିନିଧି ଅଖିଳ ପାତ୍ର,ଚେମେଣା ସମିତି ସଭ୍ୟ ମନୋଜ ମହାନ୍ତ, କେନ୍ଦେଇ ପୋଷି ଭାଜପା ମଣ୍ଡଳ ସଭାପତି ଜୁଲିଅସ ସିଂ, ପୂର୍ବତନ ପାଟଣା ଭାଜପା ମଣ୍ଡଳ ସଭାପତି ରମେଶ ମହାନ୍ତ ପ୍ରମୁଖ ଶେଷ ଦର୍ଶନ କରିବା ସହ ଗଭୀର ଶୋକ ବ୍ୟକ୍ତ କରିଛନ୍ତିଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲା ଭାଜପା ସଭାପତି ରାଧା କାନ୍ତ ମହାନ୍ତ, ଶିଳ୍ପପତି ବିବେକାନନ୍ଦ ଦାଶ,ଖିରେଇଟାଙ୍ଗିରି ପୂର୍ବତନ ସରପଞ୍ଚ ବନୋଜ ନାଏକ, ବରିଷ୍ଠ ଖବରଦାତା ମହେଶ୍ୱର ପୃଷ୍ଟି, ସନ୍ତୋଷ କୁମାର ପତି, ନୃସିଂହ ନାଥ ସିଂହ, କିଶୋର ଚନ୍ଦ୍ର ମହାନ୍ତ, ବିଜୟ ରନ୍ ପତି, କଳ୍ପତରୁ କର,ରଞ୍ଜନ କୁମାର ବାରିକ, କଂଗ୍ରେସ ଏମପି ପ୍ରାର୍ଥୀ ଈଂ ବିନୋଦ ବିହାରୀ ନାଏକ, ବରିଷ୍ଠ ଆଇନଜୀବୀ ରାହାସ ବିହାରି ପୃଷ୍ଟି, ଭାଷ୍ୟକାର ପାର୍ଥ ସାରଥୀ ବେଜ, କୃଷ୍ଣ ଚନ୍ଦ୍ର ଦାଶ,ବିଶିଷ୍ଟ ଭାଜପା ନେତା କୀର୍ତ୍ତନ ବିହାରୀ ସାହୁ, ଅମର ସିଂ,ଦୁର୍ଗା ଚରଣ ନାୟକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

## ଆକାଂକ୍ଷି ବ୍ଲକରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ନୂଆପଡ଼ା ୦୬/୦୩ (ମୋହନ ଲାଲ ଦୀପ ) : ବିକାଶ ଆଣିବାକୁ ଯୋଜନା ତିଆରି କରି କାର୍ଯ୍ୟ କରୁଥିବା ସରକାର ବେଳେ ବେଳେ ବିଫଳତାର ଛାଇକୁ ଦେଖିବା ଭୁଲି ଯାଆନ୍ତି । ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ କରି ସହରାଞ୍ଚଳ ଭଳି ଗ୍ରାମାଞ୍ଚଳରେ ଦ୍ରୁତ ବିକାଶ କାର୍ଯ୍ୟ ସହ ତାରତମ୍ୟ ହ୍ରାସ ପାଇଁ ନିତି ଆୟୋଗ ଦ୍ୱାରା ନୂଆପଡା ଜିଲ୍ଲାର ବୋଡ଼େନ ବ୍ଲକକୁ ଆକାଂକ୍ଷି ବ୍ଲକ ଭାବରେ ଚିହ୍ନଟ କରାଯାଇଛି । ଏଥିପାଇଁ ଜିଲ୍ଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଛି । ଆକାଂକ୍ଷି ବ୍ଲକ କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅନେକ କାର୍ଯ୍ୟଗୁଡ଼ିକ ଧାର୍ଯ୍ୟ ହୋଇଅଛି, ଯଥା ଆବାସ ଗୃହ ନିର୍ମାଣ, ଗ୍ରାମ୍ୟ ପରିମଳ, ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଅଙ୍ଗନୱାଡ଼ି ଓ ବିଦ୍ୟାଳୟର ଭିତ୍ତିଭୂମି ବିକାଶ, ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ, ଉନ୍ନତ ପୋଷଣ, କୃଷି କ୍ଷେତ୍ରରେ ଓ ପ୍ରାଣୀ ସମ୍ପଦର ଉନ୍ନତି, ଶିକ୍ଷାର ମାନ ବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ କାମକୁ ତ୍ୱରାନ୍ୱିତ କରି ଶତପ୍ରତିଶତ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ୍ୟ ନିଆଯାଇଛି ସତ ହେଲେ ତୃଣମୂଳ ସ୍ତରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି । ବ୍ଲକ ସହ ବିଭିନ୍ନ ବିଭାଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଛି ତେଣୁ କାର୍ଯ୍ୟ କରିବା ସମୟରେ ଅତ୍ୟଧିକ ମାନସିକ ଚାପ ପଡିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସଠିକ ସମୟରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଚାପ ପଡୁଛି ।ସୂଚନା ଅନୁଯାୟୀ ବ୍ଲକରେ ବର୍ତ୍ତମାନ ସ୍ଥାୟୀ ବିଡିଓ, ଏବିଡ଼ିଓ, ଏଇଇ, ବିଏସଏସଓ, ୩ ପିଇଓ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବା ବେଳେ ବିଭିନ୍ନ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଯଥା ଶିକ୍ଷା ବିଭାଗରେ ଏବିଇଓ, ୫୨ ପ୍ରଧାନ ଶିକ୍ଷକ, ୧୨୫ ଶିକ୍ଷକ, ସ୍ୱାସ୍ଥ୍ୟ ବିଭାଗରେ ସୁପରିଣ୍ଟେଣ୍ଡେଣ୍ଟ ସହ ୨୬ ଟି ଗୁରୁତ୍ୱପୁ ପଦବୀ, ପ୍ରାଣୀସମ୍ପଦ ବିଭାଗରେ ବିଭିଓ, ଏଭିଏଏସ, ଏଲଆଇ, କୃଷି ବିଭାଗରେ ଏଏଓ, ୯ ଟି ଭିଏଡବ୍ଲୁ, ଶିଶୁ ବିକାଶ ବିଭାଗରେ ୨ ମହିଳା ସୁପରଭାଇଜର ପଦବି ଖାଲି ପଡିଛି । ଯାହା ଦ୍ୱାରା ଆକାଂକ୍ଷି ବ୍ଲକ କାର୍ଯ୍ୟକ୍ରମର ସଫଳ ରୂପାୟନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଲି ପଡ଼ିଥିବା ପଦବୀ ଗୁଡିକ ଶୀଘ୍ର ପୂରଣ କରିବାକୁ ଦାବି ହେଉଛି




## ବିଜେଡି ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା

ଆସିକା ୦୬/୦୩(ଅକ୍ଷର ଓଡ଼ିଶା) : ଆସିକା ନିର୍ବାଚନ ମଣ୍ଡଳୀ ର ସ୍ଥାନୀୟ ବ୍ଲକ ନିମନ୍ତେ ବିଜୁ ଜନତା ଦଳର ବ୍ଲକ ସଭାପତି ରୂପେ ବିଦ୍ୟାନ୍ତ କୁମାର ଚର୍ଚ୍ଚି ଙ୍କୁ ନିଜେଡି କାର୍ଯ୍ୟାଳୟ ରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି କ୍ଷ ଆସିକା କଳିଙ୍ଗା ରୋଡ଼ ରେ ଥିବା ବିଜେଡି କାର୍ଯ୍ୟାଳୟ ରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟକ ମଞ୍ଜୁଳା ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ପୌରାଞ୍ଚଳ ର ଉପାଧକ୍ଷ ଜୟନ୍ତୀ ବିଷୋୟୀ, ସରପଞ୍ଚ ଜୟନ୍ତୀ ବେହେରା, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ଅନିଲ ନାହାକ, କେନ୍ଦୁପଦର ସରପଞ୍ଚ ଭବାନୀ ଶଙ୍କର ମଲ୍ଲିକ, ପୂର୍ବତନ ବ୍ଲକ ଉପାଧ୍ୟାକ୍ଷା ଅନିଲ ନାହାକ ସଞ୍ଜୟ ସ୍ୱାଇଁ, ନଗର ସଭାପତି ତାରିଣୀ ସେନାପତି ପ୍ରମୁଖ ଉପସ୍ଥିତ ରହିଥିଲେ କ୍ଷ ଏହି ଘଡି ସନ୍ଧି ମୁହୂର୍ତ୍ତରେ ଜଣେ ବରିଷ୍ଠ, ଅଭିଜ୍ଞାତା ସମ୍ପନ୍ନ ଏବଂ ମେଳାପୀ ଙ୍କୁ ଏହି ବ୍ଲକ ସଭାପତି ଦାୟିତ୍ୱ ଭରସା କରିଛି ଆସିକା ବିଜେଡି । ସେ ଆସିକା ବ୍ଲକ ର ୨୭ ଗୋଟି ଗ୍ରାମ ପଂଚାୟତ ଏବଂ ୦୪ ଗୋଟି ଜିଲ୍ଲାପରିଷଦ ଜୋନ କୁ ନେଇ କାମ କରିବା କୁ ହେବ ବୋଲି ପ୍ରକାଶ କରିଛନ୍ତି । ଏଥି ସହିତ ଯୁବ, ଛାତ୍ର, ମହିଳା ବିଜେଡି ର କର୍ମକର୍ତ୍ତା, ବରିଷ୍ଠ, କନିଷ୍ଠ ବିଜୁ ପ୍ରେମୀ ମାନଙ୍କୁ ସାଙ୍ଗରେ ନେଇ କାମ କରିବେ ବୋଲି ପ୍ରକାଶ କରିଛନ୍ତି ।

## ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ସେବା ଅପେକ୍ଷାରେ ଅଞ୍ଚଳବାସୀ

ଯାଜପୁର ୦୬/୦୩ (ଅକ୍ଷର ଓଡ଼ିଶା) : ସରକାର ରୋଗୀ ମାନଙ୍କ ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରୁଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ର ଘର ହୋଇଛି କିନ୍ତୁ ସେବା ଯୋଗୁଁ ଅଞ୍ଚଳବାସୀ ହନ୍ତସନ୍ତ । ଆଜିର ଦୁନିଆରେ ଯେପରି ଘରେ ଘରେ ଦେହ ଅ ସ ୁ ସ ୍ଥ ହେଉଛି ।ମଣିଷର ମୁଖ୍ୟ ସମସ୍ୟା ହେଲାଣି ନିଜର ଜୀବନକୁ କିପରି ବଞ୍ଚାଇବା.. ସେଥିପାଇଁ ଲୋକ ସଂଖ୍ୟା ବୃଦ୍ଧି ସହିତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳୀଜଙ୍ଗା ପଞ୍ଚାୟତ ରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିବା ପାଇଁ ଦୀର୍ଘ ବର୍ଷର ଦାବୀ ଲୋକଙ୍କର ପୂରଣ ହୋଇ ଅଧା ହୋଇ ରହିଯାଇଛି ।ଘର ହୋଇଛି କିନ୍ତୁ ତାହା କୌଣସି ଲୋକଙ୍କର ସେବାରେ ଲାଗୁନାହିଁ ।ଏହି ପଞ୍ଚାୟତ ଟି ଆଦିବାସୀ ବହୁଳ ଓ ଏଠାରେ ଲୋକ ସଂଖ୍ୟା ୧୦ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା । ହଟାତ କାହାର କଣ ହେଲେ ତାର ପ୍ରାଥମିକ ଚିକିତ୍ସା ପାଇଁ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିବା ପାଇଁ ଗ୍ରାମବାସୀ ମାନେ ଦୀର୍ଘ ବର୍ଷ ଦାବୀ ଜଣାଇବା ପରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇଛି ।କିନ୍ତୁ କଚ୍ଛପ ଗତିରେ ଏକ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣ ସରିଛି କିନ୍ତୁ କାର୍ଯ୍ୟକ୍ଷମ ହେବାରେ ଦୀର୍ଘ ମାସର ବିଳମ୍ବ ଅଞ୍ଚଳ ବାସୀଙ୍କୁ ନିରାଶ କରୁଛି । ଶାଳୀଜଙ୍ଗାରେ ନିର୍ମାଣ ହୋଇଥିବା ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ଟି ଆଖପାଖରେ ଥିବା ୩୦ ଟିରୁ ଉର୍ଦ୍ଧ ଗାଁରେ ଥିବା ହଜାର ହଜାର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ହୋଇଛି । ବହୁତ ବର୍ଷ ଧରି ଅଧିକାଂଶ ଆଦିବାସୀ , ହରିଜନ ବର୍ଗର ଦିନ ମଜୁରିଆ ଲୋକେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ବହୁତ ଖର୍ଚ୍ଚାନ୍ତ ଓ କାମ ବନ୍ଦ କରି ଯାଇ ହଇରାଣ ହରକତ ହେଉଛନ୍ତି । ବହୁତ ଦୂର ବାଟ ଦାନଗଦି ହୋଇଥିବାରୁ ରାତି ଅଧରେ କାହାକୁ କାହାର ଦେହ ହଟାତ କିଛି ଖରାପ ହେଲେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି,ଗତ ସରକାର ସମୟରୁ ଆରମ୍ଭ ହୋଇଥବା ଏହି ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ଟି ଆଜକୁ ଆଠ ମାସ ହେବ ଅଧିକା ହେବ ନିର୍ମାଣ ସରି କୌଣସି କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି ।ଆଉ କେତେ ଦିନ ବିଳମ୍ବ ହେବ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଟି ଲୋକମାନଙ୍କୁ ସେବା ଯୋଗାଇବା ପାଇଁ ନା ଧୀରେ ଧୀରେ ଭୂତ କୋଠି ପାଲଟିଯିବ ତାହା ଦେଖିବାକୁ ବାକି ରହିଲା, ପ୍ରଶାସନ ଏହି ଉପ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରଟିକୁ ଶୀଘ୍ର କାର୍ଯ୍ୟକ୍ଷମ କରାଇବା ପାଇଁ ଅଞ୍ଚଳବାସୀ ଦାବୀ କରୁଛନ୍ତି ।













ଶନିବାର ୦୭।୦୩।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଆନନ୍ଦ ଉଲ୍ଲାସ ସହ ପବିତ୍ର ଦୋଳଯାତ୍ରା ଅନୁଷ୍ଠିତ



ହାଟଡିହି ୬।୩(ଅମୀୟ ବରାଳ) : କେନ୍ଦୁଝର ଜିଲ୍ଲାର ସଂସ୍କୃତି ପରମ୍ପରା ଗାଁ ବଞ୍ଝୋରେ ପବିତ୍ର ଦୋଳ ପୂର୍ଣ୍ଣିମା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। କେଉଁ ବିଂଶ ଦଶନ୍ଧି କାଳରୁ ପ୍ରଥମେ ବକ୍ସି ଓ ସର୍ଦାର ପରିବାର ଆଉଏବେ ଦଧିବାମନ ଜୀୟୁ ମନ୍ଦିର ତରଫରୁ ବିଧି ରୀତି ନୀତି ଅନୁଯାୟୀ? , ଅହ ରାତ୍ର ସମୟରେ ରାଧକୃଷ୍ଣ ସାଙ୍ଗରେ ଆଣ୍ଠୁଆ ଗୋପାଳ ମୂର୍ତ୍ତି କୁ ତିନି ଗୋଟି ବିମାନ ରେ ସୁସଜ୍ଜିତ କରାଯାଇ ଘଣ୍ଟ, ଘଣ୍ଟା ,ମୃଦଙ୍ଗ,ଖୋଳ କରତାଳ ଦେଇ ବିଭିନ୍ନ ସାହି ,ପଡା ଦେଇ ଗାଁ ପରିକ୍ରମା କରାଯାଇ ଥାଏ। ଠାକୁରପାଟଣା ସାହିରେ ଦାସ ପରିବାର ଲୋକେ ରାଧାକୃଷ୍ଣଙ୍କୁ କ୍ଷୀର ଲବଣି ଖୁଆଇବା ପାଇଁ ନିଆଯାଇଥାଏ। ପରେ ପରେ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣକୁ ତିନି ଶ୍ରୀଜୀଉଙ୍କ ବିମାନ ନିଆଯାଇ ତାର ଉପରେ ରଖାଯାଇଥାଏ। ସମସ୍ତ ଗାଁ ଲୋକଙ୍କ ଉପସ୍ଥିତିରେ ପଣ୍ଡିତ ଇଶ୍ୱର ନାୟକ ବାର୍ଷିକ ନୂଆ ପାଞ୍ଜି ପଢିଥିଲେ। ଚଳିତ ବର୍ଷ ବୃଷ୍ଟି,ଚାଷ, ଆୟବ୍ୟୟ, ଶତ୍ରୁ ପକ୍ଷର ଅପରାଧିକ କାର୍ଯ୍ୟକଳାପ ଆଗୁଆ ପାଞ୍ଜି ପଢ଼ିବାରେ ଜଣାପଡିଥାଏ। ଏଥିଲାଗି ବଞ୍ଝୋ ଗ୍ରାମରେ ଏକ ନିଆରା ଆବେଗମୟ ଭାବ ବିହ୍ୱଳିତ ଉତ୍ସାହ ଦେଖିବାକୁ ମିଳିଥିଲା ବେଳେ ଅକ୍ଷୟ କୁମାର ବରାଳ, ରାଧା ଗୋବିନ୍ଦ ଦାସ,ଶଂଶାଙ୍କ ଶେଖର ପୁହାଣ,ଭରତ ଚନ୍ଦ୍ର ରାଉତ, ମନୋରଞ୍ଜନ ବରାଳ, ଶୁଭକାନ୍ତ ରାଉତ,ସୁରେନ୍ଦ୍ର ରାଉତ,ଚିନ୍ତା ମଣି ରାଉତ, ଜୟନ୍ତ କୁମାର ରାଉତ, ଜଗନ୍ନାଥ ଦାସ, ସୁକାନ୍ତ କୁମାର ବରାଳ,ଅନାଦି ଚରଣ ବରାଳ,ନନ୍ଦ କିଶୋର ନାୟକ, ପ୍ରମୋଦ କୁମାର ରାଉତ,ଚିନ୍ତା ମଣି ବରାଳ, ମନ୍ମଥ ବରାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡିଲେ ଡିଏଫଓ

କେନ୍ଦୁଝର:୦୬/୦୩(ଦିଲ୍ଲୀପ କୁମାର ସାହୁ) - ଜଙ୍ଗଲ ନିଆଁ ରୋକିବା ପାଇଁ ଲୋକଙ୍କ ସହଯୋଗ ଲୋଡିଲେ ଡିଏଫଓ ଧନରାଜ ଏଚଡି । ଚଳିତବର୍ଷ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଥିବାରୁ ଗତବର୍ଷ ଅପେକ୍ଷା ଜଙ୍ଗଲ ନିଆଁକୁ ଯଥେଷ୍ଟ ନିୟନ୍ତ୍ରଣ କରାଯିବା ପାଇଁ ପ୍ରସ୍ତୁତି କରାଯାଉଛି । ଜଙ୍ଗଲ ନିଆଁ ଯୋଗୁଁ ପ୍ରତିବର୍ଷ ଶହ ଶହ ହେକ୍ଟର ଜଙ୍ଗଲ ଜଳିପୋଡି ନଷ୍ଟ ହେଉଛି । ଚଳିତ ବର୍ଷ ମଧ ବହୁ ସ୍ଥାନରେ ଜଙ୍ଗଲ ନିଆଁ ଚିନ୍ତାର ବିଷୟ ହୋଇଛି । ଅଦ୍ୟାବଧି ୭ ଟି ରେଞ୍ଜରେ ୪୫୨ ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଛି । ସେଥିମଧ୍ୟରୁ ୪୪୬ ଜଙ୍ଗଲ ଏବଂ ୬ଟି ଅଣଜଙ୍ଗଲ ସ୍ଥାନରେ ଚିହ୍ନଟ ହୋଇଛି । ଘଟଗାଁ ବନାଚଂଳରେ ୧୬୯ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଥିବାବେଳେ ତେଲକୋଇରେ ୧୨୬ଟି, କେନ୍ଦୁଝର ବନାଚଂଳରେ ୫୭ଟି, ପାଟଣା ବନାଚଂଳରେ ୫୨ଟି, ବିଜେପି ବନାଚଂଳରେ ୧୫ଟି, ବଡବିଲରେ ୨ ଓ ଚମ୍ପୁଆ ବନାଚଂଳରେ ୩୧ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଛି ବୋଲି ଡିଏଫ୍ ?ଓ ଧନରାଜ ଏଚଡି ସୂଚନା ଦେଇଛନ୍ତି । କେନ୍ଦୁଝର ବନଖଣ୍ଡରେ ନିଆଁ ଲିଭାଇବା ପାଇଁ ୧୬୦ଟି ଫାୟାର ସ୍କ୍ୱାର୍ଡ ଓ ଅନ୍ୟାନ୍ୟ ସ୍କ୍ୱାର୍ଡ ଗଠନ କରାଯାଇଛି । ପ୍ରତି ଛୋଟ ଛୋଟ ଅଂଚଳରେ ଏହି କର୍ମଚାରୀମାନେ ପହରା ଦେଇ ନିଆଁକୁ ଆୟତ୍ତ କରୁଛନ୍ତି । ଏହାବ୍ୟତୀତ ୨୦୦ଟି ବ୍ଲୋୟର ମେସିନ ଓ ୧୨ଟି ଚାରି ଚକିଆ ଗାଡି ଯୋଗାଇ ଦିଆଯାଇଛି । ପ୍ରତି ୧୦ ଜଣ ସ୍କ୍ୱାର୍ଡ ପାଇଁ ଗୋଟିଏ ଗାଡିର ବ୍ୟବସ୍ଥା କରାଯାଇଛି । ଜଙ୍ଗଲର ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରତ୍ୟେକ ଖଣି କମ୍ପାନୀ ୫ ଜଣ କରି କର୍ମଚାରୀଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବର୍ଷ ୧୨୩୨ କିଲୋମିଟର ଫାୟାର ଲାଇନ କରାଯାଇଛି । ଜଙ୍ଗଲ ନିଆଁ ରୋକିବା ଏବଂ ପେଟ୍ରୋଲିଂ ପାଇଁ ୧୨ ଟି ଗାଡି ନିୟୋଜିତ କରାଯାଇଛି । ଯେଉଁ ସ୍ଥାନରେ ଅଧିକ ନିଆଁ ଲାଗୁଛି ସେଠାରେ ଅଧିକ ଫାୟର ସ୍କ୍ୱାର୍ଡ ନିୟୋଜିତ କରାଯାଇଛି । ଖରାଦିନ ଆରମ୍ଭରୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଜଙ୍ଗଲ ମାନଙ୍କରେ ନିଆଁ ଲାଗିବା ଆରମ୍ଭ ହୋଇଯାଇଛି । ଗୋଟିଏ ପଟେ ମଣିଷ ଦ୍ୱାରା କୃତ୍ରିମ ଜଙ୍ଗଲ ପୋଡି, ଅନ୍ୟପଟେ ଖଣି ମାଲିକ ଓ କାଠ ମାଫିଆମାନଙ୍କ ଦ୍ୱାରା ଜଙ୍ଗଲ ଧ୍ୱଂସ ଏଥିରେ ସନ୍ଦେହ ନାହିଁ । ଜଙ୍ଗଲ ନିଆଁକୁ ରୋକିବା




ପାଇଁ ରାଜ୍ୟ ସରକାର ବନବିଭାଗକୁ ସମସ୍ତ ସହଯୋଗ କରୁଥିବାବେଳେ ଏଥିନେଇ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି । ଚଳିତବର୍ଷ ଖଣି କମ୍ପାନୀମାନେ ମଧ୍ୟ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ କର୍ମଚାରୀ ନିୟୋଜିତ କରିବେ । ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ଅଗ୍ନିକାଣ୍ଡ ଘଟିଥିବା ରିପୋର୍ଟ ମିଳିଛି । ଅଦ୍ୟାବଧି କେନ୍ଦୁଝର ବନଖଣ୍ଡର ୭ଟି ବନାଚଂଳର ୪୫୨ଟି ସ୍ଥାନରେ ନିଆଁ ଲାଗିଥିବା ରିପୋର୍ଟ ମିଳିଛି । ସେଥିମଧ୍ୟରୁ ଘଟଗାଁ ବନାଚଂଳରେ ସର୍ବାଧିକ ୧୬୯ଟି ସ୍ଥାନରେ ନିଆଁ ଲାଗିଛି । ଆଗକୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଡିଏଫ୍ ?ଓ କହିଛନ୍ତି । ବିରଳ ବନ୍ୟପ୍ରାଣୀ କେନ୍ଦୁଝର ବନଖଣ୍ଡରେ ଚଳପ୍ରଚଳ କରୁଥିବାରୁ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି । ୧୬୦ ଜଣ ଫାୟାର ସ୍କ୍ୱାର୍ଡ ୨୪୭ଟି ବ୍ଲୋୟର ମେସିନ୍ ଧରି ବନ କର୍ମଚାରୀ ନିଆଁ ଲାଗିବା ମାତ୍ରେ ୩ ଘଣ୍ଟା ମଧ୍ୟରେ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିବାକୁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ଡିଏଫ୍ ?ଓ କହିଛନ୍ତି । ଏହାସହିତ ୪୯୨ ବନ ସୁରକ୍ଷା ସମିତି ନିଆଁକୁ ନିୟନ୍ତ୍ରଣ ପାଇଁ ଦାୟିତ୍ୱ ଦିଆଯାଇଛି । ମହିଳାମାନେ ଜଙ୍ଗଲରେ ଫାୟାର ଲାଇନ୍ କରି ନିଆଁକୁ ନିୟନ୍ତ୍ରଣ ପାଇଁ ଦାୟିତ୍ୱ ଦିଆଯାଇଛି । ମହିଳାମାନେ ଜଙ୍ଗଲରେ ଫାୟାର ଲାଇନ୍ କରି ନିଆଁକୁ ଆୟତ୍ତ କରୁଥିବାରୁ କେନ୍ଦୁଝର ବନଖଣ୍ଡ ଏବେ ନିୟନ୍ତ୍ରଣରେ ରହିଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ଜଙ୍ଗଲର ସୁରକ୍ଷା ଦାୟିତ୍ୱ ସ୍ଥାନୀୟ ଅଂଚଳବାସୀଙ୍କ ଉପରେ ନ୍ୟସ୍ତ କରାଯାଇଛି । ଏବେ ବିରଳ ବନ୍ୟପ୍ରାଣୀ ଯୋଗୁଁ ଅଟେଇ ସଂରକ୍ଷିତ ଜଙ୍ଗଲରେ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ଅଙ୍କୁଶ ଲଗାଯାଇଛି । ସାଟେଲାଇଟ ମାଧ୍ୟମରେ ବିଭାଗକୁ ଜଙ୍ଗଲ ନିଆଁ ସଂପର୍କରେ ସୂଚନା ମିଳୁଥିବାବେଳେ ବନ କର୍ମଚାରୀ ଓ କଣ୍ଟ୍ରୋଲ ରୁମ୍ ନମ୍ବର ମଧ୍ୟ ଜାରି କରାଯାଇଛି । ଜଙ୍ଗଲରେ ନିଆଁକୁ ଦେଖିବା ମାତ୍ରେ ବନବିଭାଗକୁ ଫୋନ୍ କରି ସହଯୋଗ କରିବାକୁ ଡିଏଫ୍ ?ଓ ନିବେଦନ କରିଛନ୍ତି । ଏ ସଂପର୍କରେ ଡିଏଫ୍ ?ଓ ଧନରାଜ ଏଚ୍ ?ଡି ଙ୍କୁ ପଚାରିବାରୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ଡିଭିଜନ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସମିଟ୍ ?ରେ ଆଇଏଏଫ୍ ?ଏସ୍ ପ୍ରତୀକ ଇନ୍ଦଲକର, ଏସିଏଫ୍ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଂପର୍କରେ ବିଭିନ୍ନ ସୂଚନା ଦେଇଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭ ଡାକ୍ତରଙ୍କୁ ନିଯୁକ୍ତି

## ମେଡିସିନ ବିଭାଗରେ ଜଣେ ହେଲେ ବିଶେଷଜ୍ଞଙ୍କୁ ନିଯୁକ୍ତି ନାହିଁ

କେନ୍ଦୁଝର:୦୬/୦୩(ଦିଲ୍ଲୀପ କୁମାର ସାହୁ) - ରାଜ୍ୟରେ ଡାକ୍ତର ସମସ୍ୟା ଦିନକୁ ଦିନ ଜଟିଳ ହେଉଥିବାବେଳେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମେଡିସିନ ବିଭାଗରେ ଡାକ୍ତର ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ଧାରଣ କରିଛି । ମେଡିସିନ ବିଭାଗରେ ଦାୟିତ୍ୱ ସମ୍ପାଦନ କରୁଥିବା ବରିଷ୍ଠ ଚିକିତ୍ସକ ଡାକ୍ତର ବିନୋଦ ବିହାରୀ ମିଶ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଡାକ୍ତର ପ୍ରଦୀପ କୁମାର ମିଶ୍ର ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱ ନେବା ପରେ ଉଭୟ ପୁରୁଷ ଓ ମହିଳା ମେଡିସିନ ବିଭାଗରେ ହାତଗଣତି ଡାକ୍ତର ଥିବାରୁ ରୋଗୀ ସେବା ବ୍ୟାହତ ହେଉଛି । ମେଡିସିନ ବିଭାଗରେ ଡାକ୍ତର ନିରଞ୍ଜନ ବେହେରା ଓ କମର ଅହମ୍ମଦ ଥିବାବେଳେ ଡାକ୍ତର ପୁରୁଷୋତ୍ତମ ମହାନ୍ତ ମଧ ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ପଦବୀରେ ଅଛନ୍ତି । ଏହାକୁ ନେଇ ଅନେକ ସମୟରେ ଭିନ୍ନ ଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ସହ ରୋଗୀସେବା ବ୍ୟାହତ ହେଉଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଇତିମଧ୍ୟରେ କାର୍ଯ୍ୟରତ ଡାକ୍ତରମାନଙ୍କ ସହ କାଉନସେଲିଂ କରି ୧୯୩ ଜଣ ଡାକ୍ତରଙ୍କୁ ଭିନ୍ନ ଭିନ୍ନ ମେଡିକାଲକୁ ପଦୋନ୍ନତି ଓ ନୂତନ ନିଯୁକ୍ତି ପ୍ରଦାନ କରିଥିବାବେଳେ କେନ୍ଦୁଝର ଜିଲ୍ଲାକୁ ୭ଜଣ ଡାକ୍ତର ନିଯୁକ୍ତି ପାଇଥିଲେ ମଧ ମେଡିସିନ ବିଭାଗରେ ଜଣେ ହେଲେ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇନାହିଁ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବିଜ୍ଞପ୍ତି ସଂଖ୍ୟା ୬୦୯୪ ତା ୨.୩.୨୦୨୬ ଅନୁସାରେ ଡାକ୍ତର ବିସ୍ମୟୀ ସାହୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୁତୀ ରୋଗ ବିଶେଷଜ୍ଞ ଭାବେ, ଡାକ୍ତର ସତ୍ୟପ୍ରିୟ ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁରୋଗ ବିଭାଗରେ, ଡାକ୍ତର ସାଗରଶ୍ରୀ ରାଉତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଶ୍ଚେତକ ବିଭାଗ, ଡାକ୍ତର ଚନ୍ଦନ କୁମାର ଶର୍ମା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ନିଶ୍ଚେତକ ବିଭାଗ, ଡାକ୍ତର ଶତାବ୍ଦୀ ଜେନା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଚକ୍ଷୁରୋଗ ବିଶେଷଜ୍ଞ, ଡାକ୍ତର ପ୍ରତୀକ୍ଷା ବେହେରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଭାବେ ମାଇକ୍ରୋବାଇଲୋଜି ଓ ଡାକ୍ତର ନିର୍ମାଲ୍ୟ ମହାପାତ୍ର ଏଲଟିଆରଏମଓ ଭାବେ ମେଡିସିନ ବିଭାଗକୁ ଆସିଛନ୍ତ ।

# ସ୍କୁଟର ଉପରେ ବସିଥିବା ମୃତ ଦେହ ଉଦ୍ଧାର

କେନ୍ଦୁଝର:୦୬/୦୩(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଟିପିଏନଓଡ଼ିଏଲ୍ (ଟାଟା ପାୱାର)ରେ ଲାଇନମ୍ୟାନ ଭାବେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କର ମୃତଦେହ ଆଜି କେନ୍ଦୁଝର ସହରର ସାମଲ ଅଟୋ ଓଭର ବ୍ରିଜ୍ ? ନିକଟରୁ ଉଦ୍ଧାର ହୋଇଛି । ସ୍କୁଟରରେ ବସିଥିବା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ଗତକାଲି ରାତି ପ୍ରାୟ ୯ଟାରେ ମାଇନିଙ୍ଗ୍ ? ରୋଡରେ ଏକ ଚାହା ଦୋକାନରେ ଚାହା ପିଉଥିବା ଅବସ୍ଥାରେ ଶେଷଥର ଦେଖିଥିବା ମିଳିଥିବା ବେଳେ ଉକ୍ତ ସ୍ଥାନକୁ ସେ କାହିଁକି ଗଲେ ଓ କିପରି ମୃତ୍ୟୁ ହେଲା ତାହାକୁ ନେଇ ନାନା ପ୍ରଶ୍ନ ତାଙ୍କ ସହଯୋଗୀ କର୍ମଚାରୀ ଉଠାଇବା ସହ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି। ତାଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଛି ନା କେହି ତାଙ୍କୁ ହତ୍ୟା କରିଛି ତାହା ତଦନ୍ତ ସାପେକ୍ଷ। ମୃତ ଲାଇନମ୍ୟାନଙ୍କ ନାମ ଦେବାଶିଷ ସ୍ୱାଇଁ (୪୧) ଏବଂ ଘର ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳରେ ବୋଲି ଜଣାପଡ଼ିଛି। ମୃତ ଲାଇନମ୍ୟାନ ହୃଦ୍ ?ଘାତ ଯୋଗୁ ନା ଅନ୍ୟ କୌଣସି କାରଣରୁ ମୃତ୍ୟୁବରଣ କରିଛନ୍ତି, ତାହା ବ୍ୟବଚ୍ଛେଦ ପରେ ଜଣାପଡ଼ିବ। ଖବର ପାଇବା ପରେ ପୋଲିସ



ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଖବର ପାଇ ଟାଟା ପାୱାରର କର୍ମଚାରୀମାନେ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ବ୍ୟକ୍ତ କରି ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି।

# ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ

ଆନନ୍ଦପୁର:୬/୩(ଗଗନ ବିହାରୀ ଦାସ)ଆନନ୍ଦପୁର ମହାବିଦ୍ୟାଳୟ ର ନୂତନ ସମ୍ମିଳନୀ କକ୍ଷରେ ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ଙ୍କ ସଭାପତିତ୍ୱରେ ରସାୟନ ବିଜ୍ଞାନ ବିଭାଗ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛିସର୍ବ ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟ ରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ଆଇ ଏମ ଏମ ଟି,ଭୁବନେଶ୍ୱର ର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡକ୍ଟର ବିକାଶ କୁମାର ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ସମ୍ମାନିତ ଅତିଥି ଭାବେ ଡକ୍ଟର ଶକ୍ତି ପ୍ରସାଦ



ମହାପାତ୍ର,,ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା,ଆଦ୍ୟଦେବ ମହାନ୍ତି ପ୍ରମୁଖ ଯୋଗଦେଇଥିଲେଲକ୍ଷ୍ମୀ ପ୍ରିୟା ନାୟକ ଓ ସଞ୍ଜୟ କୁମାର ସାହୁ ଙ୍କ ସଂଯୋଜନା ରେ ବିଭାଗ ର ମୁଖ୍ୟ ଡକ୍ଟର ନିମାଇଁ ଚରଣ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସେମିନାର ଉପଦେଷ୍ଟା ଅଧାପକ ବିଶ୍ୱରଂଜନ ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ ଓ ସେମିନାର ସମ୍ପାଦକ ସନ୍ଦୀପ କୁମାର ଜେନା ବାର୍ଷିକ ବିବ ରଣୀ ପାଠ କରିଥିଲେଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲାମୁଖ୍ୟ ଅତିଥି ଡକ୍ଟର ବିକାଶ କୁମାର ଜେନା ନା ନୋ ମ୍ୟାଟେରିଆଲ ର ମଲ୍ଟି ଫଙ୍କ ସ ନାଲ ପ୍ରୟୋଗ ସମ୍ବନ୍ଧରେ ଆଲୋଚନା କରିଥିଲେ ରାଜେନ୍ଦ୍ର ଜେନା ବେଷ୍ଟ ସେମିନାର ଟକ ଏବଂ କୃତି ଛାତ୍ର ଛାତ୍ରୀ ମା ନ ଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେଅଧକ୍ଷ ମୁଖ୍ୟ ଅତିଥି ଙ୍କୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରି ଥିଲେସହ ସମ୍ପାଦିକା ଲକ୍ଷ୍ମୀ ପ୍ରିୟା ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ପ୍ରଧା ପି କା ଶ୍ରୀ ଲେଖା ସାହୁ,ସଂଘମିତ୍ରା ରାଉତ, ପୁଷ୍ପଲତା ରାମ,ମମତା ମିଶ୍ର,ତନୁ ଶ୍ରୀ ପଣ୍ଡା,ସାବିନା ।ର ବେଗ ମ,ମିତା ଶ୍ରୀ ବେହେରା, ଭାରତୀ ସାହୁ,ବିଶ୍ୱଜିତ୍ ରାଉତ,ଦୁର୍ଗା ଶଙ୍କର ପରିଡ଼ା, ପାର୍ଥ ସାରଥି ବେଜ ତଥା ସମସ୍ତ ଛାତ୍ର ଛାତ୍ରୀ କାର୍ଯ କ୍ରମ ରେ ସହଯୋଗ କରିଥିଲେ ରସାୟନ ବିଜ୍ଞାନ ବିଭାଗ ର ବୁଲେଟିନ ସିଲିକା କୁ ଅତିଥି ମାନେ ଉଁମୋ ଚନ କରିଥିଲେ।ସର୍ବ ଶେଷ ରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ କ୍ରମ ପରିବେଷଣ କରାଯାଇଥିଲା ।

# ପାଟଣା ବିଡ଼ିଓଙ୍କୁ ଧନ୍ୟବାଦ ଦେଲେ ତଣ୍ଡବାଙ୍କଘାଟସାହିର ଗ୍ରାମବାସୀ

ପାଟଣା:୬/୩/ (ଦଶରଥ ବାରିକ୍) ପାଟଣା କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତର ତଣ୍ଡ ବାଙ୍କ ଘାଟ ସାହିରେ ଗତକାଲି ପାଣି ନପାଇବାରୁ ଶତାଧିକ ମହିଳା ମାନେ ଏକତ୍ରିତ ହୋଇ ପାଣି ପାଇଁ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ ଏହାପରେ ମହିଳାମାନେ ମୁଣ୍ଡରେ ଗରା ବାଲ୍ଟି ଧରି ବିଡ଼ିଓ ଙ୍କ ଅଫସ ପରିସରରେ ଧସେଇ ପଶିଲେ ଯାଇ ପାଣି ମାଗିଥିଲେ ପାଣି ନଦେଲେ ଆମେ ଆଜି ବ୍ଲକ ଅଫିସରୁ ଉଠିବୁ ନାହିଁ ବୋଲି ଶତାଧିକ ମହିଳାମାନେ କହିଥିଲେ ପାଟଣା ବ୍ଲକ ରେ ଥିବା ବିଡ଼ିଓ ମାନସ କୁମାର ଦଣ୍ଡ ପାଟ୍ ମହିଳାମାନଙ୍କୁ ଆଗେ ବସିବା ପାଇଁ କହିଥିଲେ ଏହାପରେ ବିଡ଼ିଓ ମାନସ କୁମାର ଦଣ୍ଡ ପାଟ୍ ଡବ୍ଲୁ ଏସ ଆଣ୍ଡ ଏସ ଯନ୍ତ୍ରୀ ମିଥୁନ ମାଝିଙ୍କୁ ତୁରନ୍ତ ପାଣି ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ବିଡ଼ିଓ ଙ୍କ କଥା ଶୁଣିବା ମାତ୍ରେ ରେ ନଳକୂପ ମରାମତି କରିବା ପାଇଁ




ତଣ୍ଡ ବାଙ୍କ ଘାଟ ସାହି କୁ ଏକ ଗାଡ଼ି ଯାଇଥିବା କହିଥିଲେ ସେଠାରେ ଥିବା ନଳକୂପ କୁ ମରାମତି କରିଥିବା ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡ ପାଟ୍ ସୂଚନା ଦେଇଛନ୍ତି ତଣ୍ଡ ବାଙ୍କ ଘାଟ ସାହିରେ ପାଣି ମିଳିଥିବାରୁ ଆଜି ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡ ପାଟ୍ କୁ ଶତାଧିକ ମହିଳା ମାନେ ଧନ୍ୟବାଦ ଜଣାଇବା ସହିତ ଆମ ବିଡ଼ିଓ ବହୁତ ଭଲ ବୋଲି ଗାଁ ଗାଁ ରେ ଏବେ ଚର୍ଚ୍ଚା କରୁଛନ୍ତି ଲୋକମାନେ ।

# ୫ ନୂଆ ରେଞ୍ଜ କାର୍ଯ୍ୟାଳୟ ନିମନ୍ତେ ପ୍ରସ୍ତାବ

କେନ୍ଦୁଝର:୦୬/୦୩(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ବନଖଣ୍ଡ ଅଧୀନରେ ୭ଟି ରେଞ୍ଜ ରହିଥିବା ବେଳେ, ଆଉ ୫ଟି ନୂଆ ରେଞ୍ଜ କାର୍ଯ୍ୟାଳୟ ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦୁଝର ବନଖଣ୍ଡ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ପୂର୍ବରୁ ବଡ଼ବିଲ, ଚମ୍ପୁଆ, ସଦର, ଭୂୟାଁ ଜୁଆଙ୍ଗ ପୀଢ଼, ତେଲକୋଇ, ପାଟଣା, ଘଟଗାଁରେ ରେଞ୍ଜ ଥିବାବେଳେ ବିମଳା, ନୟାକୋଟ, ଯୋଡ଼ା, ଜଙ୍ଗିରା, ସାହରପଡ଼ାରେ ନୂତନ ରେଞ୍ଜ ପାଇଁ ପ୍ରସ୍ତାବ ଦିଆଯାଇଥିବା ନେଇ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ସୂଚନା ଦେଇଛନ୍ତି। ପୂର୍ବରୁ ବନଖଣ୍ଡରେ ୨୫ଟି ସେକ୍ସନ ରହିଥିବା ବେଳେ, ୩୨ଟି ସେକ୍ସନ ଏବଂ ୧୦୫ଟି ବିଟ ରହିଥିବା ବେଳେ, ୨୪୨ଟି ବିଟ କରାଯିବାକୁ ପ୍ରସ୍ତାବ ଦିଆଯାଇଛି ! କେନ୍ଦୁଝର ବନଖଣ୍ଡ ମୋଟ ୬୨୫୬ ବର୍ଗ କିଲୋମିଟର ଏରିଆକୁ ନେଇ ଗଠିତ ହୋଇଛି। ଗୋଟିଏ ବିଟ ଅଧୀନରେ ୬୦ବର୍ଗ କିଲୋମିଟର ଥିବାବେଳେ ଏହାକୁ କମାଇ ୨୬ବର୍ଗ କିଲୋମିଟର କରାଯିବାକୁ ପ୍ରସ୍ତାବ ରହିଛି ! କେନ୍ଦୁଝର ବନଖଣ୍ଡ ଅଧୀନରେ ଆଉ ୫ଟି ନୂଆ ରେଞ୍ଜ ପ୍ରତିଷ୍ଠା ହେଲେ ଜଙ୍ଗଲ, ବନ୍ୟପ୍ରାଣୀଙ୍କ ସୁରକ୍ଷା ସହିତ ଜଗାରଖା ଠିକ୍ ଭାବରେ ହୋଇପାରିବ। କେନ୍ଦୁଝର ବନଖଣ୍ଡରେ ଦିନକୁ ଦିନ କାଠ ଚୋରୀ ଠାରୁ ଆରମ୍ଭ କରି ଖଣିଜ ଚୋରୀ, ବନ୍ୟପ୍ରାଣୀ ଶିକାର ବଢ଼ିବାରେ ଲାଗିଛି।

# ବିଜୁ ଜନ୍ମ ଜୟନ୍ତୀ ପାଳନ



ପାଟଣା:୬/୩/(ଦଶରଥ ବାରିକ୍) ପାଟଣା ପାଟଣା ବ୍ଲକ ମୁଖ୍ୟାଳୟ ଆନନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣ କଲ୍ୟାଣ ମଣ୍ଡପ ଠାରେ ଆଜି ପାଟଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ୧୧୦ ତମ ବିଜୁ ଜନ୍ମ ଜୟନ୍ତୀ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଙ୍କ ଆବାହାକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି।ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି ଅଧକ୍ଷତା କରିଥିବା ବେଳେ ୧୮ ନଂ ଜୋନ ର ଜୋନ ସଭାପତି ଯଦୁମଣି ବାରିକ ମଞ୍ଚ ପରିଚାଳନା କରିଥିଲେ।ପ୍ରଥମେ ବିଜୁ ବାବୁଙ୍କ ତୈଳ ଚିତ୍ରରେ ଶ୍ରଦ୍ଧା ସୁମନ ପୂର୍ବକ ପୁଷ୍ପମାଲ୍ୟା ଓ ଧୂପ ପ୍ରଜ୍ୱଳ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରବାଦ ପୁରୁଷ କଳିଙ୍ଗ ବୀର ଭାବେ ସୁଖ୍ୟାତ ଅର୍ଜନ କରିଥିବା ସ୍ୱର୍ଗତ ବିଜୁ ବାବୁ କିପରି ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ ସେନେଇ ଦଳୀୟ ନେତୃବୃନ୍ଦ ନିଜ ନିଜର ବକ୍ତବ୍ୟ ରଖିଥିଲେ।ଦଳକୁ ଅଧିକ ସୁଦୃଢ କରିବା ପାଇଁ ନିଷ୍ଠାର ସହିତ କାମ କରି ସଂଗଠନ କୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ।କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି,ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ସାଂସଦ ପ୍ରତିନିଧି ଅଜୟ କୁମାର ପଟ୍ଟନାୟକ ,ଜିଲ୍ଲା ଉପସଭାପତି ଗୋବିନ୍ଦ ଚନ୍ଦ୍ର ମହାନ୍ତ,, ସାହାରପଡା ବ୍ଲକ ସଭାପତି ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ଉପସଭାପତି, ରାହାସବିହାରୀ ପୃଷ୍ଟି, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରସାନ୍ତ କୁମାର ଭଞ୍ଜଦେଓ, ନିରଞ୍ଜନ ତ୍ରିପାଠୀ,ଜିଲ୍ଲା ସମ୍ପାଦକ ଶତ୍ରୁଘ୍ନ ସିଂ,ଜିଲ୍ଲା ସାଧାରଣ ସମ୍ପାଦକ ବସନ୍ତ ମିଶ୍ର,୨୩ନଂ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ,୨୨ ନଂ ଜିଲ୍ଲା ପରିଷଦ ସୌଭାଗ୍ୟ ମଞ୍ଜରୀ ନାୟକ,୧୮ ନଂ ଜିଲ୍ଲା ପରିଷଦ ରାଧାକାନ୍ତ ନାୟକ,୨୯ ନଂ ଜିଲ୍ଲା ପରିଷଦ ବୃନ୍ଦଦେବ ମହାକୁଡ଼, ପୂର୍ବତନ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ପୂର୍ବତନ ଉପାଧାକ୍ଷା ପାଟଣା କନକଲତା ନାଏକ, ବଡ଼ ପାଟଣା ସରପଞ୍ଚ ବିନତି ବାନରା , ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ,କପୁଣ୍ଡି ସମିତି ସଭ୍ୟ ବିଜୟ କୁମାର ପଇଦା, ପୂର୍ବତନ ସରପଞ୍ଚ ତେଣ୍ଡରା ରାଜ ବଲ୍ଲଭ ଦେହୁରୀଙ୍କ ସହିତ ବରିଷ୍ଠ ବରିଷ୍ଠ କାର୍ଯ୍ୟକର୍ତା ଭାଗିରଥି ଦାଶ, ରାଇଡିହା ନାଏବ ସରପଞ୍ଚ ନମିତା ମହାନ୍ତ, ବହୁ ବିଜେଡି ନେତଙ୍କ ସହିତ ବହୁ ବରିଷ୍ଠ ଓ ଯୁବ ବିଜେଡି କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ବରିଷ୍ଠ କିରାଣୀଙ୍କୁ ଅବସରପ୍ରାପ୍ତ ସମ୍ବର୍ଦ୍ଧନା

ପଣ୍ଡାପଡା ୦୬/୦୩ (ଅକ୍ଷର ଓଡିଶା ) : ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଠାରେ ଥିବା ସତ୍ୟନାରାୟଣ ବିଦ୍ୟାପୀଠ ର ବରିଷ୍ଠ କିରାଣୀ କମଳାକାନ୍ତ ମହାନ୍ତ ଙ୍କୁ ଆଜି ବିଦ୍ୟାଳୟ ରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି କ୍ଷ ଦୀର୍ଘ ୨୬ ବର୍ଷର



ସେବା ପରେ ସେ ବିରାମ ନେଇଛନ୍ତି କ୍ଷ ଆଜିର ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ କ୍ଷ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଶିକ୍ଷକ ଲମ୍ବୋଦର ନାୟକ କ୍ଷ ନିମନ୍ତ୍ରିତ ହୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ସ୍ଥାନୀୟ ସରପଞ୍ଚ ଖଇର ନାୟକ କ୍ଷ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଭାଗୀରଥି ପୃଷ୍ଟି କ୍ଷ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ, ସ୍କୁଲ ପରିଚାଳନା କମିଟି ସଦସ୍ୟ ପୀତବାସ ପଟ୍ଟନାୟକ, ବଳଭଦ୍ର ମହାକୁଡ଼, ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମୂଲ୍ୟ ଦତ୍ତ ଓ ସିଆରସିସି ଜିତେନ୍ଦ୍ର କୁମାର ଗିରି କ୍ଷ ନିମନ୍ତ୍ରିତ ଅତିଥି, ବିଦ୍ୟାଳୟ ର କର୍ମକର୍ତ୍ତା, ଛାତ୍ରଛାତ୍ରୀ ମାନେ ବିଦାୟୀ କିରାଣୀ ଙ୍କ କର୍ତ୍ତବ୍ୟନିଷ୍ଠ ,ସମୟାନୁବର୍ତ୍ତୀତା, କାର୍ଯ୍ୟଦକ୍ଷତା, ସ୍ନେହୀ, ଓ ଉଦାରତା ଉପରେ ଭୂୟସୀ ପ୍ରଶଂସା କରିଥିଲେ ଓ ତାଙ୍କର ଅନୁପସ୍ଥିତି ବିଦ୍ୟାଳୟ ପାଇଁ ବିରାଟ ଶୂନ୍ୟତା ବୋଲି ପରିପ୍ରକାଶ କରିଥିଲେ କ୍ଷ ବିଦ୍ୟାଳୟର ଦିପାଞ୍ଜଳୀ ସେଠି, ବନଲତା ଚାନ୍ଦ, ରଞ୍ଜିତା ମୁର୍ମୁ, ମଧୁସ୍ମିତା ମହାପାତ୍ର, ପ୍ରସାନ୍ତ ମହାନ୍ତି, ଦୀନବନ୍ଧୁ ପଣ୍ଡା, ମଦନମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଶେଷରେ ବିଦାୟୀ କିରାଣୀ ଓ ତାଙ୍କ ସହଧର୍ମିଣୀ କୁମୁଦିନୀ ମହାନ୍ତ ଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ, ଓ ଅନ୍ୟାନ୍ୟ ଉପହାର ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା ।

# ବଡ଼ବିଲ ହରିହର ମନ୍ଦିରର ଚାଳିଶତମ ବାର୍ଷିକ ଉତ୍ସବ

ବଡ଼ବିଲ ୦୬/୦୩ :(ସରୋଜ କୁମାର ମହାପାତ୍ର):କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ବଡ଼ବିଲ ପୌରାଞ୍ଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତ ରେ ଅବସ୍ଥିତ ବଡ଼ବିଲ ହରିହର ମନ୍ଦିରର ଚାଳିଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିରରେ ଏକ ପାର୍ଶ୍ୱରେ ମହାପ୍ରଭୁ ଜଗନ୍ନାଥଙ୍କ ସହ ଚତୁର୍ଦ୍ଧା ମୂର୍ତ୍ତୀ ପୂଜା ପାଉଥିବା ବେଳେ ଅନ୍ୟ ପାର୍ଶ୍ୱରେ ଦେବାଧିଦେବ ମହାଦେବ ପୂଜା ପାଆନ୍ତି ଯାହାକୁ ନେଇ ଏ ମନ୍ଦିରର ନାମକରଣ ହୋଇଛି ହରିହର ମନ୍ଦିର। ଏହି ହରିହର ମନ୍ଦିରର ସ୍ଥାପନା ଆଜକୁ ୪୦ବର୍ଷ ପୂର୍ବେ ୧୯୮୬ ମସିହାରେ ହୋଇଥିଲା। ଆଜି ବାର୍ଷିକ ଉତ୍ସବ ଅବସରରେ ଭୋର ସମୟରେ ହରିହରଙ୍କ ନିତିକାନ୍ତି ପୂଜାର୍ଚ୍ଚନା ପରେ କଳସ ସ୍ଥାପନ ହୋମଯଜ୍ଞ ପୂଜାପାଠ ଯଥାବିଧି ସହକାରେ କରାଯାଇଥିଲା । ଏହି ପୂଜାପାଠ ସୁବେଦ୍ୟ ବ୍ରାହ୍ମଣଙ୍କ ଦ୍ୱାରା କରାଯାଇଥିବା ବେଳେ ବଡ଼ବିଲ ତହସିଲଦାର ତଥା ମନ୍ଦିରର ସଭାପତି ରାକେଶ କୁମାର ପଣ୍ଡା ଓ ତାଙ୍କ ସହଧର୍ମିଣୀ କର୍ତ୍ତାକର୍ତ୍ତ୍ରୀ ଭାବେ ପୂଜାରେ ବସିଥିଲେ। ଅପରାହ୍ନ ସାଢ଼େ ପାଞ୍ଚ ଘଟିକା ସମୟରେ ପୂଜା ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏବଂ ଦ୍ୱିପ୍ରହର ସମୟରେ ଶତାଧିକ ସଂଖ୍ୟାରେ ଆଗନ୍ତୁକ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟା ସମୟରେ ଏକ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ରହିଥିବା ନେଇ ସୂଚନା। ଏହି ହରିହର ମନ୍ଦିରର ବାର୍ଷିକ ଉତ୍ସବକୁ ମନ୍ଦିରର କାର୍ଯ୍ୟକାରୀ ସଭାପତି ପ୍ରଦୀପ ଠକର , ସମ୍ପାଦକ ପ୍ରତାପ କୁମାର ଜେନା, ସହ ସମ୍ପାଦକ ଅଶୋକ ଦାସ ଓ ମନ୍ଦିର କମିଟିର ସମସ୍ତଙ୍କ ସହଯୋଗରେ କରାଯାଇଥିଲା।

# କେନ୍ଦୁଝର ଜିଲ୍ଲା କଂଗ୍ରେସ୍ ପକ୍ଷରୁ ଜନ ଅଧିକାର ସମାବେଶ

ବଡ଼ବିଲ ୦୬/୦୩:(ସରୋଜ କୁମାର ମହାପାତ୍ର):କେନ୍ଦୁଝର ଜିଲ୍ଲା ଯୋଡ଼ା ବନେଇକଳା ଖେଳ ପଡ଼ିଆରେ କଂଗ୍ରେସ କମିଟି ପକ୍ଷରୁ ଜନଅଧିକାର ସମାବେଶ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତାମାନେ ଯୋଡ଼ା ଠାରେ ପହଞ୍ଚିବା ପରେ ତାଙ୍କୁ ପାରମ୍ପାରିକ ନୃତ୍ୟ ବାଦ୍ୟ ର ତାଳେ ତାଳେ କଂଗ୍ରେସର କର୍ମୀ ମାନେ ପାଛୋଟି ନେଇଥିଲେ।ଏହି ସମାବେଶରେ ରାଜ୍ୟ କଂଗ୍ରେସ ପିସିସି ସଭାପତି ଭକ୍ତ ଚରଣ ଦାସ , କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା କଂଗ୍ରେସ ସଭାପତି ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ । କେନ୍ଦୁଝର ଜିଲ୍ଲାରେ ଜଳ ଜଙ୍ଗଲ ଜମିର ଅଧିକାର ସହ ଖଣି ଦୁର୍ନୀତି , ଖଣି ଅଞ୍ଚଳ ରେ ପ୍ରଦୂଷିତ ଜଳ,ବାୟୁ ପ୍ରଦୂଷଣ , ଖଣି ଦୂର୍ନୀତି ସ୍ଲରି ପାଇପ ଯୋଗେ ଖଣିଜ ଦ୍ରବ୍ୟ ପରିବହନ ଆଳରେ କାନପୁର ଜଳସେଚନ ପ୍ରକଳ୍ପର ପାଣି ଚାଷୀଙ୍କ ବଦଳରେ ଖଣି କମ୍ପାନୀକୁ ଯୋଗାଇ ଦେବା, ସମସ୍ତଙ୍କ ପାଇଁ ସମାନ ତଥା ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ରାଜ୍ୟରେ ମଧ୍ୟମ ଓ କୁଟୀର ଶିଳ୍ପ ଜରିଆରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ବେକାରୀ ସମସ୍ୟା, ଏସବୁକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି କଂଗ୍ରେସର ବରିଷ୍ଠ ନେତୃମଣ୍ଡଳୀ।



## ନିଆରା ଢଙ୍ଗରେ ହୋଲି ପାଳିଲେ

# ଷ୍ଟିଲ ସିଟି ପ୍ରେସ କ୍ଲବର ସଦସ୍ୟ




ଯାଜପୁର,୦୬।୦୩(ଅକ୍ଷର ଓଡ଼ିଶା):ହୋଲି ଏମିତି ଏକ ପର୍ବ ଯାହାକି ପ୍ରେମ, ଆନନ୍ଦ ଓ ଉଲ୍ଲାସର ପର୍ବ । ଏହି ପର୍ବରେ ନଥାଏ ଜାତି ଧର୍ମ ଓ ସାନ ବଡ଼ର ସମ୍ପର୍କ । ଯିଏ ଯାହାବି ହେଉନା କାହିଁକି ଗାଁକୁ ଧାଇଁ ଆସିଥାଏ ଏ ବନ୍ଧୁତ୍ୱର ପର୍ବ ହୋଲି ଖେଳିବାକୁ । ଆଜି ଏହି ହୋଲି ପରିପ୍ରେକ୍ଷୀରେ କଳିଙ୍ଗ ନଗର ଅଞ୍ଚଳରେ ଧୁମଧାମରେ ହୋଲି ପର୍ବ ପାଳିତ ହୋଇଯାଇଛି । କଳିଙ୍ଗ ନଗର ଅଞ୍ଚଳର ଅଗ୍ରଣୀ ଷ୍ଟିଲ ସିଟି ପ୍ରେସ କ୍ଲବର ସାମ୍ବାଦିକ କିଛି ନିଆରା ଢଙ୍ଗରେ ହୋଲି ପାଳନ କରିଛନ୍ତି । ହୋଲି ପାଇଁ ବିଭିନ୍ନ ଦୋକାନ ବଜାର ବନ୍ଦ ଥିବା ବେଳେ କୌଣସି ରୋଗୀଙ୍କର କିଛି ଅସୁବିଧାର ସମୁଖୀନ ନ ହେବା ପାଇଁ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଡାକ୍ତରଙ୍କ ଉପସ୍ଥିତରେ ରୋଗୀମାନଙ୍କୁ ଶୁଖିଲା ଖାଦ୍ୟ ଓ ଫଳ ବଣ୍ଟନ କରି ରୋଗୀଙ୍କ ମୁହଁରେ ହସ ଦେଇପାରିଛି । ଷ୍ଟିଲ ସିଟି ସାମ୍ବାଦିକ ସଙ୍ଘ । ଆଗାମୀ ଦିନରେ ଦୁଃଖୀ, ଗରିବ ପାଖରେ ପହଞ୍ଚି ଲୋକଙ୍କ ସମସ୍ୟାର ସମାଧାନ ଜାରି ରଖିବ ଏହି ସଙ୍ଘ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ କୈଳାସ ପୃଷ୍ଟି ଓ ଅକ୍ଷୟ ଧଳଙ୍କ ସମେତ ଷ୍ଟିଲ ସିଟି ପ୍ରେସ କ୍ଲବର ସଦସ୍ୟ ଅବିନାଶ ମିଶ୍ର, ପଦ୍ମନାଭ ପହି, ତୁଷାର ସାହୁ, ଭାଗିରଥି ନାଥ, ବିଜୟ ରଶ୍ମି ତ୍ରିପାଠୀ, ମୃତ୍ୟୁଞ୍ଜୟ ଦେଓ, ରାକେଶ ଘଡେଇ,ପ୍ରମୁଖ ଉପସ୍ଥିତ ଥିଲେ ।

# ସୁସ୍ଥ ମନ୍ଦିର ପରିବେଶ ସଚେତନତା ଶିବିର

ବେଲଗୁଣ୍ଠା,୦୬।୦୩ (ଅକ୍ଷର ଓଡ଼ିଶା): ଗାଙ୍ଗପୁର ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟର ଆୟୋଜନ କ୍ରମେ ବେଲଗୁଣ୍ଠା ବ୍ଲକ୍ ଖଇରପୁଟି ହନୁମାନ ମନ୍ଦିର ପ୍ରାଙ୍ଗଣରେ ସୁସ୍ଥ ମନ୍ଦିର ପରିବେଶ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଇକୋ କ୍ଲବ୍ ସଂଯୋଜକ ତଥା ଅବସରପ୍ରାପ୍ତ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଡକ୍ଟର୍ ଶଙ୍କର ନାରାୟଣ ବେଜ,ଗାଙ୍ଗପୁର ବନପାଳ ଦିଲ୍ଲୀପ୍ କୁମାର ଦାସ , ଖଇରପୁଟି ପଂଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମାଝୀ, ଗାଙ୍ଗପୁର ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ମନ୍ଦିର ଏବଂ ପୁଷ୍କରିଣୀକୁ ସ୍ୱଚ୍ଛ ରଖିବା ଦିଗରେ ସରକାର ଜଙ୍ଗଲ,ପରିବେଶ ଏବଂ ଜଳବାୟୁ ମନ୍ତ୍ରାଳୟ ବିଭାଗର ଏହା ଏକ ଅଭିନବ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରିଥିଲେ ଓ ମୁଖ୍ୟ ଅତିଥି ଡକ୍ଟର୍ ବେଜ୍ ପରିବେଶ ସୁରକ୍ଷା ସହିତ ବିଶ୍ୱ ତାପନ ନିୟନ୍ତ୍ରଣ ଉପରେ ନିଜର ବକ୍ତବ୍ୟ ରଖିଥିବା ବେଳେ ବନପାଳ ଶ୍ରୀ ଦାସ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଏହା ସହିତ ପ୍ରତ୍ୟେକ ବ୍ୟକ୍ତି ମଠ ମନ୍ଦିର ଭଳି ସାମାଜିକ ଅନୁଷ୍ଠାନ ଏବଂ ପୁଷ୍କରିଣୀର ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ସହ ଏହାର ସବୁଜ ପରିବେଶର ଉନ୍ନତିକରଣ ନିମନ୍ତେ କାର୍ଯ୍ୟ କରିବା ଉଚିତ୍ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଓ ଏହି ଅବସରରେ ହନୁମାନ ମନ୍ଦିର ପରିସରରେ ସଫେଇ ସହିତ ଚାରା ରୋପଣ କରାଯିବା ସହ ଡଷ୍ଟବିନ୍‌ର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା ଓ କାର୍ଯ୍ୟକ୍ରମରେ ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ,ଖଇରପୁଟି ପଂଚାୟତ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କଟକ ସଦର, ୦୬।୦୩ (ଅକ୍ଷର ଓଡ଼ିଶା): କଟକ ସଦର ଅନ୍ତର୍ଗତ ସୋମପୁର ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁଲତା ରାଉତରାୟଙ୍କୁ ଭାବାବେଗ ପରିବେଶ ମଧ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଗ୍ରାମର ମୁରବୀ କୈଳାସ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁଭଦ୍ରା ଦାସ, କଟକ ସଦର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା,ସୋମପୁର ସରପଞ୍ଚ ପିତାମ୍ବର ଦାସ,ସମିତି ସଭ୍ୟା କୁନି ଭୋଇ,ଥୋରିଆପଡା କ୍ଲଷ୍ଟରର ସିଆରସିସି ଅର୍ପିତା ମିଶ୍ର,ପାଇକାଣ ସ୍କୁଲର ପ୍ରଧାନ ଶିକ୍ଷକ ସେଖ୍ ଅବଦୁଲ ବୁରହାନ,ଶିକ୍ଷକ ସାଜିଦ୍ ଅଲ୍ଲି ଖାନ୍,ଶିକ୍ଷକ ପ୍ୟାରିସ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅବସର ନେଉଥିବା ରଞ୍ଜୁଲତା ରାଉତରାୟଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉକ୍ତ କ୍ଲଷ୍ଟରର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କ ସମେତ ଅଭିଭାବକ/ଅଭିଭାବିକା ମାନେ ଯୋଗ ଦେଇଥିଲେ । ପରିଚାଳନାରେ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ପ୍ରଗତି ସ୍ୱାଇଁ ଓ ପରିଚାଳନା କମିଟି ସଭାପତି ଟୁକୁନା ସ୍ୱାଇଁ,ଜ୍ୱାଇଁ ଦେବରାଜ ଦେ,ଝିଅ ଶାଶାଲିପି ନାୟକ,ପୁତୁରା ସୁବୋଧ ନାୟକ ଙ୍କ ସମେତ ଗ୍ରାମବାସୀ ମାନେ ସହାୟତା କରିଥିଲେ ।

# ନିଶୁଣି ବିକାଳି ରୁଷିଆ ପାଇଁ ଆବାସ ସାତ ସପନ



ଧରାକୋଟ, ୦୬।୦୩ (ଅକ୍ଷର ଓଡ଼ିଶା): ବେସାହାରା ଅସହାୟ ପରିବାର ଲୋକଙ୍କ ପାଇଁ ସରକାର ଯୋଗାଇ ଦେଉଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର । ଏହାର ମୂଳ ଲକ୍ଷ୍ୟ ରହିଛି ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଘର ରହିବ । ଏଥିପାଇଁ ଉପଯୁକ୍ତ ହିତାଧିକାରୀ ଚୟନ ପାଇଁ ସରକାର ନୀତି ନିୟମ ପ୍ରଣୟନ କରିଛନ୍ତି । ହେଲେ ବାସ୍ତବରେ ଗରିବ ଗୁରୁବାଙ୍କ ସପ୍ନର ଘର ସେମାନଙ୍କ ପାଇଁ ସପ୍ନ ହୋଇ ରହିଯାଉଛି । ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଧରାକୋଟ ବ୍ଲକର ବରଡ଼ାବିଲି ପଞ୍ଚାୟତ ର ହରିପୁର ଗାଁର ରୁଷିଆ ନାୟକଙ୍କ କ୍ଷେତ୍ରରେ । ହରିପୁର ଗାଁର ବଳିଆ ନାୟକ ଓ ଖଲି ନାୟକଙ୍କ ପୁଅ ରୁଷିଆ ନାୟକ ( ୩୮) । ପରିବାର କହିଲେ ସ୍ତ୍ରୀ ପୁଷ୍ପାଞ୍ଜଳି ଓ ଝିଅ ଦିପା । ରୁଷିଆ ୧୪ ବର୍ଷ ବୟସରୁ ନିଶୁଣି ବିକ୍ରି କରିଆସୁଥିବା ବେଳେ ସ୍ତ୍ରୀ ଦିନ ମଜୁରିଆ । ଝିଅ ଦୀପା ଷଷ୍ଠ ଶ୍ରେଣୀରେ ନିକଟସ୍ଥ ବିଦ୍ୟାଳୟରେ ପାଠ ପଢୁଛି । ଗରିବ ଓ ଅସହାୟ ପରିବାର ର ରୁଷିଆ ପାଇଁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନାହିଁ । ଏଣୁ ଜରି ପାଲ ଢାଙ୍କିହୋଇଥିବା ଘରେ ତିନି ପ୍ରାଣୀଙ୍କ ଜୀବନ ବିତୁଛି । ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ରୁଷିଆ ସରକାରୀ ବାବୁ ଏବଂ ନିର୍ବାଚିତ ପ୍ରତିନିଧି ଦୁଇ, ତିନି ଜଣ ସରପଞ୍ଚ ଙ୍କ ପାଖକୁ ଦୌଡ଼ିଛି । ଜଣେ ନୁହେଁ ତିନିଟି ସମୟର ସରପଞ୍ଚ ସମସ୍ତେ ପ୍ରତିଶ୍ରୁତି ଦେଉଛନ୍ତି ଆବାସ ଯୋଜନାରେ ଘର ମିଳିବ । ହେଲେ ଏଯାଏଁ କେହିହେଲେ ପ୍ରତିଶ୍ରୁତି ରଖିନାହାନ୍ତି । ଲାଗୁଛି ରୁଷିଆ ପାଇଁ ଆବାସ ସତେ ଯେମିତି ସାତ ସପନ । ଦଶ ଗୋଡ଼ିଆ,ସାତ ଗୋଡିଆ,ପାଞ୍ଚ ଗୋଡିଆ ନିଶୁଣି ଯଥାକ୍ରମେ ୬୦୦,୩୦୦,୨୦୦ ଟଙ୍କାରେ ବିକ୍ରି କରି ରୁଷିଆ ଯାହାକିଛି ଉପାର୍ଜନ କରୁଛି ତେଲ ଲୁଣର ସଂସାର ଚଳିବାରେ ତାହା ସରି ଯାଉଛି । ଏଣୁ ନିଜପାଇଁ ଛାତ ଘରଟିଏ ଇଚ୍ଛା ଥିଲେମଧ୍ୟ ତାହା ପୂରଣ ହୋଇପାରୁନାହିଁ । ଏ ସମ୍ପର୍କରେ ରୁଷିଆର କହିବା କଥା ହେଲା ସମସ୍ତଙ୍କ ପାଖରେ ଘରଟିଏ ପାଇଁ ନେହୁରା ହେଉଛି ହେଲେ ହାତଗୁଞ୍ଜା ନଦେଲେ ଘର ମିଳିବାର ସମ୍ଭାବନା ନାହିଁ । ଏ ସମ୍ପର୍କରେ ବରଡାବିଲି ସରପଞ୍ଚଙ୍କ ସହ ଯୋଗାଯୋଗ ବେଳେ ଆବାସ ଯୋଜନାରେ ଘର ପାଇବା ପାଇଁ ରୁଷିଆର ନାମ ଅନ ଲାଇନ ରେ ପଞ୍ଜିକରଣ କରାଯାଇଅଛି । ଠିକ ସମୟରେ ନିଶ୍ଚିତ ଭାବରେ ସେ ଆବାସ ଯୋଜନାରେ ଘର ପାଇବ ବୋଲି ପ୍ରକାଶ କରିଛନ୍ତି । ଏଠି ପ୍ରଶ୍ନ ପ୍ରକୃତରେ ଆବାସ ଯୋଜନା କାହାପାଇଁ ? କେବେ ପାଇବ ରୁଷିଆ ଘର ? ରୁଷିଆ ଭଳି ବହୁ ପରିବାର ପାଇଁ ଆବାସ ଯୋଜନା ଯେ ବାଟବଣା ହେଉଛି ତାହା ଏଥିରୁ ସ୍ପଷ୍ଟ ।

## ସ୍ୱର୍ଗତ ଶିକ୍ଷୟିତ୍ରୀଙ୍କ ପରିବାରକୁ ଆର୍ଥିକ ସହାୟତା

କୁଚିଣ୍ଡା, ୦୬।୦୩(ଚତୁର୍ଭୁଜ ଜୟପୁରିଆ ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଟାଇଁସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇଲିଶାବା ଓରାମ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଆସୁଥରେ । ସେ ସ୍ୱର୍ଗତ ଶିକ୍ଷୟିତ୍ରୀଙ୍କ ସ୍ୱାମୀଙ୍କୁ ୨୪, ୮୦୦/- ନିତିନ ରୋଗରେ ପୀଡିତ ହୋଇଗତ ତା-୨୩-୦୧-୨୬ ରିଖରେ ମୃତ୍ୟୁ ବରଣ କରିଥିଲେ । କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ (ଚବିଶ ହଜାର ଆଠ ଶହ)ଟଙ୍କା ପ୍ରଦାନ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରି ତାଙ୍କ ଅମର ଆତ୍ମାର ମୁକ୍ତି ନିମନ୍ତେ ଭଗବାନଙ୍କୁ ପ୍ରାଥନା କରିଥିଲେ । ଏହି ଅର୍ଥରାଶି ପ୍ରଦାନ ସମୟରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର ଦାଶ, ଅରୁଣ କୁମାର ନାଏକ,ଭୋଜରାଜ ନିସାନ,ଦୁଃଖବନ୍ଧୁ ସାହୁ,ଅନିଲ କୁମାର ନାୟକ,ନବ କିଶୋର ଜୟପୁରିଆ ପ୍ରମୁଖ ଉପସ୍ଥିତଥିଲେ ।

# ଏକାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ୧୯୭୬ ମସିହାର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ହିଞ୍ଜିଳିକାଟୁ,୦୬।୦୩(ଅବନି କାନ୍ତ ପଟ୍ଟନାୟକ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଓ ଆସିକା ନିକଟସ୍ଥ ପାକିଡି ଗ୍ରାମଛକ ସ୍ଥିତ ପିତଳ ମହାବିଦ୍ୟାଳୟରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଥାଉ କି ପିତଳ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନେ ୧୯୭୬ ମସିହାରେ ଏକାଦଶ ଶ୍ରେଣୀ ଅଧ୍ୟୟନ କରି ପରୀକ୍ଷା ଦେଇଥିଲେ । ସେମାନଙ୍କ ୫୦ବର୍ଷ ପୂର୍ତ୍ତୀ ଅବସରରେ ବନ୍ଧୁ ମିଳନ ଉତ୍ସବ ପାଳନ ହୋଇଯାଇଛି । ଏହି ଉତ୍ସବରେ ପ୍ରାୟ ୬୦ ଜଣ ବନ୍ଧୁ ପରିବାର ସହ ଏକତ୍ରିତ ହୋଇ ପରିଣତ ବୟସରେ ବାଲ୍ୟକାଳ ସ୍ମୃତି ରୋମନ୍ଥନ କରି ବହୁ ଆନନ୍ଦ ଲାଭ କରି ଥିଲେ । ବର୍ତ୍ତମାନ ସମୟରେ ବହୁ ଶିକ୍ଷକ( ପ୍ରଧାନ ଶିକ୍ଷକଙ୍କ ସହ) ପଞ୍ଚଭୂତରେ ଲୀନ ହୋଇ ସାରିଛନ୍ତି । ଏକ ମାତ୍ର ବର୍ଷିୟାନ ଶିକ୍ଷକ ମାଗୁଣି ଚରଣ ପଣ୍ଡା ଓ ବି. ତାରିଣୀଙ୍କ ଉପସ୍ଥିତି ଓ ଆଶୀର୍ବାଦ ପାଇ ଗର୍ବ ଓ ଗୌରବାନ୍ୱିତ ହୋଇଛନ୍ତି । ବହୁ ପୁରାତନ ଛାତ୍ରଛାତ୍ରୀ ଦୀର୍ଘ ୫୦ ବର୍ଷ ବ୍ୟବଧାନରେ ମିଳିତ ହୋଇପାରିଥିବାରୁ ବହୁ ଆନନ୍ଦ ଉଲ୍ଲାସର ସହିତ ଶିକ୍ଷାର ଉପାଦେୟତା ଓ ପିତଳ ହାଇସ୍କୁଲର ଅବଦାନ ସ୍ମରଣୀୟ ସ୍ମୃତି ସହ ଶିକ୍ଷାର ବିକାଶ ପାଇଁ ସରକାରଙ୍କର ଏହି ପିତଳ କଲେଜ ପ୍ରତିଷ୍ଠାରେଉପାଦେୟତା ଉପଲବ୍ଧ କରି ଓଡ଼ିଶା ସରକାରଙ୍କୁ ବହୁ ପ୍ରଶଂଶାରେ ସମ୍ମାନ ଜଣାଇଥିଲେ । ଏବଂ ମହାବିଦ୍ୟାଳୟର ଉତ୍ତୋରତର ଉନ୍ନତି ପାଇଁ ଯଥା ( +3 ) ଶିକ୍ଷାର ବ୍ୟବସ୍ଥା କରିବା ପାଇଁ ଖବରକାଗଜ ମାଧ୍ୟମରେ ସରକାର ଓ ଶିକ୍ଷା ବିଭାଗର ଉପରିସ୍ଥ ଅଧିକାରୀଙ୍କ ନିକଟରେ ନିବେଦନ ପୂର୍ବକ ପ୍ରଶାସନିକ ଅଧିକାରୀ ଉପଜିଲ୍ଲାପାଳ,(ଭଞ୍ଜନଗର) ଙ୍କୁ ବହୁ ସମ୍ମାନ ଦେଇ ପ୍ରସ୍ତାବ ପାରିତ ହୋଇଥିଲା । ବର୍ଷିୟାନ ଶିକ୍ଷକ ମାଗୁଣୀ ଚରଣ ପଣ୍ଡାଙ୍କ ଆଶୀର୍ବାଦ ପାଇ ତାଙ୍କ ଶିକ୍ଷାଦାନ ପ୍ରଣାଳୀ ଏବଂ ବେତ ମାଡ ଜୀବନ ଯୁଦ୍ଧରେ କେତେ ଯେ ସହାୟକ ହୋଇଛନ୍ତି । ଅତୀତକୁ ମନ ପକାଇ ଭାଗ୍ୟବାନ ମନେକରି ଶେଷରେ ସଭାପତି ଆସନ ଅଳଙ୍କୃତ କରିଥବା ବ୍ୟକ୍ତି ଜଣକ ଅବସରପ୍ରାପ୍ତ ରାଜକିଶୋର ପାଢ଼ୀ କନ୍ଧମାଳ ଜିଲ୍ଲା ବିଜ୍ଞାନ ମହା ବିଦ୍ୟାଳୟର ଅଧ୍ୟାପକଙ୍କ ଓ ଜସ୍ୱିନୀ ବକ୍ତବ୍ୟ ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିପାରିଥିଲା । ଶେଷରେ ମଞ୍ଚ ପରିଚାଳନା କରିଥିଲେ ସମସ୍ତଙ୍କ ପ୍ରିୟ ସହପାଠୀ ବିଜୟ କୁମାର ପାଣିଗ୍ରାହୀ ଓ ସିମାଞ୍ଚଳ ମହାପାତ୍ର । ଅନ୍ୟ ମାନଙ୍କ ମଧ୍ୟରେ ରାଜାରାଓ ସୁବୁଦ୍ଧି,ସୁବାସ ବିଷୋୟୀ, ସାନ୍ତନୁ ସ୍ୱାଇଁ, ଗଙ୍ଗାଧର ଦାସ, କୁନା ସାମନ୍ତରାୟ, ଚିତ ରଞ୍ଜନ ସ୍ୱାଇଁ, ପ୍ରମୋଦ କୁମାର ପଣ୍ଡା, ବିଜୟ ମହାପାତ୍ର, ଅନ୍ତର୍ଯାମୀ ମିଶ୍ର ଏବଂ ସମସ୍ତ ସହପାଠୀଙ୍କ ଆନ୍ତିକନ ସାହାଯ୍ୟ ଓ ସହନାଭୁତି ନେଇ କଲେଜର ଅଧ୍ୟକ୍ଷ ବା ପ୍ରିନ୍ସପାଲ ଓ କେଶବଚନ୍ଦ୍ର ଦାସଙ୍କ ସହଯୋଗରେ ହୋଇଥିବା ମହା ମିଳନ ସମାରୋହର ସଭା ସମାପ୍ତ ହୋଇଥିଲା ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ



ରଣପୁର, ୦୫।୦୩(ଅକ୍ଷର ଓଡ଼ିଶା) : ସଡ଼କ ଦୁର୍ଘଟଣାରେ ଜଣେ ୨୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଯୁବକ ଜଣକ ହେଲେ ରଣପୁର ବ୍ଲକ ବିଲଗାଡ଼ିଆ ଗ୍ରାମର ଶରତ ପଟ୍ଟନାୟକଙ୍କ ପୁତ୍ର ଆଶୀର୍ବାଦ ପଟ୍ଟନାୟକ । ସୂଚନା ଅନୁସାରେ ବୁଧବାର ଦିନ ରାତି ପ୍ରାୟ ସାଢେ ୧୧ ଟା ବେଳେ ଓଡି ୨୫ ଏସ ୩୧୯୪ ନମ୍ବର ବିଶିଷ୍ଟ ମୋଟର ସାଇକେଲର ପଛ ପଟେ ବସି ରଣପୁରରୁ ନିଜ ଗାଁ ବିଲଗାଡ଼ିଆକୁ ଫେରୁଥିଲେ । ଶଙ୍ଖମୂଳ ନିକଟରେ ଥିବା କଟକଟି ଶଙ୍ଖଠାରେ ଗାଡି ଚାଳକ ଶୀତାକାନ୍ତ ସାମନ୍ତରାୟ ଗାଡି ଚଳାଇ ରାସ୍ତା କଡରେ ଥିବା ମୋରମ ଉପରେ ଜୋରରେ ଗାଡି ଚଳାଇ ଥିଲେ । ଫଳରେ ଗାଡିଟି ଭାରସାମ୍ୟ ହରାଇ ଗାଡିଟି ସ୍ଲିପ ହୋଇ ଯାଇଥିଲା ଏବଂ ଗାଡି ପଛରେ ବସିଥିବା ଆଶୀର୍ବାଦ ଗାଡ଼ିରୁ ଛିଟିକି ପଡିଥିଲା । ତାର ମୁଣ୍ଡରେ ଗଭୀର ଭାବେ ଆଘାତ ଲାଗିଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସେହି ବାଟରେ ଯାଉଥିବା କିଛି ସ୍ଥାନୀୟ ଲୋକ ଓ ଗାଡି ଚଳକ ଶୀତାକାନ୍ତ ମିଶି ଆଶୀର୍ବାଦକୁ ରଣପୁର ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ତାଙ୍କୁ ଚିକିତ୍ସା କରୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଥିଲା । ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରିଥିବା ଜଣାପଡିଛି । ଆଶୀର୍ବାଦଙ୍କ ମୃତ୍ୟୁରେ ପରିବାର, ବନ୍ଧୁବାନ୍ଧବ ତଥା ରଣପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବିଜୁ ପଟ୍ଟନାୟକଙ୍କ ଜନ୍ମଜୟନ୍ତୀ ପାଳନ

ବେଗୁନିଆପଡ଼ା, ୦୬।୦୩ (ସିପ୍ରା ପଟ୍ଟନାୟକ): ୧୯୧୬ ମସିହା ଆଜିର ଦିନରେ ଜନ୍ମ ହୋଇଥିଲେ ବିଜୁ ବାବୁ । ଆଜି ସାରା ରାଜ୍ୟ ମନେ ପକାଉଛି ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଅବଦାନ । ଜିଲ୍ଲା, ନିର୍ବାଚନ ମଣ୍ଡଳୀସ୍ତରରେ ବି ଧୁମଧାମରେ ପାଳନ କରାଯାଇଛି ବିଜୁ ଜୟନ୍ତୀ । ଗଞ୍ଜାମ ଜିଲ୍ଲା କୋଦଳା ସ୍ଥିତ ଦଣ୍ଡିଶ୍ୱର ମନ୍ଦିର ପରିସରରେ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ ବିଜେଡି ନେତା ହରପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆସିକା ପୂର୍ବତନ ସାଂସଦ ପ୍ରାର୍ଥୀନୀ ଡଃ ରଞ୍ଜିତା ସାହୁଙ୍କ ସହ ପୂର୍ବତନ କୋଦଳା ନଗରପାଳିକା ସୁନୀତାପ୍ରଭା ସାହୁ, ବେଗୁନିଆପଡ଼ା ବ୍ଲକ ବିଜେଡି ସଭାପତି ମହେଶ୍ୱର ଭୂୟାଁ, କୋଦଳା ନଗର ବିଜେଡି ସଭାପତି ଭାସ୍କର ପଳତା, ପୁରୁଷୋତ୍ତମପୁର ବିଜେଡି ବ୍ଲକ ସଭାପତି ନୀଳମଣି ପଣ୍ଡା, ପୁରୁଷୋତ୍ତମପୁର ନଗର ସଭାପତି ପ୍ରଭାତ କୁମାର ପଟ୍ଟନାୟକ, କାଉନସିଲର ଅଶୋକ ମହାଙ୍କୁଡ ଙ୍କ ସମେତ ବେଗୁନିଆପଡ଼ା, କୋଦଳା, ପୁରୁଷୋତ୍ତମପୁର ଅଞ୍ଚଳର ବହୁ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଦେଇଥିଲେ । ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳର ସଂଗଠନକୁ ସୁଦୃଢ କରି ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନରେ ବିଜେଡି କିପରି ଲୋକମାନଙ୍କ ପାଖରେ ପହଞ୍ଚି ଦଳକୁ ବିଜୟୀ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ ବିଜେଡି ନେତା । ବିଜେପି ସରକାରର ମିଛ ପ୍ରତିଶ୍ରୁତି, ଦରଦାମ ବୃଦ୍ଧି, ଅରାଜକତା ଶାସନ, ମହିଳା ହିଂସା, ହତ୍ୟା ଓ ଗଣଦୁଷ୍କର୍ମ ଆଦିରେ ଲୋକେ ଅତିଷ୍ଠ ହେଲେଣି । ଏଣୁ ଜନସେବାକୁ ପାଥେୟ କରି ବିଜୁ ବାବୁ ଓ ନବୀନ ବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା ।

# ଡାକ୍ତରଖାନାରେ ନର୍ସିଂ ଅଫିସରଙ୍କୁ ଆକ୍ରମଣ ଘଟଣା:୩ ଗିରଫ



ପାରଳାଖେମୁଣ୍ଡି,୦୬।୦୩(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲାସ୍ତରୀୟ ଡାକ୍ତରଖାନାରେ ଜଣେ କାର୍ଯ୍ୟରତ ନର୍ସିଂ ଅଫିସରଙ୍କୁ ଗାଳି ଗୁଲଜ, ଆକ୍ରମଣ ଓ ରୋଗୀ ସେବା କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି. ଗତକାଲି ସନ୍ଧ୍ୟା ୭ ଟା ୩୦ ସମୟରେ ମନୋଜ କୁମାର ସବର ଜିଲ୍ଲା ଡାକ୍ତରଖାନାରେ ନର୍ସିଂ ଅଫିସର ଭାବେ ନିଜ କାର୍ଯ୍ୟ ସମ୍ପାଦନ କରୁଥିଲେ । ସେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ୍ ଦେଉଥିବା ବେଳେ ଅବଦୁଲ ଇମତିଆଜ ସହ କିଛି ଜଣ ହସ୍ପିଟାଲକୁ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ ଏବଂ ତାଙ୍କ ସରକାରୀ କାମରେ ବାଧା ସୃଷ୍ଟି କରିଥିଲେ । ଏହା ସହିତ ସେମାନେ ତାଙ୍କୁ ମାଡ଼ ମାରିଥିବାରୁ ତାଙ୍କ ବାମ କାନରେ ଚୋଟ ଲାଗି ରକ୍ତପାତ ହୋଇଥିଲା ଏବଂ ପୋଷାକ ଚିରିଯାଇଥିଲା । ଏହି ଅଭିଯୋଗକୁ ଆଧାର କରି ପାରଳାଖେମୁଣ୍ଡି ଥାନା ପୋଲିସ କେଶ ନଂ -୭୨ ରେ ମକଦ୍ଦମା ରୁଜୁ କରି ତଦନ୍ତ କରିବା ସହ ଏହି ଘଟଣାରେ ଅଭିଯୁକ୍ତ ଅବଦୁଲ ଇଜାଜ, ଅବଦୁଲ ଇମତିଆଜ, ଏବଂ ଟାଂଗୁଡୁ ଭାନୁପ୍ରସାଦ ୩ ଜଣଙ୍କୁ ପୋଲିସ ଗିରଫ କରିଛି । ଗିରଫ ହୋଇଥିବା ୩ ଜଣ ଅଭିଯୁକ୍ତମାନଙ୍କୁ ଆଜି ଆଦାଲତକୁ ପଠାଯାଇଛି ଏବଂ ମାମଲାର ତଦନ୍ତ ଜାରି ରହିଛି ।

# ବାଇକ୍ ଧକ୍କାରେ ଜଣେ ମୃତ

ଦଶମନ୍ତପୁର,୦୬।୦୩(କଇନ ଗରଡ଼ା): ବାଇକ ଧକ୍କାରେ ଜଣଙ୍କ ମୃତ୍ୟୁ । ମୃତକ ଜଣକ ହେଲେ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ସ୍ଥିତ ପରଜାବାରିକଣ୍ଡା ଗାଁର କାଳୁ ମୁଦୁଲିଙ୍କ ପୁଅ ଚୈତନ୍ୟ ମୁଦୁଲି(୨୩) ବୋଲି ଜଣାପଡିଛି । ପରିବାରର ସୂଚନା ଅନୁଯାଇ ହୋଲି ଉପଲକ୍ଷେ ଦଶମନ୍ତପୁରରେ ହେଉଥିବା ଦେଶିଆ ନାଚ ଦେଖିବାକୁ ପରଜାବାରିକଣ୍ଡାରୁ ଦଶମନ୍ତପୁରକୁ ଯାଉଥିବା ବେଳେ ମାଛପୁଟ ନିକଟସ୍ଥ କୁକୁର ଯୋଡ଼ି ବୁଲାଣିରେ ଦ୍ରୁତ ଗତିରେ ଏକ ବାଇକ ପଛପଟୁ ଧକ୍କା ଦେବାରୁ ଚୈତନ୍ୟ ଛିଟିକି ପଡ଼ିଥିଲେ । ଗାଁର ଚନ୍ଦନ ପରଜା ଏହା ଦେଖି ଗାଁ ଲୋକଙ୍କୁ ଜଣାଇ ପ୍ରଥମେ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ ।ଧକ୍କା ଦେଇଥିବା ବାଇକର ନମ୍ବର ଓଡ଼ି ୧୦ଏବି୫୯୩୦ ବୋଲି ମୃତ ଚୈତନ୍ୟଙ୍କ ଭାଇ ଇନ୍ଦ୍ର ମୁଦୁଲି ଏତଲା ରେ ଦର୍ଶାଇଛନ୍ତି । ଚୈତନ୍ୟଙ୍କ ମୁଣ୍ଡ ପଛରେ ଓ ଶରୀରର ବିଭିନ୍ନ ଜାଗାରେ ଗଭୀର ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସହୀଦ ଲକ୍ଷ୍ମଣନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯଇଥିବାବେଳେ ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ଦିନ ସକାଳ ୪ଟାରେ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି ।

# ଆଉ ଦେଖା ଦେବେନୀ ଦାଣ୍ଡ ଦୁଆର ମୁହଁରେ ମାଉସୀ



ନନ୍ଦପୁର,୦୬।୦୩ (ଶ୍ରୀରାମ ଖରା): ବୃଦ୍ଧା ଆଶ୍ରମରେ ସ୍ଥାନାନ୍ତରିତ କଲା ନନ୍ଦପୁର ପୁଲିସ୍ । ନନ୍ଦପୁର, ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ ହେବ ନନ୍ଦପୁର ସଦର ମହକୁମା ର ଘର ଘର ପରିଚିତ ଆବାଳ ବୃଦ୍ଧା ବନିତା ସମସ୍ତଙ୍କ ମାଉସୀ ଆଉ ଦେଖା ଦେବେନି ଦାଣ୍ଡ ଦୁଆର ମୁହଁରେ । ଘର ଘର ଦୁଆର ଦୁଆର ବୁଲି ଖାଇବା ମୁ ମୁଠେ ମାଗି କେବେ ଆ ଦାଣ୍ଡ ତ୍ କେବେ ରାସ୍ତା କୋଡରେ ଆଶ୍ରୟ ନେଉଥିବା ମାଉସୀ ଆଉ ନନ୍ଦପୁର ସହରରେ ଦେଖାଦେବେ ନାହିଁ । ସେ ନିଜେ ଯେତିକି ଅସହାୟ ତା ଠାରୁ ଅଧିକ ଦୟାଳୁ ଥିଲେ ମାଉସୀ ଜଣଙ୍କ । ମାନସିକ ବିକାର ଗ୍ରସ୍ତ ମା ଜଣଙ୍କ ୧୫ବର୍ଷ ତଳେ ନନ୍ଦପୁରକୁ ଆସିଥିଲେ । ପାଖରେ ଗୋଟିଏ ଲୁଗା ବ୍ୟାଗ୍ ଧରି । ଯାହା ମିଳିଥିବା ଖବର ଅନୁସାରେ କଟକ ଜିଲ୍ଲାରୁ ସେ ଆସିଥିଲେ ସ୍ୱାମୀ, ସନ୍ତାନଙ୍କୁ ହରାଇବା ପରେ ମାନସିକ ବିକାର ଗ୍ରସ୍ତ ହୋଇଘର ଛାଡ଼ି ଥିଲେ । ସେହି ଦିନଠାରୁ ନନ୍ଦପୁର ରେରହି ଆସୁଥିଲେ ତାଙ୍କୁ କିଏ ଡାକି ବାକୁ ଆସିନଥିଲେ ସେ ମଧ ନନ୍ଦପୁର ଛାଡ଼ି ଆଉ କେଉଠି ଯାଇ ନଥିଲେ । ନନ୍ଦପୁର ଆସିବା ଠାରୁ ସମସ୍ତେ ମାଉସୀ ମାଉସୀ କହି ଡାକ ନ୍ତି । ଯିଏ ଯାହା ଦେଲା ତାହାକୁ ଖାଇ ଜୀବନ ଅତିବାହିତ କରୁଥିଲେ । ଗୋ ମାତାକୁ ଦେଖିଲେ ନିଜେ ଖାଉ ଥିବା ଖାଦ୍ୟ ଗୋ ମାତାକୁ ଖୁଆଇ ଦେଉଥିଲେ । ବର୍ଷା ଶୀତ ଖରା ସବୁ ତାଙ୍କ ପାଇ ଥିଲା ସମାନ ଋତୁ । ଶୁକ୍ରବାର ନନ୍ଦପୁର ପୋଲିସ ପକ୍ଷରୁ ମାଉସୀଙ୍କୁ ଉଦ୍ଧାର କରି ଜିଲ୍ଲା ବୃଦ୍ଧା ଆଶ୍ରମ ପଟେଇ ଥିବା ଜଣାପଡିଛି । ଜଣେ ଅସହାୟ ମାନସିକ ବିକାର ଗ୍ରସ୍ତ ମହିଳା ବୁଲୁ ଥିବା ଖବର ପାଇ ନନ୍ଦପୁର ଥାନା ଅଧିକାରୀ ତ୍ରିନାଥ ତୋଟାପାଡିଆ ଏକ ଟିମ୍ ନେଇ ମାଉସୀଙ୍କୁ ଉଦ୍ଧାର କରି ଜିଲ୍ଲା ବୃଦ୍ଧା ଆଶ୍ରମରେ ନେଇ ଥଇଥାନ କରି ଥିବା ଜଣାପଡିଛି ।

# ପୋଖରୀରେ ବୁଡ଼ି ୪ ନାବାଳକ ମୃତ

ଯାଜପୁର, ୦୬।୦୩(ଅକ୍ଷର ଓଡ଼ିଶା): ବ୍ରାହ୍ମଣୀ, ଖରସ୍ରୋତା ନଦୀ ଓ ପୋଖରୀରେ ବୁଡ଼ି ନାବାଳକ ସମେତ ୪ଜଣଙ୍କ ଜୀବନ ଅକାଳରେ ଚାଲି ଯାଇଛି । ଯାଜପୁର ରୋଡ ଏଚଡିଏଫସି ବ୍ୟାଙ୍କର ବରିଷ୍ଠ ଅଧିକାରୀ ସଂଗ୍ରାମ କୁମାର ଦାସ ସାଙ୍ଗ ମାନଙ୍କ ସହିତ ଗତକାଲି ହୋଲି ଖେଳ ସରିବା ପରେ ଗାଧେଇବା ପାଇଁ ଜୋକଡ଼ିଆ ଖରସ୍ରୋତା ନଦୀକୁ ଯାଇଥିଲେ । ହେଲେ ଶ୍ରୀ ଦାସ ଗାଧେଇବା ବେଳେ କୌଣସି କାରଣରୁ ତାଙ୍କର ଗୋଡ଼ ଖସିଯିବାରୁ ନଦୀରେ ବୁଡି ଯାଇଥିଲେ । ସାଙ୍ଗମାନେ ଶ୍ରୀ ଦାସଙ୍କୁ ନଦୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ଯାଜପୁର ରୋଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ସେହିପରି ଦାନଗଦି ବ୍ଲକ ଯଖପୁରା ଗ୍ରାମର ସଦାନନ୍ଦ ମଲିକ ଙ୍କ ପୁଅ ସମରଜିତ ଓରଫ ସମୀର (୧୬) ବ୍ରାହ୍ମଣୀ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି । ସେ ହୋଲି ଖେଳ ସାରି ସାଙ୍ଗ ମାନଙ୍କ ସହ ଗାଧେଇବାକୁ ବ୍ରାହ୍ମଣୀନଦୀ ଦିଗାମ୍ବରପୁର ଘାଟକୁ ସାଙ୍ଗ ମାନଙ୍କ ସହ ଯାଇଥିଲେ । ହେଲେ ଗାଧୋଉଥିବା ବେଳେ ହଠାତ ସମୀର ପାଣିରେ ବୁଡି ଯାଇଥିଲା । ଖବର ପାଇ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ନଦୀରୁ ଉଦ୍ଧାର କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ପୋଲିସ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ମୃତ ସମୀର ନାବାଳକ ହୋଇଥିବାରୁ ଗାଁରେ ଶୋକର ଶାୟା ଖେଳିଯାଇଛି । ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରତିରଞ୍ଜନ ଘଡାଇ ମେଡ଼ିକାଲରେ ପହଞ୍ଚି ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ । ସେହିପରି ପୋଖରୀରେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯୁବକ ଶିବମ ଯାଦବଙ୍କ ମୃତ୍ୟୁ ଘଟିଛି । ବୁଧବାର ହୋଲି ଖେଳିବା ପରେ ୟୁପିରୁ ଆସି ଜିନ୍ଦଲରେ କାର୍ଯ୍ୟ କରୁଥିବା ଦୁଇ ଯୁବକ ଶିବମ ଯାଦବ (୧୯) ଓ ନଗେନ୍ଦର ରାଜଭର (୨୦)ହୋଲି ଖେଳିସାରି ଯାଜପୁରରୋଡ୍ ଉମାପଦା ରନ୍ନା ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ତାଙ୍କ ମଧ୍ୟରୁ ଶିବମ ନିଶାଶକ୍ତ ଅବସ୍ଥାରେ ପହଁରି ପୋଖରୀ ପାର ହେଉଥିଲେ । ଏହିଁ ସମୟରେ ନଗେଶ ଡିଜେରେ ନାଚିବା ପାଇଁ ମସ୍‌ଗୁଲ ଥିଲେ । କିନ୍ତୁ ତାଙ୍କ ସାଙ୍ଗଙ୍କ କଥା ଭୁଲି ଯାଇଥିଲେ । ନିଶା ଛାଡ଼ିବା ପରେ ସାଙ୍ଗ ଶିବମଙ୍କୁ ଖୋଜିବାକୁ ଲାଗିଥିଲେ କିନ୍ତୁ ତାଙ୍କ ସାଙ୍ଗଙ୍କୁ ଆଉ ପାଇ ନ ଥିଲେ । ଏ ସମ୍ପର୍କରେ ଯାଜପୁରରୋଡ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ସନ୍ଧ୍ୟା ହୋଇଯାଇଥିବାରୁ ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ପାଇ ନ ଥିଲେ । ଗୁରୁବାର ମଧ୍ୟାହ୍ନରେ ଯୁବକଙ୍କ ମୃତଦେହ ପୋଖରୀରୁ ମାଛଧରା ଜାଲ ସାହାଯ୍ୟରେ ଉଦ୍ଧାର କରାଯାଇଛି । ଘଟଣା ସ୍ଥଳରେ ଯାଜପୁରରୋଡ଼ ପୋଲିସ ଉପସ୍ଥିତ ରହି ଘଟଣା ତଦନ୍ତ ଆରମ୍ଭ କରିଛନ୍ତି ।

## ଅର୍ଥ ସାଜିଛି ବାଧକ

# ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସିତ




ମଦନପୁର/ରାମପୁର/କଳାହାଣ୍ଡି, ୦୬।୦୩(ଅକ୍ଷର ଓଡ଼ିଶା):ମନୁଷ୍ୟ ଦୁଃଖ ଯନ୍ତ୍ରଣାରେ ପଡ଼ିଲେ ପରିସ୍ଥିତ ଉଜୁଡ଼ି ଯାଏ, ଯାହାକି ସୁଖ ସୁବିଧା କିଛି ସମୟ ପରେ ମଉଳି ଯାଏ,ଏ ଭଳି ପରିସ୍ଥିତିକୁ ସାମନା କରିବାକୁ ହେଲେ ଧୈର୍ଯ୍ୟ ସାହାସ ରଖିବାକୁ ପଡେ, ଏ ଭଳି ଏକ ଦୁଃଖଦ ପରିଣାମ ଭୋଗିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ବାର ବନ୍ଧା ଗାଁ ରେ, ବାରବନ୍ଧା ଗାଁ ରେ ଅବସ୍ଥିତ ଏକ ଛୋଟିଆ ପରିବାର, ପରିବାର କହିଲେ ସ୍ୱାମୀ କ୍ଷମାନିଧି ସୁନା ଓ ସହଧର୍ମିଣୀ କୁନ୍ତୀ ଦେବୀ ସୁନା ଓ ଗୋଟିଏ ପୁଅ ଆଜାଦ ସୁନା (୧୧) ବର୍ଷ ଏବଂ ଝିଅ ଆଦିତି ସୁନା (୫) ବର୍ଷ କୁ ନେଇ ସୁଖ ଦୁଃଖରେ ସଂସାର ଗଢି ଉଠୁ ଥିଲା, ଏ ଭଳି ସୁଖ ସଂସାରରେ ଏକ ଝଡ଼ ମାଡ଼ି ଆସିଲା ଯେ, କୁନ୍ତୀ ଦେବୀଙ୍କ ଖାଦ୍ୟ ନଳୀ ଏକ ବର୍ଷ ଚାରି ମାସ ଭିତରେ ଖରାପ ପ୍ରଭାବ ପଡ଼ିବା ଦ୍ୱାରା ଅନେକ ପ୍ରକାର ମେଡିକାଲରେ ଚିକିତ୍ସା କରି ଥିଲେ ମଧ କୌଣସି ପ୍ରକାର ସଫଳ ହୋଇ ନ ଥିଲା, ଏହି ପରିପ୍ରେକ୍ଷିରେ ଗତ ୨୦୨୬ ଫେବୃୟାରୀ ସାତ ତାରିଖରେ ଭୁବନେଶ୍ୱର ସମ ହସପିଟାଲରେ ଖାଦ୍ୟ ନଳୀ ଅସ୍ତ୍ରପ୍ରଚାର ହୋଇଥିଲା । ଏଭଳି ପରିସ୍ଥିତିରେ କ୍ଷମାନିଧି ଙ୍କୁ ଅର୍ଥ ପ୍ରତିବନ୍ଧକ ସାଜି ଥିବା ବେଳେ ଅଲ ଓଡ଼ିଶା ସିଦୂଲ କାଷ୍ଟ ଫେଡରେସନର ରାଜ୍ୟ ସଭାପତି ଧନୁର୍ଜୟ ଦୀପ ତଥା ଅନ୍ୟାନ କର୍ମ କର୍ତ୍ତା ଗଣ ଯଥା ଶକ୍ତି ରାଶି ପ୍ରଦାନ କରିଥିଲେ ବୋଲି ତାଙ୍କ ସ୍ୱାମୀ ଫୋନ ଯୋଗେ ଯୋଗା ଯୋଗ କରିଥିଲେ । ବର୍ତ୍ତମାନ ସୁଦ୍ଧା ସମ ମେଡିକାଲରେ ଚିକିତ୍ସା ଧିନ ଅଛନ୍ତି । କ୍ଷମାନିଧି ସୁନା ମଦନ ପୁର ରାମ ପୁର ବ୍ଲକର ଅଲ୍ ଓଡିଶା ସିଦୁଲ୍ କାଷ୍ଟର ଜଣେ ଜଣାଶୁଣା ସମାଜ ସେବୀ ଭାବରେ କାର୍ଯ୍ୟ ସମ୍ପନ୍ନ ହୋଇ ଥିବା ବେଳେ ଏତେ ବଡ ପରିସ୍ଥିତକୁ ସାମ୍ନା କରି ଥିବାରୁ ତାଙ୍କର ଅସୀମ ଧୈର୍ଯ୍ୟ ଓ ସାହସକୁ ବିଭିନ୍ନ ମହଲରେ ପ୍ରଶଂସା କରି ଥିବା ବେଳେ ଅଲ୍ ଓଡିଶା ସିଦୁଲ କାଷ୍ଟ ଫେଡ୍ରେଶନ ପକ୍ଷରୁ ଧନ୍ୟବାଦ୍ ଜ୍ଞାପନ ଜଣାଇ ଥିବା ସହିତ କୁନ୍ତୀ ଦେବୀ ସୁନାଙ୍କ ଶରୀର ଶୀଘ୍ର ଆରୋଗ୍ୟ କାମନା ସହ ନିଜ ବାସ ଭୂମି କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ତଥାଗତ ଭଗବାନ ବୁଦ୍ଧ ଓ ବାବା ସାହେବ ଆମ୍ବେଦକରଙ୍କ ନିକଟରେ ପ୍ରାର୍ଥନା ଜଣାଉଛି । ଆସନ୍ତୁ ଦେଖିବା ମେଡିକାଲରେ ଚିକିତ୍ସିତ ହେଉ ଥିବା ଦୃଶ୍ୟ ଅତ୍ୟନ୍ତ ଦୁଃଖ ଦାୟକ ଦେଖିବାକୁ ମିଳିଛି ।

## କୃଷ୍ଣଚନ୍ଦ୍ର ଗଜପତିଙ୍କ ରାଜପ୍ରସାଦ ସୂଚନା ନାମଫଳକରେ ବିକୃତ ଲେଖା ନେଇ ଉଦ୍‌ବେଗ




ପାରଳାଖେମୁଣ୍ଡି,୦୬।୦୩(ତାରିଣୀ ପ୍ରସାଦ ପଣ୍ଡା ): ସ୍ୱତନ୍ତ୍ର ଓଡ଼ିଶାର ଅନ୍ୟତମ ମୁଖ୍ୟ ପ୍ରତିଷ୍ଠାତା ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅତି ପ୍ରିୟ ଓ ଐତିହାସିକ ରାଜପ୍ରାସାଦକୁ ସରକାରୀ ଭାବେ ବିକୃତ କରି ସୂଚନା ଫଳକରେ ଲେଖା ଯାଇଥିବା ନେଇ ପାରଳା ସହରବାସୀଙ୍କଠାରେ ଉଦବେଗ ପ୍ରକାଶ ପାଇଛି। କେବଳ ଗଜପତିଙ୍କ ରାଜପ୍ରାସାଦ ନୁହେଁ ପାରଳାଖେମୁଣ୍ଡି ସହରର ବିଭିନ୍ନ ସ୍ଥାନରେ ରହିଥିବା ସୂଚନା ନାମ ଫଳକରେ ଓଡ଼ିଆ ଭାଷାକୁ ବିକୃତ କରି ଲେଖାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟଯେ, ଓଡିଶାକୁ ଭାଷା ଭିତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଯେଉଁ ମାନଙ୍କର ଅବଦାନ ରହିଛି ସେମାନଙ୍କ ମଧ୍ୟରେ ପାରଳାର ମହାରାଜା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତି ଅନ୍ୟତମ । ଐତିହାସିକ ପୃଷ୍ଠଭୂମି ବହନ କରୁଥିବା ପାରଳାଖେମୁଣ୍ଡିର ରାଜପ୍ରାସାଦ ସାମ୍ନାରେ ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବ ସୂଚନା ନାମ ଫଳକରେ ରାଜ ପ୍ରାସାଦକୁ ବିକୃତ ଭାବେ 'ରାଜ ପ୍ରସାଦ' ଲେଖାଥିବା ଏକ ନାମ ଫଳକ ସ୍ଥାପନ କରାଯାଇଅଛି । ସେହିପରି ପାରଳାଖେମୁଣ୍ଡିର ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଯାହା ୧୮୯୬ ମସିହାରେ ସ୍ଥାପିତ ହୋଇଥିବା ଓଡ଼ିଶାର ବହୁ ପ୍ରାଚୀନ ଶିକ୍ଷାନୁଷ୍ଠାନ ନିକଟରେ ଏଭଳି ଏକ ସୂଚନା ନାମ ଫଳକ ସ୍ଥାପନ କରାଯାଇଅଛି। ଯେଉଁଥିରେ କି'' ମହାବିଦ୍ୟାଳୟ'' ବଦଳରେ 'ବିଦ୍ୟାଳୟ' ବୋଲି ଲେଖାଯାଇଛି । ମହାରାଜାଙ୍କ ବାଳିକା ବିଦ୍ୟାଳୟ ନିକଟରେ ଲାଗିଥିବା ସୂଚନା ଫଳକରେ ବିଦ୍ୟାଳୟ ବଦଳରେ ମହାବିଦ୍ୟାଳୟ ଲେଖାଯାଇଛି । ଯେଉଁ ଅଧିକାରୀମାନେ ଏହି ଦାୟିତ୍ୱରେ ଥିଲେ ସେମାନଙ୍କର ଓଡ଼ିଆ ଭାଷାରେ ଜ୍ଞାନ ଅଛି କି ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତି ତୁରନ୍ତ ଏଭଳି ବିକୃତ ଲେଖା ଥିବା ସୂଚନା ନାମ ଫଳକଗୁଡିକୁ ବାହାର କରାଯାଇ ସଠିକ ଲେଖା ଥିବା ସୂଚନା ନାମ ଫଳକଗୁଡିକୁ ଲଗାଯାଉ ବୋଲି ସାଧାରଣରେ ଦାବି ହୋଇଛି। ସମ୍ପୃକ୍ତ ଘଟଣା ନେଇ ପୂର୍ତ୍ତ ବିଭାଗ ସୁପରଟେଣ୍ଡ ଇଞ୍ଜିନିଅର ଅଭିଷେକ ସେଠୀଙ୍କ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡା ଦୃଷ୍ଟି ଆକର୍ଷଣ କରିବାରେ, ସେ ଏଭଳି ଘଟଣା ନେଇ ଦୁଃଖ ପ୍ରକାଶ କରିବା ସହ ଅତି ତୁରନ୍ତ ଏହାକୁ ବଦଳାଇ ସଠିକ ଲେଖା ଥିବା ସୂଚନା ନାମଫଳକର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ସାମ୍ବାଦିକ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ବୈଠକ

ନୂଆପଡା,୦୬।୦୩( ମୋହନ ଲାଲ ଦୀପ): ନୂଆପଡା ଜିଲ୍ଲା ଖଡ଼ିଆଳ ହୋଟେଲ ଶ୍ୟାମକୁମ ସଭାଗୃହ ଠାରେ ନୂଆପଡା ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ସୁରେଶ ଆଚାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଂଘର ସମ୍ପାଦକ ଦେବାନନ୍ଦ ତାଣ୍ଡି ସଂଘର ପୂର୍ବର କାର୍ଯ୍ୟକଳାପ ଓ ଆଗାମୀ ଦିନରେ କଣ ସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ସେ ଉପରେ ଆଲୋକପାତ କରିଥିଲେ। ସଂଘର ଉପଦେଷ୍ଟା ବିଶ୍ୱଜିତ ପାଢ଼ୀ, କୋଷାଧକ୍ଷ ପବିତ୍ର ମୋହନ ପ୍ରଧାନ ସଂଘର ଦୃଢ଼ତାରେ ପୂର୍ବ ଅପେକ୍ଷା ଏବେ ସନ୍ତୁଳିତ ଅଛି ଆଗାମୀ ଦିନରେ ସଂଘକୁ ଆହୁରି ମଜବୁତ କରି ସଂଘର ବିଭିନ୍ନ କାର୍ଯ୍ୟକ୍ରମ କିପରି ସୁଚାରୁରୂପେ ପରିଚାଳିତ ହୋଇପାରିବ ସେ




ଉପରେ ଉପଦେଶ ଦେଇଥିଲେ । ପୂର୍ବ ସାଧାରଣ ବୈଠକରେ ଆଲୋଚିତ ବିବରଣୀର ପାରିତ କିଭଳି ହେବ ଓ ଆଗାମୀ ଜୁନ ମାସରେ ନିର୍ବାଚନ ଓ ସଂଘର ବାର୍ଷିକ ଉତ୍ସବ ସହ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଉପରେ କେନ୍ଦ୍ର ତଥା ରାଜ୍ୟ ସଦସ୍ୟ ଦୀପକ ମିଶ୍ର ଓ ମନୋଜ ସଗରିଆ ଖଡ଼ିଆଳ ବ୍ଲକ ସଭାପତି ସାମ୍ଭ କୁମାର ସରଫ ଆଲୋକପାତ କରିଥିଲେ । ବିଶେଷ କରି ଜିଲ୍ଲା ମୁଖ୍ୟାଳୟରେ ସାମ୍ବାଦିକ ପାଇଁ କୌଣସି କାର୍ଯ୍ୟାଳୟ କିମ୍ବା ବିଶ୍ରାମ ଗୃହର ଆବଶ୍ୟକତା ଥିବାରୁ ଏହାର ବ୍ୟବସ୍ଥା କିଭଳି ହେବ ସେଉପରେ ଆଲୋକପାତ କରାଯିବା ସହ ସଂଘର ନୂତନ କୋଠା ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଏହା ସହ ପ୍ରତ୍ୟକ ତିନି ମାସରେ ସାମାଜିକ ସଚେତନତା କାର୍ଯ୍ୟ ଯେମିତି କି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ସାମ୍ବାଦିକ ତାଲିମ ଶିବିର ଭଳି ବିଭିନ୍ନ କାର୍ଯ୍ୟକ୍ରମ ହେବାର ସ୍ଥିରିକୃତ ହୋଇଛି। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଓ କେନ୍ଦ୍ର ସଦସ୍ୟ ଦୀପକ ମିଶ୍ରଙ୍କ ସହ ମନୋଜ କୁମାର ସଗରିଆ ଜିଲ୍ଲାରେ ସାମ୍ବାଦିକ ସୁରକ୍ଷା ଉପରେ କିଭଳି ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇ ପାରିବ ସେ ଉପରେ ଆଲୋକପାତ କରିଥିଲେ।

## ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅବସର ଗ୍ରହଣ

ବେଲଗୁଣ୍ଠା,୦୬।୦୩ (ଅକ୍ଷର ଓଡ଼ିଶା): ବେଲଗୁଣ୍ଠା ବ୍ଲକ୍‌ରେ କାର୍ଯ୍ୟରତ ଦୁଇ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିଥିବା ବେଳେ ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତିଙ୍କ ଆହ୍ୱାନ କ୍ରମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ରୂପେ ଅବସର ଗ୍ରହଣ କରୁଥିବା ଶିକ୍ଷକ ମନୋଜ କୁମାର ପଣ୍ଡା, ଶିକ୍ଷୟିତ୍ରୀ ଭାଗ୍ୟଲତା ସାହୁ,ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଭା ରଥ, ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ଓ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା,ସଦସ୍ୟ ଏବଂ ସିଆରସିସିମାନେ ପରିଚାଳନା କରିଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ କରାଯାଇଥିଲା।

## ମହିଳା ଦିବସ ଉପଲକ୍ଷେ ଯୋଗ ଶିବିର



ପୁରୀ,୦୬ ।୦୩(ଅକ୍ଷର ଓଡ଼ିଶା):ମହିଳା ଦିବସ ଉପଲକ୍ଷେ ମହିଳାଙ୍କୁ ସଶକ୍ତ ତଥା ସୁସ୍ଥ ରଖିବା ଲକ୍ଷ୍ୟରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଆୟୋଜିତ ହୋଇଛି ଯୋଗ ଶିବିର । କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡା କାର୍ଯ୍ୟାଳୟ ସହଯୋଗରେ ଅନୁଷ୍ଠିତ ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ )ଶରତ ଚନ୍ଦ୍ର ବେହେରା ଉଦଘାଟନ କରି ଯୋଗ ଦ୍ୱାରା ଶାରିରୀକ ସୁସ୍ଥତା ଓ ମାନସିକ ସ୍ଥିରତା ଦୃଢ ହୋଇଥାଏ ବୋଲି କହିଥିଲେ। ନିୟମିତ ଯୋଗ, ଧ୍ୟାନ,ପ୍ରାଣାୟମ ଓ ଚାଲିବା ଅଭ୍ୟାସ ସମସ୍ତଙ୍କୁ ସୁସ୍ଥ ରଖିବା ସହ ଅସୁସ୍ଥତା ଲାଗି ହେଉଥିବା ଆର୍ଥିକ କ୍ଷତିରୁ ସୁରକ୍ଷା ଦେଇଥାଏ ବୋଲି କହିଥିଲେ। ପରେ ଜୁମ୍ବା,ଏରୋବେଟିକ୍ସ, ପାରମ୍ପରିକ ନୃତ୍ୟ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଯୋଗ ପ୍ରଶିକ୍ଷକ ଆଲୋକ କୁମାର ସ୍ୱାଇଁ, ଜୁମ୍ବା ନୃତ୍ୟ ଗୁରୁ ବିକ୍ରମ ଦେବନାଥ ଓ ସାଥୀ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆସନ୍ତାକାଲି ଅର୍ଥାତ୍ ୭ ତାରିଖରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଆତ୍ମସୁରକ୍ଷା, ନେତୃତ୍ୱ ନେବା ଶୈଳୀ ଓ କ୍ୟାରିଅର ଗଠନ ସଚେତନତା, ଜୁଡୋ,କରାଟେ, ବକ୍ସିଂ ଆଦିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସେହିପରି ୮ ତାରିଖ ଦିନ ଅର୍ଥାତ ମହିଳା ଦିବସରେ ଏକ ମାରାଥନ ଆୟୋଜିତ ହେବ ବୋଲି ସୂଚନା ମିଳିଛି।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ପାରଳାଖେମୁଣ୍ଡି,୦୬।୦୩(ତାରିଣୀ ପ୍ରସାଦ ପଣ୍ଡା ): ଓଡ଼ିଶା ସରକାରଙ୍କର କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ୦୬ ମାର୍ଚ୍ଚ ଠାରୁ ୦୮ ମାର୍ଚ୍ଚ ପର୍ଯ୍ୟନ୍ତ ଦୀର୍ଘ ତିନିଦିନ ଧରି ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ବୃନ୍ଦାବନ ପ୍ୟାଲେସ ଠାରେ ପାଳନ କରାଯାଉଛି। ସ୍ଥାନୀୟ ବୃନ୍ଦାବନ ପ୍ୟାଲେସ ଠାରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଆଜି ପ୍ରଥମ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାୟକ ମୋହନା ଦାଶରଥି ଗମାଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ଯୋଗଗୁରୁ ଆଶଲତା ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ। ଆଜିର ଦିବସରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମହିଳାମାନଙ୍କ ସ୍ୱପ୍ନ, ସଫଳତା ଏବଂ ସ୍ୱାଭିମାନ ଉତ୍ସ ସହିତ 'ସଶକ୍ତ ନାରୀ, ସାଶକ୍ତ ରାଷ୍ଟ୍ର' ଗଠନ କରିବାରେ ମହିଳାମାନଙ୍କ ଭୂମିକା ବିଷୟରେ ସମସ୍ତ ଅତିଥି ଗଣ ନିଜ ନିଜ ଅଭିଭାଷଣରେ କହିଥିଲେ। ସେହିପରି ଆଜିର ଦିବସରେ ଯୋଗ କାର୍ଯ୍ୟକ୍ରମ ସହ ଆରୋବିକ,ଜୁମ୍ବା ନାଚ ଏବଂ ଅନ୍ୟାନ୍ୟ କ୍ରୀଡା ଆୟୋଜନ,ଆତ୍ମ ରକ୍ଷା ତାଲିମ ଇତ୍ୟାଦି ଦିଆଯାଇଥିଲା । ସ୍ଥିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ୱଚ୍ଛ ସାଥି ପ୍ରମୁଖ ତିନି ସହରୁ ଉହରୁ ମହିଳା ସଂଗଠନ, ସେଚ୍ଛାସେବୀ, ଅଙ୍ଗନୱାଡି କର୍ମୀ ଇତ୍ୟାଦି ବହୁ ମାତ୍ରାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜ୍ଞାନ ମେଳା ପ୍ରତିଯୋଗିତା

### ପିପିଲିପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨ଛାତ୍ର ମନୋନୀତ




ସୁବର୍ଣ୍ଣପୁର, ୦୬।୦୩(ଅକ୍ଷର ଓଡିଶା)ତା.୦୨.୦୩.୨୦୨୬ ରିଖ ଦିନ ସୋନପୁର ପଞ୍ଚାୟତ ସମିତି ସଭାଗୃହ ଠାରେ ଚାଲୁଥିବା ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ସମୟରେ ଗତ ତା ୨୪.୧୨.୨୦୨୫ ରୁ ୨୬.୧୨.୨୦୨୫ ତାରିଖ ମଧ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବର ବିଜ୍ଞାନ ମେଳା ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ପିପିଲିପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଦୁଇଜଣ ଛାତ୍ର ଅସ୍ମିତ ନନ୍ଦ ଓ ବିଶ୍ୱ ପ୍ରକାଶ ରଥ ରାଜ୍ୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଥିବାରୁ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଉଭୟଙ୍କୁ ଟ.୧୫,୦୦୦.୦୦ ଆଜି ଯୁଗ୍ମ ଅଭିଯୋଗ ଶୁଣାଣୀ ଅବସରରେ ଚେକ୍ ଆକାରରେ ଅତିରିକ୍ତ ଜିଲ୍ଲାପାଳ,ରାଜସ୍ୱ, ସୁବର୍ଣ୍ଣପୁରଙ୍କ ଦ୍ୱାରା ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## କାର୍ଯ୍ୟାଳୟ ସ୍ଥାନାନ୍ତର ନକରିବାକୁ ଜିଲ୍ଲା ପରିଷଦ ବୈଠକରେ ସହମତି

ପୁରୀ,୬ ।୩(ଅକ୍ଷର ଓଡ଼ିଶା): ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସ୍ଥାନାନ୍ତର ନକରିବା ସମ୍ପର୍କିତ ପ୍ରସ୍ତାବକୁ ପୁରୀ ଜିଲ୍ଲା ପରିଷଦ ବୈଠକରେ ସହମତି ପ୍ରକାଶ ପାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦ ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଏଥିରେ ଅଧକ୍ଷତା କରି ଜିଲ୍ଲା ପରିଷଦ ଗ୍ରାମର ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ପୁରଣ ପାଇଁ ଏକ ବଡ ଫୋରମ ।ତେଣୁ ସଦସ୍ୟମାନଙ୍କ ମତାମତକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହ ପୁରୀକୁ ଏକ ବିକଶିତ ତଥା ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ଶିକ୍ଷା ,କୃଷି ,ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ନିର୍ମାଣ,ଗ୍ରାମୀଣ ପାନୀୟ ଜଳ ଯୋଗାଣ, ଜଳ ସେଚନ,ଜଳ ନିଷ୍କାସନ, ଯୋଗାଣ , ମତ୍ସ୍ୟ,ସ୍ୱାସ୍ଥ୍ୟ ପରିବାର କଲ୍ୟାଣ,ବିଦ୍ୟୁତ,ସମାଜ କଲ୍ୟାଣ,ସାମାଜିକ ସୁରକ୍ଷା,ଶିଳ୍ପ, ବନ, ସମବାୟ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମୀଣ




ଆବାସ,ସ୍ୱଚ୍ଛ ପରିମଳ, ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ,ଜିଲ୍ଲା ମଙ୍ଗଳ ଆଦି ବିଭାଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୁରୀ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସ୍ଥାନାନ୍ତର ସମ୍ପର୍କରେ ବିଭିନ୍ନ ସାମାଜିକ ଓ ଗଣମାଧ୍ୟମର ପ୍ରକାଶ ପାଇଥିବା ସୂଚନା ସମ୍ପର୍କରେ ଉପାଧ୍ୟକ୍ଷ ସାଧୀନ କୁମାର ନାୟକ ଗୃହକୁ ଅବଗତ କରାଇଥିଲେ। ଏଥିସହିତ ଶ୍ରୀ ନାୟକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସ୍ଥାନାନ୍ତର ନକରିବାକୁ ପ୍ରସ୍ତାବ ଦେଇଥିଲେ। ତାଙ୍କ ପ୍ରସ୍ତାବକୁ ପରିଷଦର ସମସ୍ତ ସଦସ୍ୟ ସମର୍ଥନ ଜଣାଇଥିଲେ। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସାଧୀନ କୁମାର ନାୟକ,ଡିଏଫଓ ଧନଜ ମଗର ରାକସ ଓ ଚିଲିକା ଡିଏଫଓ ଅମ୍ଳାନ ନାୟକ ପ୍ରମୁଖ ବୈଠକରେ ଯୋଗଦେଇ ଲୋକମାନଙ୍କ ଆବଶ୍ୟକତା ପୂରଣ ପାଇଁ ବିବିଧ ପରାମର୍ଶ ଦେଇଥିଲେ। କାର୍ଯ୍ୟସମ୍ପାଦନ ସମୟର ଦେଖାଦେଉଥିବା ସମସ୍ୟା ଓ ତାହାର ସମାଧାନ ପାଇଁ ମଧ୍ୟ ସେମାନେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ବିଭିନ୍ନ ବିଭାଗର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଶରତ ଚନ୍ଦ୍ର ମହାପାତ୍ର କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଓ ପୁରୀ ସାଂସଦଙ୍କ ପ୍ରତିନିଧି,ନିମାପଡା ଓ ବ୍ରହ୍ମଗିରି ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା,ଜିଲ୍ଲା ପରିଷଦର ସଦସ୍ୟ ବୃନ୍ଦ, ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷା,ଅଧ୍ୟକ୍ଷ,ବିଭିନ୍ନ ବିଭାଗର ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆରମ୍ଭ ହେଲା ଏଚପି ଭି - ଜରାୟୁ ଗ୍ରିବା ଟୀକା ପ୍ରଦାନ




ଓଡ଼ଗାଁ, ୦୬।୦୩ (ଅକ୍ଷର ଓଡ଼ିଶା):ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ୧୪ ବର୍ଷର କିଶୋରୀ ଝିଅ ମାନଙ୍କୁ ଜରାୟୁ ଗ୍ରୀବା ଟୀକା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ଟୀକାଦାନ କାର୍ଯ୍ୟକ୍ରମକୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମହାମାନ୍ୟ ନରେନ୍ଦ୍ର ମୋଦୀଙ୍କ କରକମଳରେ ଗତ ତା ୨୮-୦୨-୨୬ରି ତାରିଖଦିନ ଶୁଭାରମ୍ଭ କରାଯାଇଥିଲା । ଶରଣକୁଳ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଡେଣ୍ଟ ଡାକ୍ତର ତାପସ ରଞ୍ଜନ ସେନାପତିଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଟୀକା କରଣ କାର୍ଯ୍ୟକ୍ରମରେ ଡାକ୍ତର ଅଭିଳାଷ ସାହୁ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଟୀକା ପ୍ରଦାନ କରିବା ସହିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ର, ବିକାଶ ମଞ୍ଚର ସରୋଜ ପ୍ରଧାନ, ଚିତ୍ତରଞ୍ଜନ ମହାପାତ୍ର, ରଶ୍ମିରାଣୀ ସାହୁ, ବବିତା ସାହୁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ ଓ ପୂଜା ମାଝୀ ପ୍ରଭୃତି ସହଯୋଗ କରିଥିଲେ। ଡାକ୍ତର ଅଭିଳାଷ ସାହୁ ଓ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଟୀକା ଗ୍ରହଣ ପାଇଁ ଆସିଥିବା ୧୪ ବର୍ଷର କିଶୋରୀ ଓ ସେମାନଙ୍କ ବାପା , ମାଆ ମାନକୁ ଏହି ଜରାୟୁ ଗ୍ରିବା ଟୀକାକରଣ ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ । ୧୪ ବର୍ଷର କିଶୋରୀଟିଏ ମାତ୍ର ଗୋଟିଏ ଟୀକା ନେବ ଯାହା ଫଳରେ ସେମାନଙ୍କର ଆଗାମୀ ଜରାୟୁ କର୍କଟ ଓ ଅନ୍ୟାନ୍ୟ ରୋଗର କୌଣସି ଆଶଙ୍କା ରହିବ ନାହିଁ । ଏହି ଟୀକା ର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନଥାଏ । ଉପସ୍ଥିତ ସମସ୍ତ ଲୋକମାନଙ୍କୁ ସଚେତନତା କରିବା ସହିତ ଏହି ଟୀକା କରଣ କାର୍ଯ୍ୟକ୍ରମକୁ ତରାନିତ୍ୱ କରାଯିବ ବୋଲି ପ୍ରକାଶ କରିଥିଲେ । ଆଜି ମୋଟ ୩୮ ଜଣ କିଶୋରୀ ମାନଙ୍କୁ ଟୀକା ପ୍ରଦାନ କରାଯାଇଥିଲା ।

## ବେଦାନ୍ତ ଗୁରୁକୁଳମ୍ ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ

ରିଆମାଳ,୦୬।୦୩(ଅକ୍ଷର ଓଡ଼ିଶା) : ରିଆମାଳ ବ୍ଲକ ମହାସିଦ୍ଧ ଯୋଗ ବେଦାନ୍ତ ଗୁରୁକୁଳମ୍ ଆଶ୍ରମ ପରିସରରେ ପୂଜ୍ୟ ଶ୍ରୀ ସ୍ୱାମୀ ଅଭୟ ଜୀ ବ୍ରହ୍ମଚାରୀଙ୍କ ଆନୁକୂଲ୍ୟ ଓ ପବିତ୍ର ନେତୃତ୍ୱରେ ବିଶ୍ୱ ଶାନ୍ତି, ଲୋକମଙ୍ଗଳ ଓ ସମଗ୍ର ସମାଜର ସୁଖ-ସମୃଦ୍ଧି କାମନାରେ ପଞ୍ଚକୁଣ୍ଡୀୟ ରୁଦ୍ର ମହାଯଜ୍ଞ ଭକ୍ତିମୟ ପରିବେଶ ମଧ୍ୟରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ମହାଯଜ୍ଞରେ ବେଦ ପାଠକ ଓ ପୁରୋହିତମାନେ ବେଦମନ୍ତ୍ର ଉଚ୍ଚାରଣ ସହିତ ଯଜ୍ଞକୁଣ୍ଡରେ ଆହୁତି ପ୍ରଦାନ କରିଥିଲେ। ଏହି ଅବସରରେ ପୂଜ୍ୟ ଶ୍ରୀ ସ୍ୱାମୀ ଅଭୟ ଜୀ ବ୍ରହ୍ମଚାରୀ ତାଙ୍କ ଉପଦେଶରେ କହିଥିଲେ ଯେ, ଯଜ୍ଞ, ଧ୍ୟାନ ଓ ସତ୍କର୍ମ ମାଧ୍ୟମରେ ମନୁଷ୍ୟ ଜୀବନରେ ଶାନ୍ତି, ସମୃଦ୍ଧି ଓ ଆତ୍ମିକ ଉନ୍ନତି ସମ୍ଭବ। ସେ ଏହାମଧ୍ୟ କହିଥିଲେ ଯେ ଏପରି ଧାର୍ମିକ କାର୍ଯ୍ୟକ୍ରମ ସମାଜରେ ଭାଇଚାରା, ଶାନ୍ତି ଓ ଆଧ୍ୟାତ୍ମିକ ଚେତନା ବଢ଼ାଇଥାଏ। ମହାଯଜ୍ଞ ଅବସରରେ ଆଶ୍ରମର ସନ୍ନ୍ୟାସୀ, ସେବକ ଓ ସ୍ଥାନୀୟ ଭକ୍ତମାନେ ସକ୍ରିୟ ସହଯୋଗ କରିଥିଲେ।




## ଆଦିବାସୀଙ୍କ ପାରମ୍ପରିକ କେଡୁ ବା ପୋଢ଼ ଯାତ୍ରା ଅନୁଷ୍ଠିତ

କନ୍ଧମାଳ,୦୬।୦୩(ଅକ୍ଷର ଓଡ଼ିଶା): କନ୍ଧମାଳ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ରହୁଥିବା ଆଦିବାସୀଙ୍କ ଫଗୁଣ ଯାତ୍ରା ପାଳନ ହୁଏ ଯାହାକି କେଡୁ ବା ପୋଢ଼ ବଳି ଯାତ୍ରା। ସାଧାରଣତଃ ବାଲିଗୁଡା ଉପଖଣ୍ଡର ବିଭିନ୍ନ ବ୍ଲକ ଅଞ୍ଚଳର ପଞ୍ଚାୟତର ଗାଁ ଗୁଡିକରେ ପାଳନ କରିଥାନ୍ତି ଅଧିବାସୀ ମାନେ। ମାଘ ପୂର୍ଣ୍ଣମାର ପୂର୍ବଦିନ ଠାରୁ ଆରମ୍ଭ ହୋଇ ଫଗୁଣ ପୂର୍ଣ୍ଣମୀ ଯାଏଁ ଏକମାସ ଧରି ପାଳନ କରନ୍ତି ଏହି ପର୍ବ। ପୂର୍ବ ପୁରୁଷରୁ ରହି ଆସିଥିବା ପରମ୍ପରାକୁ ଆଜିର ପିଢ଼ିବି ପାଳନ କରୁଛନ୍ତି ଏହି ବଳି ଯାତ୍ରା। ବିଶ୍ୱାସ ରହିଛି ପୋଢ଼ ବଳିଦେଲେ ଗାଁରେ ଅକାଳ ମରଣ ନ ହେବା ସହ ଜମିରେ ଚାଷ ଭଲହେବ ଓ ଗାଇ ଗୋରୁଙ୍କୁ ଫାଟୁଆ ରୋଗ ହେବନାହିଁ ଏବଂ ଦୁଃଖ ଆସିବନାହିଁ। ପୂର୍ବରୁ ଏହି ଯାତ୍ରା ସାତ ଦିନ ଧରି ପାଳନ କରାଯାଉଥିଲା ବେଳେ ଆଜି ଦିନରେ ଏହା ତିନିଦିନ ଧରି ପାଳନ କରାଯାଉଛି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ବାରଖମା ପଞ୍ଚାୟତ ରେ ଥିବା ଦଣ୍ଡିସାହି ରେ ଏହି ଆଦିବାସୀ ପାରାମ୍ପରିକ କେଡୁ ବା ପୋଢ଼ ଯାତ୍ରା ପର୍ବ ଧୂମଧାମ ରେ ପାଳନ କରାଯାଇଛି। ଏହି ଯାତ୍ରାରେ ଅଣ୍ଡା,କୁକୁଡ଼ା, ମହୁଲିମଦ, ଘୁଷୁରୀ, ଅରୁଆ ଚାଉଳ, ହଳଦୀ ଆଦି ପୂଜାରେ ଲାଗୁଥିବା ବେଳେ ଶେଷ ଦିନରେ ପାରମ୍ପରିକ ବାଜା ଚାଙ୍ଗୁ, ମହୁରୀରେ ଧାରୁଆ ଅସ୍ତ୍ର ଧରି ଛୋଟ ପିଲାରୁ ବୟସ୍କ ମହିଳା/ପୁରୁଷ ମିଶି ନାଚ କରି ମସଗୁଲ ହେବାସହ ପୋଢ଼କୁ ବଳି ଦେଉଥିବା ଦେଖିବାକୁ ମିଳିଛି। ବାସ୍ତବରେ ଏହା ବିଶ୍ୱାସ ନା ଅନ୍ଧବିଶ୍ୱାସ।

## ଗଁଦିଆ ବ୍ଲକରେ 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର'

### ୧୫୦ ଭିନ୍ନକ୍ଷମଙ୍କୁ ମିଳିଲା ସେବା

ଗଁଦିଆ,୦୬।୦୩(ବେତୁଜୀ ପ୍ରସାଦ): ଅସହାୟଙ୍କ ପାଇଁ ସାହାଯ୍ୟର ହାତ ବଢ଼ାଇଛି ପ୍ରଶାସନ। ଢେଙ୍କାନାଳ ଜିଲ୍ଲା ଗଁଦିଆ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଆଜି 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଏହି ମହତ ପ୍ରୟାସ ବ୍ଲକର ଶତାଧିକ ଭିନ୍ନକ୍ଷମଙ୍କ ମୁହଁରେ ହସ ଫୁଟାଇବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି। ଗୋଟିଏ ଛାତ ତଳେ ଚିକିତ୍ସା ଓ ସେବା ଏହି ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁଙ୍କ ସୂଚନା ମୁତାବକ, ଶିବିରରେ ସମୁଦାୟ ୧୫୦ ଜଣ ରୋଗୀ ପଞ୍ଜିକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗ: ୪୭



ଜଣ,ମାନସିକ ଅନଗ୍ରସର: ୪୧ ଜଣ,ଦୃଷ୍ଟି ବାଧିତ: ୨୮ ଜଣ,ଶ୍ରବଣ ବାଧିତ: ୨୫ ଜଣ,ଭେଷଜ ବିଭାଗ: ୦୯ ଜଣ, ଡାକ୍ତରୀ ଦଳଙ୍କ ଦ୍ୱାରା ଏହି ସମସ୍ତ ହିତାଧିକାରୀଙ୍କ ରୋଗ ନିର୍ଦ୍ଧାରଣ କରାଯାଇ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରିନାରାଣୀ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, 'କେହି ବି ଭିନ୍ନକ୍ଷମ ନିଜକୁ ଅସହାୟ ମଣିବା ଉଚିତ୍ ନୁହେଁ, ସରକାର ଓ ପ୍ରଶାସନ ସବୁବେଳେ ସେମାନଙ୍କ ସାଥିରେ ଅଛନ୍ତି।' ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ପିଇଓଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ରହି ହିତାଧିକାରୀଙ୍କୁ ହ୍ୱିଲଚେୟାର ବଣ୍ଟନ କରିଥିଲେ। କେବଳ ଯନ୍ତ୍ରପାତି ଯୋଗାଇଦେବା ନୁହେଁ, ବରଂ ଭିନ୍ନକ୍ଷମମାନଙ୍କୁ କିପରି ସରକାରୀ ଯୋଜନାର ସ୍ଥାୟୀ ସୁଫଳ ମିଳିପାରିବ, ସେ ନେଇ ଶିବିରରେ ବିସ୍ତୃତ ଆଲୋଚନା ହୋଇଥିଲା। ଗୋଟିଏ ସ୍ଥାନରେ ସମସ୍ତ ସରକାରୀ ସୁବିଧା ଓ ଚିକିତ୍ସା ସୁଯୋଗ ମିଳିଥିବାରୁ ସ୍ଥାନୀୟ ଜନସାଧାରଣ ପ୍ରଶାସନର ଏହି ଜନହିତକର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି।

## ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ କର୍ମଶାଳା

ଯାଜପୁର, ୦୬।୦୩ (ଅକ୍ଷରଓଡ଼ିଶା), ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଫାଷ୍ଟ ଆପିଲେଟ ଅଧିକାରୀ ଓ ଜନ ସୂଚନା ଅଧିକାରୀମାନଙ୍କ ପାଇଁ ଏକ ଦିନିଆ ସୂଚନା ଅଧିକାର ଅଧିନିୟମ କର୍ମଶାଳା ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଯୋଗ ଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ଲୋକଙ୍କ ସୂଚନା ଅଧିକାରକୁ ସମ୍ମାନ ଦେବା ସହ ପ୍ରଶାସନ ଉତ୍ତରଦାୟୀ ରହିବା ଉଚିତ ଏବଂ ସୂଚନା ଅଧିକାର ଆଇନ ନାଗରିକଙ୍କୁ ସଶକ୍ତ କରୁଛି ବୋଲି ଜିଲ୍ଲାପାଳ ଶ୍ରୀ କର କହିଥିଲେ। ସୂଚନା ଅଧିକାର ଗଣତନ୍ତ୍ରକୁ ସୁଦୃଢ଼ କରେ ଏବଂ ଶାସନରେ ସ୍ୱଚ୍ଛତା ଆଣେ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ, ତହସିଲ ଏବଂ ବିଭିନ୍ନ ବିଭାଗରୁ ଜନ ସୂଚନା ଅଧିକାରୀ (ପିଆଇଓ)ମାନେ ଯୋଗ ଦେଇଥିଲେ। ରିସୋର୍ସ ପର୍ସନ ଶ୍ରୀ ସଂଗ୍ରାମ ପୃଷ୍ଟି ସୂଚନା ଅଧିକାର ଆଇନ ୨୦୦୫ ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସେଣ୍ଟ୍ରାଲ



ମନିଟରିଂ ମେକାନିଜିମ୍ ସମ୍ପର୍କରେ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ସୁଶ୍ରୀ ଅଲିଭା ଧଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। କର୍ମଶାଳା ସହ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସୂଚନା ଅଧିକାର ଆଇନ ସଚେତନତା ଜାଗରଣ କରିବା ପାଇଁ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଫେସର ଦାମୋଦର ବେହେରା, ସହକାରୀ ଜିଲ୍ଲାପାଳ ସୁଶ୍ରୀ ଅଲିଭା ଧଳ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ବିଚାରକ ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ।





ଶନିବାର ୦୭।୦୩।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସଂଜୁ ସାମସନ୍



ମୁମ୍ବାଇ, ୬/୩- ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ଏକମାତ୍ର ଭାରତୀୟ ଖେଳାଳିଭାବେ ସଂଜୁ ସାମସନ୍ ସ୍ଥାନ ପାଇଛନ୍ତି। ଆଇସିସିର ସୂଚନା ଅନୁସାରେ ଏହି ଦୌଡ଼ରେ ମୋଟ ଆଠଜଣ ଖେଳାଳି ଅଛନ୍ତି, ସେମାନେ ହେଲେ ଇଂଲଣ୍ଡର ଅଲ୍‌ରାଉଣ୍ଡର ୱିଲ୍ ଜାକ୍ସ, ପାକିସ୍ତାନୀ ଓପନର ସାହିବଜାଦା ଫରହାନ, ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର୍ ଲୁଙ୍ଗି ଏନଗିଡି, ଦକ୍ଷିଣ ଆଫ୍ରିକା ଅଧିନାୟକ ଐଡେନ ମାର୍କରାମ୍, ନ୍ୟୁଜିଲାଣ୍ଡ ଅଲ୍-ରାଉଣ୍ଡର ରାଚିନ ରବୀନ୍ଦ୍ର, ୱିକେଟ୍ ରକ୍ଷକ ଟିମ୍ ସେଫର୍ଟ, ୟୁଏସଏର ଦ୍ରୁତ ବୋଲର ସାଉଲେ ଭାନ୍ ସାଲ୍‌କ୍ୱାଇକ୍। ସଂଜୁ ଚଳିତ ବିଶ୍ୱକପ୍‌ର ପ୍ରାରମ୍ଭିକ ମ୍ୟାଚ୍ ଗୁଡ଼ିକରେ ଖେଳିନଥିଲେ। ତେବେ ଓପନର୍ ଅଭିଷେକ ଶର୍ମା ଅସୁସ୍ଥ ହେବା ପରେ ସେ ନାମିବ୍ୟା ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ସାମିଲ କରାଯାଇଥିଲା। ପରେ ଅଭିଷେକ ବିଫଳ ହେବା ଓ ଓପନିଂରେ ଜଣେ ଡାହାଣହାତି ବ୍ୟାଟରଙ୍କ ଅବଶ୍ୟକତା ଅନୁଭୂତ ହେବା ପରେ

**ଟ୍ୱେଣ୍ଟି-୨୦ ବିଶ୍ୱକପ୍**

ତାଙ୍କୁ ଦଳରେ ସାମିଲ କରାଯାଇଥିଲା। ସୁପର-୮ ମ୍ୟାଚ୍‌ରେ ସେ ଚମତ୍କାର ଖେଳ ପ୍ରଦର୍ଶନ କରି ଦୁଇଟି ଲଗାତାର ମ୍ୟାଚ୍ ବିଜୟୀ ପାଳି ଖେଳି ଭାରତକୁ ଫାଇନାଲ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଳିତ ବିଶ୍ୱକପ୍‌ରେ ସେ ଏପର୍ଯ୍ୟନ୍ତ ମୋଟ ୨୩୨ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୯୭ ରନ୍ (୫୦ ବଲ୍) ଓ ଇଂଲଣ୍ଡ ବିପକ୍ଷରେ ୮୯ ରନ (୪୨ ବଲ୍)ର ପାଳି ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ ଇଂଲଣ୍ଡର ୱିଲ୍ ଜାକ୍ସ ଚଳିତ ବିଶ୍ୱକପ୍‌ରେ ୮ଟି ମ୍ୟାଚ୍ ଖେଳି ୨୨୬ ରନ୍ କରିବା ସହ ୯ଟି ୱିକେଟ୍ ନେଇଛନ୍ତି। ସେହିପରି ସାହିବଜାଦା ଫରହାନ୍ ୩୮୩ ରନ୍ କରି ଗୋଟିଏ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ସର୍ବାଧିକ ରନ୍ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ଲୁଙ୍ଗି ଏନଗିଡି ଚଳିତ ବିଶ୍ୱକପ୍‌ରେ ମୋଟ ୧୨ଟି ୱିକେଟ୍ ନେଇଥିବାବେଳେ ମାର୍କରାମ୍ ୨୮୬ ରନ୍ କରିବା ସହ ଗୋଟିଏ ୱିକେଟ୍ ନେଇଛନ୍ତି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡର ଟିମ୍ ସେଇଫର୍ଟ ତିନିଟି ଅର୍ଦ୍ଧଶତକ ସହ ମୋଟ ୨୭୪ ରନ୍ କରିଛନ୍ତି।

# ଅଲ୍‌ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ୍: କ୍ୱାର୍ଟରରେ ଲକ୍ଷ୍ୟ ସେନ୍



ବର୍ମିଂହାମ, ୬/୩- ବିଶ୍ୱର ୧୨ ନମ୍ବର ମାନ୍ୟତାପ୍ରାପ୍ତ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଭାରତର ଲକ୍ଷ୍ୟ ସେନ୍ ମର୍ଯ୍ୟାଦାଜନକ ଅଲ୍‌ଇଂଲଣ୍ଡ୍ ଓପନ୍ ପ୍ରତିଯୋଗିତାର କ୍ୱାର୍ଟର-ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ହଂକଂର ଏନଜି କା ଲଙ୍ଗ୍ ଆଙ୍ଗସ୍‌ଙ୍କୁ ୨୧-୧୯,୨୧-୨୩, ୨୧-୧୦ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି। ୨୦୨୧ ବିଶ୍ୱ ଚାମ୍ପିୟନସିପ୍ କାଂସ୍ୟପଦକ ବିଜେତା ଲକ୍ଷ୍ୟ କ୍ୱାର୍ଟରରେ ଚୀନ ଖେଳାଳି ତଥା ୬ଷ୍ଠ ସିଡ୍ ଲି ସି ଫେଙ୍ଗ୍‌ଙ୍କୁ ଭେଟିବେ। ସେନ୍ ନିଜର ପ୍ରଥମ ମ୍ୟାଚ୍‌ରେ ଚୀନ୍‌ର ସି ୟୁକିଙ୍କୁ ୨୩-୨୧, ୧୯-୨୧, ୨୧-୧୭ରେ ପରାସ୍ତ କରିଥିଲେ। ତେବେ ଭାରତର ମିଶ୍ରିତ ଯୁଗଳ ଯୋଡ଼ି ଧ୍ରୁବ କପିଲା ଓ ତନିଷା କ୍ରାଷ୍ଟୋଙ୍କ ମୁକାବିଲା ଅଧାରେ ଅଟକିଯାଇଛି। ତାଙ୍ଗ୍ ଚୁନ୍ ମାନ ଓ ସି ୟିଙ୍ଗ୍ ସୁଏଟ୍‌ଙ୍କ ବିରୋଧରେ ମୁକାବିଲା ଚାଲିଥିବାବେଳେ ଧ୍ରୁବଙ୍କ ପିଠି ଯନ୍ତ୍ରଣା ଯୋଗୁଁ ଭାରତୀୟ ଯୋଡ଼ି ଅଧାରୁ ଓହରି ଯାଇଥିଲେ। ପ୍ରତିଯୋଗିତାର ଆରମ୍ଭରୁ ଭାରତର ୧ନମ୍ବର ପୁରୁଷ ଯୁଗଳ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ବିଦାୟ ନେଇଛନ୍ତି। ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଯୋଡ଼ି ୨୩-୨୧, ୨୧-୧୨ରେ ମାଲେସିଆର ଆଗ୍ରାଓଁ ତାଇ ଓ ଖାଙ୍ଗ୍ ଖାଇ ଜିଙ୍କଠୁ ହାରିଯାଇଥିଲେ। ଏଥିସହ ୨୦୨୪ ବିଶ୍ୱ କନିଷ୍ଠ ପ୍ରତିଯୋଗିତା ଜିତିଥିବା ୧୯ ବର୍ଷୀୟ ତାଇ ଓ ଜି' ବରିଷ୍ଠ ବର୍ଗରେ ବଡ଼ ସଫଳତା ପାଇଛନ୍ତି। ଅଭିଜ୍ଞ ସାତ୍ତ୍ୱିକ-ଚିରାଗ ପ୍ରଥମ ଗେମ୍‌ରେ ଏକଦା ୧୧-୬ରେ ଆଗୁଆ ଥିଲେ। ହେଲେ ତାଇ ଓ ଜି' ଚମତ୍କାର ପ୍ରଦର୍ଶନ କରି ଲଗାତାର ୧୨ ପଏଣ୍ଟ କରାୟତ କରି ସ୍ଥିତି ୧୮-୧୬କୁ ଆଣିଥିଲେ। ଏହାପରେ ସ୍ଥିତି ୨୧-୨୧ ଟାଇ ରହିବା ପରେ ମାଲେସିଆ ଖେଳାଳି ୨ ପଏଣ୍ଟ ନେଇ ପ୍ରଥମ ଗେମ୍ ଜିତି ନେଇଥିଲେ। ଦ୍ୱିତୀୟ ଗେମ୍‌ରେ ସାତ୍ତ୍ୱିକ-ଚିରଗା ବହୁ ପଛରେ ପଡ଼ି ହାରି ମ୍ୟାଚ୍ ହାତଛଡ଼ା କରିଥିଲେ। ସେହିପରି ମହିଳା ଯୁଗଳ ଯୋଡ଼ି ତ୍ରୀଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ କଡ଼ା ସଂଘର୍ଷ କରି ୧୫-୨୧, ୨୧-୧୫, ୧୮-୨୧ରେ ଜାପାନର ସାୟାକା ହିରୋତା ଓ ଆୟାକୋ ସାକୁରାମୋତୋଙ୍କଠୁ ହାରି ବିଦାୟ ନେଇଛନ୍ତି।

## ଇରାନ ମହିଳା ଫୁଟ୍‌ବଲର୍‌ଙ୍କ 'ଦେଶଦ୍ରୋହୀ' ଆଚରଣ

ତେହେରାନ, ୬/୩- ଆମେରିକା ଓ ଇସ୍ରାଏଲ୍ ବିପକ୍ଷରେ ଯୁଦ୍ଧ ଲଢୁଥିବା ଇରାନ୍ ଏବେ ଏକ ଖେଳପଡ଼ିଆ ଆଚରଣ ପାଇଁ ସମାଲୋଚିତ ହୋଇଛି। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଦକ୍ଷିଣ କୋରିଆ ବିପକ୍ଷ ଏସିଆନ କପ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ ଇରାନ ମହିଳା ଦଳ ଜାତୀୟ ସଂଗୀତ ଗାନ ବେଳେ ନୀରବ ରହିବା ଘଟଣାକୁ ଇସ୍ଲାମିକ ରିପବ୍ଲିକ୍ ଅଫ୍ ଇରାନ ବ୍ରଡକାଷ୍ଟିଂ ଉପସ୍ଥାପକ ମହମ୍ମଦ ରେଜା ସାହାବାଜି କଡ଼ା ସମାଲୋଚନା କରିଛନ୍ତି। ଏହା ଖେଳାଳିଙ୍କ ଦେଶଭକ୍ତି ଭାବନାର ଅଭାବ ବୋଲି ସେ ଦର୍ଶାଇଛନ୍ତି। ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟଠାରେ ଗତ ସୋମବାର ଅନୁଷ୍ଠିତ ମ୍ୟାଚ୍ ବେଳେ ଇରାନ୍ ମହିଳା ଖେଳାଳିମାନେ ଜାତୀୟ ସଂଗୀତ ଗାନ ବେଳେ ନୀରବରେ ଛିଡ଼ା ହୋଇ ରହିଥିଲେ। ଏହି ମ୍ୟାଚ୍‌କୁ ସେମାନେ ୦-୩ରେ ହାରିଯିବାର ୩ ଦିନ ପରେ ଅଷ୍ଟ୍ରେଲିଆଠାରୁ ମଧ୍ୟ ୦-୪ରେ ପରାସ୍ତ ହୋଇଛନ୍ତି। 'ଯୁଦ୍ଧ ସମୟରେ ଏହି ଦେଶଦ୍ରୋହୀମାନଙ୍କୁ କଠୋର ଦଣ୍ଡ ମିଳିବା' ସପକ୍ଷରେ ମଧ୍ୟ ସାହବାଜି ସ୍ୱର ଉଠାଇଛନ୍ତି। ଏଭଳି ଦେଶବିରୋଧୀ ଆଚରଣ ମଧ୍ୟ ଅସମ୍ମାନର ସର୍ବୋଚ୍ଚ ସ୍ତର ବୋଲି ସାମାଜିକ ଗଣମାଧ୍ୟମରେ ସେ ଦର୍ଶାଇଛନ୍ତି।

# ପର୍ଥ ଟେଷ୍ଟ: ଭାରତ ୧୯୮ ରନ୍‌ରେ ଅଲ୍‌ଆଉଟ୍

ପର୍ଥ, ୬/୩- ଭାରତ ଓ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟରେ ଶୁକ୍ରବାରଠାରୁ ପର୍ଥରେ ଆରମ୍ଭ ହୋଇଥିବା ଏକମାତ୍ର ଟେଷ୍ଟର ପ୍ରଥମ ଦିନରେ ଭ୍ରମଣକାରୀ ଦଳ ପ୍ରଥମ ପାଳିରେ ୧୯୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଏହାର ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୩ଟି ୱିକେଟ୍ ହରାଇ ୯୬ ରନ୍ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ଆରମ୍ଭରୁ ସ୍ମୃତି ମାନ୍ଧାନାଙ୍କ ୱିକେଟ୍ ହରାଇଥିଲା। ତେବେ ଶେଫାଳି ବର୍ମା (୩୫ ରନ୍) ଓ ପ୍ରତିକା ରାୱଲ(୧୮ରନ୍) ୩୫ ରନ୍‌ର ଏକ ଭାଗୀଦାର କରି ସ୍ଥିତିକୁ ସମ୍ଭାଳିଥିଲେ। ପରେ ଜେମିମା ରୋଡ୍ରିଗ୍‌ସ ଏକ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ହରମନପ୍ରିତ କୌର୍ (୧୯ରନ୍) ଓ ରିଚା ଘୋଷଙ୍କ ସହ ଦୁଇଟି ଉପଯୋଗୀ ଭାଗୀଦାର କରିଥିଲେ। ମାତ୍ର ଜେମିମା ଆଉଟ୍ ହେବା ପରେ ଭାରତୀୟ ମଧ୍ୟକ୍ରମ ବିଫଳ ହୋଇଥିଲା। ତେବେ ୯ ନମ୍ବରରେ ଆସିଥିବା କାସ୍‌ଭୀ ଗୌତମ୍ ଅପରାଜିତ ୩୮ ରନ୍‌ର ପାଳି ଖେଳି ସ୍କୋରକୁ ୧୯୮ରେ ପହଞ୍ଚାଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ୍ ସଦରଲାଣ୍ଡ ୪ଟି ଓ ଲୁସି ହାମିଲଟନ୍ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୩ଟି ୱିକେଟ୍ ହରାଇ ୯୬ ରନ୍ କରିଛି। ଦଳର ଦୁଇ ଓପନର ଜର୍ଜିଆ ଭଲ୍ ଓ ଫୋବେ ଲିଚ୍‌ଫିଲଡ୍ ଶସ୍ତାରେ ପାଭିଲିୟନ୍ ଫେରିବା ପରେ ଏଲିସେ ପେରି (୪୩) ଓ ଆନାବେଲ୍ ସଦରଲାଣ୍ଡ (୨୦) ପାଳିକୁ ସମ୍ଭାଳିଥିଲେ। ଭାରତ ପକ୍ଷରୁ ସୟାଲି ସାତଘରେ ୨ଟି ଓ କ୍ରାନ୍ତି ଗୌଡ଼ ଗୋଟିଏ ୱିକେଟ୍ ନେଇଛନ୍ତି।



**: ସଂକ୍ଷିପ୍ତ ସ୍କୋର୍ :**

ଭାରତ ପ୍ରଥମ ପାଳି :୬୨.୪ ଓଭରରେ ୧୯୮/୧୦ ( ଜେମିମା ରୋଡ୍ରିଗ୍‌ସ ୫୨, ଶେଫାଳି ବର୍ମା ୩୫,କାସ୍‌ଭୀ ଗୌତମ୍ ୩୮, ଆନାବେଲ୍ ସଦରଲାଣ୍ଡ୍ ୪/୪୬, ଲୁସି ହାମିଲଟନ୍ ୩/୩୧)। ଅଷ୍ଟ୍ରେଲିଆ ପ୍ରଥମ ପାଳି: ୨୭ ଓଭରରେ ୯୬/୩ (ଏଲିସେ ପେରି ୪୩, ଆନାବେଲ୍ ସଦରଲାଣ୍ଡ୍ ୨୦, ସୟାଲି ସାତଘରେ ୨/୨୪, କ୍ରାନ୍ତି ଗୌଡ଼ ୧/୨୮ )।

# ଅର୍ଜୁନ ତେନ୍ଦୁଲକରଙ୍କ ହାତ ଧରିଲେ ସାନିଆ



ମୁମ୍ବାଇ, ୬/୩- ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପୁତ୍ର ତଥା କ୍ରିକେଟର୍ ଅର୍ଜୁନ ତେନ୍ଦୁଲକର ଓ ସାନିଆ ଚାନ୍ଦୋକ୍‌ଙ୍କ ବିବାହ ଗୁରୁବାର ସମ୍ପନ୍ନ ହୋଇଛି। ପରିବାରବର୍ଗ ଓ ଅଳ୍ପ କିଛି ପାରିବାରିକ ବନ୍ଧୁଙ୍କ ଉପସ୍ଥିତିରେ ମୁମ୍ବାଇର ବିଳାଶମୟ ପଞ୍ଚତାରକା ହୋଟେଲ୍ ସେଣ୍ଟ ରେଗିସ୍‌ରେ ଏହି ବିବାହ ସମ୍ପନ୍ନ ହୋଇଛି। ଗତ ବର୍ଷ ଅଗଷ୍ଟ ମାସରେ ଉଭୟଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ତେବେ ବିବାହ ପରେ ଅନୁଷ୍ଠିତ ପ୍ରିତିଭୋଜନରେ କ୍ରିକେଟ୍, ବଲିଉଡ୍ ସମେତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଯୋଗଦେଇଥିବା ଅତିଥିମାନଙ୍କ ମଧ୍ୟରେ ଶିଳ୍ପପତି ମୁକେଶ ଅମ୍ବାନି ଓ ପରିବାର, ସଚିନଙ୍କ ପୂର୍ବତନ ସାଥୀ ଖେଳାଳି ରାହୁଲ ଦ୍ରାବିଡ୍ ଓ ପତ୍ନୀ ବିଜେତା, ଅନୀଲ କୁମ୍ବଲେ ଓ ପତ୍ନୀ ଚେତନା, ଯୁବରାଜ ସିଂ, ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ଚୟନକର୍ତ୍ତା ଅଜିତ ଆଗରକର୍, ଆଇସିସି ଅଧ୍ୟକ୍ଷ ଜୟ ଶାହ, ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ପୂର୍ବତନ ଅଲ୍ଲାଉଣ୍ଡର ଇରଫାନ ପଠାନ, ଅଜିଙ୍କ୍ୟ ରାହାଣେ, ଅଭିନେତା ଶାହରୁଖ ଖାଁ ଓ ପତ୍ନୀ ଗୌରୀ ଖାଁ, ଅଭିଷେକ ବଚ୍ଚନ ଓ ପତ୍ନୀ ଐଶ୍ୱର୍ଯ୍ୟା ରାୟ, ଅମୀର ଖାଁ, ପୂର୍ବତନ ଦ୍ରୁତ ବୋଲର ଜାହିର ଖାଁ ଓ ପତ୍ନୀ ଶାଗରିକା, କ୍ରିକେଟର୍ ତଥା ଅର୍ଜୁନଙ୍କ ବାଲ୍ୟବନ୍ଧୁ ପୃଥ୍ୱୀ ଶାହ, ମହାରାଷ୍ଟ୍ରର କ୍ୟାବିନେଟ୍ ମନ୍ତ୍ରୀ ଅନ୍ତର୍ଭୁକ୍ତ ଥିଲେ। ଅର୍ଜୁନ ତେନ୍ଦୁଲକରଙ୍କ ପତ୍ନୀ ସାନିଆ ଚାନ୍ଦୋକ୍ ହେଉଛନ୍ତି ମୁମ୍ବାଇର ଜଣାଶୁଣା ବ୍ୟବସାୟୀ ତଥା ଗ୍ରାଭିସ୍ ଗ୍ରୁପର ଅଧ୍ୟକ୍ଷ ରବି ଚାନ୍ଦୋକ୍‌ଙ୍କ ନାତୁଣୀ। ଗ୍ରାଭିସ୍ ଗ୍ରୁପ ହୋଟେଲ, ଆଇସକ୍ରିମ୍ ଓ ଅନ୍ୟ କେତେକ ଖାଦ୍ୟ ବ୍ୟବସାୟରେ ଏକ ଜଣାଶୁଣା ନାମ। ନିଜେ ସାନିଆ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ପାଠ ପଢିବା ସହ ଭେଟନାରି ଟେକନିସିଆନ୍ ଡିପ୍ଲୋମା ମଧ୍ୟ ହାସଲ କରିଛନ୍ତି। ପରିବାରର ଏହି ବ୍ୟବସାୟ ସାମ୍ରାଜ୍ୟଠାରୁ ଅଲଗା ଏକ ନିଜସ୍ୱ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି ସାନିଆ। ତାହା ହେଉଛି 'ମିଃ ପ'ଜ୍ ପେଟ୍ ସ୍ପା'। ଏହା ପୋଷା କୁକୁରମାନଙ୍କୁ ଚିକିତ୍ସା ଓ ଯତ୍ନ ପାଇଁ କାମ କରିଥାଏ।

# ଖଡିଆଳ ସହର ନାମକରଣ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ



ନୂଆପଡା, ୬/୩( ମୋହନ ଲାଲ ଦୀପ )- ଖଡିଆଳ ସହର ଇଂରାଜୀ ସ୍ପେଲିଙ୍ଗକୁ ସଂଶୋଧନ ନେଇ ଆବଶ୍ୟକ ପ୍ରସ୍ତାବ ସରକାରଙ୍କୁ ପଠାଇବା ପାଇନ ଏକ ଗୁରୁପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଅଛି। ବୈଠକ ରେ ଖଡିଆଳ ତହସିଲଦାର ନରସିଂହ ଗଦବା ଅଧ୍ୟକ୍ଷତା କରିଥିବା ବେଳେ ଖଡିଆଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଖଡିଆଳ ଅଞ୍ଚଳ ର ବରିଷ୍ଠ ନାଗରିକ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ସମାଜସେବୀ, ସାମ୍ବାଦିକ, ଅଧ୍ୟାପକ,ଅଧ୍ୟାପିକା, ସାହିତ୍ୟିକ, କବି, କଳାକାର,ଯୋଗ ଦେଇ ସୁଚିନ୍ତିତ ମତାମତ ଦେଇଥିଲେ। ଖଡିଆଳ ର ନାମ ଓଡ଼ିଆ ଭାଷାରେ ସଠିକ ଥିବା ବେଳେ ଇଂରାଜୀ ରେ କଷବକ୍ସସବକ୍ସ ପରିବର୍ତ୍ତେ କଐଇଉଓଇଖ କରିବା ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଅଛି। ଏକ ମତରେ ଖଡିଆଳ ର ନାମ ଉପଯୁକ୍ତ ଶବ୍ଦାର୍ଥ ଉପରେ ପର୍ଯ୍ୟବେଶିତ ହେବା ପାଇଁ ବୁଦ୍ଧିଜୀବୀ ମାନେ ମତ ରଖିଥିଲେ। ଏହି ଅଞ୍ଚଳ ର ଭୂତଳ ରେ ଖଡ଼ି ପଥର ବ୍ୟାପକ ଥିବା କାର୍ଣ୍ଣରୁ ଖଡିଆଳ ହେବା ସହ ଆଦି କବି ଚୈତନ୍ୟ ଦାଶଙ୍କ ଲେଖାରେ ମଧ୍ୟ ଖଡିଆଳର ଉଲ୍ଲେଖ ରହିଅଛି। ତେଣୁ ଓଡିଆରେ ଖଡିଆଳ ଏବଂ ଇଂରାଜୀ ରେ KHADIAL କରିବାକୁ ପ୍ରସ୍ତାବ ଆସିଅଛି। ବୈଠକ ରେ ଖଡିଆଳ ବିଡ଼ିଓ ମିଳନ କୁମାର ଝଙ୍କାର, ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଡଃ. ଅଞ୍ଜଳି ପାଢୀ, ନୀଳ ଲୋହିତ ସିଂ ଦେଓ, ନିମାଇଁ ଚରଣ ତାଣ୍ଡି, ଜିତେନ୍ଦ୍ର ନାଥ ପଟ୍ଟନାୟକ, ଗୋବର୍ଦ୍ଧନ ସୁନା, ଡଃ. ପଦ୍ମ ଲୋଚନ ବର୍ମା, ସାମ୍ବାଦିକ ତପନ ରଂଜନ ଦାସ, ପରମେଶ୍ୱର ବାରିକ, ସିଦ୍ଧାର୍ଥ ଶଙ୍କର ଯୋଷୀ, ରଂଜିତ ସିଂ ମହାରଥା, ସତିଶ ପଟ୍ଟନାୟକ, କିଶୋର ବାଗ, ଲାଲୁ ଦଣ୍ଡସେନା, ବିଭୂତି ବିଶି, ବେହେରା ସମେତ ସରକାରୀ କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ସୁନ୍ଦରଗଡ଼ରେ ନୂତନ ସାଇବର ଥାନା ଉଦ୍‌ଘାଟିତ

ସୁନ୍ଦରଗଡ଼, ୬/୩ (ଅକ୍ଷର ଓଡ଼ିଶା)- ସୁନ୍ଦରଗଡ ଜିଲ୍ଲା ଟାଉନ ଥାନା ପରିସରରେ ଥିବା ଟାଉନ ଥାନାର ପୁରାତନ କୋଠାଘରେ ଗତକାଲି ସନ୍ଧ୍ୟା ୭ ଘଟିକାରେ ସାଇବର ଥାନା ଉଦ୍‌ଘାଟନ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲାରେ କୌଣସି ସାଇବର ଅପରାଧ ଘଟିଲେ ରାଉରକେଲାକୁ ଯିବାକୁ ପଡୁଥିଲା, ଯାହା ଫଳରେ ସାଧାରଣ ଲୋକେ ବହୁତ ଅସୁବିଧାର ସମ୍ମୁଖିନ ହେଉଥିଲେ। ସାଇବର ଅପରାଧ ବଢୁଥିବାରୁ ଜିଲ୍ଲାରେ ସାଇବର ଥାନା ରହିବା ନିହାତି ଜରୁରି। ତେଣୁ ସୁନ୍ଦରଗଡ ପାଇଁ ଏହା ଖୁସିର ଖବର। ସୁନ୍ଦରଗଡ ଏସ୍‌ପି ଅମ୍ରିତ୍‌ପାଲ କୌରଙ୍କ ଦ୍ୱାରା ଉକ୍ତ କୋଠାଘର ଉଦ୍‌ଘାଟନ ହୋଇଥିଲା।

# ରାମଲିଳା ନାଟକ ପାଇଁ ପ୍ରସ୍ତୁତି ବୈଠକ



ବଲାଙ୍ଗିର, ୬/୩ (ଦେବେନ୍ଦ୍ର)- ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ଧୁମାଭଟା ଗ୍ରାମର ନାଏକ ପଡାରେ ଆଜି ସନ୍ଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ, ବନମାଳୀ ନାଏକଙ୍କର ସଭାପତିତ୍ୱରେ ରାମଲିଳା ନାଟକ ପାଇଁ ଏକ ଜରୁରୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦିର୍ଘ ୫୬ ବର୍ଷ ହେଲା ଶ୍ରୀରାମ ରାମଲିଲା ନାଟକ ହୋଇ ଆସୁଛି। ଶ୍ରୀରାମନମୀ ପୂଜା ଦିନ ଠାରୁ ଚଉଦ ଦିନ ପ୍ରଯନ୍ତ ନାଟକ ପରିବେଷଣ ହୋଇଥାଏ, ଏହି ପରିବେଷଣ ରେ ରାମ ଜନ୍ମ, ହେବା ଠାରୁ ରାବଣ ବଦ୍ଧକ, ପ୍ରଯନ୍ତ ନାଟକ ପରିବେଷଣ ହୋଇଥାଏ, ଏହି ରାମନବମୀ ନାଟକ ହେଲେ ଗ୍ରାମରେ ଖୁସିର ଲହରୀ ଖେଳି ଯାଏ, ଏହି ବର୍ଷ ମଧ୍ୟ ଆହୁରୀ ଦୁମଧାନରେ ନାଟକ ହେବବଲି ବୈଠକ ରେ ଆଲୋଚନା ହୋଇଥିଲା, ଶ୍ରୀରାମ ପ୍ରଭୁଙ୍କୁ ନେଇ ଗ୍ରାମରେ ସଭାଯାତ୍ରା, ପରିକ୍ରମା କରାଯିବ ବଲି ଦେବରାଜ ନାଏକ ପ୍ରସ୍ତାବ ଦେଇଥିଲେ, ଏହି ସଭାରେ ଉପସ୍ଥିତ ଥିଲେ ସଦାନନ୍ଦ ବୁଡେକ,ଦେବରାଜ ବୁଡେକ,ଭୃଙ୍ଗରାଜ ବୁଡେକ, ଲକ୍ଷଣ ପ୍ରସାଦ ନାଏକ, ହଲଧର ନାଏକ ବନବୀହାରୀ ବୁଡେକ,ନୀଳମଣୀ ନାଏକ, ଘନ ଦେଓ, ଦୁଃଖିଶ୍ୟାମ ବୁଡେକ ସୁଶାନ୍ତ ବୁଡେକ, କମଳ ନାଏକ, ପ୍ରେମାନନ୍ଦ ନାଏକ, ଲମ୍ବୋଦର ନାଏକ, ଦନାର୍ଦନ ବୁଡେକ,ରମ୍ଭାକାନ୍ତ ନାଏକ,ପରଦେସୀ ବୁଡେକ, କ୍ଷମା ଦେଓ, କୃପାସାଗର ବୁଡେକ, ଝଗଡୁ ବୁଡେକ, କୃଷ୍ଣଚନ୍ଦ୍ର ନାଏକ,ଲକ୍ଷ୍ମଣ ନାଏକ,ର.କ ବୁଡେକ,ଭାବଗ୍ରାହୀ ବୁଡେକ, ଲକ୍ଷୀ ବୁଡେକ, ସଂଜିବ ବୁଡେକ, ବଳଦେବ ନାଏକ, ପ୍ରଶ୍ନ ବୁଡେକ, କଇ ବୁଡେକ, ରାଜେଶ ବୁଡେକ, ମହନ ନାଏକ,ଲବ ବୁଡେକ, ଲଳିତ ବୁଡେକ, ଦିଲ୍ଲିପ ବୁଡେକ, ତରିବର ଖର୍ସେଲ, ମଧୁ ବୁଡେକ,ରିଘା ନାଏକ, ଭାବଗ୍ରାହୀ ବୁଡେକ, ଏହି ମାନେ ସମସ୍ତେ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ବିକାଶ ସମିତିର ପ୍ରଥମ କାର୍ଯ୍ୟ ନିର୍ବାହୀ ବୈଠକ




କୋରାପୁଟ, ୬।୩(ଅକ୍ଷର ଓଡ଼ିଶା) କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର ସ୍ୱାସ୍ଥ୍ୟ ବିକାଶ ସମିତିର ପ୍ରଥମ କାର୍ଯ୍ୟ ନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନଙ୍କ ସହ ସମିତିର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।କଲେଜରେ ୩୪୭ ଗୋଟି ବିଭିନ୍ନ ପଦବୀ ଖାଲି ରହିଥିବା ବେଳେ ଏହି ପଦବୀ ଗୁଡ଼ିକ ପୂରଣ କରିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଆସନ୍ତା ମେ ମାସ ୩୧ ତାରିଖ ସୁଦ୍ଧା ନୂତନ ହସପିଟାଲକୁ ସ୍ଥାନାନ୍ତର କରାଯିବ ବୋଲି ଜଣାପଡିଛି। ରେଫେରାଲ ସଂଖ୍ୟା ହ୍ରାସ କରିବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଥିବା ଜଣାପଡ଼ିଛି। ପ୍ରତ୍ୟେକ ୱାର୍ଡରେ ଭାଷା କାଉନସିଲରଙ୍କୁ ନିଯୁକ୍ତ ଦେବା ସହ ସିକେଲ ସେଲ ୟୁନିଟ ଆରମ୍ଭ କରିବାକୁ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ ପ୍ରସ୍ତାବ ଦେଇଥିଲେ। ଆଉ ଗୋଟିଏ ବ୍ଲଡ ସେପରେସନ ୟୁନିଟ ସ୍ଥାପନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି।ସୁପର ସ୍ପେସାଲିଷ୍ଟ ଡାକ୍ତର ମାସକୁ ଥରେ ଆସି ରୋଗୀ ସେବା ପ୍ରଦାନ କରୁଥିବା ବେଳେ ଏହାକୁ ମାସକୁ ୪ ଦିନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ବର୍ଷା ଦିନ ପୂର୍ବରୁ ନୂତନ ହସପିଟାଲକୁ ସ୍ଥାନାନ୍ତର କରିବାକୁ ପଦକ୍ଷେପ ନିଆଯାଉଥିବା ହସପିଟାଲ ଅଧିକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ କହିଛନ୍ତି।କଲେଜ ଡିନ ପ୍ରଫେସର ଡାକ୍ତର ହରେକୃଷ୍ଣ ଦଳେଇ,ଅତିରିକ୍ତ ଏସପି ମନୋବ୍ରତା ଶତପଥି,ପିଡବ୍ଲୁଡି ଅଧିକ୍ଷଣ ଯନ୍ତ୍ରୀ ଶୁଭକାନ୍ତ ବାରିକ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।ମେଡିକାଲ କଲେଜ ଭେଷଜ, ସର୍ଜରୀ ଓ ଜୈବ ରାସାୟନ ବିଭାଗର ମୁଖ୍ୟ ଏବଂ ହସପିଟାଲ ମ୍ୟାନେଜର ମାନେ ଉପସ୍ଥିତ ଥିଲେ। କୋରାପୁଟ ହସପିଟାଲ ଅଧିକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ ଯୋଗଦେଇ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ୨୦୨୫-୨୬ ଉଦ୍‌ଘାଟିତ




କେନ୍ଦୁଝର:୦୬/୦୩(ଦିଲ୍ଲୀପ କୁମାର ସାହୁ) - ସ୍ଥାନୀୟ ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦୁଝରରେ ଜିଲ୍ଲା ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଆଜି ମାର୍ଚ୍ଚ ମାସ ୬ ତାରିଖରେ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇ ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପିଏମ୍ ଶ୍ରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥାକୁ ଭୂୟସୀ ପ୍ରଂଶସା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତି, ରୁଦ୍ର ନାରାୟଣ ସାମଲ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ପାଟଣା ବ୍ଲକ୍ ଶିକ୍ଷା ଅଧୂକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ ରାଉତ, ଝୁମ୍ପୁରା ବ୍ଲକ୍ ଶିକ୍ଷା ଅଧୂକାରୀ ଭଗବାନ ମିଶ୍ର, ଘଷିପୁରା ବ୍ଲକ୍ ଶିକ୍ଷା ଅଧୂକାରୀ ସଦ୍ୟସ୍ନାନ ପଣ୍ଡା, ବାଂଶପାଳ ବ୍ଲକ୍ ଶିକ୍ଷା ଅକାରୀ ଦାଶରଥି ଶୁଣ୍ଠି, ଘଟଗାଁ ବ୍ଲକ୍ ଶିକ୍ଷା ଅଧୂକାରୀ ହରେକୃଷ୍ଣ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧୂକାରୀ ରାମକୃଷ୍ଣ ବେହେରା, ପିଏମ୍‌ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି, ପଞ୍ଚ ସଖା ଶିକ୍ଷା ସେତୁର ଜିଲ୍ଲା ସହାୟକ ଅଧିକାରୀ ପରମେଶ୍ୱର ସାମଲ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ସୃଜନାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ିବା ପାଇଁ ଅଭିଭାଷଣ ମାଧ୍ୟମରେ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୯ ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଆକାଂକ୍ଷୀ ମେଳା, ଟ୍ୟାଲେଣ୍ଟ୍ ଗ୍ୟାଲେରୀ, ଦୋକାନ ଯାତ୍ରା, କ୍ୟାରିଅର ମେଳା ରେ ୧୯ ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ପ୍ରାୟ ୮୩୫ ଜଣ ଛାତ୍ରଛାତ୍ରୀ ଯୋଗଦାନ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼ ଦାମୋଦର ସାହୁ, ପଦାର୍ଥ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ଼ କୃଷ୍ଣଚନ୍ଦ୍ର ପ୍ରଧାନ, ରସାୟନ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ଼ ପ୍ରକାଶ ଚନ୍ଦ୍ର ପାଲ, ଉଦ୍ଭିଦ ବିଜ୍ଞାନର କନିଷ୍ଠ ଅଧ୍ୟାପକ ରାଜେନ୍ଦ୍ର କୁମାର କର ବିଭିନ୍ନ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଏହି ପିଏମ୍‌ଶ୍ରୀ ଉତ୍ସବ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବହୁ ମାତ୍ରାରେ ଜନସାଧାରଣ ତଥା ଛାତ୍ର ଛାତ୍ରୀ ସମବେତ ହୋଇଥିଲେ। ଶିକ୍ଷୟିତ୍ରୀ ସୋମ୍ୟାଶ୍ରୀ ଚାଟାର୍ଜୀ ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚ ସଖା ଶିକ୍ଷା ସେତୁ ଜିଲ୍ଲା ନୋଡାଲ ଅଫିସର ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବକୁ ସଫଳ କରାଇବାରେ ସମଗ୍ର ଶିକ୍ଷା କେନ୍ଦୁଝର, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ତଥା ଜିଲ୍ଲା ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବର ବିଭିନ୍ନ କମିଟିରେ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗ ରହିଥିଲା।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera